୫୬
# ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୧୦/୨୦୧୯ (୨୦ ପୃଷ୍ଠା) Sambalpur, Tuesday, December 10 / 2019 ★★
୧୫ଶ ଭାଗ ୩୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ୧୦ ବର୍ଷ ପରେ ଫେରିବେ ସୁସ୍ମିତା

ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍ ବଲିଉଡ୍ ଛାଡ଼ିବାର ୧୦ ବର୍ଷ ପରେ ପୁଣି ଫେରିବେ। ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ସେ ଏକ ଫଟୋ ଶେୟାର କରି ଏଭଳି ସଙ୍କେତ ଦେଇଛନ୍ତି। ୭

୧୯

## ସାଇନାଙ୍କୁ ଦ୍ୱିତୀୟ ଡବ୍ଲ୍ୟୁଆଇଏମ୍ ନର୍ମ

ଓଡ଼ିଶାର ଚେସ୍ ପ୍ରତିଭା ସାଇନା ସାଲୋନିକା କ୍ୟାରିୟରର ଦ୍ୱିତୀୟ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ନର୍ମ ହାସଲ କରିଛନ୍ତି।





ଆମେରିକାର ଆଟ୍‌ଲାଣ୍ଟାରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦକ୍ଷିଣ ଆଫ୍ରିକାର ୨୬ ବର୍ଷୀୟ ସୁନ୍ଦରୀ ଜୋଜିବିନି ଟୁନ୍‌ଜିଙ୍କୁ ମିସ୍ ୟୁନିଭର୍ସ ମୁକୁଟ ପିନ୍ଧାଯାଉଛି।

### ■ ନାଗରିକତ୍ୱ ବିଲ୍ ଲୋକ ସଭାରେ ଆଗତ

# ସଂଖ୍ୟାଲଘୁ ନୁହେଁ, ଅନୁପ୍ରବେଶକାରୀଙ୍କୁ ରୋକ୍

ନୂଆଦିଲ୍ଲୀ,୯।୧୨(ପି.ଟି.)

ଲୋକ ସଭାରେ ପ୍ରବଳ ବିରୋଧ ମଧ୍ୟରେ ସୋମବାର ନାଗରିକତ୍ୱ (ସଂଶୋଧନ) ବିଲ୍, ୨୦୧୯ ଉପସ୍ଥାପନ କରାଯାଇଛି। ଏହା ସଂଖ୍ୟାଲଘୁଙ୍କ ବିରୋଧରେ ନୁହେଁ ବରଂ ଅନୁପ୍ରବେଶକାରୀଙ୍କ ବିରୋଧରେ ବୋଲି ବିଲ୍ ଉପସ୍ଥାପନ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଥିଲେ। ବିଲ୍ ପ୍ରତି ଦେଶର ୧୩୦ କୋଟି ଲୋକଙ୍କ ସମର୍ଥନ ରହିଥିବା ସେ ଦାବି କରିଥିଲେ। କଂଗ୍ରେସ ଧର୍ମ ଆଧାରରେ ଦେଶକୁ ଭାଗ କରିଥିଲା, ଯେଉଁଥିପାଇଁ ଏବେ ବିଲ୍ ଆଣିବା ଜରୁରୀ ହୋଇପଡିଛି ବୋଲି ସେ କହିଥିଲେ। ସମ୍ବିଧାନ ପ୍ରଦତ୍ତ ଯଥାର୍ଥ ବର୍ଗୀକରଣ ଆଧାରରେ ପ୍ରସ୍ତାବିତ ବିଧେୟକ ଅଣାଯାଇଥିବାରୁ ଏହା କୌଣସି ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରିବ ନାହିଁ। ପାକିସ୍ତାନ,ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଭାରତରେ ରହିଥିବା ଅଣମୁସଲମାନ ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ବିଲ୍ ଅଣାଯାଇଛି। ଅତୀତରେ ଅନେକ ଘଟଣାରେ ଲୋକଙ୍କୁ ନାଗରିକତ୍ୱ ପ୍ରଦାନ ଲାଗି ଆଇନ ପ୍ରସ୍ତୁତ ହୋଇଥିଲା। ୧୯୭୧ରେ ବାଂଲାଦେଶ ସୃଷ୍ଟି ହେବା ପରେ ଏବଂ ଉଗାଣ୍ଡାରେ ଭାରତୀୟଙ୍କ ଉପରେ ଆକ୍ରମଣ ପରେ ଏଭଳି ପଦକ୍ଷେପ ନେବାକୁ ପଡିଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ।

ପୂର୍ବରୁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ସୌଗତ ରାୟ, ଏନ୍.କେ. ପ୍ରେମ୍‌ଚନ୍ଦ୍ରନ, ଗୌରବ ଗୋଗୋଇ, ଶଶୀ ଥରୁର୍, ଅସାଦୁଦ୍ଦିନ ଓୱାଇସି ପ୍ରମୁଖ ବିଲ୍



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନାଗରିକତ୍ୱ ବିଲ୍ ଉପସ୍ଥାପନ କରୁଛନ୍ତି।

ଉପସ୍ଥାପନକୁ ବିରୋଧ କରିଥିଲେ। ସୋମବାର ସକାଳେ ବରିଷ୍ଠ କଂଗ୍ରେସ ସଦସ୍ୟ ଶଶୀ ଥରୁର ଲୋକ ସଭାକୁ ନୋଟିସ ଦେଇ ନାଗରିକତ୍ୱ ବିଲ୍ ଉପସ୍ଥାପନକୁ ବିରୋଧ କରାଯିବ ବୋଲି କହିଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍ ସମାନତା ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ସେ କହିଥିଲେ। ଧର୍ମ ଆଧାରରେ ନାଗରିକତ୍ୱ ପ୍ରଦାନ ପାଇଁ ସରକାର ଉଦ୍ୟମ କରୁଥିବାରୁ ଏହା ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ବୋଲି ବିରୋଧୀ ନେତାମାନେ ଅଭିଯୋଗ କରିଥିଲେ। ପରେ ମତ ବିଭାଜନ ଜରିଆରେ ବିଲ୍‌କୁ ଆଗତ କରାଯାଇଥିଲା। ୨୯୩ ଏମ୍‌ପି ବିଲ୍ ସପକ୍ଷରେ ଏବଂ ୮୨ ଜଣ ବିପକ୍ଷରେ ଭୋଟ ଦେଇଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିଜେଡି ସମର୍ଥନ ଜଣାଇଥିଲା।

## ଶ୍ରୀଲଙ୍କାକୁ ସାମିଲ କରାଯାଉ:ଶର୍ମିଷ୍ଠା

**ନୂଆଦିଲ୍ଲୀ, ୯।୧୨:** ଲୋକ ସଭାରେ ସୋମବାର ଉପସ୍ଥାପିତ ହୋଇଥିବା ନାଗରିକତ୍ୱ ସଂଶୋଧନ ବିଧେୟକ(ବିଲ୍) ୨୦୧୯କୁ ବିଜୁ ଜନତା ଦଳ (ବିଜେଡି) ସମର୍ଥନ କରିଛି। ବିଜେଡିର ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଦଳ ପକ୍ଷରୁ ପ୍ରସ୍ତାବ ଦେଇଛନ୍ତିଯେ, ସରକାର ଉକ୍ତ ବିଲ୍‌ରେ ଶ୍ରୀଲଙ୍କାକୁ ସାମିଲ କରନ୍ତୁ। କାରଣ ସେଠାରେ ସଂଖ୍ୟାଲଘୁ ବିବେଚିତ ହେଉଥିବା ହିନ୍ଦୁ ଓ ମୁସଲମାନ ଅତୀତରୁ ନିର୍ଯାତିତ ହୋଇଆସୁଛନ୍ତି। ଉଲ୍ଲେଖଯୋଗ୍ୟ, ନାଗରିକତ୍ୱ ସଂଶୋଧନ ବିଧେୟକରେ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରୁ ୩୧ ଡିସେମ୍ବର ୨୦୧୪ କିମ୍ବା ତା' ପୂର୍ବରୁ ଭାରତକୁ ଫେରିଥିବା ହିନ୍ଦୁ, ଜୈନ, ପାର୍ସୀ, ଶିଖ୍, ଖ୍ରୀଷ୍ଟିଆନ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ନାଗରିକତ୍ୱ ପ୍ରଦାନ ଲାଗି ବ୍ୟବସ୍ଥା କରାଯାଇଛି। ଶର୍ମିଷ୍ଠା କହିଛନ୍ତି ଯେ, ଉକ୍ତ ବିଲ୍‌କୁ ରାଜନୀତିକରଣ କରା ନ ଯାଉ। ଏଥିରେ ମୁସଲମାନଙ୍କ ବିରୋଧରେ ଥିବା ଭୁଲ ବୁଝାମଣାକୁ ତୁଟାଇବା ଲାଗି ସେ ସରକାରଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ନାଗରିକତ୍ୱ ଆଇନ,

### ବିଜେଡି କଲା ସମର୍ଥନ

୧୯୫୫କୁ ଏହି ବିଲ୍ ସଂଶୋଧନ କରୁଛି। ଏହି ବିଧେୟକ ଇନ୍‌ର-ଲାଇନ୍ ପରମିଟ୍ (ଆଇଏଲ୍‌ପି) ରାଜ୍ୟ ଓ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଆସୁଥିବା ଇଲାକାରେ ଲାଗୁ ହେବ ନାହିଁ। ଆଇଏଲ୍‌ପି ହେଉଛି ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଏକ ଭ୍ରମଣ ଦଲିଲ (ଟ୍ରାଭେଲ ଡକ୍ୟୁମେଣ୍ଟ), ଯଦ୍ୱାରା ଜଣେ ଭାରତୀୟ ନାଗରିକଙ୍କୁ ଅନ୍ତର୍ଦେଶରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବୁଲାବୁଲି କରିବା ଲାଗି ଅନୁମତି ଦିଆଯାଇଥାଏ। ଷଷ୍ଠ ଅନୁସୂଚୀରେ ମେଘାଳୟ, ତ୍ରିପୁରା, ଆସାମ ଏବଂ ମିଜୋରାମର କେତେକ ଅଞ୍ଚଳ ଆସୁଥିବା ବେଳେ ନାଗାଲାଣ୍ଡ, ମିଜୋରାମ ଓ ଅରୁଣାଚଳ ପ୍ରଦେଶରେ ଆଇଏଲ୍‌ପି ପ୍ରଯୁଜ୍ୟ। ବିଧେୟକରେ ଆହୁରି ଦର୍ଶାଯାଇଛି ଯେ, ବେଆଇନ ଭାବେ ସେମାନଙ୍କ ଦେଶାନ୍ତରଣ ବା ନାଗରିକତ୍ୱ ସଂକ୍ରାନ୍ତରେ ଥିବା ସମସ୍ତ ଆଇନଗତ ମାମଲାକୁ ବନ୍ଦ କରିଦିଆଯିବ।

### ଆଜିର ସମ୍ପାଦକୀୟ

ସେଠି ଯାହା, ଏଠି ତାହା

### ଆଜିର ମନ୍ତବ୍ୟ

"ନ୍ୟାୟିକ ବ୍ୟବସ୍ଥା ଉପରୁ ଲୋକଙ୍କ ବିଶ୍ୱାସ କମିଯିବା, ରାଷ୍ଟ୍ର ପାଇଁ ବିପଜ୍ଜନକ।

-ଆନ୍ନା ହାଜାରେ, ସାମାଜିକ କର୍ମୀ

ଓଡ଼ିଶାକୁ ବିଶ୍ୱସ୍ତରୀୟ ସ୍ୱୀକୃତି

### ଜାଗା ମିଶନ ପାଇଁ 'ୱାର୍ଲଡ ହାବିଟାଟ' ପୁରସ୍କାର

୩

### ■ମହିଳାଙ୍କୁ ଗଣବଳାତ୍କାର ଘଟଣା

# ୪ ଅଭିଯୁକ୍ତ ଗିରଫ

■୨୦ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ ହେବ:ଏସ୍‌ପି

■ପୀଡ଼ିତାଙ୍କୁ ଭେଟିଲେ ମହିଳା କମିଶନ ଅଧକ୍ଷା

■ଜିଲାବ୍ୟାପୀ ପ୍ରତିକ୍ରିୟା,କଠୋର ଦଣ୍ଡ ବିଧାନ ଦାବି

ସମ୍ବଲପୁର,୯।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିଲା । ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଅଇଁଠାପାଲି ଥାନା ଅଞ୍ଚଳର ଶିବ ଶଙ୍କର ନାଏକ ( ୨୫), ଡୋଲାମଣୀ ଭୋଇ ( ୩୦), ମହେଶ ସେଠ ( ୨୪), ଅଙ୍କୁର ଛୁରିଆ ( ୨୨)। ଅଭିଯୁକ୍ତଙ୍କମାନଙ୍କୁ ଡାକ୍ତରୀ ମାଇନା ପରେ ପୋଲିସ କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୫୫୭/୧୯) ରୁଜୁ ହୋଇଛି ।

ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ପାଇଁ କୋର୍ଟରେ ଅନୁରୋଧ କରାଯିବ।



ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତମାନେ।

ପୋଲିସ ୨୦ ଦିନ ଭିତରେ ସମସ୍ତ ଦିଗରେ ତଦନ୍ତ କରି ଚାର୍ଜଶିଟ୍ ଦାଖଲ କରିବ । ଏହି ମାମଲାରେ ଡିଏସ୍‌ପି ସୁଜାତା ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଅଇଁଠାପାଲି ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ସୂଚନା ଦେଇଛନ୍ତି । ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତି ବେହେରା ପୀଡିତାଙ୍କୁ ବୁର୍ଲା ଭୀମସାରରେ ଭେଟିଛନ୍ତି। ତାଙ୍କ ସହିତ ଅତିରିକ୍ତ ଏସ୍‌ପି ବିଜୟ ବରୁଆ, ଲିଗାଲ ଆଡଭାଇଜର ଅରବିନ୍ଦ ପଟ୍ଟନାୟକ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ,ଅଇଁଠାପାଲି ଥାନା ଅନ୍ତର୍ଗତ ବରେଇପାଲି ଛକ ନିକଟ ଏକ ଦୋକାନ ପାଖରେ ☞ପୃଷ୍ଠା-୪

# କର୍ଣାଟକରେ ଭାଜପାର ବାଜିମାତ

ବେଙ୍ଗାଲୁରୁ,୯।୧୨(ପି.ଟି.)

କର୍ଣାଟକର ୧୫ ଆସନରେ ହୋଇଥିବା ଉପନିର୍ବାଚନରେ ଶାସକ ଭାଜପା ୧୨ଟି ଆସନରେ ବିଜୟୀ ହୋଇ ବାଜିମାତ୍ କରିଛି। ଫଳରେ ୪ ମାସର ବି.ଏସ୍. ୟେଦ୍ଦୁରପ୍ପା ସରକାର ବିଧାନସଭାରେ ସଂଖ୍ୟାଗରିଷ୍ଠତା ବଜାୟ ରଖିପାରିଛନ୍ତି। ବିରୋଧୀ ଦଳ କଂଗ୍ରେସ ମାତ୍ର ୨ଟି ଆସନ ଜିତିବାକୁ ସକ୍ଷମ ହୋଇଥିବାବେଳେ ଜେଡିଏସ୍ ଗୋଟିଏ ବି ଆସନ ଜିତିପାରି ନାହିଁ। ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନରେ ବିଜୟୀ ହୋଇଛନ୍ତି। ଉପନିର୍ବାଚନରେ କଂଗ୍ରେସର ପରାଜୟ ଲାଗି ବିଧାୟକ ଦଳ ନେତା ପଦରୁ ସିଦ୍ଧରାମାୟା ଏବଂ ରାଜ୍ୟ କଂଗ୍ରେସ ସଭାପତି ପଦରୁ ଦିନେଶ ଗୁଣ୍ଡୁ ରାଓ ଇସ୍ତଫା ଦେଇଛନ୍ତି। ଡିସେମ୍ବର ୫ରେ ୧୫ଟି ଆସନରେ ଉପନିର୍ବାଚନ

### ସିଦ୍ଧରାମାୟା, ଗୁଣ୍ଡୁ ରାଓଙ୍କ ଇସ୍ତଫା



ଉପନିର୍ବାଚନରେ ଭାଜପାର ବିଜୟ ପରେ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ଦୁରପ୍ପା ଖୁସି ମନାଉଛନ୍ତି।

ହୋଇଥିଲା। ପୂର୍ବରୁ ଉକ୍ତ ଆସନ ମଧ୍ୟରୁ ୧୨ଟି କଂଗ୍ରେସ ଅକ୍ତିଆରରେ ଥିବାବେଳେ ଏଥର ମାତ୍ର ୨ଟିରେ ବିଜୟୀ ହୋଇଥିବାରୁ ପରାଜୟ ପାଇଁ ନିଜକୁ ଦାୟୀ କରି ସିଦ୍ଧରାମାୟା ଓ ଗୁଣ୍ଡୁ ରାଓ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ପାଖକୁ ଇସ୍ତଫାପତ୍ର ପଠାଇଦେଇଛନ୍ତି।

କଂଗ୍ରେସ ହୁନସୁରୁ ଏବଂ ଶିବାଜୀନଗର ଆସନରେ ଜିତିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଶରଥ ବଚେଗୌଡ଼ା ହୋସ୍‌କୋଟେରୁ ବିଜୟୀ ହୋଇଛନ୍ତି। ଦଳବିରୋଧୀ କାର୍ଯ୍ୟ ଲାଗି ସେ ଭାଜପାରୁ ବହିଷ୍କୃତ ହୋଇଥିଲେ। ☞ପୃଷ୍ଠା-୪

### ଉପ ନିର୍ବାଚନ ଫଳାଫଳ

■ଭାଜପାକୁ ୧୨, କଂଗ୍ରେସକୁ ୨ ଆସନ

■ଜେଡିଏସ୍‌କୁ ଗୋଟିଏ ବି ଆସନ ମିଳିଲାନି

■ସଂଖ୍ୟାଗରିଷ୍ଠତା ବଜାୟ ରଖିଲେ ୟେଦ୍ଦୁରପ୍ପା ସରକାର

## ନୂଆ ପିଆଜ ଆସିଲେ ଦର କମିବ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ଗତ ୨/୩ ମାସ ହେବ ପିଆଜର ଅହେତୁକ ଦର ବୃଦ୍ଧି ଲୋକମାନଙ୍କୁ ଅତିଷ୍ଠ କରି ରଖିଛି। ନୂଆ ଅମଳ ନ ଆସିବା ଯାଏ ରାଜ୍ୟରେ ପିଆଜ ଦର୍ କମିବା ଆଶା କ୍ଷୀଣ। ତେବେ ଆଉ ମାସେ ଏଭଳି ଦର୍ ବୃଦ୍ଧି କଷ୍ଟ ଭୋଗିବାକୁ ପଡ଼ିବ। ଆସନ୍ତା ଜାନୁୟାରୀ ମାସ ପ୍ରଥମ ସପ୍ତାହ ବେଳକୁ ନୂଆ ପିଆଜ ଆସିବାପରେ ଦର୍ କମିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସୋମବାର ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ର ସରକାର ପିଆଜ ଉତ୍ପାଦନ ବୃଦ୍ଧି ପାଇଁ ପ୍ରୋତ୍ସାହନ ଯୋଗାଇବା ସହ ଅଧିକ ଅଞ୍ଚଳରେ ଏହାର ଚାଷକୁ ପରିବ୍ୟାପ୍ତ କରିବା ଆବଶ୍ୟକ। ଗତବର୍ଷଠାରୁ ଚଳିତ ବର୍ଷ ୨୬ ପ୍ରତିଶତ କମ୍ ଅଞ୍ଚଳରେ ପିଆଜ ଚାଷ କରାଯାଇଛି। ଲଗାଣ ବର୍ଷା ଯୋଗୁ ପିଆଜ ଉତ୍ପାଦନରେ ବାଧା ସୃଷ୍ଟି ହୋଇଛି। ଏଥିଯୋଗୁ କେବଳ ରାଜ୍ୟରେ ନୁହେଁ ସମଗ୍ର ଦେଶରେ ପିଆଜ ଦର୍ ବହୁ ପରିମାଣ ବଢିଯାଇଛି। ଆଗରୁ ଯେଉଁ ଅଞ୍ଚଳରେ ୩ ମେଟ୍ରିକ ଟନ ଉତ୍ପାଦନ ହେଉଥିଲା ବେଳେ ☞ପୃଷ୍ଠା-୪

## ଦାୟିତ୍ୱ ନେଲେ ଡିଜିପି ଅଭୟ

■୬ ଦିଗ ଉପରେ ପ୍ରାଧାନ୍ୟ ଦେବେ

■୫-ଟି ଦ୍ୱାରା ପୋଲିସ କାର୍ଯ୍ୟରେ ପରିବର୍ତ୍ତନ ଆଣିବେ

■ମାଫିଆ ଦମନକୁ ଗୁରୁତ୍ୱ

କଟକ ଅଫିସ, ୯।୧୨

ରାଜ୍ୟରେ ଆଉ ଚାଲିବନି ମାଫିଆ ରାଜ। ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଅଭୟ ସୋମବାର କଟକ ସ୍ଥିତ ପୋଲିସ ମୁଖ୍ୟାଳୟରେ ଡିଜିପି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା କହିଛନ୍ତି। ପୂର୍ବାହ୍ନରେ ଅଭୟ ମୁଖ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ବରିଷ୍ଠ ପୋଲିସ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିବା ପରେ ସେ ମୁଖ୍ୟାଳୟ ପରିସରରେ ଥିବା ଶହୀଦ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ☞ପୃଷ୍ଠା-୪



କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ସୋମବାର ନୂତନ ଡିଜିପି ଭାବେ ଅଭୟ ଦାୟିତ୍ୱ ଗ୍ରହଣ କରିବା ପରେ ଅନ୍ତରୀଣ ଡିଜିପି ଦାୟିତ୍ୱରେ ଥିବା ସତ୍ୟଜିତ ମହାନ୍ତି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

# ଚଳିତ ବର୍ଷ ଧାନ ସଂଗ୍ରହ ବଢ଼ିଛି

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ରାଜ୍ୟକୁ ଭଲ ବର୍ଷା ଦେଇଛି। ରାଜ୍ୟର ମୁଖ୍ୟ ଫସଲ ଧାନ ଉତ୍ପାଦନ ବୃଦ୍ଧି ପାଇଛି। ଖରିଫ ଋତୁରେ ରାଜ୍ୟ ସରକାର ଗତବର୍ଷ ତୁଳନାରେ ୨୮ ପ୍ରତିଶତ ଧାନ ଅଧିକ ସଂଗ୍ରହ କରିଛନ୍ତି । ରାଜ୍ୟ ସରକାର ଡିସେମ୍ବର ୭ ତାରିଖ ସୁଦ୍ଧା ଚାଷୀଙ୍କ ଠାରୁ ୩୯ ଲକ୍ଷ ୬୮ ହଜାର ୪୬୫ କୁଇଣ୍ଟାଲ ଧାନ ସଂଗ୍ରହ କରି ସାରିଛନ୍ତି । ଏହି ସମୟ ସୁଦ୍ଧା ୨୦୧୮ରେ ୩୦ ଲକ୍ଷ ୮୯ ହଜାର ୯୦୮ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ମଣ୍ଡିରୁ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ୨୮ ପ୍ରତିଶତ ଧାନ ସଂଗ୍ରହ ହୋଇଛି। ଧାନ ସଂଗ୍ରହରେ ସ୍ୱଚ୍ଛତା ରକ୍ଷା କରାଯାଇଛି। ଚାଷୀମାନଙ୍କୁ ଅନ୍‌ଲାଇନ ପଞ୍ଜୀକୃତ କରିବା ସହ ପି-ପାସ ବ୍ୟବସ୍ଥା ଓ ଆଗୁଆ ଟୋକନ ଦେବା ବ୍ୟବସ୍ଥା ଯୋଗୁ ଧାନ କ୍ରୟରେ ବୃଦ୍ଧି ଘଟିଛି ବୋଲି ସୋମବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଗତ ୭ ତାରିଖ ସୁଦ୍ଧା ୧୮ଟି ଜିଲାର ୧ ହଜାର ୧୧୮ଟି ମଣ୍ଡିରେ ୨ଲକ୍ଷ ୪୩ ହଜାର ୨୧୯ ଜଣ ଚାଷୀଙ୍କୁ ଆଗୁଆ ୨ ଲକ୍ଷ ୪୯ ହଜାର ୯୩୨ ଟି ଟୋକନ ପ୍ରଦାନ କରାଯାଇଛି। ଚଳିତ ଖରିଫ ଋତୁରେ ବରଗଡ଼ ଜିଲାରୁ ସର୍ବାଧିକ ୨୬ ହଜାର ୬୦୮ ଜଣ ଚାଷୀଙ୍କଠାରୁ ୧୮ ଲକ୍ଷ ୩୪ ହଜାର ୨୧୪ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବାବେଳେ ବଲାଙ୍ଗୀର ଜିଲାର ୩ ହଜାର ୯୫୯ ଜଣ ଚାଷୀଙ୍କଠାରୁ ୨ ଲକ୍ଷ ୮୩ ହଜାର ୩୫୯ କୁଇଣ୍ଟାଲ, ବୌଦ୍ଧ ଜିଲାର ୨୮୬ ଚାଷୀଙ୍କ ଠାରୁ ୧୪ ହଜାର ୬୮୯ କୁଇଣ୍ଟାଲ, କଳାହାଣ୍ଡି ଜିଲାର ୭ ହଜାର ୨୭୫ ଜଣ ଚାଷୀଙ୍କ ମଧ୍ୟରୁ ୪ ଲକ୍ଷ ୯୬ ହଜାର ୭୧୮ କୁଇଣ୍ଟାଲ, କୋରାପୁଟ ଜିଲାର ୧ ହଜାର ୮୩୯ ଜଣ ଚାଷୀଙ୍କ ଠାରୁ ୧ ଲକ୍ଷ ୨୬ ହଜାର ୬୪୧ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସେହିପରି ମାଲକାନଗିରି ଜିଲାର ୪ ହଜାର ୭୧୨ ଜଣ ଚାଷୀଙ୍କଠାରୁ ୧ ଲକ୍ଷ ୮୩ ହଜାର ୨୩୩ କୁଇଣ୍ଟାଲ, ନବରଙ୍ଗପୁର ଜିଲାର ୧ ହଜାର ୨୧୧ ଜଣ ଚାଷୀଙ୍କଠାରୁ ୬୮ ହଜାର ୪୦୨ କୁଇଣ୍ଟାଲ, ନୂଆପଡ଼ା ଜିଲାର ୨ହଜାର ୯୮୧ ଜଣ ଚାଷୀଙ୍କଠାରୁ ୧ ଲକ୍ଷ ☞ପୃଷ୍ଠା-୪

■ଡିସେମ୍ବର ୭ ସୁଦ୍ଧା ୩୯.୬୮ ଲକ୍ଷ ଧାନ ସଂଗ୍ରହ ହୋଇଛି

■ଗତବର୍ଷ ତୁଳନାରେ ୨୮ ପ୍ରତିଶତ ବୃଦ୍ଧି

■୫୨ ହଜାର ଚାଷୀଙ୍କୁ ୫୮.୩୭ କୋଟି ଟଙ୍କା ପ୍ରଦାନ

■୨.୪୩ ଲକ୍ଷ ଚାଷୀଙ୍କୁ ୨.୪୯ ଲକ୍ଷ ଟୋକନ







Vencobb Fresh Chicken

09.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 79 | 131 | 141 |
| DKL | 81 | 133 | 143 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 82 | 135 | 145 |
| BHM | 82 | 135 | 145 |

*Conditions Apply

Issued in the Interest of Consumers



“ ନାଗରିକତ୍ୱ (ସଂଶୋଧନ) ବିଲ୍ ନାଁରେ ଭାଜପା ସମାଜକୁ ଭାଗ ଭାଗ କରିବା ପାଇଁ ଉଦ୍ୟମ କରୁଛି। ଏଭଳି ବିଲ୍ ଦେଶ ଓ ଏହାର ସମ୍ବିଧାନ ପ୍ରତି ଅପମାନ।

- ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ

## ସଂକ୍ଷେପରେ

### ନ୍ୟୁଜିଲାଣ୍ଡରେ ଅଗ୍ନି ଉଦ୍‌ଗିରଣ: ୫ ମୃତ



**ୱାଲିଂଟନ,୯।୧୨(ଏଏଫ୍‌ପି)-** ନ୍ୟୁଜିଲାଣ୍ଡର ଲୋକପ୍ରିୟ ହ୍ୱାଇଟ୍ ଆଇଲାଣ୍ଡ ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗିରଣ ହେବାରୁ ୫ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୧୮ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ରହିଛି। ଉକ୍ତ ଦ୍ୱୀପରେ ଫସିଥିବା ଅନ୍ୟ ଏକ ୧୦ ଜଣିଆ ଗ୍ରୁପ୍ ସହିତ ଯୋଗାଯୋଗ ହୋଇପାରୁ ନ ଥିବା ପୋଲିସ କହିଛି। ଅଗ୍ନି ଉଦ୍‌ଗିରଣ ବେଳେ ହ୍ୱାଇଟ୍ ଆଇଲାଣ୍ଡ ଦ୍ୱୀପରେ ବହୁସଂଖ୍ୟାରେ ପର୍ଯ୍ୟଟକ ଥିଲେ ବୋଲି ପ୍ରଧାନମନ୍ତ୍ରୀ ଜସିଣ୍ଡା ଆର୍ଡେନ କହିଛନ୍ତି।

[ଇତିହାସର ଆଇନାରେ]

### ଡିସେମ୍ବର ୧୦ର ପ୍ରମୁଖ ଘଟଣା

୧୯୫୩ ଡିସେମ୍ବର ୧୦ରେ ବ୍ରିଟେନ ପ୍ରଧାନମନ୍ତ୍ରୀ ସାର୍ ୱିନ୍‌ଷ୍ଟୋନ ଚର୍ଚ୍ଚିଲ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିଲେ। ଜଣେ ସେନା ଅଧିକାରୀ, ଲେଖକ, ସମାଜ ସଂସ୍କାରକ ଓ ବିଶିଷ୍ଟ ରାଜନେତା ଭାବେ ସେ ବେଶ୍ ଜଣାଶୁଣା। ୧୯୬୫ରେ ତାଙ୍କର ଦେହାନ୍ତ ହୋଇଥିଲା।

୨୦୧୬ ଡିସେମ୍ବର ୧୦ରେ ତୁର୍କୀର ଇସ୍ତାନ୍‌ବୁଲସ୍ଥିତ ଏକ ଷ୍ଟାଡିୟମ୍ ନିକଟରେ ଦୁଇଟି ବିସ୍ଫୋରଣ ହେବା ଫଳରେ ୪୮ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ଏମାନଙ୍କ ମଧ୍ୟରେ ୩୬ ପୋଲିସ ଅଧିକାରୀ ଥିଲେ। ୧୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। କୁର୍ଦ୍ଦିସ୍ତାନ ଫ୍ରିଡମ୍ ହକ୍ସ ନାମକ ଏକ ସଙ୍ଗଠନ ଏଥିଲାଗି ନିଜକୁ ଦାୟୀ କରିଥିଲା।

# ନାଗରିକତ୍ୱ ବିଲ୍‌କୁ ବିରୋଧ

- ଆସାମ, ତ୍ରିପୁରାରେ ୪୮ ଘଣ୍ଟିଆ ବନ୍ଦ
- ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ବିକ୍ଷୋଭ

**ନୂଆଦିଲ୍ଲୀ/ଗୁଆହାଟୀ/ଅଗରତାଳା,୯।୧୨(ପି.ଟି.)**

ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ବିରୋଧ କରି ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲାବେଳେ ଆସାମ ଓ ତ୍ରିପୁରାରେ ୪୮ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଲୋକ ସଭାରେ ବିପକ୍ଷ ଦଳଗୁଡିକର ଜୋର୍‌ଦାର ବିରୋଧ ମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏହି ବିଲ୍ ଆଗତ କରିଛନ୍ତି। ଏହାକୁ ବିରୋଧ କରି ପାର୍ଲାମେଣ୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଇଣ୍ଡିଆନ୍ ୟୁନିୟନ ମୁସ୍‌ଲିମ ଲିଗ୍‌ର ଏମ୍‌ପିମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଅଲ୍ ଇଣ୍ଡିଆ ୟୁନାଇଟେଡ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଆଇୟୁଡିଏଫ୍) ସଦସ୍ୟମାନେ ଜନ୍ତରମନ୍ତରଠାରେ ବିକ୍ଷୋଭ କରିଥିଲେ। ଏହା ସମ୍ବିଧାନ ଓ ହିନ୍ଦୁ-ମୁସଲମାନ ଏକତାର ବିରୋଧୀ। ଆମେ ଏହି ବିଲ୍‌କୁ ପ୍ରତ୍ୟାଖ୍ୟାନ କରୁଛୁ ବୋଲି ଏଆଇୟୁଡିଏଫ୍ ଏମ୍‌ପି ବଦ୍‌ରୁଦ୍ଦିନ ଅଜମଲ କହିଛନ୍ତି।

ପଡୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଭାରତରେ ଶରଣ ନେଇଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଏହା ଆଇନରେ ପରିଣତ ହେଲେ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଉପରୋକ୍ତ ୩ ଦେଶରୁ ଆସି ଭାରତରେ ଶରଣାର୍ଥୀ ଭାବେ ରହିଥିବା ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସୀ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସଦସ୍ୟମାନେ ଉପକୃତ ହୋଇପାରିବେ। ସେମାନଙ୍କୁ ଆଉ ବେଆଇନ ଦେଶାନ୍ତରୀ ଭାବେ ଗ୍ରହଣ କରା ନ ଯାଇ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ। ବିଲ୍‌କୁ ଦେଶର ବିଭିନ୍ନ ଭାଗରେ ବିଶେଷ କରି ଉତ୍ତରପୂର୍ବାଞ୍ଚଳରେ ଜୋର୍‌ଦାର ବିରୋଧ କରାଯାଇଛି।

ନାଗରିକତ୍ୱ ସଂଶୋଧନ ବିଲ୍ ବିରୋଧରେ ଆସାମ ଓ ତ୍ରିପୁରାରେ ୩୮ ଘଣ୍ଟିଆ ବନ୍ଦ ପାଳନ ଯୋଗୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ଅଲ୍ ମୋରାନ ଛାତ୍ର ସଂଗଠନ (ଏଏମ୍‌ଏସ୍‌ୟୁ) ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ୍‌ର ପ୍ରଥମ ଦିନରେ ଅନେକ ଜିଲା ପ୍ରଭାବିତ ହୋଇଛି। ସ୍କୁଲ୍, କଲେଜ, ଦୋକାନବଜାର ବନ୍ଦ ରହିଥିଲା। ତେବେ ବଙ୍ଗାଳୀ ବହୁଳ କାଚର ଜିଲାର ବାରାକ ଭ୍ୟାଲି, କରିମଗଞ୍ଜ ଓ ହୈଲାକାଣ୍ଡି ସମେତ ପାର୍ବତ୍ୟ ଜିଲା କାର୍ବି ଆଙ୍ଗଲଙ୍ଗ ଏବଂ ଡିମା ହାସାଓରେ ବନ୍ଦ୍‌ର ପ୍ରଭାବ ଅନୁଭୂତ ହୋଇ ନ ଥିଲା। ସେହିପରି ଗୁଆହାଟୀରେ ମଧ୍ୟ ବନ୍ଦ୍‌ର ପ୍ରଭାବ ବିଶେଷ ଦେଖିବାକୁ ମିଳି ନ ଥିଲା। ବିକ୍ଷୋଭକାରୀ ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କରିଥିବାବେଳେ ପୋଲିସ ସେମାନଙ୍କୁ ହଟାଇଦେଇଥିଲା। ଡିବ୍ରୁଗଡ ଓ ଗୁଆହାଟୀରେ ପୋଲିସ-ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହେବାରୁ ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା।

ସେହିପରି ତ୍ରିପୁରାର ଟିଟିଏଏଡିସି (ଆଦିବାସୀ ଅଞ୍ଚଳ ସ୍ୱୟଂକ୍ରିୟ ଜିଲା ପରିଷଦ) ଅଞ୍ଚଳରେ ବନ୍ଦ ଯୋଗୁ ଜୀବନଯାତ୍ରା ଅଚଳ ହୋଇପଡିଥିଲା। ଭାଜପା ସହଯୋଗୀ ଆଇପିଏଫ୍‌ଟି ସମେତ ବିଭିନ୍ନ ଦଳ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଫଳରେ ରେଳ ଓ ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହ ହଜାର ହଜାର ଯାତ୍ରୀ ବିଭିନ୍ନ ସ୍ଥାନରେ ଅଟକି ରହି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟରେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଏବଂ ତ୍ରିପୁରା ରାଜ୍ୟ ରାଇଫଲ୍ସ ବାହିନୀର ଯବାନମାନଙ୍କୁ ମୁତୟନ କରାଯାଇଥିଲା। ତ୍ରିପୁରା ସହ ଦେଶର ଅନ୍ୟ ଭାଗକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଓ ରେଳଲାଇନରେ ପିକେଟିଂ କରି ଏହାକୁ ବନ୍ଦ କରିଥିବା ଆନ୍ଦୋଳନକାରୀମାନଙ୍କୁ ପୋଲିସ ଗିରଫ କରିଛି। ତ୍ରିପୁରା ବିଶ୍ୱବିଦ୍ୟାଳୟ ଏବଂ ମହାରାଜା ବୀର ବିକ୍ରମ ବିଶ୍ୱବିଦ୍ୟାଳୟ ଆନ୍ଦୋଳନ ଯୋଗୁ ପରୀକ୍ଷା ସ୍ଥଗିତ ରଖିଛନ୍ତି। ଅଧିକାଂଶ ସ୍ଥାନରେ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଦୋକାନବଜାର ବନ୍ଦ ରହିଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।




ଗୁଆହାଟୀରେ ନାଗରିକତ୍ୱ ବିଲ୍ ବିରୋଧୀ ବିକ୍ଷୋଭରେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇ ଯୋଗ ଦେଇଛନ୍ତି।

## ରାଜ୍ୟ ସଭାରେ ଦିଲ୍ଲୀ ଅଗ୍ନିକାଣ୍ଡକୁ ନେଇ ଆଲୋଚନା

**ନୂଆଦିଲ୍ଲୀ,୯।୧୨(ପ.ଟି.)**

ଦିଲ୍ଲୀ ଅନାଜ ମଣ୍ଡି ଅଞ୍ଚଳରେ ଅଗ୍ନିକାଣ୍ଡରେ ୪୩ ଜଣଙ୍କ ଜୀବନ ଯାଇଥିବାବେଳେ ଏହାକୁ ନେଇ ସୋମବାର ରାଜ୍ୟ ସଭାରେ ଜୋର୍‌ଦାର ଆଲୋଚନା ହୋଇଥିଲା। ଏଭଳି ଅଗ୍ନି ଦୁର୍ଘଟଣା ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ନେବାକୁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଅଗ୍ନିକାଣ୍ଡରେ ଏତେ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟିବା ଦୁର୍ଭାଗ୍ୟଜନକ ଓ ଯନ୍ତ୍ରଣାଦାୟକ ବୋଲି ଗୃହର ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଥିଲେ। ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସେ କହିଥିଲେ। ମୃତକଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଦିଲ୍ଲୀର ଅନେକ ଅଞ୍ଚଳ ବାରୁଦଗଦା ଉପରେ ରହିଛି। ଅତୀତର ଘଟଣାରୁ ଆମେ ଏପର୍ଯ୍ୟନ୍ତ କିଛି ଶିଖିଲେ ନାହିଁ ବୋଲି ଭାଜପା ସଦସ୍ୟ ବିଜୟ ଗୋଏଲ କହିଥିଲେ। ହଜାର ହଜାର ବେଆଇନ ବିଲ୍ଡିଂରେ କାରଖାନା ଚାଲିଛି, ଯେଉଁଠି କୌଣସି ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇନି। ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ଓ ୧୦ ଲକ୍ଷ ଟଙ୍କା ସହାୟତା ବିପଦକୁ ଦୂର କରିପାରିବ ନାହିଁ ବୋଲି ସେ କହିଥିଲେ। ବିଲ୍ଡିଂରେ ଭେଣ୍ଟିଲେସନ ସୁବିଧା ନ ଥିବାରୁ ଏତେ ସଂଖ୍ୟାରେ ଶ୍ରମିକଙ୍କ ମୃତ୍ୟୁ ଘଟିଲା ବୋଲି ଏଏପି ସଦସ୍ୟ ସଞ୍ଜୟ ସିଂ କହିଥିଲେ। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ, ଦିଲ୍ଲୀ ସରକାର ଏବଂ ଡିଡିଏ ଏକାଠି ବସି ସୁରକ୍ଷା ପଦକ୍ଷେପ ବାହାର କରିବାକୁ ସେ ପରାମର୍ଶ ଦେଇଥିଲେ।

## ଦିଲ୍ଲୀ ଅଗ୍ନିକାଣ୍ଡ | ନୀରବ ରହିବାକୁ ପଡ଼ୋଶୀଙ୍କୁ ମିଳିଥିଲା ଧମକ

**ନୂଆଦିଲ୍ଲୀ,୯।୧୨(ଆଇଏଏନ୍‌ଏସ୍)-**ଦିଲ୍ଲୀ ଅନାଜ ମଣ୍ଡି ଅଞ୍ଚଳରେ ଥିବା ଏକ ଫ୍ୟାକ୍ଟ୍ରି ବିଲ୍ଡିଂରେ ରବିବାର ନିଆଁ ଲାଗି ୪୩ ଜୀବନ ଯାଇଛି। ଉକ୍ତ ବିଲ୍ଡିଂର ବିପଜ୍ଜନକ ସ୍ଥିତି ସମ୍ପର୍କରେ ପଡୋଶୀମାନଙ୍କୁ ଜଣାଥିଲେ ମଧ୍ୟ ଧମକ ଯୋଗୁ ସେମାନେ ପ୍ରତିବାଦ କରିବା ବଦଳରେ ନୀରବ ରହିବାକୁ ବାଧ୍ୟ ହୋଇଥିଲେ। ଦୁର୍ନୀତି ଓ କ୍ଷମତାର ଭୟ ସେମାନଙ୍କୁ ପ୍ରତିବାଦର ସ୍ୱର ଉଠାଇବାରୁ ବିରତ କରିଥିଲା ବୋଲି ଜଣେ ପଡୋଶୀ କହିଛନ୍ତି। ଫ୍ୟାକ୍ଟ୍ରି ମାଲିକଙ୍କ ବିରୋଧରେ ପୂର୍ବରୁ ପ୍ରତିବାଦ କରିଥିଲେ ଅନେକଙ୍କ ଜୀବନ ବଞ୍ଚିଯାଇପାରିଥାନ୍ତା ବୋଲି ସେ କହିଛନ୍ତି। ପତଳା କାନ୍ଥ ଦ୍ୱାରା ଘରଗୁଡିକୁ ବିଭାଜିତ କରିବା, ସଂକର୍ଣ୍ଣ ପ୍ରବେଶ ପଥ ଏବଂ ଉଚ୍ଚରେ ବିଦ୍ୟୁତ୍ ତାର ଝୁଲି ରହିଥିବାରୁ ଏହି ତଥାକଥିତ ଶିଳ୍ପାଞ୍ଚଳ ସବୁବେଳ ପାଇଁ ବିପଦପୂର୍ଣ୍ଣ ରହିଆସିଛି। କିଛିଦିନ ପୂର୍ବରୁ ସେଠାରେ ଆଉ ଏକ ଅଗ୍ନିକାଣ୍ଡ ଘଟି ୩/୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଧମକ ଓ ଲାଞ୍ଚ ଦେଇ ଏହାକୁ ଚାପି ଦିଆଗଲା ବୋଲି ଜଣେ ବାସିନ୍ଦା କହିଛନ୍ତି।

## ୟୁପିରେ ସ୍ଥାପନ ହେବ ୨୧୮ ଫାଷ୍ଟଟ୍ରାକ୍ କୋର୍ଟ

**ଲକ୍ଷ୍ନୌ,୯।୧୨(ପ.ଟି.)-**ବଳାତ୍କାର ଓ ଶିଶୁମାନଙ୍କ ବିରୋଧରେ ହେଉଥିବା ଅପରାଧ ମାମଲାଗୁଡ଼ିକର ଶୀଘ୍ର ଫଇସଲା ପାଇଁ ଉତ୍ତରପ୍ରଦେଶରେ ୨୧୮ଟି ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ୟୁପି କ୍ୟାବିନେଟ ସୋମବାର ମଞ୍ଜୁରୀ ପ୍ରଦାନ କରିଛି। ମହିଳା ବିରୋଧୀ ଅପରାଧକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଭଳି ମାମଲାଗୁଡ଼ିକର ତୁରନ୍ତ ବିଚାର କରାଯାଇ ଅପରାଧୀଙ୍କୁ ଦଣ୍ଡ ଦେବା ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ ଜରୁରୀ ବୋଲି ରାଜ୍ୟ ଆଇନମନ୍ତ୍ରୀ ବ୍ରଜେଶ ପାଠକ କହିଛନ୍ତି। ସେଥିରୁ ୧୪୪ଟି ଫାଷ୍ଟଟ୍ରାକ୍ କୋର୍ଟ ବଳାତ୍କାର ମାମଲା ଓ ୭୪ଟି କୋର୍ଟ ପୋକ୍ସୋ ଅଧୀନରେ ଆସୁଥିବା ମାମଲାଗୁଡିକର ଶୁଣାଣି କରିବେ ବୋଲି ସେ କହିଛନ୍ତି।

## ମିର୍ଚ୍ଚିଙ୍କ ବିରୋଧରେ ଚାର୍ଜଶିଟ୍

**ମୁମ୍ବାଇ,୯।୧୨-**ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଗ୍ୟାଙ୍ଗଷ୍ଟର ଇକ୍‌ବାଲ ମିର୍ଚ୍ଚିଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଚାର୍ଜଶିଟ୍ ଦାଖଲ କରିଛି। ୧୯୮୬ ସେପ୍ଟେମ୍ବରରେ ମିର୍ଚି ୬.୫ ଲକ୍ଷ ଟଙ୍କାରେ ୱର୍ଲିଠାରେ ସାର୍ ମହମ୍ମଦ ୟୁସୁଫ୍ ଟ୍ରଷ୍ଟର ୩ଟି ସମ୍ପତ୍ତି କିଣିଥିଲେ। ଇଡି ଏହାର ତଦନ୍ତ ଚଳାଇଛି।




- ହାଇଦ୍ରାବାଦ ଏନ୍‌କାଉଣ୍ଟର ମାମଲା

## ତଦନ୍ତ ଲାଗି ଏସ୍‌ଆଇଟି ଗଠିତ

**ହାଇଦ୍ରାବାଦ, ୯।୧୨**

ପ୍ରାଣୀ ଚିକିତ୍ସକ ପ୍ରିୟଙ୍କା ରେଡ୍ଡୀ ଗଣବଳାତ୍କାର ଓ ହତ୍ୟା ମାମଲାରେ ଗିରଫ ୪ ଅଭିଯୁକ୍ତଙ୍କୁ ତେଲଙ୍ଗାନା ପୋଲିସ ଏନ୍‌କାଉଣ୍ଟର କରି ମାରିବା ଘଟଣାର ତଦନ୍ତ ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିଛନ୍ତି। ଅଭିଯୁକ୍ତଙ୍କ ଉପରେ ପୋଲିସ ଗୁଳିମାଡ଼ର କାରଣ ଓ କେଉଁ ପରିସ୍ଥିତି ପୋଲିସକୁ ଗୁଳି ଚଳାଇବା ଲାଗି ବାଧ୍ୟ କଲା, ସେନେଇ ତଦନ୍ତ ହେବ ବୋଲି ଜଣାପଡ଼ିଛି। ପ୍ରକୃତରେ ଅଭିଯୁକ୍ତମାନେ ବନ୍ଧୁକ ଛଡ଼ାଇ ପୋଲିସ ଉପରକୁ ଗୁଳିମାଡ଼ କରିଛନ୍ତି କି ନାହିଁ, ତା'ର ମଧ୍ୟ ତଦନ୍ତ ହେବ। ରଚକୋଣ୍ଡା ପୋଲିସ କମିଶନର ମହେଶ୍ ଏମ୍ ଭଗୱତ୍‌ଙ୍କ ନେତୃତ୍ୱରେ ଗଠିତ ୮ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଏହାର ଟିକିନିଖି ତଦନ୍ତ କରିବ। ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଏହାର ତଦନ୍ତ କରାଯିବ। ତଦନ୍ତ ଶେଷହେବା ପରେ ଏସ୍‌ଆଇଟି ରିପୋର୍ଟ କୋର୍ଟରେ ଦାଖଲ କରିବ।

ଏନ୍‌କାଉଣ୍ଟର ମାମଲାରେ ଜାତୀୟ ମାନବାଧିକାର ସୁରକ୍ଷା କମିଶନ (ଏନ୍‌ଏଚ୍‌ଆର୍‌ସି) ପକ୍ଷରୁ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହାର ୭ଜଣିଆ କମିଟି ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟତା ଲୋକଲୋଚନକୁ ଆସିବ ବୋଲି କୁହାଯାଉଛି।

- ଏନ୍‌କାଉଣ୍ଟର ବିରୋଧରେ ପିଟିଶନ

### ତେଲଙ୍ଗାନା ହାଇକୋର୍ଟରେ ଶୁଣାଣି

**ନୂଆଦିଲ୍ଲୀ,୯।୧୨(ପ.ଟି.)**

ତେଲଙ୍ଗାନାର ୨୬ ବର୍ଷୀୟା ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଏନକାଉଣ୍ଟର ବିରୋଧରେ ଦାଏର ପିଟିଶନର ଶୁଣାଣି ସୋମବାର ଅନୁଷ୍ଠିତ ହୋଇଥିଲା। ୯ ତାରିଖ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ମୃତଦେହକୁ ସଂରକ୍ଷିତ ରଖିବାକୁ ଅଦାଲତ ଶୁକ୍ରବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନ୍‌କାଉଣ୍ଟରକୁ ନ୍ୟାୟ ପୂର୍ବରୁ ହତ୍ୟା ବୋଲି ଅଭିହିତ କରି ଅଦାଲତର ହସ୍ତକ୍ଷେପ ନିମନ୍ତେ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରାଯାଇଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ପୋଲିସଠାରୁ ବନ୍ଧୁକ ଛଡ଼ାଇ ଗୁଳି ଚଳାଇବାରୁ ସେମାନେ ଆତ୍ମରକ୍ଷା ପାଇଁ ଏନ୍‌କାଉଣ୍ଟର କରିଥିଲେ ବୋଲି ପୋଲିସ କହିଥିଲା। ଅନ୍ୟପକ୍ଷରେ ସୁପ୍ରିମକୋର୍ଟରେ ମଧ୍ୟ ଏନ୍‌କାଉଣ୍ଟର ହତ୍ୟା ବିରୋଧରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ ହୋଇଛି। ଅଦାଲତ ଏହାର ବିଚାର ସମ୍ପର୍କରେ ବୁଧବାର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ମାମଲାର ନିରପେକ୍ଷ ତଦନ୍ତ ଦାବିରେ ଆଇନଜୀବୀ ଜି.ଏସ୍. ମଣି ଏହି ପିଆଇଏଲ୍ ଦାଏର କରିଥିଲେ। ଜାତୀୟ ମାନବାଧିକାର କମିଶନର ଏକ ଟିମ୍ ମଧ୍ୟ ଘଟଣାର ତଦନ୍ତ କରୁଛନ୍ତି।








ଭଲ କାମଟିଏ କଲେ ବିଳମ୍ବରେ ହେଉ ପଛକେ ନିଶ୍ଚୟ ପୁରସ୍କାର ମିଳେ।
- ଭଲଟାୟାର



ଓଡ଼ିଶାରେ ଆର୍ଥିକ ମାନ୍ଦାବସ୍ଥା, କମୁଛି ରାଜସ୍ୱ




# ଜେଲରେ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା

**ଚୌଦ୍ୱାର,୯।୧୨(ଡି.ଏନ.ଏ):** ଚୌଦ୍ୱାର ସର୍କଲ ଜେଲରେ ସୋମବାର ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମାଳିସାହି ଗ୍ରାମର ଦେବ ପ୍ରକାଶ ବେହେରା(୨୧)। ଜେଲ କର୍ତ୍ତୃପକ୍ଷ ଚୌଦ୍ୱାର ଥାନାରେ କରିଥିବା ଲିଖିତ ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଜେଲ ପରିସରରେ ଥିବା ଏକ ଆମ୍ବ ଗଛରେ ଦେବ ବେକରେ ଏକ ଗାମୁଛା ଗୁଡ଼ାଇ ଆତ୍ମହତ୍ୟା କରିଥିଲେ। କର୍ତ୍ତୃପକ୍ଷ ଜାଣିବା ପରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି କଟକ ବଡ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜେଲ କର୍ତ୍ତୃପକ୍ଷଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ କଏଦୀ ଜଣକ କାହିଁକି ଓ କେଉଁ ପରିସ୍ଥିତିରେ ଏଭଳି କଲେ ତାହା ଜଣାପଡି ନାହିଁ। ଏଠାରେ ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଥିବାବେଳେ ଏଭଳି ଘଟଣାକୁ ନେଇ ଜେଲର ସୁରକ୍ଷା ବ୍ୟବସ୍ଥା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଗତ ଜୁନ ୨୦ତାରିଖରେ ତୃତୀୟ ଅତିରିକ୍ତ ଦୌରାଜଜ୍ଙ୍କ ପୋକ୍ସୋ କୋର୍ଟରୁ ଦେବ ଚୌଦ୍ୱାର ଜେଲକୁ ଆସିଥିଲେ।




## ଓଡ଼ିଶାକୁ ବିଶ୍ୱସ୍ତରୀୟ ସ୍ୱୀକୃତି

# ଜାଗା ମିଶନ ପାଇଁ 'ୱାର୍ଲଡ ହାବିଟାଟ' ପୁରସ୍କାର

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

ବସ୍ତିରେ ରହୁଥିବା ଲୋକମାନଙ୍କୁ ଥଇଥାନ କରିବା, ସେମାନଙ୍କୁ ଜମି ଅଧିକାର ଦେବା ଓ ଜୀବନ ଜୀବିକା ବିକାଶ କ୍ଷେତ୍ରରେ ନେଇଥିବା ପଦକ୍ଷେପ ପାଇଁ ରାଜ୍ୟ ସରକାରଙ୍କୁ 'ୱାର୍ଲଡ ହାବିଟାଟ'(ବିଶ୍ୱ ଆବାସସ୍ଥଳୀ) ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କୁ ଜାଗା ମିଶନ ଜରିଆରେ ଭୂମି ଅଧିକାର ଦେଇଥିବାରୁ ଏହି ପୁରସ୍କାର ମିଳିଛି। ରାଜ୍ୟର ବିଭିନ୍ନ ବସ୍ତିରେ ରହୁଥିବା ଲକ୍ଷାଧିକ ବସ୍ତିବାସିନ୍ଦାଙ୍କ ଜୀବନକୁ ସୁରକ୍ଷା ଦେଇଥିବାରୁ ସରକାରଙ୍କୁ ବିଶ୍ୱସ୍ତରରେ ସ୍ୱୀକୃତି ମିଳିପାରିଛି। ପ୍ରଥମ ଥର ଲାଗି ରାଜ୍ୟ ସରକାରଙ୍କୁ ବସ୍ତିର ବିକାଶ ପାଇଁ ଏଭଳି ଏକ ବିଶ୍ୱସ୍ତରୀୟ ପୁରସ୍କାର ମିଳି ପାରିଛି। ୱାର୍ଲଡ ହାବିଟାଟର ମୁଖ୍ୟ ଡେଭିଡ ଆର୍ୟଲାଣ୍ଡ କହିଛନ୍ତି ଯେ ଏହି ପ୍ରକଳ୍ପ ଯେ କେବଳ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେଇ ନାହିଁ ବରଂ ସେମାନଙ୍କର ଜୀବିକା ବିକାଶ କ୍ଷେତ୍ରରେ ମଧ୍ୟ ଅଭୁତ ପୂର୍ବ କାର୍ଯ୍ୟ କରିପାରିଛି ବୋଲି ସେ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେବାକୁ ଜାଗା ମିଶନ ଆରମ୍ଭ କରିଛନ୍ତି। ୨୦୧୭ ଅକ୍ଟୋବର ୧୬ ତାରିଖ ପୂର୍ବରୁ ଏନ୍ଏସି ଏବଂ ମ୍ୟୁନିସିପାଲିଟି ଗୁଡ଼ିକରେ ରହୁଥିବା ବସ୍ତି ଲୋକଙ୍କ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରାଯାଉଛି। ୧୦୯ଟି ପୌରାଞ୍ଚଳରେ ଜାଗା ମିଶନ କାର୍ଯ୍ୟକାରୀ ହେଉଛି। ମ୍ୟୁନିସିପାଲିଟିଗୁଡ଼ିକରେ ବସ୍ତି ଲୋକଙ୍କୁ ୪୮୯ ବର୍ଗଫୁଟ, ଏନ୍ଏସି ଅଞ୍ଚଳରେ ୬୪୬ ବର୍ଗଫୁଟର ସ୍ଥାୟୀ ଜମି ପଟ୍ଟା ଯୋଗାଇ ଦିଆଯାଉଛି। ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେଲେ ୩୨୩ ବର୍ଗଫୁଟ ଜାଗା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏହି ମିଶନ ପ୍ରଥମେ ପୁରୀ ମ୍ୟୁନିସିପାଲିଟିରୁ ଆରମ୍ଭ ହୋଇଥିଲା। ୨୦୧୮ରେ ଜାଗା ମିଶନ ମାଧ୍ୟମରେ ୧୦୯ଟି ପୌରାଞ୍ଚଳର ୫୦ହଜାର ପରିବାରଙ୍କୁ ଜମିପଟ୍ଟା ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ୩୫ ହଜାର ଜମି ପଟ୍ଟା ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଏବଂ ରାଉରକେଲା ଆଦି ୫ ମହାନଗର ନିଗମକୁ ଛାଡି ସମସ୍ତ ପୌରାଞ୍ଚଳରେ ୨ ଲକ୍ଷ ଲୋକଙ୍କୁ ଜମି ପଟ୍ଟା ଯୋଗାଇ ଦିଆଯିବ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି।

**ଚଳିତ ବର୍ଷ ବସ୍ତିବାସିନ୍ଦାଙ୍କୁ ମିଳିବ ୩୫ ହଜାର ଜମି ପଟ୍ଟା**




‘ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ପାଠାଗାର’ ପ୍ରତିଷ୍ଠା ଲାଗି ତତ୍ପରତା

# ଦିଲ୍ଲୀରେ ଜମି ମାଗିଲେ ନବୀନ

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

**କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଲେ**

ନୂଆଦିଲ୍ଲୀରେ ‘ଓଡ଼ିଶା ସାଂସ୍କୃତିକ କେନ୍ଦ୍ର ଓ ପାଠାଗାର’ ପ୍ରତିଷ୍ଠା ଲାଗି ସହଯୋଗ ଲୋଡ଼ି କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘଦିନ ହେଲା ରାଜ୍ୟ ସରକାରଙ୍କ ଦ୍ୱାରା ଏହା ପ୍ରତିଷ୍ଠା ହେବାକୁ ଉଦ୍ୟମ ଚାଲିଥିବାବେଳେ ଏନେଇ ଜମି ଯୋଗାଇଦେବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠିରେ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶା ସରକାର ନିଜସ୍ୱ ଉଦ୍ୟମରେ ଜମି ଅଧିଗ୍ରହଣ ପାଇଁ ଚେଷ୍ଟା କରୁଥିବାବେଳେ କେନ୍ଦ୍ର ହସ୍ତକ୍ଷେପ ଦ୍ୱାରା ଏହା ଶୀଘ୍ର ସମ୍ଭବ ହୋଇପାରିବ। ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଦିଲ୍ଲୀରେ ରହୁଥିବା ଓଡ଼ିଆମାନେ ବିଶେଷଭାବେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍କୃଷ୍ଟ ଐତିହ୍ୟ ଓ କଳାର ରାଜ୍ୟ ଓଡ଼ିଶା ଏକାଧିକ ଆଦିମ ଜନଜାତିଙ୍କ ବାସସ୍ଥଳୀ ହୋଇଥିବାବେଳେ କୃଷିପ୍ରଧାନ ରାଜ୍ୟ ଭାବେ ଏହାର ପରିଚୟ ରହିଛି। ଦକ୍ଷିଣ-ପଶ୍ଚିମ ଓଡ଼ିଶା ହେଉ ବା ଉତ୍ତର-ଉପକୂଳ ଓଡ଼ିଶା ସବୁଠାରେ ସ୍ୱତନ୍ତ୍ର କଳା, ସଂସ୍କୃତି, ଐତିହ୍ୟ ଓ ଜନଜୀବନ ଦେଖିବାକୁ ମିଳେ। ଏହି ବିବିଧ ସାଂସ୍କୃତିକ ପରିଭାଷାକୁ ଜାତୀୟ ମଞ୍ଚରେ ପହଞ୍ଚାଇବା ଓ ପ୍ରଚାର ପ୍ରସାର କରାଇବାର ଆବଶ୍ୟକତା ରହିଛି। ଓଡ଼ିଶୀ ନୃତ୍ୟକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ମିଳିଥିବାବେଳେ ଓଡ଼ିଆ ଭାଷା ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ପାଇଛି। ସେହିଭଳି ଓଡ଼ିଶାର ପାରମ୍ପରିକ ଖାଦ୍ୟ, ଚାଲିଚଳଣି, ହସ୍ତତନ୍ତ ଓ ହସ୍ତଶିଳ୍ପ, ବୟନକଳା, ଜନଜାତି ଚିତ୍ରକଳା ଆଦି ନିଜର ସ୍ୱତନ୍ତ୍ରତା ପାଇଁ ଦେଶ ଓ ଦେଶ ବାହାରେ ଲୋକପ୍ରିୟତା ଅର୍ଜନ କରିଛି। ହେଲେ ନିଜ କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତକୁ ଜାତୀୟ ରାଜଧାନୀରେ ଉପସ୍ଥାପନ କରିବା ପାଇଁ ଓଡ଼ିଶାର ଲୋକଙ୍କ ନିକଟରେ ନିଜସ୍ୱ ସ୍ଥାୟୀ କୋଠା କିମ୍ବା ସାଂସ୍କୃତିକ କେନ୍ଦ୍ର ନାହିଁ। ଦିଲ୍ଲୀରେ ସଂଖ୍ୟାଧିକ ଓଡ଼ିଆ ରହୁଥିବାବେଳେ ସେମାନେ ଓଡ଼ିଶାର ବିଭିନ୍ନ କଳାକୁ ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରୁଛନ୍ତି। ଏହି କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଦିଲ୍ଲୀକୁ ଆସୁଥିବା ବିଦେଶୀ ଓ ଦେଶୀୟ ପର୍ଯ୍ୟଟକ ଓଡ଼ିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟ ସଂସ୍ପର୍ଶରେ ଆସିବା ସହ ଓଡ଼ିଶା ଭ୍ରମଣରେ ଆସିବାକୁ ଆଗ୍ରହୀ ହେବେ। ଫଳରେ ପର୍ଯ୍ୟଟନ ଦୃଷ୍ଟିକୋଣରୁ ମଧ୍ୟ ଏହି କେନ୍ଦ୍ର ବିଶେଷ ଗୁରୁତ୍ୱ ବହନ କରିବ। ତାମିଲନାଡ୍ରୁ, କର୍ନାଟକ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟ ନିଜ ନିଜର ଭବନ ଓ ନିବାସ ବ୍ୟତୀତ ସାଂସ୍କୃତିକ ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିଗ୍ରହଣ କରିଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ମଧ୍ୟ କେନ୍ଦ୍ର ସରକାର ଏକ ଉଚିତ ସ୍ଥାନ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି।





" ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକ।
- ରାମକୃଷ୍ଣ ପରମହଂସ




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



କୁଏଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କିଛି ତଥ୍ୟ

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଚଳିତ ବର୍ଷ ନଭେମ୍ବର ୧ ସୁଦ୍ଧା ୧୦ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣ ଯୋଗାଇ ଦିଆଯାଇଛି।

– ଅର୍ଥ ମନ୍ତ୍ରଣାଳୟ

# ଉଚ୍ଛେଦ ହେଲା ମଙ୍ଗୁ ମଠ

ପୁରୀ ଅଫିସ, ୯।୧୨

- ୫୦ ପ୍ରତିଶତ ବ୍ୟବସାୟିକ କୋଠା ଭଙ୍ଗାଯାଇଛି
- ସୁରକ୍ଷିତ ରହିବ ମନ୍ଦିର, ଗାଦିଘର, ବିଜେସ୍ଥଳୀ
- ସୁରକ୍ଷା ନେଇ ବିଭିନ୍ନ ସ୍ତରରୁ ହୋଇଥିଲା ଉଦ୍ୟମ

ବହୁ ବାଦ ବିବାଦ ପରେ ଶେଷରେ ଉଚ୍ଛେଦ ହୋଇଛି ମଙ୍ଗୁ ମଠ। ସୋମବାର ମଠର ବ୍ୟବସାୟିକ କୋଠା ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ମଠକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ହୋଇଥିଲା। ଏମିତି କି ହାଇକୋର୍ଟରେ ମଧ୍ୟ ମାମଲା ଦାଏର କରାଯାଇଥିଲା। ହେଲେ ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଥିବା ଏହି ମଠର ବ୍ୟବସାୟିକ କୋଠାକୁ ସୁରକ୍ଷା ମିଳିପାରି ନ ଥିଲା। ପ୍ରଥମ ଦିନରେ ପ୍ରାୟ ୫୦ ପ୍ରତିଶତ ଭଙ୍ଗାଯାଇଛି। ଏହାକୁ ସମ୍ପୂର୍ଣ୍ଣ ଭାଙ୍ଗିବା ପାଇଁ ଆହୁରି ଦୁଇଦିନ ଲାଗିପାରେ ବୋଲି ପ୍ରଶାସନ କହିଛି।

ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଥିବା ଲଙ୍ଗୁଳି ମଠ, ଏମାର ମଠ ଏବଂ ବଡ଼ ଆଖଡା ମଠ ଭଙ୍ଗାଯିବା ପରେ ମଙ୍ଗୁ ମଠ ଉଚ୍ଛେଦ ଲାଗି ପ୍ରଶାସନ ପ୍ରସ୍ତୁତ ହୋଇଥିଲା। ମଠର ବ୍ୟବସାୟିକ କୋଠା ମାପଚୁପ ମଧ୍ୟ କରିଥିଲା। ହେଲେ ଏହାକୁ ନେଇ ଏକାଧିକ ପ୍ରତିବନ୍ଧକ ସାମ୍ନାକୁ ଆସିଥିଲା। ମଙ୍ଗୁ ମଠ ଉଚ୍ଛେଦ ହେଲେ ଗୁରୁ ନାନକଙ୍କ ଶ୍ରୀକ୍ଷେତ୍ର ଆଗମନ ସ୍ମୃତି ଲୋପ ପାଇଯିବ ବୋଲି ଦିଲ୍ଲୀ ଗୁରୁଦ୍ୱାର ପ୍ରବନ୍ଧକ କମିଟି ଜିଲାପାଳଙ୍କୁ ଭେଟି ଜଣାଇଥିଲେ। ସେହିପରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଏହି ମଠକୁ ନ ଭାଙ୍ଗିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ୍ କରିଥିଲେ। ମଠରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ନିଜ ନିଜ ସ୍ତରରେ ଏହାକୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରିଥିଲେ। ଏ ନେଇ ହାଇକୋର୍ଟରେ ମାମଲା ବି ଦାଏର ହୋଇଥିଲା। ଏହାସତ୍ତ୍ୱେ ପ୍ରଶାସନ ଦୁଇଦିନ ପୂର୍ବରୁ ମଠ ମହନ୍ତଙ୍କୁ ଡାକି ଉଚ୍ଛେଦ ସଂକ୍ରାନ୍ତରେ ଜଣାଇବା ସହ ଏଠାକାର ବ୍ୟବସାୟୀଙ୍କୁ ଜିନିଷପତ୍ର ଖାଲି କରିବାକୁ କହିଥିଲା। ରବିବାର ରାତି ସୁଦ୍ଧା ସବୁ ଜିନିଷପତ୍ର ଖାଲି ହେବା ପରେ ସୋମବାର ସକାଳୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ୪ ପ୍ଲାଟୁନ ଫୋର୍ସ, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସହ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଠାକୁ ଭଙ୍ଗାଯାଇଥିଲା। ଏହି ମଠରେ ଗୋଟିଏ ଲଜ୍, ହୋଟେଲ, ରେଷ୍ଟୁରାଣ୍ଟ ସହ ପ୍ରାୟ ୨୦ଟି ଦୋକାନ ରହିଥିଲା। ଏ ନେଇ ଅତିରିକ୍ତ ଜିଲାପାଳ ଦାଶ କହିଛନ୍ତି, ମଠର ମନ୍ଦିର, ଗାଦିଘର ଓ ଠାକୁରଙ୍କ ବିଜେସ୍ଥଳୀକୁ ବାଦ୍ ଦିଆଯାଇ ଆଉ ସବୁ ନିର୍ମାଣ ଭଙ୍ଗାଯିବ। ଏଥିପାଇଁ ସମସ୍ତଙ୍କ ସହ ଆଲୋଚନା ହୋଇଛି। ମଠ ଅନ୍ତେବାସୀଙ୍କୁ ଅନ୍ୟତ୍ର ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ବ୍ୟବସାୟୀମାନଙ୍କୁ ମଧ୍ୟ ଥଇଥାନ କରାଯିବ। ସେହିପରି ଉପଜିଲାପାଳ କହିଛନ୍ତି, ମଙ୍ଗୁ ମଠର ବ୍ୟବସାୟିକ କୋଠା ପ୍ରାୟ ୫୦ ପ୍ରତିଶତ ଭଙ୍ଗା ସରିଛି। ବ୍ୟକ୍ତିଗତ ପ୍ଲଟରୁ ଉଚ୍ଛେଦ ବେଳେ ମଣିକର୍ଣ୍ଣିକା ସାହିରେ ଯେଉଁ ବିଦ୍ୟୁତ୍ ଖୁଣ୍ଟ ଯୋଗୁ ସମସ୍ୟା ଉପୁଜୁଥିଲା ତାହାକୁ ହଟାଇ ଦିଆଯାଇଛି।

## ଅଧିକାରୀ ଉଠାଇଲେ ଉଚ୍ଛେଦ ଫଟୋ

ଏହି ଉଚ୍ଛେଦ ସମୟରେ ବହୁ ପ୍ରଶାସନିକ ଅଧିକାରୀଙ୍କୁ ଦେଖିବାକୁ ମିଳିଥିଲା। ତେବେ ପୂର୍ବରୁ କୌଣସି ଅଧିକାରୀ ଉଚ୍ଛେଦର ଫଟୋ ଉଠାଉ ନ ଥିଲେ। କାରଣ ଏହାର ଫଟୋ ଓ ଭିଡ଼ିଓ ରେକର୍ଡିଂ ପାଇଁ ସ୍ୱତନ୍ତ୍ର ଭାବେ ଲୋକଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ମଙ୍ଗୁ ମଠ ଭଙ୍ଗାଯିବା ବେଳର ଫଟୋ ପ୍ରାୟ ସବୁ ଅଧିକାରୀ ନିଜ ମୋବାଇଲରେ ଉଠାଉଥିଲେ। ଯେମିତି ଏଥିପାଇଁ କୌଣସି ସ୍ତରରୁ ଅଲିଖିତ ନିର୍ଦ୍ଦେଶ ରହିଛି ବୋଲି ଲାଗୁଥିଲା।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ପ୍ରଜ୍ଞାପାରମିତା ସାହୁ



ଅଙ୍କିତ୍ ନାୟକ



ଅଶୋକ କୁମାର ମହାନ୍ତି



ସୌଦାମିନୀ ମହାପାତ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱରାଶିରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ କାମଗୁଡ଼ିକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ ଏବଂ କାମ ମଧ୍ୟ ହୋଇଯିବ । ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ଜଳ, ତୈଳ, ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ ଏବଂ ପରିବହନ ପାଇଁ ମଧ୍ୟ ମନ୍ଦ ହେବନି । ସଙ୍ଗଠନ ଓ ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରି ପାରିବେ।

**ବୃଷ** ଆଜି ଆପଣ ଯାହାକୁ ଯାହା କହିବେ ସେହି ବ୍ୟକ୍ତି କଦାପି ଆପଣଙ୍କ କଥାକୁ ଅସ୍ୱୀକାର କରିବ ନାହିଁ। ଏହା ସଙ୍ଗକୁ ପ୍ରତ୍ୟେକ କ୍ଷେତ୍ରରେ ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। ପାଖ ପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ଜଗିରଖି ସତର୍କରେ ଚଳନ୍ତୁ, ନଚେତ୍ ଝମେଲା ବଢ଼ି ଯାଇପାରେ । ପରିବାରର ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ ଯାହାକି ଦୁଃଶ୍ଚିନ୍ତାର କାରଣ ହୋଇଯିବ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ । ଆଜିର ଯାତ୍ରା ସମୟରେ ଯାନ ବାହନରେ ସତର୍କ ରୁହନ୍ତୁ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ ଫଳରେ ଟେନ୍ସନ ଲାଗି ରହିବ। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ସାମାଜିକ ସ୍ତରରେ କିମ୍ବା ସଙ୍ଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** କାମ ହାସଲ ସକାଶେ ଅର୍ଥ ପ୍ରାପ୍ତିର ଉତ୍କଟ ଚିନ୍ତା ପରିଲକ୍ଷିତ ହେବ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ।

**କନ୍ୟା** ଆଜି ଯାହା ଚାହିଁବେ ତାହା ପାଇବେ ମାତ୍ର ସମୟୋପଯୋଗୀ କାର୍ଯ୍ୟଶୈଳୀ ଠିକ୍ ରହିବା ଦରକାର। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ ଅବଶ୍ୟ ବିଶେଷ ଅସୁବିଧା ହେବନାହିଁ। ସୁନା ଜିନିଷ କିମ୍ବା ମୂଲ୍ୟବାନ ବସ୍ତୁ କିଣା ବିକାରେ ସତର୍କତା ଅଭାବରୁ ଠକାମିରେ ପଡ଼ିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ସ୍ଥାପନ ଛଳରେ ପାଖେଇ ଆସିପାରେ।

**ତୁଳା** ପରିସ୍ଥିତି ଓ ପରିବେଶ ବଦଳି ଯିବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ପ୍ରଶାସନିକ କ୍ଷେତ୍ରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହୋଇପାରେ।

**ବିଛା** ବିକ୍ଷିପ୍ତ ଚିନ୍ତାଧାରା ସଙ୍ଗକୁ ଏକାଧିକ କାମରେ ଅନୁପ୍ରବେଶଜନିତ ନାନା ସମସ୍ୟାରେ ପଡ଼ି ବିରସ ମନରେ ରହିପାରନ୍ତି। କଳା, ସାହିତ୍ୟ ଓ ରାଜନୀତି, ଆଲୋଚନା,ସଭାସମିତି ପ୍ରଭୃତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିସ୍ଥିତିରେ ପଡି ବହୁତ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ** ସ୍ୱାସ୍ଥ୍ୟ ଠିକ୍ ରହିବା ସହ ମାନସିକ ସ୍ଥିତି ମଧ୍ୟ ବହୁତ ଭଲ ରହିବ । ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ । ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ଶିଳ୍ପ,ବାଣିଜ୍ୟରେ ଉନ୍ନତି କରିବେ । ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ ।

**ମକର** ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ବନ୍ଧୁ ସୁବିଧାରେ କରାଇ ଦେଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଶ୍ରବଣା ନକ୍ଷତ୍ର ସହଜରେ କାମ ହାସଲ କରିବେ।

**କୁମ୍ଭ** ଆଜି ଆପଣ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମୀନ** ପ୍ରତ୍ୟେକ ଦିଗ ଅନୁକୂଳ ରହିଲେ ମଧ୍ୟ ଅନ୍ୟ କେତେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ ହେତୁ କାମଗୁଡ଼ିକ ଅଟକି ଯିବାର ଆଶଙ୍କା ରହିଛି । ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ସାମୟିକ ମନ ଖୁସି ରହିବ। ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ । ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ ।

ଆଜି ମାର୍ଗଶିର ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ପାଷାଣ ଚତୁର୍ଦ୍ଦଶୀ ମଙ୍ଗଳବାର, ଅଦ୍ୟ ଗୀତା ଜୟନ୍ତୀ, ଡିସେମ୍ବର ୧୦ ତାରିଖ, ବିଶ୍ୱ ମାନବାଧିକାର ଦିବସ, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଘ୧୨।୧୩ମି. ଗତେ, ବୃଷ, ଚନ୍ଦ୍ର, ବିଛା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଦିବା୭।୪୧ମି. ଗତେ ଘ୮।୨୪ମି. ମଧ୍ୟେ ଅମୃତ ବେଳା। ସକାଳ ଘ୯।୦୦ମି.ଗତେ ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୨।୨୧ମି. ଗତେ ଘ୩।୪୨ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୪ ଅଭିଯୁକ୍ତ...

ରବିବାର ପୂର୍ବାହ୍ନ ୧୧ଟାରେ ଜଣେ ୩୭ ବର୍ଷୀୟା ମହିଳା ମୂର୍ଚ୍ଛିତ ଅବସ୍ଥାରେ ପଡିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଖବର ପାଇ ପୋଲିସ ସଂପୃକ୍ତା ମହିଳାଙ୍କୁ ଉଦ୍ଧାର କରି ଭୀମସାରରେ ଭର୍ତ୍ତି କରିଥିଲା। ସନ୍ଧ୍ୟା ୬ ଟାରେ ପୀଡିତା ମହିଳାଙ୍କ ଚେତା ଫେରିଥିଲା। ପୋଲିସ ପଚରାଉଚୁରା କରିବାରୁ ତାଙ୍କୁ ଗଣ ବଳାତ୍କାର କରାଯାଇଥିବା ଜଣାପଡିଥିଲା। ସଂପୃକ୍ତା ମହିଳା ରବିବାର ରାତି ୧୨ ଟାରେ ରେମେଡ ନିକଟସ୍ଥ ଏକ ଦୋକାନ ପାଖରେ ଛିଡା ହୋଇଥିଲେ । ଜଣେ ଯୁବକ(ଶିବ ଶଙ୍କର) ତାଙ୍କ ପାଖକୁ ଆସି ତୁମକୁ ଘରେ ଛାଡି ଦେବି ବୋଲି କହିଥିଲେ । ଯୁବକଙ୍କ କଥାରେ ବିଶ୍ୱାସ କରି ସଂପୃକ୍ତ ମହିଳା ତାଙ୍କ ବାଇକରେ ଘରକୁ ଆସୁଥିଲେ। ହେଲେ ବାଟରେ ଥିବା ଏକ ନିଛାଟିଆ ସ୍ଥାନକୁ ସେ ନେଇଯାଇଥିଲେ। ସେଠାରେ ବଳାତ୍କାର କରିଥିଲେ। ପରେ ତାଙ୍କୁ ଆଉ ୩ ଜଣ ଯୁବକ ବଳାତ୍କାର କରିଥିଲେ। ଏପରି କି ଅଭିଯୁକ୍ତମାନେ ତାଙ୍କୁ ଜୋରଜବରଦସ୍ତ ନିଶା ଦ୍ରବ୍ୟ ସେବନ କରାଇ ଦେଇଥିଲେ। ବଳାତ୍କାର ପରେ ସମସ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ଘଟଣା ପରେ ପୀଡିତା ବହୁ କଷ୍ଟରେ ଚାଲି ଚାଲି ଆସି ବରେଇପାଲି ଆସିଥିଲେ। ସେତେବେଳକୁ ଭୋର ହୋଇ ଆସୁଥିଲା। ଏହାପରଠୁ ତାଙ୍କର ଆଉ କିଛି ମନେ ନ ଥିବା ସଂପୃକ୍ତ ମହିଳା କହିଛନ୍ତି। ଏସ୍‌ପି ସିଂଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପ୍ରଥମେ ମୁଖ୍ୟ ଅଭିଯୁକ୍ତ ଶିବଶଙ୍କରଙ୍କୁ ତାଙ୍କୁ ଘରୁ ଗିରଫ କରିଥିଲା । ପରେ ଶିବଙ୍କୁ ଜେରା କରିବା ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ପୀଡିତାଙ୍କୁ ଜୋରଜବରଦସ୍ତ ନିଶାଦ୍ରବ୍ୟ ସେବନ କରାଯାଇଥିବାରୁ ତାଙ୍କ ଚେତା ଫେରିବାରେ ବିଳମ୍ବ ହୋଇଥିଲା ବୋଲି ପୋଲିସ କହିଛି । ଏହି ଘଟଣା ପରେ ଜିଲାସାରା ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନ ପକ୍ଷରୁ ତୁରନ୍ତ ପୀଡିତାଙ୍କୁ ନ୍ୟାୟ ଦେବା ସହ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦେବା ପାଇଁ ଦାବି କରାଯାଇଛି।

### ଚଳିତ ବର୍ଷ...

୨୮ ହଜାର ୯୮୬ କୁଇଣ୍ଟାଲ, ସମ୍ବଲପୁର ଜିଲାର ୪ହଜାର ୭୬୬ ଜଣଙ୍କ ଠାରୁ ୪ ଲକ୍ଷ ୨୮ ହଜାର ୯୪୮ କୁଇଣ୍ଟାଲ ଏବଂ ସୁବର୍ଣ୍ଣପୁର ଜିଲାର ୪ ହଜାର ୩୧୮ ଚାଷୀଙ୍କଠାରୁ ୩ ଲକ୍ଷ ୬୭ ହଜାର ୭୫୫ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସେହିପରି ଧାନ କିଣା ବାବଦକୁ ରାଜ୍ୟ ସରକାର ୫୨ ହଜାର ୯୨୬ ଚାଷୀଙ୍କୁ ୫୮ କୋଟି ୩୭ ଲକ୍ଷ ୫୦ ହଜାର ୮୪୮ କୋଟି ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

### କର୍ନାଟକରେ...

ପୂର୍ବ ନିର୍ବାଚନରେ ଏଚ୍.ଡି. ଦେବେଗୌଡାଙ୍କ ଜେଡିଏସ୍‌ର ୩ ବିଧାୟକ ଜିତିଥିଲାବେଳେ ଏଥର ଗୋଟିଏ ହେଲେ ଆସନ ହାତେଇପାରିନାହିଁ। କଂଗ୍ରେସ ଓ ଜେଡିଏସ୍‌ର ୧୭ ବିଧାୟକଙ୍କ ବିଦ୍ରୋହ ଯୋଗୁ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ୧୪ ମାସର କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଗତ ଜୁଲାଇରେ ଭୁଶୁଡି ପଡିଥିଲା ଏବଂ ୟେଦୁରପ୍ପାଙ୍କ ନେତୃତ୍ୱରେ ଭାଜପା ସରକାର ଗଢ଼ିଥିଲା। ଆସ୍ଥାଭୋଟରେ ଯୋଗଦେଇ ନଥିବା ୧୭ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯିବାରୁ ସମ୍ପୃକ୍ତ ଆସନଗୁଡ଼ିକ ଖାଲିପଡିଥିଲା। ସେଥିରୁ ୧୫ଟିରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ଆହୁରି ୨ ଆସନ ଖାଲି ରହିଛି। ୧୫ ନବନିର୍ବାଚିତ ବିଧାୟକଙ୍କ ସହିତ କର୍ନାଟକ ବିଧାନସଭାରେ ସଦସ୍ୟସଂଖ୍ୟା ୨୨୩କୁ ବୃଦ୍ଧି ପାଇଥିବାରୁ ସଂଖ୍ୟାଗରିଷ୍ଠତା ହାସଲ ପାଇଁ ଭାଜପାକୁ ଅନ୍ୟୂନ ୬ ଆସନରେ ଜିତିବା ଜରୁରୀ ଥିଲା। ଶାସକ ଭାଜପାର ସଦସ୍ୟ ସଂଖ୍ୟା ୧୦୫ରୁ ବଢ଼ି ୧୧୭ ହୋଇଥିବାରୁ ଏହା ସଂଖ୍ୟାଗରିଷ୍ଠତା ବଜାୟ ରଖିପାରିଛି। ଏଠାରେ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ଜନମତ) ଆକଳନ ସତ ପ୍ରମାଣିତ ହୋଇଛି।

### ନୂଆ ପିଆଜ...

ବର୍ତ୍ତମାନ ୨୫ରୁ ୩୦ କୁଇଣ୍ଟାଲ ଉତ୍ପାଦନ ହେଉଛି। ଦେଶରେ ଦୈନିକ ୧୨ରୁ ୧୩ ଲକ୍ଷ ମେଟ୍ରିକ ଟନ ପିଆଜର ଆବଶ୍ୟକତା ଥିବାବେଳେ କେନ୍ଦ୍ର ସରକାର ଇଜିପ୍ଟ ଓ ଅନ୍ୟ ଦେଶରୁ ମାତ୍ର ୧ ଲକ୍ଷ ମେଟ୍ରିକ ଟନ ପିଆଜ ଆମଦାନି କରିଛନ୍ତି। ଯାହାକି ସମୁଦ୍ରକୁ ଶଙ୍ଖେ। ଏହା ସ୍ଥାୟୀ ସମାଧାନ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି। ଦେଶରେ ଉତ୍ପାଦନ ହେଉଥିବା ନୂଆ ପିଆଜ ଚଳିତ ମାସ ଶେଷ ସପ୍ତାହ କିମ୍ବା ଜାନୁୟାରୀ ପ୍ରଥମ ସପ୍ତାହ ସୁଦ୍ଧା ବଜାରକୁ ଆସିବା ସମ୍ଭାବନା ରହିଛି। ଏହା ପରେ ଦର୍ ହ୍ରାସ ପାଇବ। ଆଗରୁ ରାଜ୍ୟକୁ ୫୦ ଟ୍ରକ ପିଆଜ ଆସୁଥିବାବେଳେ ଗତ କିଛିଦିନ ହେବ ଗୋଟିଏ କିମ୍ବା ଆଦୌ ପିଆଜ ଗାଡି ଆସୁ ନାହିଁ ନୂଆ ପିଆଜ ଆସିଲା ପରେ ଦର୍ କମିବ ବୋଲି ମନ୍ତ୍ରୀ କହିଛନ୍ତି।

### ଦାୟିତ୍ୱ ନେଲେ...

ପରେ ତାଙ୍କୁ ତାଙ୍କ ନୂଆ ଚାମ୍ବରକୁ ପାଛୋଟି ନିଆଯାଇଥିଲା। ସେଠାରେ ଅନ୍ତରୀଣ ଡିଜି ଭାବେ କାର୍ଯ୍ୟ ତୁଲାଉଥିବା ସତ୍ୟଜିତ ମହାନ୍ତି ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ଅଭୟ ତାଙ୍କ କାର୍ଯ୍ୟପନ୍ଥା ବିଷୟରେ ଖବରଦାତାଙ୍କୁ ଅବଗତ କରାଇଥିଲେ। ମୁଖ୍ୟତଃ ୬ଟି ଦିଗକୁ ସେ ପ୍ରାଧାନ୍ୟ ଦେବେ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ମୋ ସରକାର ଯୋଜନାରେ ଲୋକମାନଙ୍କ ଅଭିଯୋଗର ସମାଧାନକୁ ବିଶେଷ ଗୁରୁତ୍ୱ ଦିଆଯିବ। ସେହିପରି ୫-ଟି ଦ୍ୱାରା ପୋଲିସ କାର୍ଯ୍ୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ଉନ୍ନତମାନର ତଦନ୍ତ କରି ମହିଳାଙ୍କ ପ୍ରତି ବଢୁଥିବା ଅପରାଧ ନିୟନ୍ତ୍ରଣକୁ ଆଣିବା ଉପରେ ଗୁରୁତ୍ୱ ଦିଆଯିବା ସହ ମାଓବାଦୀ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା କାର୍ଯ୍ୟ ତ୍ୱରାନ୍ୱିତ ହେବ। ରାଜ୍ୟରେ ଚାଲିଥିବା ମାଫିଆମାନଙ୍କୁ ଦୃଢ଼ହସ୍ତରେ ଦମନ କରାଯିବ ଓ ପୋଲିସର ତଦନ୍ତ ମାନକୁ ବୃଦ୍ଧି କରାଯିବ ବୋଲି ସେ କହିଥିଲେ। ଅଭୟ ପୋଲିସ ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଜର ଦକ୍ଷତା ପ୍ରତିପାଦନ କରିସାରିଛନ୍ତି। ସେ ପୂର୍ବରୁ ସେ ହାଇଦ୍ରାବାଦସ୍ଥିତ ଜାତୀୟ ପୋଲିସ ଏକାଡେମୀରେ ଡିଜି ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ତଳେ ବିଜୟ କୁମାର ଶର୍ମାଙ୍କୁ ଏହି ପଦବୀରୁ ହଟାଯିବା ପରେ ସତ୍ୟଜିତ୍ ମହାନ୍ତି ଅନ୍ତରୀଣ ଡିଜି ଭାବେ କାର୍ଯ୍ୟ କରୁଥିଲେ।


## classifieds Everyday
0674-2580101, 2549302

automobile

**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185

real estate

**SALE**

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68433

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି- 9348817649, 6371569855. D-68443

ଭୁବନେଶ୍ୱର Tamandoରେ yellozone plot 30ft ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex, 9348767829. D-68441

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-68911

Fully developed 30'road, electricity, Gharabari residential corner plot at canalroad, Hanspal @7,80,000/- 9437033320. D-68444

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68445

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft.650/- 7008045582, 9692003948. D-15642

Flat for sale of 2/3BHK at Patrapada (walkable distance from N.H.) Bhubaneswar. Contact: 7008420151, 9337834312. D-68623

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68913

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies/ gents smart experts therapist- 8480939300. D-68712

Refresh your mind and soul with best therapy at Orchid Salon/Spa. 9937287222. D-68716

Ayurvedic full body massage ladies and gents. Contact: 9861064981. D-68715

Ayurvedic full body massage ladies & gents smart therapist, 9668814589. D-68719

Full body herbal massage with refreshment expert therapist. 7381239385, 06 742540855. D-68915

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Summer special mesmerizing offer expert therapeutic refreshing massage appointment. 9668374480. D-68918

astrology

ବାସ୍ତୁ Related ସମସ୍ୟାର permanent solution ପାଇଁ ନିର୍ଭରଯୋଗ୍ୟ ଅନୁଷ୍ଠାନ "AkankshyaVastu", 7978736177. D-68221

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମୁଁ ପିଲାବେଳେ ଗୋଟେ ଝିଅ ଭଳି ଦିଶୁଥିଲି। ଲମ୍ବା ଚୁଟି ଥିଲା। ଜଣେ ହିରୋ ଭାବେ ମୋତେ କେହି ଦେଖୁ ନ ଥିଲେ।
- ସୈଫ୍ ଅଲ୍ଲୀ ଖାନ୍, ବଲିଉଡ୍ ଅଭିନେତା

# ନବଦମ୍ପତିଙ୍କୁ ପିଆଜ ଉପହାର

**ଚେନ୍ନାଇ:** ତାମିଲନାଡୁରେ ପିଆଜ କିଲୋ ୨ ଶହ ଟଙ୍କାରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ଆୟୋଜିତ ଏକ ବିବାହ ଭୋଜିରେ ଅତିଥିମାନେ ନବ ଦମ୍ପତିଙ୍କୁ ଅଢ଼େଇ କିଲୋ ପିଆଜ ଉପହାର ଦେଇଛନ୍ତି। ସ୍ଥାନୀୟ କୁଡ୍ଡାଲୋରରେ ହୋଇଥିବା ବିବାହ ଭୋଜିରେ ଶାହୁଲ ଏବଂ ସବରିନାଙ୍କ ବିବାହରେ ତାଙ୍କ ୬ ଜଣ ବନ୍ଧୁ ଏଭଳି କରିଛନ୍ତି। ଭୋଜିରେ ପିଆଜ ବିନା କୌଣସି ମେନ୍ୟୁ ପ୍ରସ୍ତୁତ କରିବା ଅସମ୍ଭବ। ତେଣୁ ଶାହୁଲଙ୍କୁ ଏହି ଉପହାର ଦେବା ପାଇଁ ଆମେ ଚିନ୍ତା କରିଥିଲୁ ବୋଲି ଜି. ଚେତନ କହିଛନ୍ତି। ଗୋଟିଏ ଦିନ ପୂର୍ବରୁ ପିଆଜ କିଲୋ ୧୯୫ ଟଙ୍କା ଥିଲା। ତେବେ ସେମାନେ ୫୦୦ଟଙ୍କାରେ ଉପହାର ଲାଗି ପିଆଜ କିଣିଥିବା ଚେତନ କହିଛନ୍ତି। ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।



# ପୁଣି ଫେରିବେ ସୁସ୍ମିତା



**ମୁମ୍ବାଇ:** ୯୦ ଦଶକର ପିଢ଼ି ବଲିଉଡ୍ ନାୟିକା ସୁସ୍ମିତା ସେନ୍ ଓରଫ୍ ସୁସ୍‌ଙ୍କ ଜଲୱା ଆଜି ଯାଏ ଭୁଲିପାରି ନ ଥିବେ। 'ଦିଲ୍‌ବର୍..ଦିଲ୍‌ବର୍', 'ଚୂନ୍‌ରୀ..ଚୂନ୍‌ରୀ', 'ତୁମ୍‌ହେ ଯୋ ମୈନେ ଦେଖା..' ଭଳି ବଲିଉଡ୍ ହିଟ୍‌ସରେ ସୁସ୍ ନିଜ ଫ୍ୟାନ୍‌ମାନଙ୍କ ଦିଲ୍ ଖୁସ୍ କରିଦେଇଛନ୍ତି। ଆଜି ବି ତାଙ୍କ ଆକ୍ଟିଂ, ଡ୍ୟାନ୍ସ ଆଉ ବ୍ୟକ୍ତିତ୍ୱ ଫ୍ୟାନ୍‌ମାନଙ୍କୁ ବାନ୍ଧି ରଖିଛି। ଆପଣ ବି ଯଦି ମିସ୍ ୟୁନିଭର୍ସ ସୁସ୍ମିତା ସେନ୍‌ଙ୍କ ଫ୍ୟାନ୍, ତେବେ ଆପଣଙ୍କ ପାଇଁ ରହିଛି ଏକ ଖୁସି ଖବର। ପ୍ରାୟ ୧୦ ବର୍ଷର ବ୍ରେକ୍ ପରେ ପୁଣିଥରେ ସିଲଭର୍ ସ୍କ୍ରିନ୍‌କୁ ଫେରିବେ ସୁସ୍ମିତା ସେନ୍। ଏନେଇ ସେ ନିଜେ ସ୍ପଷ୍ଟ କରିଛନ୍ତି। ସୁସ୍ ବଲିଉଡ୍ ଛାଡ଼ିବାର ଇତି ମଧ୍ୟରେ ୧୦ ବର୍ଷ ହୋଇଗଲାଣି। ହେଲେ ସେ ନିଜ ଫ୍ୟାନ୍‌ମାନଙ୍କୁ ବିଲ୍‌କୁଲ୍ ଅଣଦେଖା କରିନାହାନ୍ତି। ସୋସିଆଲ ମିଡିଆରେ ସେ ପ୍ରାୟତଃ ନିଜର ଏବଂ ନିଜ ବୟଫ୍ରେଣ୍ଡ୍ ତଥା ଝିଅମାନଙ୍କ ଫଟୋ ଆଉ ଅପଡେଟ୍ସ ଦେଇ ଫ୍ୟାନ୍‌ମାନଙ୍କ ସହ ଯୋଡ଼ିହୋଇ ରହିଥାନ୍ତି। ଏହି କ୍ରମରେ ନିକଟରେ ସେ ସୋସିଆଲ ମିଡିଆରେ ବଲିଉଡ୍ ବ୍ୟାକ୍ କରୁଥିବା ନେଇ ଖୁଲାସା କରିଛନ୍ତି।

ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ସୁସ୍ ଏକ ଫଟୋ ଶେୟାର କରି ଲେଖିଛନ୍ତି, ଆପଣମାନେ ଧୈର୍ଯ୍ୟର ସହ ମୋତେ ଭଲପାଇବା ଦେଇଥିବାରୁ ମୁଁ ତା'କୁ ସମ୍ମାନ ଜଣାଉଛି। ଏହି କାରଣରୁ ମୁଁ ମୋ ଫ୍ୟାନ୍‌ମାନଙ୍କ ଫ୍ୟାନ୍ ହୋଇଯାଇଛି। ମୋ ଫ୍ୟାନ୍‌ମାନେ ବିନା ସର୍ତ୍ତରେ ସ୍କ୍ରିନ୍‌ରେ ମୋତେ ଦେଖିବାକୁ ୧୦ ବର୍ଷରୁ ଅଧିକ ସମୟ ଅପେକ୍ଷା କରିଛନ୍ତି। କୌଣସି ସର୍ତ୍ତ ନ ରଖି ମୋତେ ପ୍ରୋତ୍ସାହିତ କରିଛନ୍ତି। ମୁଁ କେବଳ ଆପଣମାନଙ୍କ ପାଇଁ ଫେରୁଛି ବୋଲି ସୁସ୍ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଲେଖିଛନ୍ତି। ଅନ୍ୟପକ୍ଷରେ ସୁସ୍‌ଙ୍କ ବଲିଉଡ୍ ଫେରିବା ବିଷୟ ଜାଣିବା ପରେ ଫ୍ୟାନ୍‌ମାନେ ଖୁବ୍ ଉତ୍ସାହିତ ଅଛନ୍ତି। ଏନେଇ ତାଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଉଛନ୍ତି। 'ମୈ ହୁଁ ନା', 'ବିବି ନଂ-୧', 'ସିର୍ଫ୍ ତୁମ୍', 'ଆଙ୍ଖେଁ', 'କ୍ୟୁଁ କି ମୈ ଝୁଠ୍ ନହିଁ ବୋଲ୍‌ତା' ଭଳି ବଲିଉଡ୍ ହିଟ୍ ଫିଲ୍ମରେ ଦମ୍‌ଦାର ଅଭିନୟ କରିଛନ୍ତି। ୧୯୯୪ରେ ମାତ୍ର ୧୮ ବର୍ଷ ବୟସରେ ସେ ଭାରତର ପ୍ରଥମ ମହିଳା ଭାବେ 'ମିସ୍ ୟୁନିଭର୍ସ' କ୍ରାଉନ୍ ପିନ୍ଧି ଦେଶକୁ ଗର୍ବିତ କରିଥିଲେ।

# ପୁଣି ଅନନ୍ୟାଙ୍କୁ ମିଳିଲା କରନଙ୍କ ଅଫର୍



**ମୁମ୍ବାଇ:** ବଲିଉଡ୍ ଷ୍ଟାର କିଡ୍ ଅନନ୍ୟା ପାଣ୍ଡେଙ୍କ ହାତରେ ଏବେ ଅଫର୍ ଉପରେ ଅଫର୍। ନିକଟରେ ତାଙ୍କ ଅଭିନୀତ ଫିଲ୍ମ 'ପତି ପତ୍ନୀ ଔର ୱ' ହିଟ୍ ହେବା ପରେ ପୁଣିଥରେ ଧର୍ମା ପ୍ରଡକସନରୁ ତାଙ୍କୁ ନେକ୍ସ ଫିଲ୍ମ ପାଇଁ ଅଫର୍ ମିଳିଥିବା ଜଣାପଡିଛି। ତାଙ୍କ ପ୍ରଥମ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର' ଫ୍ଲପ୍ ହେବା ପରେ କିନ୍ତୁ ଏବେ 'ପତି ପତ୍ନୀ ଔର ୱ' ତାଙ୍କୁ ସଫଳତା ଆଣି ଦେଇଛି। ଅବଶ୍ୟ ଏବେ ସେ କରନ ଜୋହରଙ୍କ ଫିଲ୍ମରେ ବି ଲିଡ୍ ରୋଲରେ ଆସୁ ନାହାନ୍ତି। କାରଣ ଏଥିରେ ଲିଡ୍ ରୋଲରେ ଆସିବେ ଦୀପିକା ପାଦୁକୋନ ଓ ଅନନ୍ୟା ଆସିବେ ସେକେଣ୍ଡ ଲିଡ୍ ରୋଲ୍‌ରେ। ଶକୁନ ବତ୍ରା ଏହାର ନିର୍ଦ୍ଦେଶକ ଭାବେ କାମ କରିବେ। ସେ ପୂର୍ବରୁ କରନଙ୍କ ସହ 'ଏକ ମେଁ ଔର ଏକ ତୁ' ଓ 'କପୁର ଆଣ୍ଡ ସନ୍ସ'ରେ କାମ କରି ସାରିଛନ୍ତି। ଏହା କରନଙ୍କ ସହ ଶକୁନଙ୍କର ତୃତୀୟ ଫିଲ୍ମ ହେବ। ହେଲେ ଏହି ଫିଲ୍ମରେ ଅନନ୍ୟାଙ୍କ ସହକଳାକାରଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

# ବିଳମ୍ବ ଯୋଗୁ ଶିଶୁପାଳ ହେଲେ ବର

**ବିଜ୍‌ନୋର(ଉତ୍ତରପ୍ରଦେଶ):** ବିବାହ ସମୟରେ ବରଯାତ୍ରୀଙ୍କ ପାଇଁ ଅନେକ ସମୟରେ କନ୍ୟାର ବାପଘର ଲୋକଙ୍କୁ ହଟହଟା ହେବାକୁ ପଡ଼ିଥାଏ। ଖାସ୍ ସେଥିପାଇଁ ବରଯାତ୍ରୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ କନ୍ୟାଘର ଲୋକେ ସବୁ ଉଦ୍ୟମ କରନ୍ତି। ହେଲେ ଉତ୍ତରପ୍ରଦେଶର ବିଜ୍‌ନୋର ଜିଲା ଅଧୀନ ନଙ୍ଗଲଜାତ ଗ୍ରାମରେ କିଛି ଭିନ୍ନ ଘଟଣା ଦେଖିବାକୁ ମିଳିଛି। ବିବାହ ପାଇଁ ଡେରିରେ ଆସି ବର ଶିଶୁପାଳ ହୋଇ ଫେରିବା ସହ ବରଯାତ୍ରୀଙ୍କୁ ମଧ୍ୟ ହଟହଟା ହେବାକୁ ପଡ଼ିଛି। ବରଯାତ୍ରୀ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ପହଞ୍ଚିବାରୁ କନ୍ୟାଘର ଲୋକେ ବର ଏବଂ ବରଯାତ୍ରୀଙ୍କୁ ଅପମାନିତ କରିବା ସହ ସେମାନଙ୍କୁ ତାଲା ପକାଇଥିଲେ। ଏଥିସହ ବର ପକ୍ଷରୁ ଯୌତୁକ ଦାବି କରାଯାଇଥିବା କନ୍ୟାଘର ପକ୍ଷରୁ ଅଭିଯୋଗ ଆଣିଥିଲେ। ଅପରପକ୍ଷରେ କନ୍ୟାଘର ଲୋକେ ମୂଲ୍ୟବାନ ଜିନିଷ ଛଡ଼ାଇ ନେଇଥିବା ବର ଘର ପକ୍ଷରୁ ମଧ୍ୟ ଅଭିଯୋଗ କରିଛନ୍ତି। ତେବେ ବଡ଼ କଥା ହେଲା, ଘଟଣା ପରେ ବର ନିଜ ଘରକୁ ଫେରିଥିବାବେଳେ କନ୍ୟା ଅନ୍ୟ ଜଣେ ଯୁବକଙ୍କୁ ବିବାହ କରିଥିଲେ। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

# ପ୍ରଥମ ମାଙ୍କଡ଼-ଘୁଷୁରି ହାଇବ୍ରିଡ୍

**ବେଜିଂ:** ନ୍ୟୁ ସାଇଣ୍ଟିଷ୍ଟର ଏକ ରିପୋର୍ଟ ମୁତାବକ, ଚାଇନାର ବୈଜ୍ଞାନିକମାନେ ଘୁଷୁରି ଭ୍ରୂଣରେ ମାଙ୍କଡର କୋଷକୁପ୍ରବେଶ କରାଇ 'କାଇମେରା ପିଗଲେଟ' (ଆଇଭିଏଫ୍ ଟେକ୍‌ନିକ୍‌ରେ ବିକାଶ କରାଯାଇଥିବା ଘୁଷୁରି ଛୁଆ) ଜନ୍ମ କରାଇବାରେ ସକ୍ଷମ ହୋଇଛନ୍ତି। ଏହାର ସବୁ ଅଙ୍ଗରେ ମାଙ୍କଡର କୋଷ ରହିଛି। ବିଜ୍ଞାନରେ ଏଭଳି ପ୍ରାଣୀକୁ କାଇମେରା କୁହାଯାଏ, ଯାହା ଶରୀରରେ ଏକାଧିକ ପ୍ରଜାତିର ପ୍ରାଣୀଙ୍କ କୋଷ ରହିଥାଏ। ବେଜିଂର ଲାବୋରେଟାରି ଅଫ୍ ଷ୍ଟେମ୍‌ସେଲ୍ ଆଣ୍ଡ୍ ରିପ୍ରଡକ୍ଟିଭ ବାୟୋଲୋଜିର ବୈଜ୍ଞାନିକମାନେ ଏହି ସଫଳତା ପାଇପାରିଛନ୍ତି। ଗବେଷଣାରେ ସାମିଲ ଟିମ୍‌ର ମୁଖ୍ୟ ତେଙ୍ଗ୍ ହେ କୁହନ୍ତି, ମାଙ୍କଡ଼ର କୋଷରୁ ଏକ ଫ୍ଲୋରୋସେଣ୍ଟ ପ୍ରୋଟିନ୍ ବିକାଶ କରିବା ପରେ ତାହାକୁ ଘୁଷୁରି ଭ୍ରୂଣରେ ପ୍ରବେଶ କରାଯାଇଥିଲା। ଏହି ଗବେଷଣାରେ ୪,୦୦୦ ଘୁଷୁରି ଭ୍ରୂଣ ଉପଯୋଗ କରାଯାଇଥିଲା। କିନ୍ତୁ ଶେଷରେ ମାଙ୍କଡ -ଘୁଷୁରିର ଦୁଇଟି ହାଇବ୍ରିଡ କାଇମେରା ପିଗଲେଟ୍‌କୁ ଜନ୍ମ ଦେବାରେ ବୈଜ୍ଞାନିକମାନେ ସକ୍ଷମ ହୋଇଥିଲେ। ଏହି ଦୁଇ ପିଗଲେଟ ସପ୍ତାହ ମଧ୍ୟରେ ମରିଯାଇଛନ୍ତି। ପ୍ରାଣୀଙ୍କ ମଧ୍ୟରେ କିପରି ମାନବ ଅଙ୍ଗ ବିକାଶ କରାଯାଇପାରିବ ତାହା ଏହି ଗବେଷଣାର ଲକ୍ଷ୍ୟ ଥିଲା ବୋଲି କହିଛନ୍ତି ବୈଜ୍ଞାନିକମାନେ। ଏହା ପୂର୍ବରୁ ୨୦୧୭ରେ ସାନ ଡିଏଗୋରେ ମାନବ-ଘୁଷୁରି ହାଇବ୍ରିଡ୍ ବିକାଶ କରାଯାଇଥିଲା ଯାହାର ୨୮ ଦିନ ପରେ ମୃତ୍ୟୁ ହୋଇଥିଲା।



# ହନୁମାନ ମନ୍ଦିରକୁ ୨ କୋଟିର ଆୟକର ନୋଟିସ

**ଇନ୍ଦୋର:** ଇନ୍ଦୋରସ୍ଥିତ ପ୍ରାଚୀନ ରଣଜିତ ହନୁମାନ ମନ୍ଦିରକୁ ଆୟକର ବିଭାଗ ଦ୍ୱାରା ୨ କୋଟି ଟଙ୍କା ଜମା କରିବା ପାଇଁ ନୋଟିସ ଜାରି କରାଯାଇଛି। ୨୦୧୬ରେ ବିମୁଦ୍ରୀକରଣ ପରେ ଏହି ମନ୍ଦିରର ଦାନବାକ୍ସରୁ ୨୬ ଲକ୍ଷ ଟଙ୍କାରୁ ଅଧିକ ମିଳିଥିଲା। ଏହାକୁ ମନ୍ଦିର ପ୍ରଶାସନ ବ୍ୟାଙ୍କରେ ଜମା କରିଥିଲା। ଏକକାଳୀନ ଏତେ ଟଙ୍କା ଜମା ହେବା ପରେ କମ୍ପ୍ୟୁଟରର ର୍‍ୟାଣ୍ଡମ ସ୍କ୍ରୁଟିନିଂରେ ଏହି ମାମଲା ଉପରେ ସନ୍ଦେହ ପ୍ରକଟ କରାଯିବା ପରେ ଆୟକର ବିଭାଗର ଅଧିକାରୀମାନଙ୍କ ପାଖରେ ପହଞ୍ଚିଥିଲା। ପରେ ମନ୍ଦିରର ଆୟ ଉପରେ ଖୋଳତାଡ କରାଯିବା ପରେ ମନ୍ଦିରକୁ ଦାନ କରାଯାଇଥିବା ଟଙ୍କା ପୂରା ୨ କୋଟି ରହିଥିଲା ବୋଲି ଜଣାପଡିଥିଲା। କିନ୍ତୁ ମନ୍ଦିର ଟ୍ରଷ୍ଟ ଆୟକର ନିୟମ ଅନୁଯାୟୀ ପଞ୍ଜିକୃତ ହୋଇ ନ ଥିବାରୁ ଆୟକର ନିୟମାନୁସାରେ ୭୭ ପ୍ରତିଶତ ଟ୍ୟାକ୍ସ ଓ ଏଥିପଇଁ ଫାଇନ୍‌କୁ ମିଶାଇ ପାଖାପାଖି ୨ କୋଟି ଟ୍ୟାକ୍ସ ଡିମାଣ୍ଡ କରାଯାଇଛି। ମନ୍ଦିର ଟ୍ରଷ୍ଟକୁ ଆୟକର ନୋଟିସ ମିଳିବା ପରେ ଏ ସମ୍ପର୍କରେ ସେମାନେ ପ୍ରଶାସନକୁ ଜଣାଇ ନ ଥିଲେ।



କିନ୍ତୁ ପରେ ମନ୍ଦରି ପ୍ରଶାସକ ଓ ଏସ୍‌ଡିଏମ୍ ରବି କୁମାର ସିଂହ ଏ ବାବଦରେ ଜାଣିବା ପରେ ଆୟକର ବିଭାଗର ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। କିନ୍ତୁ ଆୟକର ବିଭାଗର ଅଧିକାରୀମାନେ କହିଛନ୍ତି, ଖଜରାନା ମନ୍ଦିର ଭଳି ରଣଜିତ ହନୁମାନ ମନ୍ଦିର ନିୟମ ମୁତାବକ ପରିଚାଳିତ ହେଉନାହିଁ କି ଆୟକର ବିଭାଗ ଛାଡ ନିୟମ ଅନୁସାରେ ପଞ୍ଜିକୃତ ହୋଇନାହିଁ।

## ଜଳବାୟୁ ପରିବର୍ତ୍ତନର ପ୍ରଭାବ

# ସମୁଦ୍ରରେ କମୁଛି ଅମ୍ଳଜାନ

**ମାଡ୍ରିଡ୍:** ଜଳବାୟୁ ପରିବର୍ତ୍ତନର ସବୁଠାରୁ ଭୟଙ୍କର ପ୍ରଭାବ ପଡ଼ିଛି ସାମୁଦ୍ରିକ ଜୀବନ ଉପରେ। ପ୍ଲାଷ୍ଟିକ ବର୍ଜ୍ୟକୁ ନେଇ ନିଜ ଭିତରେ ନୀରବ ଯୁଦ୍ଧ କରୁଥିବା ସମୁଦ୍ର ଏବେ ଅନୁଭବ କରୁଛି ଅମ୍ଳଜାନର ଅଭାବ। ଏହି କାରଣରୁ ସାମୁଦ୍ରିକ ଜୀବ, ଧୀବରଙ୍କ ସମେତ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉପରେ ସଙ୍କଟ ବଢ଼ିବାରେ ଲାଗିଛି। ଏହାକୁ ନେଇ ଚେତାବନୀ ଜାରି କରିଛି ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍)। ସାରା ପୃଥିବୀର ଏପରି ୭୦୦ ସ୍ଥାନ ଚିହ୍ନଟ କରାଯାଇଛି, ଯେଉଁଠାରେ ଅମ୍ଳଜାନର ମାତ୍ରା ହ୍ରାସ ପାଇଛି। ୧୯୬୦ ସର୍ଭେରେ ଏହି ସ୍ଥାନ ସଂଖ୍ୟା ଥିଲା ୪୫। ଚଳିତ ସର୍ଭେରେ ଏହା ୪ଗୁଣା ବଢ଼ିଛି। କେବଳ ଏତିକି ନୁହେଁ, ଚିହ୍ନଟ କରାଯାଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ଏପରି କେତେକ ଜାଗା ରହିଛି ଯେଉଁଠି; ଅମ୍ଳଜାନର ମାତ୍ରା ଅତି ସ୍ୱଳ୍ପ। ସାମୁଦ୍ରିକ ଜୀବମାନେ ତାପମାତ୍ରା ବୃଦ୍ଧି, ଅତ୍ୟଧିକ ମାଛ ମାରିବା, ପ୍ଲାଷ୍ଟିକ ପ୍ରଦୂଷଣ ଭଳି ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯାହା ପରିବେଶ ପାଇଁ ଅଶୁଭ ସଙ୍କେତ।

ଆଇୟୁସିଏନ୍‌ର କହିବା କଥା, ଜୀବାଶ୍ମ ଇନ୍ଧନରୁ ନିର୍ଗମନ କାର୍ବନର ଏକ ଚତୁର୍ଥାଂଶ ଟାଣି ନେଇଥାଏ। ହେଲେ ତାପମାତ୍ରା ବଢ଼ିବା ଏବଂ ଅମ୍ଳଜାନ ମାତ୍ରା କମିବା ଯୋଗୁ ଏବେ ଏହି ଚକ୍ର ପ୍ରଭାବିତ ହୋଇଛି। ବିଶ୍ୱସ୍ତରରେ ବିଭିନ୍ନ ସମୁଦ୍ରରେ ହାରାହାରି ୨% ଯାଏ ଅମ୍ଳଯାନ କମିଛି। ଏପରିଧାରା ଜାରିରହିଲେ ୨୧୦୦ ସୁଦ୍ଧା ସମୁଦ୍ରର ଅକ୍ସିଜେନ ମାତ୍ରା ୩ରୁ ୪% ଯାଏ କମିଯିବା ଆଶଙ୍କା ଦେଖାଦେଇଛି।

ସଂଘର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗ୍ରେଥଲ୍ ଏଗୁଇଲର କୁହନ୍ତି, ସମୁଦ୍ର ପୃଷ୍ଠରୁ ୧୦୦୦ ମିଟର (ହାରାହାରି ୧ କିମି) ଗଭୀରତା ଅଞ୍ଚଳ ଅତି ସମ୍ବେଦନଶୀଳ। ଏଠାରେ ହିଁ ଜଳଚର ଜୀବଙ୍କ ଜୀବନଚକ୍ର ସଞ୍ଚାଳିତ ହୋଇଥାଏ। ଏବେକାର ପରୀକ୍ଷଣରୁ ସମୁଦ୍ରରେ ଅମ୍ଳଜାନର ମାତ୍ରା ହ୍ରାସ ପାଉଥିବା ଜଣାପଡ଼ିଛି। ଏହାଦ୍ୱାରା ଅଧିକ ଅମ୍ଳଜାନ ଆବଶ୍ୟକ କରୁଥିବା ସାମୁଦ୍ରିକ ଜଳଚରଜୀବଙ୍କ ଜୀବନ ଅସନ୍ତୁଳିତ ହୋଇଯିବ। ଟୁନା, ମର୍ଲିନ, ସାର୍କ ପ୍ରଜାତିର ବଡ଼ ମାଛ ଦୈନନ୍ଦିନ ଅଧିକ ଶକ୍ତି ଆବଶ୍ୟକ କରିଥାନ୍ତି। ତଦନୁଯାୟୀ ସେମାନେ ଅଧିକ ଅମ୍ଳଜାନ ମଧ୍ୟ ଗ୍ରହଣ କରିଥାନ୍ତି। କମୁଥିବା ଅମ୍ଳଜାନର ମାତ୍ରାରେ ସୁଧାର ନ ଆସିଲେ ଏପରି ମତ୍ସ୍ୟପ୍ରଜାତିର ପ୍ରାଣୀ ବିଲୁପ୍ତ ହୋଇଯିବେ ବୋଲି ଏଗୁଇଲର ଆଶଙ୍କା ବ୍ୟକ୍ତ କରିଛନ୍ତି।



# ସମାନତା, ନ୍ୟାୟ ଓ ସ୍ୱାଧୀନତା ପ୍ରତିଷ୍ଠା କରେ ମାନବିକ ଅଧିକାର

**ଜାତିସଂଘ:** ଜାତିସଂଘ ଦ୍ୱାରା ପ୍ରତିବର୍ଷ ୧୦ ଡିସେମ୍ବରରେ ମାନବାଧିକାର ଦିବସ ପାଳନ କରାଯାଉଛି। ୧୯୪୮ରେ ଜାତିସଂଘ ସାଧାରଣ ପରିଷଦ ଏହି ଦିବସକୁ ଗ୍ରହଣ କରିଥିଲେ ମଧ୍ୟ ଆଧିକାରିକ ସ୍ତରରେ ୪ ଡିସେମ୍ବର ୧୯୫୦ରେ ଆନ୍ତର୍ଜାତିକ ମାନବାଧିକାର ଦିବସ ପାଳନ କରିବା ଲାଗି ଜାତିସଂଘ ସାଧାରଣ ପରିଷଦ ପ୍ରସ୍ତାବ ଘୋଷଣା କରିବା ସହ ସବୁ ଦେଶ ତଥା ଏହା ସହ ଜଡିତ ସଂଗଠନଗୁଡିକୁ ଏହି ଦିବସ ପାଳନ କରିବା ଲାଗି ସୂଚନା ଜାରି କରିଥିଲା। ଏହି ଦିବସ ପାଳନ ଅବସରରେ ଜାତିସଂଘ ମାନବାଧିକାର ପୁରସ୍କାର ପ୍ରଦାନ କରାଯାଏ।

ପ୍ରତିଦିନ ଆମ ଜୀବନରେ ମାନବାଧିକାରର ପ୍ରାସଙ୍ଗିକତା ରହିଛି। ଆମେ ପ୍ରକଟ କରୁଥିବା ମାନବିକତାର ମୂଲ୍ୟ ସାର୍ବଜନୀନ ସ୍ତରରେ ରହିଛି। ମାନବିକ ଅଧିକାର ସମାନତା, ନ୍ୟାୟ ଓ ସ୍ୱାଧୀନତା ପ୍ରତିଷ୍ଠା କରେ। ଏହା ହିଂସା ଦୂରକରି ଶାନ୍ତି ପ୍ରତିଷ୍ଠା କରେ। ଯେଉଁଠି ଓ ଯେତେବେଳେ ମାନବିକତାର ମୂଲ୍ୟକୁ ଅଣଦେଖା କରାଯାଏ ସେତେବେଳେ ସମସ୍ତେ ବିପଦକୁ ଠେଲି ହୋଇଯାନ୍ତି। ବିଶ୍ୱର ବିଭିନ୍ନ ସ୍ଥାନରେ ମାନବାଧିକାର ଉଲ୍ଲଂଘନକୁ ନେଇ ସ୍ୱର ଉଠୁଛି। ଏହି ପରିପ୍ରେକ୍ଷୀରେ ମାନବାଧିକାରର ବୈଶ୍ୱିକ ଘୋଷଣା ଆମକୁ ସଶକ୍ତ କରିପାରିଛି। ମାନବାଧିକାର ଲାଗି ସମସ୍ତେ ଠିଆହେବା ପାଇଁ ଜାତିସଂଘ ଆହ୍ୱାନ ଦେଇଆସିଛି।




ମାନବାଧିକାରକୁ ଗୁରୁତ୍ୱ ଦେଇ ସାମଗ୍ରିକ ବିକାଶ ତଥା ସଚେତନତା ଆଣିବା ଲାଗି ଯୁବପିଢିଙ୍କ ଉପରେ ଆସ୍ଥା ସ୍ଥାପନ କରିଛି। 'ୟୁଥ ଷ୍ଟାଣ୍ଡିଂ ଅପ୍ ଫର୍ ହ୍ୟୁମାନ ରାଇଟସ୍' ସ୍ଲୋଗାନ ବି ଦେଇଛି। ଯୁବପିଢିଙ୍କ ନିଷ୍ପତ୍ତି ପରୋକ୍ଷରେ ହେଉ କିମ୍ବା ପ୍ରତ୍ୟକ୍ଷରେ ସମାଜର ରାଜନୈତିକ, ଅର୍ଥନୈତିକ ତଥା ସାମାଜିକ କ୍ଷେତ୍ରରେ ତୃଣମୂଳ ସ୍ତରରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସକ୍ରିୟ ଭାବେ କାର୍ଯ୍ୟ କରିଥାଏ। ଯୁବ ସମାଜ ମାନବାଧିକାରକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବାକୁ ପ୍ରସ୍ତୁତ ହୋଇ ରହିଛନ୍ତି। ସେମାନଙ୍କୁ ଆମେ ଆଗକୁ ଯିବାକୁ ପ୍ରେରଣ ଦେବା ଓ ଆମେ ବି ତାଙ୍କ ସହ ଠିଆ ହେବା ସାମ୍ପ୍ରତିକ ସମୟର ଏକ ବଡ଼ ଆହ୍ୱାନ ବୋଲି ଗ୍ରହଣ କରିବା ଆବଶ୍ୟକ। ଯୁବପିଢି ବାସ୍ତବରେ ଶକ୍ତିଶାଳୀ। ସେମାନଙ୍କ ନେତୃତ୍ୱ ଗ୍ରହଣ କରିବା ଦରକାର। କେବେ ବି ଭାବନି ଯେ ଯୁବଶକ୍ତି ବିଶ୍ୱ ସ୍ତରୀୟ ଆନ୍ଦୋଳନର ନେତୃତ୍ୱ ନେଇପାରିବନି? ଜଳବାୟୁ ପରିବର୍ତ୍ତନ ଆମ ମୂଳ ଅଧିକାର ପ୍ରତି ବିପଦ ସୃଷ୍ଟି କରିଛି। ଏଥିପାଇଁ ଯୁବଗୋଷ୍ଠୀ ତାଙ୍କ ଭବିଷ୍ୟତ ସୁରକ୍ଷା ଲାଗି ଏକାଠି ହୋଇଛନ୍ତି। ୧୬ ବର୍ଷୀୟା ଗ୍ରେଟା ଥନ୍‌ବର୍ଗ ଇତିହାସରେ ସବୁଠାରୁ ବଡ କ୍ଲାଇମେଟ ପ୍ରୋଟେଷ୍ଟର ନେତୃତ୍ୱ ନେଇଛନ୍ତି। ୧୬୩ଟି ଦେଶରୁ ୪ ମିଲିୟନ ଲୋକଙ୍କୁ ଯୋଡିପାରିଛନ୍ତି। ପ୍ରଭାବିତ ମଧ୍ୟ କରିପାରିଛନ୍ତି। ବିଶ୍ୱରେ ପାଖାପାଖି ୪୫ ହଜାର ସାଂସଦ ରହିଛନ୍ତି, ସେଥିରୁ ମାତ୍ର ୨ ପ୍ରତିଶତଙ୍କ ବୟସ ୩୦ ବର୍ଷରୁ କମ୍। ଏବେ ବିଶ୍ୱରେ ଯେଉଁମାନେ ଅର୍ଥନୈତିକ, ସାମାଜିକ ତଥା ପରିବେଶ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ ମଧ୍ୟରେ ବି ଯୁବପିଢି ରହିଛନ୍ତି। ସେମାନେ ସରକାରରେ ସେମାନଙ୍କ ଆବଶ୍ୟକ ନେତୃତ୍ୱ ପାଇପାରୁନାହାନ୍ତି। ସେମାନଙ୍କ ଏକ୍ଷେତ୍ରରେ ଭାଗ ନେଇ ନିଷ୍ପତ୍ତି ନେବାର ଅଧିକାର ରହିଛି ଏବଂ ସେମାନଙ୍କ ସ୍ୱରକୁ ବିଶ୍ୱ ଶୁଣିବା ଜରୁରୀ ମନେହୁଏ। ଭାରତରେ ୧୨ ଅକ୍ଟୋବର ୧୯୯୩ରେ ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଗଠନ କରାଯାଇଥିଲା। ଏବେ ମାନବାଧିକାର ଆୟୋଗ ଅଧିକ ଲୋକଙ୍କୁ ସଚେତନ କରିପାରୁଛି।

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଫିରୋଜ



ଦେବ



ଶ୍ରୀକାନ୍ତ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ବିଜେଡି-ଭାଜପା ମଧ୍ୟରେ ଅନୈତିକ ସନ୍ଧି ରହିଛି: ନିରଞ୍ଜନ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ବିଜେଡି ଏବଂ ଭାଜପା ମଧ୍ୟରେ ଅନୈତିକ ସନ୍ଧି ରହିଛି। ଲୋକ ସଭା ହେଉ କି ରାଜ୍ୟ ସଭାରେ ପ୍ରସଙ୍ଗ ଉତ୍ଥାପନ ନ କରିବା ଏବଂ ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଆଲୋଚନା ବେଳେ ସାମିଲ ନ ହେବା ବିଜେଡି-ଭାଜପା ମଧ୍ୟରେ ଅନୈତିକ ସନ୍ଧି ଥିବା ପ୍ରମାଣିତ କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ସୋମବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ପାର୍ଲାମେଣ୍ଟରେ ପ୍ରସଙ୍ଗ ନ ଉଠାଇବା ଏବଂ କଂଗ୍ରେସ ଉଠାଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଆଲୋଚନାରେ ଭାଗ ନେଉନାହିଁ। ଗତ ଅକ୍ଟୋବର ୨୬ତାରିଖରେ ଦେଶର ଅର୍ଥନୈତିକ ଦୁରବସ୍ଥା ସମ୍ପର୍କରେ ରାଜ୍ୟ ସଭାରେ ଆଲୋଚନା ପାଇଁ ବିଭିନ୍ନ ରାଜନୈତିକ ଦଳର ଏମ୍‌ପିମାନଙ୍କ ସହିତ ବିଜେଡିର ପ୍ରସନ୍ନ ଆଚାର୍ଯ୍ୟ, ସସ୍ମିତ ପାତ୍ର ଓ ଏନ୍.ଭାସ୍କର ରାଓ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ଏହି ନୋଟିସକୁ ଆଧାର କରି ରାଜ୍ୟ ସଭା ପକ୍ଷରୁ ୨୭ତାରିଖ ଆଲୋଚନା ପାଇଁ ଗୃହର ରିଭାଇଜ୍‌ଡ ଲିଷ୍ଟ ଅଫ ବିଜ୍‌ନେସ୍‌ରେ ଉପରୋକ୍ତ ୩ ଜଣ ବିଜେଡି ଏମ୍‌ପିଙ୍କ ନାମ ପ୍ରକାଶିତ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ଓଡିଶାରୁ ପ୍ରତିନିଧିତ୍ୱ କରୁଥିବା ତିନିଜଣ ଯାକ ଏମ୍‌ପି ଏହି ଆଲୋଚନାରେ ଭାଗ ନେଲେନାହିଁ। ୨୭ ତାରିଖ ରାଜ୍ୟ ସଭାର ୨୫୭ପୃଷ୍ଠା ବିଶିଷ୍ଟ ପ୍ରୋସିଡିଙ୍ଗରେ ତାହା ପ୍ରମାଣିତ କରୁଛି। ଏହାର ଠିକ୍ ଦିନକ ପରେ ଅର୍ଥାତ୍ ୨୯ଅକ୍ଟୋବରରେ ଯାଜପୁର ଜିଲା ହରିଦାଶପୁର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ଶୂନ୍ୟକାଳରେ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ବିଜେଡିର ୩ଜଣ ଏମ୍‌ପି ଏହାକୁ ବିରୋଧ କରିଥିଲେ। ଏତିକିବେଳେ ଭାଜପାର ଏମ୍‌ପିମାନେ ଏଥିରେ ନୀରବଦ୍ରଷ୍ଟା ସାଜି ପରୋକ୍ଷରେ ପ୍ରସଙ୍ଗ ନ ଉଠାଇବା ପାଇଁ ନୀରବ ସମର୍ଥନ କରିଥିଲେ ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ଏଆଇଆଇଏମ୍‌ଏସ୍‌ର ସଭ୍ୟପଦ ନିର୍ବାଚନରେ ଭାଜପାର ରାଜ୍ୟ ସଭାରେ ୮୧ ଏମ୍‌ପି ଥିବାବେଳେ ବିଜେଡି ଏମ୍‌ପି ଅମର ପଟ୍ଟନାୟକ ୭ଜଣ ଏମ୍‌ପିଙ୍କ ଭୋଟରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ହରାଇ ନିର୍ବାଚିତ ହେଲେ। ଏହି ଦୁଇଟି ଘଟଣା ଓ ଏଆଇଆଇଏମ୍‌ଏସ୍ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଭାଜପା-ବିଜେଡି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଆଲୋଚନା ନ କରିବା ପାଇଁ ଏକ ଅବୈଧ ସନ୍ଧି କରିଛନ୍ତି, ଯାହା ରାଜ୍ୟ ସ୍ୱାର୍ଥର ସମ୍ପୂର୍ଣ୍ଣ ପରିପନ୍ଥୀ ଅଟେ ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଷା ହୁଡ଼ିଲେ ବରଷେ**
**ଗଉଡ଼ ହୁଡ଼ିଲେ ଦିନେ**
**ହାଟୁଆ ହୁଡ଼ିଲେ ହାଟ ପାଳିଏ**
**ଏହା ରଖିଥାଅ ମନେ।**

ଚାଷବାସରେ ହେଳା କରିବା ଉଚିତ ହୋଇ ନ ଥାଏ। ଚାଷକାର୍ଯ୍ୟରେ ହେଳା କଲେ ଚାଷୀଟିକୁ ପୁନଶ୍ଚ ଚାଷକାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ପଡ଼ିଥାଏ। ଗଉଡ଼ କୌଣସି କାରଣବଶତଃ କ୍ଷୀର ଦୁହିଁ ନ ପାରିଲେ କ୍ଷୀର ପାଇବା ପାଇଁ ତା' ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ସେହିପରି ହାଟୁଆ ଯଦି ହାଟକୁ ଯାଇ ନ ପାରେ ତା'ହେଲେ ତାକୁ ହାଟସଉଦା କରିବାପାଇଁ ଆର ହାଟ ପାଳି ପର୍ଯ୍ୟନ୍ତ ଅପେକ୍ଷା କରିବା ଛଡ଼ା ଆଉ କିଛି ବାଟ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚୋର ସେବକ, ଚୋରଣୀ ଗାଈ,**
**ପଡ଼ୋଶୀ ଖଳ, ଦୁଷ୍ଟଭାଇ**
**ଦୁଷ୍ଟା ନାରୀ, ପୁତ୍ର ଜୁଆରି**
**ଡାକ ବୋଲେ ହରୁ ପରିହରି।**

ଉପର ବର୍ଣ୍ଣିତ ପ୍ରାଣୀ ନିଜ ନିଜ ପରିସର ମଧ୍ୟରେ ଅପର ପ୍ରତି ଖରାପ ତଥା ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିଥାନ୍ତି। ତେଣୁ ଏମାନଙ୍କ ଠାରୁ ସଦା ଦୂରେଇ ରହିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କୁ ପୋଲିସର ଲାଠିଚାର୍ଜ



## ବର୍ଦ୍ଧିତ ଦେୟ ପ୍ରତିବାଦରେ ରାଷ୍ଟ୍ରପତି ଭବନ ଅଭିମୁଖେ ଯାଉଥିଲେ

ନୂଆଦିଲ୍ଲୀ, ୯।୧୨

ହଷ୍ଟେଲ ଫି ବୃଦ୍ଧି ପ୍ରତିବାଦରେ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ଛାତ୍ରୀଛାତ୍ରମାନେ ବିକ୍ଷୋଭ କରିବା ସହ ସରୋଜିନୀ ନଗର ଅଞ୍ଚଳରୁ ରାଷ୍ଟ୍ରପତି ଭବନ ଆଡ଼କୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବାକୁ ଯାଇ ଲାଠିଚାର୍ଜ କରିଛି। ଭିକାଜି କାମା ପ୍ଲେସ୍ ମେଟ୍ରୋ ଷ୍ଟେଶନଠାରେ ବିକ୍ଷୋଭକାରୀମାନଙ୍କୁ ପୋଲିସ କର୍ଡନ କରି ଅଟକାଇବାବେଳେ ଠେଲାପେଲା ହୋଇଥିଲା। ପରେ ଛାତ୍ରୀଛାତ୍ରମାନେ ସେଠାରେ ଥିବା ବାରିକେଡ୍ ଡେଇଁ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କ ଉପରେ ଲାଠିଚାର୍ଜ କରିଥିଲା। ମାସେବ୍ୟାପୀ ଏଭଳି ପ୍ରତିବାଦ ବିକ୍ଷୋଭ କରାଯାଉଥିଲେ ହେଁ ଜେଏନ୍‌ୟୁ କର୍ତ୍ତୃପକ୍ଷ ସେମାନଙ୍କ କଥା ଶୁଣୁ ନ ଥିବାରୁ ଛାତ୍ରୀଛାତ୍ରମାନେ କ୍ଷୋଭ ପ୍ରକାଶ କରିଛନ୍ତି। ହଷ୍ଟେଲ ଫି ୩୦୦% ବୃଦ୍ଧିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ଲାଗି ସେମାନେ ଦାବି କରିଆସୁଛନ୍ତି। ଏମିତିକି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ମଧ୍ୟ ଇ-ମେଲ୍ ଜରିଆରେ ଛାତ୍ରୀଛାତ୍ରମାନେ ଫି ବୃଦ୍ଧି ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏହାଛଡ଼ା କୁଳପତିଙ୍କ ଇସ୍ତଫା, ବିକ୍ଷୋଭକାରୀ ଛାତ୍ରୀଛାତ୍ରଙ୍କ ବିରୋଧରେ ଲଗାଯାଇଥିବା ପୋଲିସ ମାମଲା ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଥିଲେ। ପରିସ୍ଥିତିକୁ ସୁଧାରିବା ସହ ଶାନ୍ତି ବଜାୟ ରଖିବା ଲାଗି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏକ ୩ଜଣିଆ କମିଟି ଗଠନ କରାଯାଇ ବିକ୍ଷୋଭକାରୀ ଛାତ୍ରୀଛାତ୍ର ଓ ଜେଏନ୍‌ୟୁ ପ୍ରଶାସନ ମଧ୍ୟରେ ବୁଝାମଣା ଲାଗି ପ୍ରୟାସ କରାଯାଇଥିଲା। କମିଟି ମନ୍ତ୍ରଣାଳୟରେ ରିପୋର୍ଟ ଦାଖଲ କରିଥିଲେ ହେଁ ମାସେ ପରେ ବି କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ପାରିନାହିଁ। ଏହାକୁ ନେଇ ଛାତ୍ର ଅଶାନ୍ତି ବଢ଼ିବାରେ ଲାଗିଛି।

# ସିପ୍ ରିସାଇକ୍ଲିଂ ୟୁନିଟ ସ୍ଥାପନ ଦାବି

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ରାଜ୍ୟରେ ସିପ୍ ରିସାଇକ୍ଲିଂ (ଜାହାଜ ପୁନଃ ପ୍ରକ୍ରିୟାକରଣ) ୟୁନିଟ ସ୍ଥାପନ କରାଯାଉ। ସୋମବାର ପାର୍ଲାମେଣ୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ସିପ୍ ରିସାଇକ୍ଲିଂ ବିଲ-୨୦୧୯କୁ ସମର୍ଥନ କରି ବିଜୁ ଜନତା ଦଳ(ବିଜେଡି) ଏହି ଦାବି କରିଛି। ବିଲ୍ ଆଗତ ହେବା ପରେ ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ରାଜ୍ୟ ସରକାର ଓଡିଶାରେ ସିପ୍ ରିସାଇକ୍ଲିଂ ୟୁନିଟ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ କେନ୍ଦ୍ର ସରକାର ରାଜ୍ୟରେ ଅଧିକ ବନ୍ଦର ସ୍ଥାପନ କରିବାକୁ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଥିଲେ। ଓଡିଶାର ୪୮୦ ବର୍ଗ କିଲୋମିଟର ବ୍ୟାପୀ ବିରାଟ ଉପକୂଳ ରହିଛି। ରାଜ୍ୟ ସରକାର ସିପ୍ ରିସାଇକ୍ଲିଂ ୟୁନିଟ ସ୍ଥାପନ କରିବାକୁ କେନ୍ଦ୍ରକୁ ଚିଠି ଲେଖି ସାରିଛନ୍ତି। ଏହି ଦାବି ସମ୍ପର୍କରେ କେନ୍ଦ୍ର ସରକାର ବିଚାର କରିବା ଦରକାର ବୋଲି ଆଚାର୍ଯ୍ୟ କହିଥିଲେ। ଦେଶକୁ ଡମ୍ପିଂୟାର୍ଡ କରା ନ ଯାଉ । ଭାରତରେ କେବଳ ୩୦ ପ୍ରତିଶତ ଭଗ୍ନାବଶେଷଗୁଡିକର ରିସାଇକ୍ଲିଂ କରାଯାଉଛି। ଏହି ବିଲ କାର୍ଯ୍ୟକାରୀ ହେଲେ ଦେଶରେ ନିଯୁକ୍ତିର କିଭଳି ସୁଯୋଗ ସୃଷ୍ଟି ହେବ ସେ ନେଇ ସରକାର ଜଣାଇବା ଦରକାର। ଏହି ବିଲ୍ ଅଧୀନରେ କାହିଁକି ଅନ୍ୟ ଜାହାଜଗୁଡିକ ଆସୁ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ସୋମବାର ରିସାଇକ୍ଲିଂ ଅଫ ସିପ୍ସ ବିଲ-୨୦୧୯ ରାଜ୍ୟ ସଭାରେ ପାରିତ ହୋଇଯାଇଛି। ଏହି ବିଲ ଜାହାଜଗୁଡିକରେ ବିପଜ୍ଜନକ ପଦାର୍ଥ ବ୍ୟବହାର କରିବା ଉପରେ କଟକଣା ଲଗାଇବା ସହ ନଷ୍ଟ ହୋଇଯାଇଥିବା ଜାହାଜଗୁଡିକର ପୁନଃ ପ୍ରକ୍ରିୟାକରଣ କରିବାକୁ ନିୟନ୍ତ୍ରିତ କରିବ। ଜାହାଜରେ ବିପଜ୍ଜନକ ପଦାର୍ଥ ବ୍ୟବହାର କଲେ ୩ ମାସ ଜେଲଦଣ୍ଡ ସହ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବା ନେଇ ଏହି ବିଲରେ ବ୍ୟବସ୍ଥା ରହିଛି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ଆଧାରକାର୍ଡ, ବ୍ୟବସାୟ
ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ
ସବୁ ବ୍ୟାଙ୍କରୁ
କମ୍ କିମ୍ବା ଖରାପ CIBIL
ସ୍କୋର୍‌ଧାରୀଙ୍କୁ ମଧ୍ୟ ଋଣ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ!!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କଶିଟ୍ ଓ ପ୍ରପର୍ଟି ଲୋନ।
E-mail - maheshwarifinance111@gmail.com
Ph - 9716825082
9716001694

BUSINESS BUSINESS

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୪ ପଞ୍ଚାୟତରେ ଧାନକିଣାରେ ଅବ୍ୟବସ୍ଥା

ସମ୍ବଲପୁର,୯।୧୨ (ବ୍ୟୁରୋ)

■ସିଧାସଳଖ ମିଲକୁ ଯାଉଛି ଧାନ
■ଚାଷୀଙ୍କ ମଧ୍ୟରେ ଅସନ୍ତୋଷ
■ଧାନ ଖାଲି କରିବାକୁ ଜିଦ୍ ଧରିଲେ ଚାଷୀ

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କେସାପାଲି, କଂସର, କୟାକୁଦ ଆଦି ୩ ପଞ୍ଚାୟତରେ ସୋମବାରଠାରୁ ଧାନ କିଣା ଆରମ୍ଭ ହୋଇଛି । ଏହି ପଞ୍ଚାୟତରେ ଧାନ ସଂଗ୍ରହ ହୋଇ ନ ଥିବା ନେଇ ଅଭିଯୋଗ ହେବା ପରେ ଧରିତ୍ରୀରେ ଗତ ୬ ତାରିଖ ଖବର ପ୍ରକାଶ ପାଇଥିଲା । ଏହାପରେ ପ୍ରଶାସନ ପକ୍ଷରୁ ସୋମବାରଠାରୁ ଧାନ କିଣା ଆରମ୍ଭ ହୋଇଛି । ଯୋଗାଣ ବିଭାଗ ସହ ଚୁକ୍ତି କରିଥିବା ୩ ଏସ୍ଏଚ୍ଜି ପ୍ରଥମ ଦିନରେ ଧାନ କିଣିଛନ୍ତି । ତେବେ ଅବ୍ୟବସ୍ଥା ଭିତରେ ଉପରୋକ୍ତ ପଞ୍ଚାୟତଗୁଡିକରେ ଧାନ କିଣା ହୋଇଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

କୟାକୁଦ ପଞ୍ଚାୟତ ଅଫିସ ନିକଟରେ ଧାନ କିଣା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା । ମାତ୍ର ୨ ଜଣ ଚାଷୀ ଧାନ ବିକ୍ରି କରିବାକୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ଅନ୍ଧାରୀ ଗ୍ରାମର ଚାଷୀ ଅଭିମନ୍ୟୁ ବିଶ୍ୱାଳ ଧାନ ଖାଲି କରିବାକୁ ଏସ୍ଏଚ୍ଜି ମହିଳାଙ୍କୁ କହିଥିଲେ । ହେଲେ ମହିଳାମାନେ ମନା କରିଦେଇଥିଲେ । ମିଲର୍ସ ସିଧା ସଳଖ ଧାନ କିଣିଲେ କଟନି ଛଟନି ହେଉଛି । ଆମ ଗାଡିରେ ଧାନ ଯାଉଛି ହେଲେ ଭଡା ମିଲର୍ସମାନେ ପାଉଛନ୍ତି ବୋଲି ସେମାନେ କହିଥିଲେ । ପରେ ଆରଏମ୍ସି କର୍ମଚାରୀ ପହଞ୍ଚି ଧାନ ମାନ ପରୀକ୍ଷା କରିଥିଲେ । କୟାକୁଦ ପଞ୍ଚାୟତର ପୁରୁଣା ଗୋଦାମ ଘରେ ୧୨୦ ପ୍ୟାକେଟ ଧାନ ଖାଲି ହୋଇଥିଲା । ଅନ୍ୟ ଜଣେ ଚାଷୀ ସିଧା ସଳଖ ମିଲକୁ ଯାଇ ଧାନ ଖାଲି କରିଥିଲେ । ସେହିପରି କେସପାଲି ପଞ୍ଚାୟତରେ ୧୭ ଜଣ ଚାଷୀଙ୍କ ୨୫୨୨ ପକେଟ ଧାନ କିଣାଯାଇଥିଲା । ଗୋଟିଏ ଦିନରେ କିଭଳି ଭାବେ ଏତେ ଧାନ କିଣା ହେଲା ଏନେଇ ସନ୍ଦେହ ସୃଷ୍ଟି ହେଉଛି । ଏସଏଚ୍ଜି ମହିଳାମାନଙ୍କୁ ନିକଟସ୍ଥ ମାର୍କେଟଗୁଡିକ ଦାୟିତ୍ୱ ଦିଆଯାଇଛି । ମାର୍କେଟକୁ ଯାଇ ସେମାନେ ଧାନ କିଣା ବିକା କରିବେ । ଅନ୍ୟ ପଟେ ମାର୍କେଟରେ ସମବାୟ ସମିତିକୁ ଦିଆଯାଇଥିବା ଧାର୍ଯ୍ୟଲକ୍ଷ୍ୟକୁ ନେଇ ସେମାନଙ୍କ ଭାଗ ରହିଛି । ସେହି ନୀତିନିୟମ ଭିତରେ ଧାନ କିଣା ହେବା କଥା । ହେଲେ କେସାପାଲି ପଞ୍ଚାୟତରେ ନିୟମ ବାହାରେ ଧାନ କିଣା ଯାଉଥିବା ଅଭିଯୋଗ ହୋଇଛି । ସେହିପରି ଆରଏମ୍ସି କର୍ମଚାରୀ ଯିବା ପୂର୍ବରୁ ଧାନ ଗାଡିଗୁଡିକ ସିଧା ସଳଖ ମିଲକୁ ଯାଇଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି । ଅନୁରୂପ ଭାବେ କଂସର ପଞ୍ଚାୟତରେ ମଧ୍ୟ ୫ ଜଣ ଚାଷୀଙ୍କ ୮୪୫ ପ୍ୟାକେଟ ଧାନ କିଣା ଯାଇ ସିଧା ସଳଖ ମିଲକୁ ଯାଇଥିବା ରିପୋର୍ଟ ମିଳିଛି । ଏହାକୁ ରୋକା ନ ଗଲେ ଏହି ପଞ୍ଚାୟତରେ ବେପାରୀ ମାନେ ସକ୍ରିୟ ହୋଇ ମହିଳାମାନଙ୍କୁ ଢାଲ କରି ଚାଷୀଙ୍କୁ ଶୋଷଣ କରିବେ ବୋଲି ଚର୍ଚ୍ଚା ହେଉଛି । ତେଣୁ ଏ ଦିଗରେ ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହେଉଛି । ସୂଚନାଯୋଗ୍ୟ,ଏହି ୩ ପଞ୍ଚାୟତର ୩୯୮ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ଏସ୍ଏଚ୍ଜି ଓ ଯୋଗାଣ ବିଭାଗର ଅବହେଳା ଯୋଗୁ ଅନେକ ଚାଷୀ ପଞ୍ଜୀକରଣରୁ ବାଦ ପଡିଛନ୍ତି । ତେଣୁ ସେମାନେ ଅଭାବୀ ବିକ୍ରିର ଶିକାର ହୋଇ କୁଇଣ୍ଟାଲ ପିଛା ୧୩ ଶହ ଟଙ୍କାରେ ବେପାରୀ ବିକ୍ରି କରି ଦେଉଛନ୍ତି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠଙ୍କୁ ପଚାରିବାରୁ ବେପାରୀମାନଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ ଚାଷୀମାନଙ୍କ ସୁବିଧା କରାଯିବ ବୋଲି କହିଥିଲେ ।


ସମ୍ବଲପୁର ଜିଲା ଝୁଝୁମୁରା କୟାକୁଦ ପଞ୍ଚାୟତରେ ମାର୍କେଟରେ ଚାଷୀ ।

## ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା

# ଝୁଝୁମୁରା ଭିଏସ୍ଏସ୍ କଲେଜ ଛାତ୍ରୀଛାତ୍ରଙ୍କ ସଫଳତା

ସମ୍ବଲପୁର, ୯।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବୀରସୁରେନ୍ଦ୍ର ସାଏ କଲେଜ ଛାତ୍ର ରଶ୍ମିରଞ୍ଜନ ନାୟକ ଓ ଛାତ୍ରୀ ଅର୍ଚ୍ଚନା ଗୋୟାଁ ତୀରନ୍ଦାଜରେ ସଫଳତା ହାସଲ କରିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗୀତାରେ ଜୁନିୟର ଓ ସବ୍ଜୁନିୟର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଡିସେମ୍ବର ୨୪ ରୁ ୨୮ ତାରିଖ ନାଗପୁରଠାରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ରାଜ୍ୟସ୍ତରୀୟ ଏହି ପ୍ରତିଯୋଗିତା ଗତ ୮ ଓ ୯ ତାରିଖ ଦୁଇଦିନ ଧରି ଚାଲିଥିଲା । ଝୁଝୁମୁରା ଆର୍ଚେରୀ ଆସୋସିଏଶନ୍ରୁ ୬ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଆସୋସିଏଶନ୍ ସଦସ୍ୟ ବଳରାମ ସୁମୁର୍ଥ ଛାତ୍ରୀଛାତ୍ରମାନଙ୍କୁ ନେଇ ଭୁବନେଶ୍ୱର ଯାଇଥିଲେ । ରଶ୍ମିରଞ୍ଜନ ଯୁକ୍ତ ୨ କଳା ଛାତ୍ର ଥିବା ବେଳେ ଅର୍ଚ୍ଚନା ପ୍ରଥମ ବର୍ଷ କଳା ଛାତ୍ରୀ ଅଟନ୍ତି । ଏହି ଖବର ପ୍ରଚାର ହେବାପରେ ଝୁଝୁମୁରା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି । ଆର୍ଚେରୀ ଅନୁଷ୍ଠାନ ଭିଏସଏସ କଲେଜ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।


ସମ୍ବଲପୁର ଜିଲା ଝୁଝୁମୁରା ବୀରସୁରେନ୍ଦ୍ର ସାଏ କଲେଜ ଛାତ୍ର ରଶ୍ମିରଞ୍ଜନ ନାୟକ ଓ ଛାତ୍ରୀ ଅର୍ଚ୍ଚନା ଗୋୟାଁ ତୀରନ୍ଦାଜୀରେ ସଫଳତା ହାସଲ କରିଛନ୍ତି ।

# ପୁଞ୍ଜିପତିଙ୍କୁ ସମର୍ଥନ, ଶ୍ରମିକଙ୍କୁ ଶୋଷଣ

## ରାଷ୍ଟ୍ରବାଦ ନାମରେ ସାମ୍ପ୍ରଦାୟିକ ରାଜନୀତି କରାଯାଉଛି

ସମ୍ବଲପୁର, ୯।୧୨ (ବ୍ୟୁରୋ)

କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ କେତେଜଣ ପୁଞ୍ଜିପତିଙ୍କୁ ସମର୍ଥନ କରୁଛନ୍ତି । ସେମାନଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି । ଛୋଟ ଛୋଟ କମ୍ପାନୀଗୁଡିକ ଏବେ ବନ୍ଦ ହେବାରେ ଲାଗିଛି । ତେଣୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ରୋଜଗାର ହରାଇ ବସିଛନ୍ତି । କେନ୍ଦ୍ର ସରକାର ଶ୍ରମିକ ମାରଣ ନୀତି ଜାରି ରଖିଛନ୍ତି । ରାଜ୍ୟରେ ଶ୍ରମିକ, କୃଷକ, ଯୁବ ସମାଜକୁ ଏହାର ପ୍ରଭାବ ପଡୁଛି । ବେରୋଜଗାର ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ଦେଶରେ ନୋଟବନ୍ଦୀ ଓ ଜିଏସଟି ଲଗାଇବା ଯୋଗୁ ଅର୍ଥନୀତିରେ ପ୍ରଭାବ ପଡିଛି। ଦ୍ରୁତଗତିରେ ଏବେ ଅର୍ଥନୀତି ହ୍ରାସ ହେବାରେ ଲାଗିଛି। ଏହା ସମଗ୍ର ଦେଶରେ ପ୍ରଭାବ ପକାଉଛି। ଏଭଳି ପରିସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ଦେଶ ଭୟାନକ ଅର୍ଥନୀତି ସମସ୍ୟାର ସମ୍ମୁଖୀନ ହେବ। ରାଷ୍ଟ୍ରବାଦ ନାମରେ ଧନ, ଜାତି, ସଂପ୍ରଦାୟିକ ରାଜନୀତି କରାଯାଉଛି। ବିଭିନ୍ନ ସ୍ଥାନରେ ହିଂସା ବାତାବରଣ ଜାଣତରେ ସୃଷ୍ଟି କରାଯାଉଛି । ବିଭିନ୍ନ ସରକାରୀ ବିଭାଗଗୁଡିକୁ ଘରୋଇକରଣ କରାଯାଉଛି । ଏଥିରେ ସିଧାସଳଖ ଶ୍ରମିକମାନଙ୍କ ଉପରେ ପ୍ରଭାବ ପଡିବ। ୧୦ଟି ଉଦ୍ୟୋଗୀଙ୍କୁ କେନ୍ଦ୍ର ସରକାର ଘରୋଇକରଣ କରିବାକୁ ଚେଷ୍ଟା କରିଥିଲେ । ହେଲେ ଶ୍ରମିକମାନେ ବିରୋଧ କରିବାରୁ ପଛଘୁଞ୍ଚା ଦେଇଥିଲେ। ସଙ୍ଗଠନ ମୁଖ୍ୟଅସ୍ତ୍ର ଶ୍ରମିକମାନେ ଅଟନ୍ତି । ତେଣୁ ଆମେ ମଜଭୁତ ଥିବା ପର୍ଯ୍ୟନ୍ତ ଏହାକୁ ବିରୋଧ ଜାରି ରହିବ । ୪୪ ଟି ଆଇନକୁ ପରିବର୍ତ୍ତନ କରି ୪ଟି କୋର୍ଟରେ ପରିଣତ କରାଯାଇଛି। ସେଥିରେ ମଧ ସରକାରଙ୍କ ସପକ୍ଷରେ ନିୟମଗୁଡିକ ରହିଛି । ସୋମବାର ତପସ୍ୱିନୀ ପ୍ରେକ୍ଷାଳୟ ପରିସରରେ ଖବରଦାତା ସମ୍ମିଳନୀରେ ସିଆଇଟିୟୁ ସର୍ବଭାରତୀୟ ଉପସଭାପତି ତପନ ସେନ ଏହା କହିଛନ୍ତି। ସେ ଆହୁରି କହିଲେ, କେନ୍ଦ୍ର ଓ ରାଜ୍ୟ ସରକାର ଯେ ଭଳି ଭାବେ ଶ୍ରମିକ ବିରୋଧ ନୀତି ଅବଲମ୍ବନ କରୁଛନ୍ତି, ଏହାକୁ ନେଇ ସମଗ୍ର ଭାରତ ବର୍ଷରେ ଆସନ୍ତା ଜାନୁୟାରୀ ୮ ତାରିଖ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ଫେଡେରେଶନ୍ମାନଙ୍କ ଆହ୍ୱାନରେ ଦିନିକିଆ ସର୍ବଭାରତୀୟ ଧର୍ମଘଟ କରାଯିବ। ଏଥିପାଇଁ ସମଗ୍ର ଦେଶରେ ବୈଠକ କରି ଆଲୋଚନା କରାଯାଉଛି ବୋଲି କହିଥିଲେ । ସର୍ବଭାରତୀୟ ସଭାନେତ୍ରୀ ଡା. କେ.ହେମଲତା, ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ମହେଶ୍ୱର ଷଣ୍ଡ, ଅଭ୍ୟର୍ଥନା କମିଟି ଅଧକ୍ଷ ଲଳିତ ପଟ୍ଟନାୟକ, ଜନାର୍ଦ୍ଦନ ପତି ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ସିଆଇଟିୟୁ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ତପନ ସେନ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

## ଗାନ୍ଧୀ, ପରିବେଶ ଶୀର୍ଷକ ଆଲୋଚନାଚକ୍ର

# ଗାନ୍ଧିଜୀ ପରିବେଶ ସୁରକ୍ଷାର ପୁରୋଧା ଥିଲେ

ସମ୍ବଲପୁର,୯।୧୨ (ବ୍ୟୁରୋ)

ପରିବେଶ ସୁରକ୍ଷାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶର ପ୍ରାସଙ୍ଗିକତା ବର୍ତ୍ତମାନ ମଧ ରହିଛି । ଏହା ଯୁବ ସମାଜ ଅନୁସରଣ କଲେ ପରିବେଶ ସୁରକ୍ଷା ହୋଇପାରିବ । ପରିବେଶବିତ୍ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପୂର୍ବତନ ଅଧକ୍ଷ ପ୍ରଫେସର ମାଧବ ଚନ୍ଦ୍ର ଦାଶ ଏହା କହିଛନ୍ତି । ସେ ଆହୁରି କହିଥିଲେ ଯେ, ମହାତ୍ମା ଗାନ୍ଧୀ ପରିବେଶ ସୁରକ୍ଷାର ପୁରୋଧା ଥିଲେ । ସାଧାରଣ ଜୀବନଯାପନ କରିବା ସାଙ୍ଗକୁ ଶାକାହାରୀ ହୋଇ ରହିବା ପରିବେଶ ସୁରକ୍ଷା ପ୍ରତି ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲେ । ପ୍ରକୃତିର ସଂରକ୍ଷଣ, ଜୀବନ ଶୈଳୀରେ ପରିବର୍ତ୍ତନ, ବୃହତ୍ ଶିଳ୍ପ ପରିବର୍ତ୍ତେ କୁଟୀର ଶିଳ୍ପ ସ୍ଥାପନ ଓ ଜନସଂଖ୍ୟା ବୃଦ୍ଧି ରୋକା ଗଲେ ପରିବେଶ ସଂରକ୍ଷଣରେ ବିଶେଷ ସହାୟକ ହେବ । ଓଡ଼ିଶାରେ ବର୍ତ୍ତମାନ ବିଭିନ୍ନ ଥର୍ମାଲ ପ୍ଲାଣ୍ଟରୁ ୧୬ହଜାର ମେଗାୱାଟ ଶକ୍ତି ଉତ୍ପାଦନ ହେଉଛି। ସେହି ପ୍ଲାଣ୍ଟଗୁଡିକରେ ବ୍ୟବହୃତ କୋଇଲାର ମାନ ଠିକ୍ ନାହିଁ । ତେଣୁ ବାର୍ଷିକ ୩୦ ମିଲିୟନ ଟନ୍ ପାଉଁଶ ବାହାରୁଛି । ସେଥିପାଇଁ ତାଳଚେର ଓ ବ୍ରଜରାଜନଗର ଅଞ୍ଚଳ ବିଶେଷ ପ୍ରଦୂଷିତ ଭାବେ ପରିଗଣିତ ହେଉଛି । ପ୍ରଦୂଷଣ ରୋକିବା ପାଇଁ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ପ୍ରଫେସର ମାଧବ କହିଥିଲେ । ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ନୃସିଂହଗୁରୁ ସ୍ମୃତି ସମିତି ପକ୍ଷରୁ ଗାନ୍ଧୀ ଓ ପରିବେଶ ଶୀର୍ଷକ ଆଲୋଚନାଚକ୍ର ଶିଳା ଟାୱାର ସମ୍ମିଳନୀ କକ୍ଷରେ ହୋଇଥିଲା । ଏଥିରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଅଧକ୍ଷତା କରିଥିବାବେଳେ ସ୍ମୃତି ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ କାର୍ତ୍ତିକ ପ୍ରସାଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ବଲପୁରରେ ଆୟୋଜିତ ଗାନ୍ଧୀ ଓ ପରିବେଶ ଶୀର୍ଷକ ଆଲୋଚନାଚକ୍ରରେ ଶିକ୍ଷାବତ୍ ଅରବିନ୍ଦ ମହାପାତ୍ର ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

# ସାଇନ୍ସ ପଏଣ୍ଟରେ ବିଦ୍ୟାବୃତ୍ତି ପରୀକ୍ଷା

ସମ୍ବଲପୁର, ୯।୧୨ (ବ୍ୟୁରୋ)

ବିଦ୍ୟାବୃତ୍ତି ପରୀକ୍ଷା ସୋମବାର ସମ୍ବଲପୁର ସାଇନ୍ସ ପଏଣ୍ଟ ପରିସରରେ ଆରମ୍ଭ ହୋଇଛି । ଏହାକୁ ତେଜ ମାଇଣ୍ଡ ଟ୍ୟାଲେଣ୍ଟ ଟେଷ୍ଟ ନାମ ରଖାଯାଇଛି । ଜିଲାର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଏହି ବିଦ୍ୟାବୃତ୍ତି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଉତ୍ତମ ମାର୍ଗ ପ୍ରଦାନ କରିବା ଓ ମେଧାବୀଙ୍କୁ ଭବିଷ୍ୟତ ଗଠନରେ ସହାୟକ ହେବ । ଡିସେମ୍ବର ୨୨ ତାରିଖ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ହେବ ବୋଲି ସାଇନ୍ସ ପଏଣ୍ଟ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି ।


ବିଦ୍ୟାବୃତ୍ତି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ।

# ବଡେ ପୀରବାବାଙ୍କ ବାର୍ଷିକ ଉତ୍ସବ

ସମ୍ବଲପୁର,୯।୧୨ (ବ୍ୟୁରୋ)

ସରିଫ୍ ଅବଦୁଲ କାଦିର ଗିଲାନି (ବଡେ ପୀରବାବା)ଙ୍କ ବାର୍ଷିକ ଉତ୍ସବ ସୋମବାର ପୀରବାବା ଛକଠାରେ ପାଳିତ ହୋଇଯାଇଛି । କୁମ୍ଭାରପଡାଠାରୁ ଇସଲାମ୍ ଧର୍ମାବଲମ୍ବୀମାନେ ଝଣ୍ଡା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ପୀରବାବା ଛକଠାରେ ଝଣ୍ଡା ରୋହଣ କରି ବିଶ୍ୱଶାନ୍ତି ସକାଶେ ସାମୂହିକ ପ୍ରାର୍ଥନା କରାଯାଇଥିଲା । ମହମ୍ମଦ କୁବେର, ସକିଲ ଅହମ୍ମଦ, ସୟିଦ ୟୁସୁଫ, ସୟଦ୍ ଅସ୍ରାଫ, ଶେଖ ଉସମାନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ଇସଲାମ ଧର୍ମାବଲମ୍ବୀମାନେ ବିଶ୍ୱ ଶାନ୍ତି ଲାଗି ସାମୂହିକ ପ୍ରାର୍ଥନା କରୁଛନ୍ତି ।

# ଫଟୋରେ ଖବର

୧

୨

୩


୪


ସୋମବାର ସମ୍ବଲପୁର ମହୋତ୍ସବ ମଞ୍ଚରେ ସଂଯୋଜକମାନେ ଦ୍ୱିତୀୟ ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଉଛନ୍ତି (୧) । ଜ୍ୟୋତିରଞ୍ଜନ ମହାନ୍ତି (ଜେଆରଏମ୍ ବାବା) ସଙ୍ଗୀତ ପରିବେଷଣ କରୁଛନ୍ତି (୨) । ଠେମେରା ଗ୍ରାମର ସେବତୀ ବେହେରା ୧୩ ବର୍ଷର ପୁଅ ବ୍ୟାସଦେବ ଭୋଇଙ୍କ ଆଧାର କାର୍ଡ ହେଉ ନ ଥିବାରୁ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି (୩) । ମାନେଶ୍ୱର ଗ୍ରାମର ଚଞ୍ଚଳା ରୋହିଦାସ ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ ଦାବିପତ୍ର ଦେବାକୁ ଜିଲାପାଳ ଅଫିସ ଆସିଛନ୍ତି (୪) ।





## ସଂକ୍ଷେପରେ

### ସୁରକ୍ଷାକର୍ମୀଙ୍କୁ ମାଡ଼ ଅଭିଯୋଗରେ ୨ ଗିରଫ

ବ୍ରଜରାଜନଗର, ୯।୧୨(ଡି.ଏନ.ଏ)- ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଲଜକୁରା ଖୋଲାମୁହଁ ଖଣିର କର୍ତ୍ତବ୍ୟରତ ସିକ୍ୟୁରିଟି ଗାର୍ଡ ସୁକରାମଙ୍କୁ ଇବ୍ ପିଟ୍ ଅଞ୍ଚଳର ବଳରାମ ବାରେଟ (୨୨), ଆକାଶ ପାଣ୍ଡେ (୨୩) ରବିବାର ମାଡ ମାରିଥିଲେ । ଏ ନେଇ ସୁକରାମ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ସୋମବାର ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି । ଶୁକରାମ ଘରୋଇ ଠିକା ସଂସ୍ଥା ରୁଙ୍ଗଟା ମାଇନ୍ସରେ କାର୍ଯ୍ୟ କରନ୍ତି।

### ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଶିବିର

କୋଲାବିରା,୯।୧୨ (ଡି.ଏନ.ଏ.)- ଝାରସୁଗୁଡା ଜିଲା କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପରିବହନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଶିବିରରେ ୩୦୧ଟି ଲର୍ନିଂ ଲାଇସେନ୍ସ ପ୍ରଦାନ କରାଯାଇଛି। ପରିବହନ ଅଧିକାରୀ ସିଦ୍ଧେଶ୍ୱର ନାଏକଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ପରିବହନ ଅଧିକାରୀ ସୋହା ହେମ୍ବ୍ରମ, କନିଷ୍ଠ ପରିବହନ ନୀରିକ୍ଷକ କାଜଲ ପଧାନ, ପ୍ରୋଗ୍ରାମ ସହାୟକ ବିନୋଦ ବାରିକ, ପର୍ଯ୍ୟବେକ୍ଷକ ଯିଜ୍ଞାସ ପଟେଲଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଉଠିଲା ୧୪ଶହ କୁଇଣ୍ଟାଲ ଧାନ

କୋଲାବିରା, ୯।୧୨ (ଡି.ଏନ.ଏ.)

ଚଳିତ ଖରିଫ ୨୦୧୯-୨୦୨୦ ବର୍ଷ ପାଇଁ ସରକାରୀସ୍ତରରେ ଧାନ ବିକ୍ରି ପାଇଁ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଧାନକ୍ରୟ ଆରମ୍ଭ ହୋଇଛି। ଗତ ୩ ତାରିଖରୁ କୋଲାବିରାରେ ମଧ ଧାନକିଣାର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ଯାତ୍ରା ପଡିଆଠାରେ ମିଲର୍ସ, ଚାଷୀ, ଚାଷୀ ସଙ୍ଗଠନ, ଯୋଗାଣ ବିଭାଗର ଅଧିକାରୀ ଓ ନିୟନ୍ତ୍ରିତ ବଜାର କମିଟି ଅଧିକାରୀଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଧାନକ୍ରୟର ଶୁଭାରମ୍ଭ କରିଥିଲେ। ସେଦିନ କେବଳ କୋଲାବିରା ବ୍ଲକ ଅନ୍ତର୍ଗତ କାଳିପଡା ଗ୍ରାମର ଦିଲୀପ ପଧାନ ନିଜର ୧୧ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଆଣିଥିଲେ। ମାତ୍ର ଏଫଏକ୍ୟୁ ମାନର ହୋଇ ନ ଥିବାରୁ ଧାନ ବିକ୍ରି ହୋଇପାରି ନ ଥିଲା। ସୋମବାର କୋଲାବିରା ବ୍ଲକ ଅଧୀନରେ ଥିବା ବିଭିନ୍ନ ପ୍ୟାକ୍ସ ଜରିଆରେ ୨୭ଜଣ ଚାଷୀଙ୍କଠାରୁ



କୋଲାବିରାରେ ଧାନ କିଣାବିକା ଚାଲିଛି।

**କୋଲାବିରା ବ୍ଲକ**

୧୪୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇ ଝାରସୁଗୁଡାସ୍ଥିତ ମାଁ କାଳି ରାଇସ୍ ମିଲ୍‌କୁ ପଠାଯାଇଛି। ଏଥିରେ କୋଲାବିରା ସୋସାଇଟିର ୪ଜଣ ଚାଷୀଙ୍କ ୧୯୦ କୁଇଣ୍ଟାଲ, ସମାସିଂହା ସୋସାଇଟିର ୫ଜଣ ଚାଷୀଙ୍କଠାରୁ ୨୭୮ କୁଇଣ୍ଟାଲ, ଝିଲ୍ଲାପାଲି ଉପକେନ୍ଦ୍ର ଲୁଡୁଙ୍ଗଠାରେ ୧୧ଜଣଙ୍କଠାରୁ ୫୮୨ କୁଇଣ୍ଟାଲ ଏବଂ ପରମାଣପୁର ସୋସାଇଟି ଅଧୀନରେ ଥିବା ୭ଜଣ ଚାଷୀଙ୍କ ନିକଟରୁ ୩୫୦ କୁଇଣ୍ଟାଲ ଧାନ କିଣାଯାଇଛି। ତେବେ କୋଲାବିରା ବ୍ଲକ ଅଧୀନରେ କୋଲାବିରା, ପରମାଣପୁର, ସମାସିଂହା ଏବଂ ଝିଲ୍ଲାପାଲି ସେବା ସମବାୟ ସମିତି ଓ ଲୁଡୁଙ୍ଗ ସବ୍-ସେଣ୍ଟର ଜରିଆରେ ଧାନ କିଣାଯିବାର ନିର୍ଣ୍ଣୟ ନିଆଯାଇଛି। ସରକାରୀ ନିର୍ଦ୍ଦେଶନାମାନୁଯାୟୀ ସପ୍ତାହର ରବିବାର, ଗୁରୁବାର ଓ ସରକାରୀ ଛୁଟି ଦିବସ ବ୍ୟତିତ ବାକି ସମସ୍ତ ଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାନ କ୍ରୟ କରାଯିବ।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୮୩ ପ୍ରକଳ୍ପ ପ୍ରଦର୍ଶିତ

କିର୍ମିରା, ୯।୧୨ (ଡି.ଏନ.ଏ)

କିର୍ମିରା ବ୍ଲକ ବନ୍ଧପାଲି ଗ୍ରାମ ପଞ୍ଚାୟତ ସିଆଲରମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଗିରିଧାରି ପଟେଲଙ୍କ ନେତୃତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ବିଇଓ ଅଶୋକ କୁମାର ପଟେଲ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚୂଡାମଣୀ ନାଏକ ଅବସର ଶିକ୍ଷକ, ଏବିଇଓ କରୁଣାକର ପଟେଲ, ମୁଖ୍ୟବକ୍ତା ଭାବେ ଝାରସୁଗୁଡା କୃଷି ବିଜ୍ଞାନ କେନ୍ଦ୍ରର ଜ୍ୟୋତିର୍ମୟୀ ଉଦ୍‌ଗାତା ଯୋଗ ଦେଇଥିଲେ । ମୋଟ ୮୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ତୁଳେଶ୍ୱର ପଟେଲ, ଯୋଗେଶ୍ୱରୀ ପଧାନ, ଗଙ୍ଗାଧର ପଟେଲ, ପ୍ରମୋଦ ବେହେରା ଦାୟିତ୍ୱ ତୁଲାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତେଜିରାଜି ସାହୁ, ବ୍ଲକ ଅଧକ୍ଷା, ମୁଖ୍ୟବକ୍ତା ଭାବେ ସୁଶୀଲ କୁମାର ବାଗ, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ମଞ୍ଜୁଲତା ପଟେଲ, ବିଇଓ ଗୁଣମଣୀ ପଟେଲ, ସନ୍ତୋଷିନୀ ଭୋଇ, ଗଜେନ୍ଦ୍ର ଭୋଇ, ସୁରେନ୍ଦ୍ର ବଖରା, ଶଶିକାନ୍ତ ନାଏକ ଯୋଗ ଦେଇଥିଲେ। ଏବିଇଓ ରବୀନ୍ଦ୍ର କୁମାର ସିଂ, ଶିକ୍ଷକ ସୁନିଲ କୁମାର ପଟେଲ ମଞ୍ଚ ପରିଚାଳନା କରିଥିଲାବେଳେ ଶିକ୍ଷକ ମୀନକେତନ ରାଉତ ଧନ୍ୟବାଦ ଦେଇଥିଲେ ।



କିର୍ମିରା ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳାରେ ମଞ୍ଚାସୀନ ଅତିଥି।

# 'ଓଡ଼ିଶାକୁ ନିଶାସକ୍ତ ନୁହେଁ, ନିଶାମୁକ୍ତ କର'

ରାଉରକେଲା ଅଫିସ, ୯। ୧୨

ରାଜ୍ୟରେ ବେଲଗାମ ଭାବେ ମଦ ବେପାର ଚାଲିଛି। ରାଜ୍ୟର ଗଳି କନ୍ଦିରେ ଖୋଲାଖୋଲି ମଦ କାରବାର ବୁଦ୍ଧିଜିବୀଙ୍କୁ ଚିନ୍ତାରେ ପକାଇଛି। କୋଶଳ ଜନତା ଦଳ ପକ୍ଷରୁ ଏହି ଅଭିଯୋଗ ହୋଇଛି। ଦଳ ମୁଖପାତ୍ର ଡ. ସୁରମା ମିଶ୍ର କହିଛନ୍ତି ଯେ, ଏହାକୁ ଯଦି ସରକାର ରୋକିବାକୁ ପଦକ୍ଷେପ ନ ନିଅନ୍ତି ତେବେ ଦିନେ ପରିସ୍ଥିତି ଅଣାୟତ ହେବା ଅସମ୍ଭବ ନୁହେଁ। ଏହି ମଦ କାରବାରକୁ ପ୍ରୋତ୍ସାହନ ଦେଉଥିବା ନେତା ନିଜେ ପଶ୍ଚାତାପ କରିବାକୁ ବାଧ ହେବେ। ସେତେବେଳକୁ ନେଡି ଗୁଡ କହୁଣୀକୁ ବୋହି ସାରିଥିବ। ମଦ୍ୟପାନ ଯୋଗୁ ଶିଶୁ, ନାରୀ ନିର୍ଯାତନା ବଢିବାରେ ଲାଗିଛି। ଚୋରି ଡକାୟତି ସଂଖ୍ୟା ବି କିଛି କମ୍ ନାହିଁ। ମଦ୍ୟପାନ କରି ଆଜିର ଯୁବ ଗୋଷ୍ଠୀ ପଥଭ୍ରଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସାମାଜିକ ଅଧୋପତନ ସହ ଅପକର୍ମ ସଂଖ୍ୟା ବି ବଢୁଛି। ନିଶାଗ୍ରସ୍ତ ମଣିଷ ବୁଦ୍ଧି ବିବେକ ହରାଇ ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛି। ଘର ପରିବାରକୁ ଏହି ମଦ ଉଚ୍ଛନ୍ନ କଲାଣି। କେଉଁଠି ବୃଦ୍ଧ ମାତା ପିତାଙ୍କୁ ମଦ୍ୟପ ପୁଅ ଅବହେଳା କରୁଛି ତ ଅନ୍ୟ କେଉଁଠି ସଂଘବଦ୍ଧ ଚୋରି ରାହାଜାନି ଘଟୁଛି। ମଦ ନିଶାରେ ମଣିଷ ଅନ୍ଧ ପାଲଟି ଯାଇ ନିଜ ସନ୍ତାନକୁ ହତ୍ୟା କରିବାକୁ ପଛାଉ ନାହିଁ। ସବୁ ବଳାତ୍କାରର ମୂଳ କାରଣ ମଦ। ଏକ ସଭ୍ୟ ସମାଜର ଯୁବ ପିଢିଙ୍କୁ ଯଦି ବେଳହୁଁ ନିଶା ଗ୍ରସ୍ତ କରାଯାଏ ତେବେ ସେହି ସମାଜ ଆଗକୁ ବଢିବ କିପରି ବୋଲି ମିଶ୍ର ପ୍ରଶ୍ନ ଉଠାଇଛନ୍ତି। ରାଜକୋଷ ଭରିବା ପାଇଁ ପ୍ରକୃତି ଆମକୁ ପର୍ଯ୍ୟାପ୍ତ ସୁଯୋଗ ଦେଇଛି। ଏହାର ଠିକ ବିନିଯୋଗ ନ କରି ଆମେ ଯଦି ମଦ ଉପରେ ନିର୍ଭର କରିବା ତେବେ ଏହାଠୁ ବଳି ଦୁର୍ଭାଗ୍ୟ କିଛି ହୋଇ ନ ପାରେ ବୋଲି ମିଶ୍ର ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ରାଜ୍ୟରେ ମୂଲ୍ୟବାନ ଖଣିଜ ସଂପଦ, ଅରଣ୍ୟ ସଂପଦ, ଜଳ ସଂପଦ, ସମୁଦ୍ର ବେଳାଭୂମି, ପର୍ଯ୍ୟଟନ କ୍ଷେତ୍ର ସହ ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ଓ କୋଣାର୍କ ମନ୍ଦିର ଥାଉ ଥାଉ ଆମେ ଶେଷରେ ରାଜସ୍ୱ ପାଇଁ ମଦକୁ ଆଶ୍ରା କରିବା କତେଦୂର ଯୁକ୍ତି ସଂଗତ ସେ କଥା ବୁଦ୍ଧିଜିବୀଙ୍କୁ ଆଶ୍ଚର୍ଯ୍ୟ କରିଛି। ପୁଣ୍ୟ ଭୂମି ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରର ମଣିଷକୁ ନିଶା ଖୁଆଇ ମାତାଲ କରାଯାଉଛି। ମଦ, ଗଞ୍ଜେଇ, ଡ୍ରଗ୍ସ ଗଳି କନ୍ଦିକୁ ବ୍ୟାପିଲାଣି। ଗାଁ ଗାଁରେ ମଦ ଖଟି ଆମ ସଂସ୍କୃତିକୁ ବୁଡାଇବାକୁ ବସିଲାଣି। ଗ୍ରାମ୍ୟ ଜୀବନ ଆଜି କଳୁଷିତ ହେବାକୁ ବସିଛି। ଏଣୁ ସରକାରଙ୍କ ଚୈତନ୍ୟ ଉଦୟ ହେବା ଆବଶ୍ୟକ ରହିଛି। ଦେଶର ଭବିଷ୍ୟତ ପିଢି ସଂପୂର୍ଣ୍ଣ ଦିଗହରା ଜୀବନ ଜିଇଁବାକୁ ବାଧ ହେଉଛି। ନିଶା ନଶ୍ଟେତକ ଦେଇ ସାମାଜକୁ ପଙ୍ଗୁ କରିବାରୁ ସରକାର ନିଜକୁ କ୍ଷାନ୍ତ ରଖନ୍ତୁ ବୋଲି ମିଶ୍ର କହିଛନ୍ତି। ସେହିଭଳି ପଶ୍ଚିମ ଓଡିଶାର ବିକାଶ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଏ ଦିଗରେ ସରକାର ସଚେତନ ହେବାକୁ କହିଛନ୍ତି। ଏଠାକାର ଶିକ୍ଷା, ସ୍ୱାସ୍ଥ୍ୟ ସେବା ଆଜି ପର୍ଯ୍ୟନ୍ତ ଉନ୍ନତମାନର ହୋଇ ପାରିଲାନି। ଆଦିବାସୀବହୁଳ ଅଞ୍ଚଳ ହୋଇଥିବାରୁ ଏଠାକାର ଅନ୍ଧ ବିଶ୍ୱାସ, କୁପ୍ରଥା ଦୂର ହୋଇ ପାରୁନି। ମହୁଲ ଉତ୍ପାଦନ ଯୋଗୁ ଦେଶୀ ମଦକୁ ରୋକାଯାଇ ପାରୁନି। ଡାହାଣୀ, ଗୁଣି ଗାରେଡି ଭଳି କୁପ୍ରଥା ଦୂର ହୋଇ ପାରୁନି। ଏଭଳି ଅନେକ ଅବ୍ୟବସ୍ଥା ଅଞ୍ଚଳକୁ ପଛୁଆ କରି ରଖିଛି। ଏ ନେଇ ସରକାରୀ ସ୍ତରରେ ଉଦ୍ୟମ ନାହିଁ। ପ୍ରତି କ୍ଷେତ୍ରରେ ଦଲାଲିରାଜ ନିରିହ ମଣିଷକୁ ଶୋଷିବାରେ ଲାଗିଛି। ଆର୍ଥିକ ଅନଟନ ଯୋଗୁ ପଶ୍ଚିମ ଓଡିଶାରୁ ଅଧିକ ଦାଦନ ତଥା ଯୁବତୀ ଚାଲାଣ ବିଭିନ୍ନ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଏଠାର ମହିଳାମାନେ ରାଜଧାନୀକୁ ଯାଇ ମହିଳା କମିଶନଙ୍କ ପାଖରେ ନିଜ ଦୁଃଖ ବା ଅଭିଯୋଗ କରିବାକୁ ସାହସ କରି ପାରୁନି। ଏଣୁ ପଶ୍ଚିମ ଓଡିଶାରେ ଜଣେ ମହିଳାଙ୍କୁ ରାଜ୍ୟ ମହିଳା କମିଶନରେ ନିଯୁକ୍ତି ଦେବାକୁ ମିଶ୍ର ଗୁରୁତ୍ୱାରୋପ କରିଛନ୍ତି। ପ୍ରକାଶଯୋଗ୍ୟ, ଓଡ଼ିଶାକୁ ନିଶାମୁକ୍ତ କରିବା ଦାବିରେ କୋଶଳ ଜନତା ଦଳ ପକ୍ଷରୁ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଇଛି।




ଓଡ଼ିଶାକୁ ନିଶାମୁକ୍ତ କରିବା ଦାବିରେ କୋଶଳ ଜନତା ଦଳ କର୍ମକର୍ତ୍ତା ଆରଏମ୍‌ସି କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରୁଛନ୍ତି।

# ରାଉରକେଲାରେ ଗଛକଟାକୁ ବିରୋଧ

ରାଉରକେଲା ଅଫିସ,୯। ୧୨

ରାଉରକେଲା ସହରରେ ବ୍ୟାପକ ଗଛକଟାକୁ ଜିଲା କଂଗ୍ରେସ କମିଟି ବିରୋଧ କରିଛି। ବରିଷ୍ଠ ନେତା ରବି ରାୟଙ୍କ ନେତୃତ୍ୱରେ ସୋମବାର ଏକ ପ୍ରତିନିଧି ମଣ୍ଡଳୀ ଆର୍‌ଏସ୍‌ପି ସହର ସେବା ପ୍ରଶାସକଙ୍କୁ ଭେଟି ଆପତ୍ତି ଉଠାଇଛନ୍ତି। ଏହି ଅବସରରେ ରାୟ କହିଥିଲେ ମଧୁବନ ରେଷ୍ଟୁରାଣ୍ଟ ଅଞ୍ଚଳରେ ଏଭଳି ଅବାଧ ବୃକ୍ଷ କଟା ଚାଲିଛି। ପାର୍କିଂ ଆଳରେ ଏହି ଗଛ କଟା ଯାଇଥିବା ସେ ଅଭିଯୋଗ କରିଥିଲେ। ବୃକ୍ଷ ରୋପଣ ନେଇ ଅନାଗ୍ରହୀ ବିଭାଗ ଏଭଳି ବେପରୁଆ ଗଛ କାଟିବା ଅନୁଚିତ ବୋଲି ପ୍ରତିନିଧି ମଣ୍ଡଳୀ ପକ୍ଷରୁ କୁହାଯାଇଥିଲା। ଏହି ଅବସରରେ ରାୟ କ୍ୱାଟର୍ସ ଆଲଟମେଣ୍ଟ ନେଇ କର୍ତ୍ତୃପକ୍ଷଙ୍କ ସର୍ତ୍ତକୁ ବିରୋଧ କରିଥିଲେ। ସେ କହିଥିଲେ ଜଣେ ଆବେଦନକାରୀ ଫର୍ମ କିଣିବା ସମୟରେ ୫ ହଜାର ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ପରିବର୍ତ୍ତନ କରି ୧ ହଜାର ଟଙ୍କା ମଧ୍ୟରେ ସୀମିତ ରଖାଯାଉ। ଏଭଳି ହେଲେ ସାଧାରଣରେ ଏହା ଗ୍ରହଣୀୟ ହୋଇ ପାରିବ। କାରଣ ବୋକାରୋ, ଦୁର୍ଗାପୁର ଆଦି ଇସ୍ପାତ କାରଖାନାରେ ଦରଖାସ୍ତ ଫର୍ମର ମୂଲ୍ୟ ଅଧିକ ରଖାଯାଇ ନାହିଁ। ଯେଉଁ ଆଶାୟୀ ବ୍ୟକ୍ତି ବାରମ୍ବାର ଘର ପାଇବାକୁ ଆବେଦନ କରୁଛନ୍ତି ସେମନାଙ୍କୁ ଭରିଷ୍ଠତା ଆଧାରାରେ ଘର ଯୋଗାଇ ଦେବାକୁ ରାୟ ଦାବି କରିଥିଲେ। ଏହି ଅବସରରେ ଆରଏସପି ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦଳ ପକ୍ଷରୁ ଏକ ଦାବି ପତ୍ର ପ୍ରଦାନ କରାଯାଇ ଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ସବିର ହୁସେନ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଅଜିତ ସାମଲ, ଲତା ନାୟକ, ଗୀତା ସିଂ, ରଘୁନାଥ ଦାସ, ଦୁସା ନାୟକ. ଅମରେନ୍ଦ୍ର ସିଂ, ଇଜାଜ ଅଖତର, ଆୟୁବ ଖାନ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ରାଉରକେଲା ସହରରେ ଗଛକଟାକୁ ବିରୋଧ କରି ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା ସୋମବାର ଆର୍‌ଏସ୍‌ପି ସହର ସେବା ପ୍ରଶାସକଙ୍କୁ ଭେଟି ଆଲୋଚନା କରୁଛନ୍ତି।

# 'ଆମ ବକେୟା ଦରମା ଦିଅ'

ଲଖନପୁର,୯।୧୨ (ଡି.ଏନ୍.ଏ.)

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପରେ କାର୍ଯ୍ୟରତ ଘରୋଇ ସୁରକ୍ଷାକର୍ମୀମାନେ ବକେୟା ଦରମା ଦାବିରେ ସୋମବାର ପ୍ରକଳ୍ପ ରିସର୍ଚ୍ଚ ସେଣ୍ଟରରେ ଦିନିକିଆ ଗଣଧାରଣା ଦେଇଥିଲେ। ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବାସୁଦେବ ଭୋଇ, ଶ୍ରମିକନେତା ରମେଶ ତ୍ରିପାଠୀ, ଅଜୟ ବିଶ୍ୱାଳ, ଗୌତମ ପ୍ରଧାନ, ସ୍ଥାନୀୟ ଠିକାଦାରମାନେ ଏମାନଙ୍କୁ ସମର୍ଥନ ଜଣାଇଥିଲେ। ଏ ନେଇ ପ୍ରକଳ୍ପର ଲୋକସମ୍ପର୍କ ଅଧିକାରୀ ଦୀଲିପ କୁମାର ପଣ୍ଡା କହିଛନ୍ତି ଯେ, କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ ମଧ୍ୟରେ ଆଲୋଚନା ଜାରି ରହିଛି। ଅନ୍ୟପକ୍ଷେ ଜିଲା ଶ୍ରମ ଅଧିକାରୀ କୃଷ୍ଣମୋହନ ରାଉତ କହିଛନ୍ତି ଯେ, ସୁରକ୍ଷା ସଂସ୍ଥା ନିକଟରୁ ବିଲ୍ କାଟି ସୁରକ୍ଷାକର୍ମୀଙ୍କୁ ସେମାନଙ୍କର ବକେୟା ଦରମା ପ୍ରଦାନ କରିବା ପାଇଁ ସେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି।



ଓପିଜିସିର ରିସର୍ଚ୍ଚ ସେଣ୍ଟର ସମ୍ମୁଖରେ ସୁରକ୍ଷାକର୍ମୀମାନେ ଗଣଧାରଣା ଦେଇଛନ୍ତି।

# ପୁରସ୍କୃତ ହେଲେ କୁଇଜ୍ କୃତୀ ପ୍ରତିଯୋଗୀ

ଝାରସୁଗୁଡା ଅଫିସ୍/ଲଖନପୁର, ୯।୧୨ (ଡି.ଏନ୍.ଏ.)

ରାଜ୍ୟ ଶକ୍ତି ଓ ପରିବେଶ ବିଭାଗ ତରଫରୁ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ଝାରସୁଗୁଡା ପୌରାଞ୍ଚଳ ପୁରୁଣାବସ୍ତି ହାଇସ୍କୁଲ୍‌ରେ ଏକ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତାରୁ ଉତ୍ତୀର୍ଣ୍ଣ ୧୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବନ୍ଧବାହାଲ ଡିଏଭି ପବ୍ଲିକ୍‌ସ୍କୁଲ୍ ଛାତ୍ର ଆଶୁତୋଷ ପରିଡା ପ୍ରଥମ, କୁଲାବିରା ପଂଚାୟତ ସମିତି ହାଇସ୍କୁଲ୍ ଛାତ୍ରୀ ଝାନ୍‌ସୀ ବଡି ଦ୍ୱିତୀୟ, ବନ୍ଧବାହାଲ ଡିଏଭି ପବ୍ଲିକ୍ ସ୍କୁଲ୍ ଛାତ୍ର ଅମ୍ରିତାଂଶୁ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରି ଶକ୍ତି ଓ ପରିବେଶ ବିଭାଗ ତରଫରୁ ପୁରସ୍କୃତ ହୋଇଛନ୍ତି। ପ୍ରଧାନ ଶିକ୍ଷକ ଲଳିତ କୁମାର ହୋତା, ଶିକ୍ଷାବିଭାଗ ଅଧିକାରୀ ସଦାନନ୍ଦ ଦାସ, ଶିକ୍ଷକ ପୂର୍ଣ୍ଣେନ୍ଦୁ ପାଣିଗ୍ରାହୀ, ଦୀଲିପ ଲାର୍କା, ଭାରତୀ ଭୋଇ ଓ ରୁବି ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକାଶଯୋଗ୍ୟ, ଜିଲାସ୍ତରରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୩ ଓ ୧୪ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଯୋଗ ଦେବେ।



ଅତିଥିଙ୍କ ଗହଣରେ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

### ଚାଷୀଙ୍କ ଉପରେ ଛତିଶଗଡ଼ ପୋଲିସର ଦାଦାଗିରି ଘଟଣା

# ଧାନ ବୋଝେଇ ଗାଡ଼ି ଫେରାଇବାକୁ ରାଜି

ଲଖନପୁର,୯।୧୨ (ଡି.ଏନ୍.ଏ.)

**ହସ୍ତକ୍ଷେପ କଲେ ଜିଲାପାଳ**

ଝାରସୁଗୁଡା ଜିଲା କନକତୋରା ବାବୁଖାରୀରୁ ଛତିଶଗଡ ରାୟଗଡ ଝୁଟ୍‌ମିଲ୍ ଥାନା ପୋଲିସ ଏକ ଧାନ ବୋଝେଇ ଗାଡି ଜବତ କରିବା ଘଟଣାରେ ଶେଷରେ ଜିଲାପାଳ ସରୋଜ କୁମାର ସାମଲ ହସ୍ତକ୍ଷେପ କରିଛନ୍ତି। ଭାଗଚାଷୀ ମନୋଜ ମେହେରଙ୍କ ସମେତ ଅନ୍ୟମାନେ ଲଖନପୁର ବ୍ଲକ୍ କାର୍ଯ୍ୟାଳୟ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲିଖିତ ଅଭିଯୋଗ କରିବା ସହ ରେଙ୍ଗାଲି ଥାନାରେ ଏକ ଲିଖିତ ଅଭିଯୋଗ ମଧ କରିଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଯୋଗାଣ ବିଭାଗ ଓ ଲଖନପୁର ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ ତଦନ୍ତ କରି ରିପୋର୍ଟ ଦେଇଛନ୍ତି। ଜିଲାପାଳ ସାମଲ ଛତିଶଗଡ ରାୟଗଡ ଜିଲାପାଳ ଯଶୋବନ୍ତ କୁମାରଙ୍କ ସହିତ ଆଲୋଚନା ମଧ କରିଛନ୍ତି। ରେଙ୍ଗାଲି ଥାନା ଆଇଆଇସି ଦାନିୟଲ କେର୍କେଟା ଓ ଏସ୍‌ଆଇ ବିଜି ପଟ୍ଟନାୟକ ପ୍ରମୁଖ ପୋଲିସ ଅଧିକାରୀ ଝୁଟ୍‌ମିଲ୍ ଥାନାରେ ପହଞ୍ଚି ଆଲୋଚନା କରିବା ପରେ ପୋଲିସ ଜବତ ଧାନ ବୋଝେଇ ଗାଡିକୁ ଛାଡି ଦେବା ପାଇଁ ସହମତି ମଧ ପ୍ରକାଶ କରିଛି। ଅନ୍ୟପକ୍ଷେ ଏ ସମ୍ପର୍କରେ ଚାଷୀମାନେ ବିଧାୟକ କିଶୋର ମହାନ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମଙ୍ଗଳବାର କନକତୋରା ଗ୍ରାମ ପରିଦର୍ଶନ କରିବେ ବୋଲି ବିଧାୟକ ଚାଷୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, କନକତୋରା ଗ୍ରାମର ଭାଗଚାଷୀ ମନୋଜ ସୀମାନ୍ତରେ ଧାନଚାଷ କରିଥିଲେ। ଧାନକାଟି ବିଲରେ ଅମଳ କରିବା ପରେ ଏକ ଟାଟା ମେଜିକ୍ ଗାଡିରେ (୩୮ବସ୍ତା) ବୋଝେଇ କରି ଘରକୁ ଆଣୁ ଥିଲେ। ହେଲେ ଛତିଶଗଡ ପୋଲିସ ଧରି ନେଇଥିଲା। ଓଡିଶା ଅପେକ୍ଷା ଛତିଶଗଡରେ ଧାନ ଦର ଅଧିକ ରହିଛି। ଏଣୁ ଓଡିଶା ସୀମାନ୍ତର ଚାଷୀ ଛତିଶଗଡରେ ଯେମିତି ଧାନ ବିକ୍ରି କରି ନ ପାରିବେ ସେ ନେଇ ଛତିଶଗଡ ସରକାର ସୀମାନ୍ତରେ କଡାକଡି କରିଛନ୍ତି।



ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ ଧାନ ବିଲରେ ପୋଲିସ ଉପସ୍ଥିତିରେ ତଦନ୍ତ କରୁଛନ୍ତି।



ଗୋଟିଏ ମାଆ ଲକ୍ଷେ ଧର୍ମ ଉପଦେଷ୍ଟାଙ୍କ ସଙ୍ଗେ ସମାନ। —ସକ୍ରେଟିସ୍



**ସଂକ୍ଷେପରେ**

## ତିଲଡେଗା ଗାଁରେ ଧାନଗଦା ପୋଡ଼ି ଦେଲେ ଦୁର୍ବୃତ୍ତ

ବାଲିଶଙ୍କରା, ୯।୧୨ (ଡି.ଏନ.ଏ) ବାଲିଶଙ୍କରା ବ୍ଲକର ତିଲଡେଗା ଗ୍ରାମର ଜଣେ ଚାଷୀଙ୍କ ଧାନଗଦାକୁ କେହି ପୋଡି ଦେଇଛନ୍ତି। ଚାଷୀ ନରେଶ ସାହୁ ଅଢ଼େଇ ଏକର ଜମିରୁ ଧାନ ଅମଳ କରି ଖଳାରେ ରଖିଥିଲେ। ହେଲେ କେହି ନିଆଁ ଲଗାଇ ଦେବାରୁ ସଂପୂର୍ଣ୍ଣ ଭାବେ ଜଳି ଛାରଖାର ହୋଇଯାଇଛି। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲେ। ହେଲେ ସେତେବେଳକୁ ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି।

## ବନ୍ଧବାହାଲରେ ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବାଲିଶଙ୍କରା,୯।୧୨(ଡି.ଏନ.ଏ.) ବାଲିଶଙ୍କରା ବ୍ଲକର ବନ୍ଧବାହାଲ ଗ୍ରାମର ଜେଆର୍‌ୱାଇସି ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଗାଁ ମୁଖିଆ ସନ୍ତୋଷ କୁମାର କାଲୋ ନଡିଆ ଭାଙ୍ଗି ଉଦ୍‌ଘାଟନ କରିଥିଲେ। ସମିତି ମେମ୍ବର କିଶୋର ଚୌଧୁରୀ, ନୀଳାଦ୍ରି ରାଉତ, ଅଶୋକ ପଟେଲ, ରମେଶ ସାହୁ, ଶଚିଦାନନ୍ଦ ଦାଶ, ରଜତ ପଟେଲ, ବିଜୟ କୁମାର ସା, ରଞ୍ଜନ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ସୁନ୍ଦରଗଡର ରାଉରକେଲା ଜୟଶ୍ରୀରାମ କ୍ଲବ ଓ ତୁଳସୀ କ୍ଲବ ଝାରସୁଗୁଡା ମଧ୍ୟରେ ଖେଳ ହୋଇଥିଲା। ଏଥିରେ ରାଉରକେଲା ୫-୪ରେ ବିଜୟୀ ହୋଇଛି। ହେମନ୍ତ କୁମାର ଦାସ, ପ୍ରଦୀପ ପ୍ରଧାନ, କୁମରମଣି ଛତ୍ରିଆ ପ୍ରମୁଖ ସହାୟତା କରିଥିଲେ। ୧୧ ତାରିଖରେ ଫାଇନାଲ ଖେଳ ଆୟୋଜିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

# ନୂଆ ମୋଟର ଯାନ ଆଇନ ଦୁର୍ଘଟଣା କମାଇଛି

**ପରିବହନ ମନ୍ତ୍ରୀଙ୍କ ସୁନ୍ଦରଗଡ ଜିଲା ଗସ୍ତ**

ସୁନ୍ଦରଗଡ,୯।୧୨ (ଡି.ଏନ୍.ଏ.)

ନୂଆ ମୋଟର ଯାନ ଆଇନ-୨୦୧୯ ରାଜ୍ୟରେ କାର୍ଯ୍ୟକାରୀ ହେବା ପରେ ଦୁର୍ଘଟଣା ହାର ୫୦ ପ୍ରତିଶତ କମିଛି। ରାଜ୍ୟ ଯୋଜନା, ପରିସଂଖ୍ୟାନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସୋମବାର ସୁନ୍ଦରଗଡ଼ ଆସିଥିବା ଅବସରରେ ଏହା ପ୍ରକାଶ କରିଛନ୍ତି। ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ, ଗାଡିର ଅନ୍ୟାନ୍ୟ କାଗଜପତ୍ର ପ୍ରସ୍ତୁତି ପାଇଁ ପ୍ରଥମେ ୩ମାସ କୋହଳ କରା ଯାଇଥିଲା। ପରେ ଆଉ ୩ମାସ ବୃଦ୍ଧି କରାଯାଇଛି। ହେଲେ ବାଇକ୍ ଚଳାଇବା ବେଳେ ହେଲମେଟ୍ ଓ ୪ଚକିଆ ଚଲାଇବା ବେଳେ ବେଲ୍ଟ ବ୍ୟବହାର ବାଧ୍ୟତାମୂଳକ ହୋଇଛି। ଏହାକୁ ଉଲ୍ଲଙ୍ଘନ କଲେ କିମ୍ବା ବେପରୁଆ ଓ ମଦ ପିଇ ଗାଡି ଚାଳନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡାକଡି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ



ମନ୍ତ୍ରୀଙ୍କ ଗସ୍ତ ଅବସରରେ ଉପସ୍ଥିତ ବିଭିନ୍ନ ଅଧିକାରୀମାନେ।

ବୋଲି ମନ୍ତ୍ରୀ କହିଛନ୍ତି। ତେବେ ସ୍ଥାନୀୟ ସର୍କିଟ ହାଉସଠାରେ ଏକ ସମୀକ୍ଷା ବୈଠକରେ ସେ ଯୋଗ ଦେଇଥିଲେ। ପରିବହନ ବିଭାଗ ସମେତ ଜିଲା ଖଣିଜ ପାଣ୍ଠିରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଛନ୍ତି। ଡେଙ୍ଗିଭାଡି ନିକଟରେ ନବନିର୍ମିତ ଗାଡି ଚାଳନା ପରୀକ୍ଷଣ କେନ୍ଦ୍ର ପଡିଆ ପରିଦର୍ଶନ କରିବା ସହ ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ ବୁଲି ଦେଖିଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ପରିବହନ ଅଧିକାରୀ ରାମନିବାସ ସିରିକା, ଅତିରିକ୍ତ ଜିଲା ପରିବହନ ଅଧିକାରୀ ସୁସ୍ମିତା ବେହେରା, ମୋଟର ଯାନ ନିରୀକ୍ଷକ ରାମଦାସ ଟୁଡୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମଙ୍ଗଳବାର ମନ୍ତ୍ରୀ ରାଉରକେଲା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି।

## ଜୁଆ ଆଡ୍ଡାରୁ ୮ ଗିରଫ

ରାଉରକେଲା ଅଫିସ,୯।୧୨

ସୋମବାର ରାତିରେ ରାଉରକେଲା ପୋଲିସ ୮ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ସେମାନେ ଜନତା ନିବାସ ପଛରେ ଜୁଆ ଖେଳୁଥିବା ବେଳେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ନଗଦ ୨୬ ହଜାର ୬ଶହ ଟଙ୍କା, ୭ ମୋବାଇଲ ଫୋନ ଓ ତାସ କାର୍ଡ ଜବତ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ସ୍ୱରୂପ ବକ୍ସି, ମୁକେଶ ସିଂ, ଅମିତାଭ ଯାଦବ, ଏମ୍‌ଡି ଆଫ୍‌ତାବ୍, ଚନ୍ଦନ ସାହାଣୀ ଓ ପିଣ୍ଟୁ ରାୟ, ଭେଲା ସାହୁ ଓ ଛୋଟୁ ଦତ୍ତ।

## ଲୋକୋ ପାଇଲଟ ନିଖୋଜ

ରାଉରକେଲା ଅଫିସ, ୯।୧୨

ରାଉରକେଲାରୁ ଡିସେମ୍ବର ୪ରେ ମାଲଗାଡ଼ି ନେଇ ବ୍ରଜରାଜନଗର ପହଞ୍ଚିବା ପରେ ଜଣେ ଲୋକୋ ପାଇଲଟ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି । ୬ ତାରିଖରେ ରାଉରକେଲା ରେଲୱେ ପୋଲିସ ଥାନାରେ ଅଭିଯୋଗ ହୋଇଛି । ତାଙ୍କ ଫୋନ୍ ସୁଇଚ୍ ଅଫ୍ ଦେଖାଉଛି । ଶନିବାର ରାତି ୧୦ଟା ୧୫ ପର୍ଯ୍ୟନ୍ତ ସେ ହ୍ୱାଟ୍ସଆପ୍‌ରେ କଥା ହୋଇଥିଲେ ବୋଲି ତାଙ୍କ ସ୍ତ୍ରୀ ପୋଲିସକୁ କହିଛନ୍ତି।

# ସଂସ୍କାର ଶିକ୍ଷା ଆଗାମୀ ଭାରତକୁ ଶକ୍ତିଶାଳୀ କରିବ

ରାଉରକେଲା ଅଫିସ, ୯। ୧୨

ଫର୍ଟିଲାଇଜର ଟାଉନସିପ ଗାୟତ୍ରୀ ପ୍ରଜ୍ଞାପୀଠ ଆନୁକୂଲ୍ୟରେ ଡାକ୍ତର ରାହାସବିହାରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆସ ଗଢିବା ସଂସ୍କାରବାନ ପିଢି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏ ନେଇ ଇ ବ୍ଲକ ମାଉସୀ ମା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହରିଦ୍ୱାରରୁ ପ୍ରଶିକ୍ଷିତ ମହାପାତ୍ର ଅଧକ୍ଷତା କରିଥିଲେ। ଏହି ଅବସରରେ ସେ ବକ୍ତବ୍ୟ ପ୍ରଦାନ କରି ମାତୃଗର୍ଭରେ ଶିଶୁର ସଂରଚନା ଉପରେ ସବିଶେଷ ଆଲୋଚନା କରିଥିଲେ। ସେ କହିଥିଲେ ଶିଶୁର ଶାରୀରିକ, ମାନସିକ, ସାମାଜିକ ଏବଂ ଆଧାତ୍ମିକ ବିକାଶ ନେଇ ସ୍ୱତନ୍ତ୍ରତା ରହିଛି। ଏହାକୁ ଆମେ ହେୟ ମନେ କରିବା ଅନୁଚିତ। ଜଣେ ଉତ୍ତମ, ଆଦର୍ଶ ତଥା ସର୍ବଗୁଣ ସଂପନ୍ନ ସନ୍ତାନ ଲାଭ କରିବା ଅତ୍ୟନ୍ତ ଗୌରବର କଥା। ଜଣେ ଉପଯୁକ୍ତ ସନ୍ତାନ ହିଁ ଗୁଣବାନ ନାଗରିକ ଭାବେ ଏ ଦେଶକୁ ସମୃଦ୍ଧଶାଳୀ କରିବାରେ ସହଭାଗୀ ହୋଇ ପାରିବ। ମନରେ ସେବା ମନୋଭାବ ଓ ରାଷ୍ଟ୍ର ପ୍ରେମ ନ ରହିଲେ ଆମେ ନିଜକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିବାନି। ଏଣୁ ମାତୃ ଗର୍ଭରେ ଥାଇ ଶିଶୁ ୮୦ ପ୍ରତିଶତ ବିଭିନ୍ନ ଗୁଣର ଅଧିକାରୀ ହେଉଥିବାରୁ ଏ ଦିଗରେ ଆମକୁ ଯତ୍ନବାନ ହେବାକୁ ପଡିବ ବୋଲି ଡାକ୍ତର ମହାପାତ୍ର ଏଥିରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସେ ପ୍ରୋଜେକ୍ଟର ମାଧ୍ୟମରେ ମଣିଷର ଦିନ ଚର୍ଯ୍ୟା ନେଇ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଗାୟତ୍ରୀ ପରିବାର ପକ୍ଷରୁ ବିଚିତ୍ରାନନ୍ଦ ଦାସ, ଶଶୀରେଖା ଦାସ, ରୀନାବାଳା ସ୍ୱାଇଁ ପ୍ରମୁଳ ଉପସ୍ଥିତ ଥିଲେ।

# ମେଧାବୀ କଲେଜ ଛାତ୍ରୀଛାତ୍ର ଲାପ୍‌ଟପ୍ ପାଇଲେ




ସୁନ୍ଦରଗଡ ସରକାରୀ କଲେଜରେ ଲାପଟପ ବଣ୍ଟନ କରାଯାଉଛି।

ସୁନ୍ଦରଗଡ,୯।୧୨(ଡି.ଏନ୍.ଏ)

ବିଜୁ ଯୁବ ସଶକ୍ତୀକରଣ ଯୋଜନା ମାଧ୍ୟମରେ ରାଜ୍ୟର ମେଧାବୀ କଲେଜ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଉଛି। ଏହିକ୍ରମରେ ସୁନ୍ଦରଗଡ ସରକାରୀ କଲେଜକୁ ଜିଲାର ଲାପ୍‌ଟପ୍ ବଣ୍ଟନର ନୋଡାଲ କେନ୍ଦ୍ର ଭାବେ ଚୟନ କରାଯାଇଛି। ଏଣୁ ସୋମବାର କଲେଜ ଅଧକ୍ଷ ଡଃ କିଶୋର କୁମାର ଦାଶଙ୍କ ଉପସ୍ଥିତିରେ କେତେକଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଇଛି। ପ୍ରଶାସନ ପକ୍ଷରୁ ଉପଜିଲାପାଳ ଅଭିମନ୍ୟୁ ବେହେରା ଯୋଗଦେଇ ଲାପ୍‌ଟପ୍ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘର ସଭାପତି ତଥା ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ ଗୌରୀ ଶଙ୍କର ପଟେଲ, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ବେଣୁମାଧବ ତ୍ରିପାଠୀ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଅଜୟ ପଟେଲ, ଜୟ ନାରାୟଣ ତ୍ରିପାଠୀ, ହରଜେନ୍ଦ୍ର ସିଂ, ରାଜୁ ଠାକୁର, ସୌମେନ୍ ବାରିକ, ଅଜିତ ପ୍ରସାଦ, ପ୍ରଫୁଲ୍ଲ ସୁନାନୀ, ନିର୍ମଳ ନାଏକ, ସୁମନ୍ତ କୁମାର ପଣ୍ଡା, ପଞ୍ଚା ବାର୍ଲା, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ବୈକୁଣ୍ଠ ନାଏକ, ମନୀଷ ପଟେଲ, ଦେବେନ୍ଦ୍ର ଭିତ୍ରିଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ଡଃ ଜୟଶ୍ରୀ ଶୁକ୍ଲା, କାର୍ଯ୍ୟାଳୟ ମୁଖ୍ୟ ପ୍ରଦୀପ ବହିଦାର, ଅଧ୍ୟାପିକା ସୁରମା ଖାଲ୍‌କୋ, ପଦ୍ମିନୀ ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ସୁନ୍ଦରଗଡ଼ ଜିଲାର ବିଭିନ୍ନ କଲେଜର ୬୩୪ଜଣ ଛାତ୍ରୀଛାତ୍ରଙ୍କୁ ଏଠାରୁ ପର୍ଯ୍ୟାୟ କ୍ରମେ ଲାପ୍‌ଟପ୍ ବଣ୍ଟନ କରାଯିବ।

### ଲେଫ୍ରିପଡ଼ା ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

# ୨୭୫ ପ୍ରକଳ୍ପରୁ ୭ ଜିଲାସ୍ତରକୁ ଚୟନ

ଲେଫ୍ରିପଡା,୯।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲେଫ୍ରିପଡା ଜୟରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପ୍ରାଇମେରି ସ୍କୁଲଗୁଡିକରୁ ୧୦୫, ଅପର ପ୍ରାଇମେରି ସ୍କୁଲଗୁଡିକରୁ ୧୦୦, ଉଚ୍ଚ ବିଦ୍ୟାଳୟଗୁଡିକରୁ ୬୮ ଏବଂ ଇଂରାଜୀ ବିଦ୍ୟାଳୟଗୁଡିକରୁ ୨ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସେଥିରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ଚୟନ କରାଯାଇଛି।




ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳାରେ ଅତିଥିମାନେ।

ଏଥିରେ ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀରାଣୀ ରାଜ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ସଫଳତା ଦିଗରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲେଫ୍ରିପଡା ଏବିଇଓ ଉପେନ୍ଦ୍ର ପଟେଲ, ଭାଲେରିଆ ମିଂଜ୍, ଜୟରାମ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ସା, ଗିରିଙ୍ଗକେଲା କେସିପି ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଲେଫ୍ରିପଡା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ୍ ଉପାଧ୍ୟକ୍ଷ ଅମୀରକୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବ୍ଲକ୍ ଅଧକ୍ଷା କାମିନୀ କାଲୋ ଯୋଗ ଦେଇଥିଲେ। ଶିକ୍ଷକ ଅନିଲ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

### ଦେଓଭୁବନପୁରରେ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଖୁଣ୍ଟଗାଁକୁ ପରାସ୍ତକରି କିଞ୍ଜିରକେଲା ବିଜୟୀ

ବାଲିଶଙ୍କରା, ୯।୧୨ (ଡି.ଏନ.ଏ.)

ବାଲିଶଙ୍କରା ବ୍ଲକ ଦେଓଭବନପୁର ଗ୍ରାମର ମାଁ ସମଲେଶ୍ୱରୀ କ୍ଲବ ତରଫରୁ ପଞ୍ଚ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। କିଞ୍ଜିରକେଲା କ୍ରିକେଟ ଦଳ ସହିତ ଖୁଟୁଗାଁ ଦଳର ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ଏଥିରେ କିଞ୍ଜିରକେଲା ଦଳ ୮ ଓଭରରେ ୮୭ ରନ୍ କରି ଖୁଣ୍ଟଗାଁକୁ ପରାସ୍ତ କରି ବିଜୟୀ ହୋଇଛି। ୧୩ ତାରିଖ ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ତେବେ ସଞ୍ଜୀବ ବାର୍ଲା ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ନାଏକ, ପ୍ରଦୀପ ନନ୍ଦ, ସତ୍ୟ ସେଠ ପ୍ରମୁଖ ଯୋଗ ଦେଇଥିଲେ। ଖେଳ ଦ୍ୱାରା ବନ୍ଧୁତ୍ୱ ସ୍ଥାପନ ହେବା ସହିତ ଶରୀର ସୁସ୍ଥ ସବଳ ରହିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଶୁଭମ ପଟେଲ, ପ୍ରକାଶ ଭଇସାଲ ଖେଳ ପରିଚାଳନା କରିଥିଲେ। ମାଁ ସମଲେଶ୍ୱରୀ କ୍ଲବର କର୍ମକର୍ତ୍ତା ସହାୟତା କରିଥିଲେ ।

# ସିଆଲଯୋରରେ ଧାନମଣ୍ଡି ଉଦ୍‌ଘାଟିତ

କୁତ୍ରା, ୯।୧୨ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୁତ୍ରା ଲ୍ୟାମ୍ପ ଅଧୀନ ସିଆଲଯୋର ଗ୍ରାମରେ ଏବର୍ଷ ପାଇଁ ସରକାରଙ୍କ ପକ୍ଷରୁ ପ୍ରଥମ ଧାନ ମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଛି । ଏହି ମଣ୍ଡିକୁ କୁତ୍ରା ବିଡିଓ ମାନସରଞ୍ଜନ ରାୟ ପୂଜାର୍ଚ୍ଚନା ପରେ ଉଦ୍‌ଘାଟନ କରିଥିଲେ। ଆରଏମସିର ସମ୍ପାଦକ ବନମାଳୀ ନାଏକ, ମାଧବ ଢ଼ିଲା ଓ ଉଦିତ କୁମାର ପଟେଲ ଉପସ୍ଥିତ ଥିଲେ। ଚାଷୀଙ୍କୁ ହଇରାଣ ନ କରି ସୁରୁଖୁରୁରେ ଧାନ କିଣିବା ପାଇଁ ବ୍ଲକର ଯୋଗାଣ ନିରୀକ୍ଷକ ପୀତବାସ ମଲ୍ଲିକ, ଏଆର୍‌ସିଏସ କେ. ପ୍ରଧାନ କୁତ୍ରା ଲ୍ୟାମ୍ପ ଭାରପ୍ରାପ୍ତ ପରିଚାଳକ ସନ୍ତୋଷ ସାହୁଙ୍କୁ ପରାମର୍ଶ ଦେଇଥିଲେ । ଉତ୍ସବରେ କୁତ୍ରା ଲ୍ୟାମ୍ପ କର୍ମଚାରୀ ସୁନୀଲ ପଟେଲ, ଡୁନୁମୁରା ସରପଞ୍ଚ ଯମୁନା ମିଞ୍ଜ, ଝାରବେଡା ସରପଞ୍ଚ ଗଙ୍ଗାରାମ ମିଞ୍ଜ, କୁତ୍ରା ଲ୍ୟାମ୍ପ ପରିଚାଳନା କମିଟିର ସଭାପତି ବିମ୍ବାଧର ଅମାତ ପ୍ରମୁଖ ଉପସ୍ଥିତ ଥିଲେ। କୁଆଁରମୁଣ୍ଡା ଜୟ ଗୋସାଇଁ ରାଇସ୍ ମିଲ୍‌ର କର୍ମକର୍ତ୍ତା ଚାଷୀଙ୍କଠାରୁ ଧାନ ନେଇଥିଲେ। ସମିତିସ୍ତରୀୟ ଯାଞ୍ଚ କମିଟିର ସଭ୍ୟ କିଶମଣୀ ପଟେଲ ଉପସ୍ଥିତ ଥିଲେ । ଏହି ମଣ୍ଡିରେ ମଙ୍ଗଳବାର ମଧ୍ୟ ଧାନ କିଣା ଯିବ।



ସିଆଲଯୋର ଗ୍ରାମରେ ଧାନମଣ୍ଡି ଶୁଭାରମ୍ଭ କରାଯାଇଛି।

### ସେଗାସାହି ପ୍ରଥମ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ନ୍ୟୁ ଗାର୍ଡେନ କେକେବି ଚାମ୍ପିୟନ

ଟେନସା, ୯।୧୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କାଶିରା ପଞ୍ଚାୟତର ସେଗାସାହିର ଦେସାଉଲି ୟୁଥ୍ କ୍ଲବ ପକ୍ଷରୁ ପ୍ରଥମ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କାଶିରା ସରପଞ୍ଚ ରାଣୀ ଲୋହାର, ସମ୍ମାନିତ ଅତିଥି ଭାବେ ମାଲଦା ପୂର୍ବତନ ସରପଞ୍ଚ ନଦିଆ ନାଏକ, ଦିବାକର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏକତା ଏଫ୍‌ସି ଦଳକୁ ନ୍ୟୁ ଗାର୍ଡେନ କେକେବି ଦଳ ୧-୦ରେ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କୁଶ ଆପଟ, ବ୍ଲକ ଶିକ୍ଷା ଅଧିକାରୀ ହରମୋନ ଟପ୍ପୋ, କାଶିରା ପଞ୍ଚାୟତ ସରପଞ୍ଚ ରାଣୀ ଲୋହାର,ପାଟମୁଣ୍ଡା ପଞ୍ଚାୟତ ସରପଞ୍ଚ ଅବିନାଶ ସୁମନ ବାଗେ, ପୂର୍ବତନ ମାଲଦା ସରପଞ୍ଚ ନଦିଆ ନାଏକ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୫ ହଜାର ଟଙ୍କା ସହ ଏକ ଖାସି ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସେହିଭଳି ଉପବିଜେତା ଦଳକୁ ୩ ହଜାର ଟଙ୍କା ସହ ଏକ ଖାସି ଓ ଟ୍ରଫି ଦିଆଯାଇଛି।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



**ସଂକ୍ଷେପରେ**

## କୂଅରେ ପଡି ବୃଦ୍ଧଙ୍କ ମୃତ୍ୟୁ

ରେଢାଖୋଲ, ୯।୧୨(ଡି.ଏନ.ଏ): ରେଢାଖୋଲ ଥାନା କୁକୁଡାବାହାଲି ପଞ୍ଚାୟତର ସାନ ନୂଆପଡା ଗ୍ରାମରେ ସୋମବାର ସନ୍ଧ୍ୟା ୬ଟା ବେଳେ କୂଅରେ ପଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଦେଶୀ ଦେହୁରୀ (୭୦) । ବିଦେଶୀ କୂଅରୁ ପାଣି ଆଣୁଥିବା ବେଳେ ପଡିଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସେଠାକୁ ପହଞ୍ଚି ବିଦେଶୀଙ୍କ ମୃତଦେହ ଉଦ୍ଧାର କରିଥିଲେ । ପୋଲିସ ସାନନୂଆପଡା ଗ୍ରାମରେ ପହଞ୍ଚି ତଦନ୍ତ କରିଛି ।

## ସାପ କାମୁଡାରେ ବୃଦ୍ଧା ମୃତ

ଧମା, ୯।୧୨ (ଡି.ଏନ.ଏ): ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ସାହାସପୁରଠାରେ ସାପ କାମୁଡାରେ ଜଣେ ବୃଦ୍ଧାଙ୍କ ସୋମବାର ମୃତ୍ୟୁ ଘଟିଛି । ମୃତକ ହେଲେ ସାହାସପୁର ଉପରପଡାରେ ରହୁଥିବା ସୁରେଖା ନାଏକ (୬୬) । ସେ ସ୍ୱାମୀ ପରିତ୍ୟକ୍ତା ହୋଇ ବହୁ ବର୍ଷ ହେଲା ସାହାସପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୋଦାମ ଘରେ ଏକାକୀ ଭାବେ ରହୁଥିଲେ। ସୋମବାର ପୂର୍ବାହ୍ନ ୧୧ଟା ବେଳେ ସେ ରୋଷେଇ ପାଇଁ ଏକ ବସ୍ତାରୁ ଶୁଖିଲା ଗୋବର ବାହାର କରୁଥିବା ବେଳେ ସେଥିରେ ଥିବା ଏକ ନାଗ ସାପ ତାଙ୍କ ଡାହାଣ ହାତ ପାପୁଲିକୁ କାମୁଡି ଦେଇଥିଲା। ତୁରନ୍ତ ତାଙ୍କୁ ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୩ଟା ସମୟରେ ତାଙ୍କର ମୃତ୍ୟୁ ହୋଇଛି । ମୃତଦେହକୁ ମର୍ଗ ରୁମରେ ରଖାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି ।

# ଦୁର୍ବ୍ୟବହାର ପ୍ରତିବାଦରେ ତାତିଲେ ଓକିଲ



ସମ୍ବଲପୁର ଜିଲାପାଳ ଅଫିସରେ ଓକିଲମାନେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଆଲୋଚନା କରୁଛନ୍ତି ।



ସମ୍ବଲପୁର ଜିଲାପାଳ ଅଫିସ ପରିସରରେ ଓକିଲମାନେ ।

**ସମ୍ବଲପୁର,୯।୧୨(ବ୍ୟୁରୋ)**

- ଜିଲାପାଳଙ୍କ ଅଫିସରେ ଉତ୍ତେଜନା
- ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଶାନ୍ତ ପଡିଲେ
- କର୍ମଚାରୀ,ଅଧିକାରୀ ବାହାରେ ଛିଡା ହେଲେ

ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସରରେ ସୋମବାର କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ଦିନ ପ୍ରାୟ ୧୧ଟାରେ ଓକିଲ ସଂଘ ସଦସ୍ୟମାନେ ଜିଲାପାଳଙ୍କ ଅଫିସକୁ ଆସି ହୋହଲ୍ଲା କରିଥିଲେ । ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ଆଇନଜୀବୀ ବିଦ୍ୟାଧର ସାହୁଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ସଂଘର ସଦସ୍ୟମାନେ ଏପରି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଅନ୍ୟପଟେ ଏଡିଏମ୍ ଅଞ୍ଜଳିନା ପ୍ରଧାନ ଓକିଲଙ୍କ ସହ ଏ ନେଇ ଆଲୋଚନା କରିଥିଲେ । ପରେ ଜିଲାପାଳ ଶୁଭମ ସକସେନା ଏହି ବିବାଦର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସନ୍ଧ୍ୟାରେ ଆଇନଜୀବୀମାନଙ୍କ ସହ ଜିଲାପାଳ ସକସେନା ଆଲୋଚନା କରିବା ପରେ ଏହି ବିବାଦର ସମାଧାନ ହୋଇଥିବା ଜଣାପଡିଛି । । ସୂଚନାଯୋଗ୍ୟ, ସୋମବାର ଆଇନଜୀବୀମାନେ ଜିଲାପାଳଙ୍କ ଅଫିସ ପରିସରକୁ ଆସି ସିଧାସଳଖ ଅତିରିକ୍ତ ଜିଲାପାଳ ପଣ୍ଡାଙ୍କ ପ୍ରକୋଷ୍ଠକୁ ଯାଇଥିଲେ । ହେଲେ ସେତେବେଳେ ଅତିରିକ୍ତ ଜିଲାପାଳ ପଣ୍ଡା ଅନୁପସ୍ଥିତ ଥିଲେ । ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଓକିଲମାନେ ଉତ୍ତେଜିତ ହୋଇ ତାଙ୍କ ନାମ ଫଳକ ଭାଙ୍ଗି ଦେବା ସହ ହୋହଲ୍ଲା କରିଥିଲେ। ଅଫିସ ପରିସରରେ ଥିବା ସମସ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ଓକିଲମାନେ ବାହାରକୁ ଯିବାକୁ କହିଥିଲେ । ଫଳରେ ସମସ୍ତେ ବାହାରକୁ ଚାଲି ଆସିଥିଲେ। ପ୍ରାୟ ୧ ଘଣ୍ଟା ଧରି ଅଫିସ ପରିସରରେ ଉତ୍ତେଜନା ଲାଗି ରହିଥିଲା । ପରେ ଅନୁପସ୍ଥିତ ଥିବା ଜିଲାପାଳ ସକସେନା ଏ ସମ୍ପର୍କରେ ଖବର ପାଇ ଅତିରିକ୍ତ ଜିଲାପାଳ ପ୍ରଧାନଙ୍କୁ ଓକିଲମାନଙ୍କ ସହ ଆଲୋଚନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲାପାଳ ପ୍ରଧାନ ଏ ନେଇ ଓକିଲଙ୍କ ସହ ଆଲୋଚନା କରିବା ପରେ ମଧ୍ୟ ଉକ୍ତ ବିବାଦର ସମାଧାନ ହୋଇ ପରି ନ ଥିଲା । ଓକିଲମାନେ ଅଭିଯୋଗ କରିଥିଲେ ଯେ, ହାଇକୋର୍ଟରେ ବିଚାରାଧୀନ ଏକ ମାମଲାର ଶୁଣାଣି ପାଇଁ ଓକିଲ ସାହୁ ଶନିବାର ଅତିରିକ୍ତ ଜିଲାପାଳ ପଣ୍ଡାଙ୍କ ପ୍ରକୋଷ୍ଠକୁ ଯାଇଥିଲେ । ହେଲେ ଅତିରିକ୍ତ ଜିଲାପାଳ ପଣ୍ଡା ହଠାତ୍ ରାଗି ଯାଇ କାହିଁକି ବିନା ଅନୁମତିରେ ଚ୍ୟାମ୍ବର ଭିତରକୁ ପଶି ଆସୁଛ । ବ୍ୟବହାର ଜାଣି ନାହିଁ ବୋଲି କହିଥିଲେ ଏହାକୁ ନେଇ ଓକିଲମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସନ୍ଧ୍ୟାରେ ଜିଲାପାଳ ସକ୍‌ସେନା ଓ ଓକିଲଙ୍କ ଏକ ବୈଠକ ବସି ଏହି ବିବାଦର ସମାଧାନ ହୋଇଛି। ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ କହିଛନ୍ତି, ଏକ ମାମଲାର ଶୁଣାଣି ଜରୁରୀ ଥିଲା । ତେଣୁ ଓକିଲ ବିଦ୍ୟାଧର ସାହୁ ବାରମ୍ବାର ଅତିରିକ୍ତ ଜିଲାପାଳ ପଣ୍ଡା ଅନୁରୋଧ କରିଥିଲେ। ହେଲେ କୌଣସି ଲାଭ ହୋଇ ନ ଥିଲା । ଶନିବାର ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ଏହାକୁ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ପୁଣି ଥରେ ସୋମବାର ଓକିଲମାନେ ଏହି ମାମଲା ବିଷୟରେ ପଚାରି ବୁଝିବାକୁ ଯାଇଥିଲେ । ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ପଣ୍ଡାଙ୍କ ସହ ଯୋଗାଯୋଗ ହୋଇ ପାରିନାହିଁ।

## ୩୨ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ରେଢାଖୋଲ ୯।୧୨(ଡି.ଏନ.ଏ)**

ରେଢାଖୋଲ ବ୍ଲକ କାର୍ଯ୍ୟାଳୟର ରାଜୀବ ଭବନରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଜିଲାପାଳ ସୁଭମ ସକସେନା ଯୋଗ ଦେଇ ୩୨ଟି ଅଭିଯୋଗର ଶୁଣାଣି କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ଭରତାପୁର ସରପଞ୍ଚ ଦୁଃଖବନ୍ଧୁ ପ୍ରଧାନ ଓ ଗରଗଡବାହାଲ ସରପଞ୍ଚ ଦୀପ୍ତିବାଳା ଗଡନାୟକ ଅଭିଯୋଗ କରିଥିଲେ। ସେହିପରି ବ୍ଲକର ପାନୀୟ ଜଳ, ବିଦ୍ୟୁତ ଯୋଗାଣ, ରାସ୍ତାଘାଟ ଆଦି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଏସ୍‌ପି ଯୋଗ ଦେଇ ନ ଥିବା ବେଳେ ଡିଏଫଓ ସଂଗ୍ରାମ କେଶରୀ ବେହେରା, ଉପଜିଲାପାଳ ଡୋଲାମଣି ପଟେଲ, ବିଡିଓ ପରୀକ୍ଷିତ ସାହୁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ତହସିଲଦାର ରୁବି ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରେଢାଖୋଲରେ ନିର୍ମିତ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେଉ ନ ଥିବା ଓ ଟ୍ରୋମା ସେଣ୍ଟର ନିର୍ମାଣ ନେଇ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଆଦର୍ଶ ବିଦ୍ୟାଳୟ ପାଇଁ ଚିହ୍ନଟ ସ୍ଥାନ ପରିଦର୍ଶନ କରିବା ସହ ବିଳମ୍ବର କାରଣ ପଚାରି ବୁଝିଥିଲେ । ଏହାସହ ତୁରନ୍ତ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଟ୍ରୋମା ସେଣ୍ଟର ଜାତୀୟ ରାଜପଥ କାର୍ଯ୍ୟାଳୟ ପରିସରରେ ସ୍ଥାନ ଚିହ୍ନଟ କରି ନିର୍ମାଣ କରିବାକୁ ଜିଲାପାଳ କହିଥିଲେ ।




ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ସରକାରୀ ଅଧିକାରୀ।

## ସମ୍ବଲପୁରୀ ନୃତ୍ୟ, ଗୀତ, ବାଦ୍ୟ ଶିକ୍ଷା ପଦ୍ଧତି ଉପରେ ଆଲୋଚନାଚକ୍ର

**ସମ୍ବଲପୁର, ୯।୧୨ (ବ୍ୟୁରୋ)**

ସମ୍ବଲପୁରୀ ନୃତ୍ୟ, ଗୀତ, ବାଦ୍ୟର ଶିକ୍ଷା ପଦ୍ଧତି ଓ ସମସ୍ୟା ସମାଧାନ ଶୀର୍ଷକ ଆଲୋଚନା ଚକ୍ର ସୋମବାର ଅଇଁଠାପାଲି ପିଏଚ୍‌ଡି ପଡିଆସ୍ଥିତ କବି ଖଗେଶ୍ୱର ସେଠ ଆଲୋଚନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ମୀନକେତନ ପୁରୋହିତଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଗୁରୁ ରଞ୍ଜନ କୁମାର ସାହୁ, ରମେଶ ମହାନନ୍ଦ, ପ୍ରମୋଦ ମିଶ୍ର ଓ ଆଲୋକ ପଣ୍ଡା ଆଲୋଚକ ଭାବେ ଯୋଗଦେଇଥିଲେ। ସପନ ମିଶ୍ର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗ ଅଧ୍ୟାପିକା ସୁପ୍ରୀତି ମିଶ୍ର ନିବନ୍ଧ ପାଠ କରିଥିଲେ । ଆଲୋଚନାଚକ୍ର ଆବାହକ ମାନସ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରୁ କବି, ଲେଖକ ଓ ସାହିତ୍ୟିକ ଯୋଗଦେଇଥିଲେ ।

## କାର୍ଯ୍ୟକାରୀ ହେଲା ସକ୍ଷମ ଯୋଜନା

**ରେଢାଖୋଲ ୯।୧୨(ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ସକ୍ଷମ ଯୋଜନା ସମ୍ବଲପୁର ଜିଲା ରେଢାଖୋଲରେ ପ୍ରଥମ ଥର ପାଇଁ କାର୍ଯ୍ୟକାରୀ ହୋଇଛି। ସୋମବାର ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସକ୍ଷମ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଯୋଜନାରେ ଭିନ୍ନକ୍ଷମମାନଙ୍କୁ ସହଜରେ ଚିହ୍ନଟ କରାଯାଇ ସରକାରୀ ଯୋଜନାରେ ସାମିଲ କରାଯିବା ସହ ସହାୟତା ଯୋଗାଇ ଦିଆଯିବ । ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପାଳ ଶୁଭମ ସକସେନା ଯୋଗ ଦେଇ ବ୍ଲକର ୧୫୦ ଜଣ ଭିନ୍ନକ୍ଷମଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ଏହାସହିତ ୧୨୪ ଜଣ ଭିନ୍ନକ୍ଷମଙ୍କୁ ଭତ୍ତା, ୪ଜଣଙ୍କୁ ହୁଇଲ ଚେୟାର, ୪ଜଣଙ୍କୁ ଟ୍ରାଇସାଇକେଲ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ଡୋଲାମଣି ପଟେଲ, ଡିଏଫଓ ସଂଗ୍ରାମ କେଶରୀ ବେହେରା, ବିଡିଓ ପରିକ୍ଷିତ ସାହୁ, ତହସିଲଦାର ରୁବି ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି, ଜିଲା ଭିନ୍ନକ୍ଷମ ସୁରକ୍ଷା ଅଧିକାରୀ ରବିନ୍ଦ୍ର ନାଥ ଶତପଥି ପ୍ରମୁଖ ଯୋଗ ଦେଇଥିଲେ ।



ସକ୍ଷମ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି ।

### ଗୋହୀରା ଡ୍ୟାମକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

## ଜିଲାପାଳଙ୍କୁ ୬ ପଞ୍ଚାୟତ ଜନ ପ୍ରତିନିଧିଙ୍କ ସ୍ମାରକପତ୍ର

**ଦେବଗଡ଼,୯।୧୨(ଡି.ଏନ.ଏ.)**

ଦେବଗଡ ଜିଲା ତିଲେଇବଣି ବ୍ଲକରେ ଥିବା ଗୋହୀରା ଡ୍ୟାମକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ଢୋଲପଡା, କଂସର ସମେତ ଆଖପାଖ ୬ଟି ପଞ୍ଚାୟତର ଜନ ପ୍ରତିନିଧି ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏ ନେଇ ଏକ ସ୍ମାରକପତ୍ର ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ସେମାନେ ପ୍ରଦାନ କରଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଗୋହୀରା ଡ୍ୟାମ ପର୍ଯ୍ୟଟକମାନଙ୍କର ଆକର୍ଷଣର ଅନ୍ୟତମ କେନ୍ଦ୍ରବିନ୍ଦୁ ରହି ଆସିଛି। ନିକଟରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଦେଓଦର ଜଳପ୍ରପାତ ଏହାର ଶୋଭାକୁ ଦ୍ୱିଗୁଣିତ କରିଥାଏ। ପର୍ଯ୍ୟଟକମାନେ ବର୍ଷସାରା ଏଠାକୁ ଆସିଥାନ୍ତି । ଏଣୁ ଗୋହିରା ଡ୍ୟାମକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ସହ ଏହାର ବିକାଶ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି।

## ସ୍ୱାଧୀନତା ସଂଗ୍ରାମୀ ଅଭୟାନନ୍ଦ ତ୍ରିପାଠୀଙ୍କ ପରଲୋକ



**ରେଢାଖୋଲ ୯।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଅଭୟାନନ୍ଦ ତ୍ରିପାଠୀଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ହୋଇଥିଲା। ଗତ କିଛିଦିନ ହେଲା ସେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ସଂଗ୍ରାମୀଙ୍କ ମରଶରୀରକୁ ଭୁବନେଶ୍ୱରରୁ ଚାରମାଳସ୍ଥିତ ବାସଭବନକୁ ରାତିରେ ଅଣାଯାଇଛି। ପରଲୋକ ଖବର ଜଣାପଡିବା ପରେ ରେଢାଖୋଲରେ ଶୋକର ଛାୟା ଖେଳିଯାଇଛି। ପରିବାର, ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନଙ୍କ ଦର୍ଶନ ପରେ ଅନ୍ତିମ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ମଙ୍ଗଳବାର ସକାଳେ ନିଆଯିବ ବୋଲି ସ୍ୱର୍ଗତ ତ୍ରିପାଠୀଙ୍କ ପୁଅ ତଥା ରେଢାଖୋଲ କୋର୍ଟର ସରକାରୀ ଓକିଲ ନାରାୟଣ ତ୍ରିପାଠୀଙ୍କଠାରୁ ଜଣାପଡିଛି। ସଂଗ୍ରାମୀଙ୍କ ପତ୍ନୀ, ୫ ପୁଅ ଓ ୨ଝିଅ ଅଛନ୍ତି। ୧୯୩୩ ମସିହା ଜାନୁୟାରୀ ୧୯ତାରିଖରେ ଚାରମାଳଠାରେ ଜନ୍ମ ଗ୍ରହଣ କରିଥିବା ଅଭୟାନନ୍ଦ ତ୍ରିପାଠୀ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ମାତ୍ର ୧୪ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ / ରିଆମାଳ, ୯।୧୨ (ଡି.ଏନ.ଏ.)**

ଦେବଗଡ ଜିଲା ରିଆମାଳ ବ୍ଲକ ତାରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଯୋଗଦେଇ ଜିଲାପାଳ ସୁଧାଂଶୁ ମୋହନ ସାମଲ ୬୫ଟି ଅଭିଯୋଗର ଶୁଣାଣି କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗଗୁଡିକ ମଧ୍ୟରୁ ୪୫ଟି ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ସମସ୍ୟା ଉପରେ ଥିଲା । ତାରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଠାକରାମାଳ ଗ୍ରାମର କୈଳାସ ଚନ୍ଦ୍ର ବେହେରାଙ୍କୁ ଜିଲାପାଳ ସାମଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ହଜାର ଟଙ୍କାର ସହାୟତା ରାଶି ମଞ୍ଜୁର କରିଥିଲେ। ଏହାସହ ଜିଲାପାଳ ଭିନକ୍ଷମ ବ୍ୟକ୍ତିଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ । ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ରିଆମାଳ ବିଡିଓ ବିମଳା ବିରୁଲିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ଶିବିରରେ ଉପସ୍ଥିତ ଜନସାଧାରଣ ଘରଡିହ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ରାସ୍ତା ନିର୍ମାଣ, ବିଦ୍ୟୁତ୍ ଯୋଗାଣ ଆଦି ବିଷୟ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ନାକଟିଦେଉଳ,୯।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ କଲେଜରେ ଚାଲିଥିବା ୧୨ ଦିନିଆ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ତାଲିମ ଶିବିରରେ ସମୁଦାୟ ୧୦୫ଜଣ ଛାତ୍ରୀ ଅଂଶ ଗ୍ରହଣ କରି ତାଲିମ ନେଇଥିଲେ। ଦୀପାଞ୍ଜଳୀ ବାର୍ଲା ଏବଂ ପ୍ରତିଭା ଡ଼ାଙ୍ଗ ମାଷ୍ଟର ଟ୍ରେନର ଭାବେ ଯୋଇଗଦେଇ ତାଲିମ ପ୍ରଦାନ କରିଥିଲେ । ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ନାକଟିଦେଉଳ ସମନ୍ୱିତ ଶିଶୁ ବିକାଶ ଅଧିକାରୀ କ୍ଷୀରାବ୍ଧୀ ପାଣ୍ଡିଆ ମୁଖ୍ୟଅତିଥି, ଅବସରପ୍ରାପ୍ତ ସେନା ଅଧିକାରୀ ଗୋବର୍ଦ୍ଧନ ସାହୁ ଏବଂ ଯୁକ୍ତ ଦୁଇ ରାଜନିତୀ ବିଜ୍ଞାନ ପ୍ରଧାପକ ଡା. ଦୀପେନ କୁମାର ପଟ୍ଟନାୟକ, ଅଧାପକ ଦେବେଶ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ନିମନ୍ତେ ଆତ୍ମରକ୍ଷା କୌଶଳ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିସହିତ ଯେଉଁ ଛାତ୍ରୀମାନେ ଆତ୍ମରକ୍ଷା ତାଲିମ ଗ୍ରହଣ କରିଛନ୍ତି ସେମାନେ ଆବଶ୍ୟକ ସ୍ଥଳେ ଏହି କୌଶଳକୁ କାର୍ଯ୍ୟରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଛାତ୍ରୀ ତଥା ମହିଳାମାନଙ୍କ ଉପରେ ଯେପରି ନିର୍ଯାତନା ବୃଦ୍ଧି ପାଉଛି ସେଥି ପାଇଁ ଏହି ଆତ୍ମରକ୍ଷା କୌଶଳ ବିଶେଷ ଭାବେ ସହାୟକ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ତାଲିମ ଗ୍ରହଣ କରିଥିବା ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତାଲିମ ଗ୍ରହଣରେ ଶ୍ରେଷ୍ଟତା ପ୍ରତିବାଦନ କରିଥିବା ୩ ଜଣ ଛାତ୍ରୀଙ୍କୁ ଅବସରପ୍ରାପ୍ତ ସେନା ଅଧିକାରୀ ଗୋବର୍ଦ୍ଧନ ସାହୁ ବ୍ୟକ୍ତିଗତ ଭାବେ ପୁରସ୍କୃତ କରିଥିଲେ। ତାଲିମ ଶିବିରର ସଂଯୋଜିକା ଅଧାପିକା ପୁଷ୍ପାଞ୍ଜଳୀ ରବଣା ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ସମସ୍ତ ଛାତ୍ରୀ, ଅଧାପକଅଧାପିକା ଉପସ୍ଥିତ ଥିଲେ।



ଅତିଥିଙ୍କ ସହ କୃତୀ ଛାତ୍ରୀମାନେ ।

## ପ୍ରେମ ପ୍ରତାରଣା ଯୁବତୀ ଥାନାର ଦ୍ୱାରସ୍ଥ

**ଜମନକିରା,୯।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ଥାନା ଛେମୁଣ୍ଡା ଗାଁ ତେନ୍ତୁଳିଗୁଡ଼ାର ହୁସେନ ବୁଢ଼ (୩୦) ନାମକ ଜଣେ ଯୁବକ କୁଚିଣ୍ଡା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ପ୍ରତାରଣା କରି ଶାରିରୀକ ସମ୍ପର୍କ ରଖି ମାରପିଟ କରିଛନ୍ତି । ଏ ନେଇ ଯୁବତୀ ଜଣକ ସୋମବାର ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଜମନକିରା ବ୍ଲକ୍ କୁଚିଣ୍ଡା ଥାନା ଅଞ୍ଚଳର ସମ୍ପୃକ୍ତା ଯୁବତୀଙ୍କୁ ହୁସେନ ପ୍ରାୟ ୩ ବର୍ଷ ହେବ ପ୍ରେମ ସମ୍ପର୍କ ସହ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ଶାରିରୀକ ସମ୍ପର୍କର ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ଯୁବତୀଙ୍କୁ ବ୍ଲାକ୍‌ମେଲ କରି ଆସୁଥିଲା। କଥା ନ ଶୁଣିଲେ ଭିଡିଓକୁ ସୋସିଆଲ ମିଡିଆରେ ଛାଡ଼ି ଦେବାକୁ ହୁସେନ କହି ନିର୍ଯାତନା ଦେଇ ଆସୁଥିଲେ। ଗତ ଶନିବାର ଫୋନରେ ଯୁବତୀଙ୍କୁ ଜମନକିରା ଛେମୁଣ୍ଡା ଗାଁକୁ ଡାକିଥିଲେ। ଆସିବା ପରେ ତାଙ୍କୁ ଗୋଡ଼ହାତ ବାନ୍ଧି ଶାରିରୀକ ସମ୍ପର୍କ ରଖିବା ସହ ଜଙ୍ଗଲରେ ନିର୍ଯାତନା ଦେଇଥିଲେ। ଯୁବତୀ ଜଣକ କୌଣସି ପ୍ରକାରେ ସେଠାରୁ ଖସି ଆସି ସୋମବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ସମ୍ପୃକ୍ତ ଯୁବକଙ୍କୁ ଖୋଜୁଥିବା ଜଣାଯାଇଛି।



ବିଶ୍ୱର ଯେକୌଣସି ଗ୍ରାଉଣ୍ଡରେ ଛକା ମାରିବା ସାମର୍ଥ୍ୟ ମୋ ନିକଟରେ ରହିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟି୨୦ରେ ତାହାର ଏକ ନମୁନା ମୁଁ ଦେଖାଇଛି।
– ଶିବମ୍ ଦୁବେ, ଭାରତୀୟ କ୍ରିକେଟର



ପାକିସ୍ତାନ କ୍ରିକେଟ ଦଳ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି, ସେଥିରେ ଶୀଘ୍ର ସୁଧାର ଆସିବା ସମ୍ଭବ ନୁହେଁ, ଏଥିଲାଗି କିଛି ସମୟ ଲାଗିପାରେ। – ମିସ୍‌ବା ଉଲ୍ ହକ୍, ପାକିସ୍ତାନ ମୁଖ୍ୟ କୋଚ୍ ଓ ଚୟନକର୍ତ୍ତା

## ସଂକ୍ଷେପରେ

### ରୁଷିଆକୁ ୪ ବର୍ଷ ବାସନ୍ଦ କଲା ୱାଡା

ଲାଉସାନେ, ୯।୧୨ (ଏପି): ଆସନ୍ତା ବର୍ଷ ହେବାକୁଥିବା ଟୋକିଓ ଅଲିମ୍ପିକ୍ସରେ ରୁଷିଆ ପତାକା ଉଡ଼ିବ ନାହିଁ କିମ୍ବା ଏହାର ଜାତୀୟ ସଙ୍ଗୀତ ଗାନ ହେବ ନାହିଁ। କେବଳ ସେତିକି ନୁହେଁ ସୋମବାରଠାରୁ ୪ ବର୍ଷ ପର୍ଯ୍ୟନ୍ତ ଅନ୍ୟ ପ୍ରମୁଖ କ୍ରୀଡ଼ା ଇଭେଣ୍ଟରୁ ରୁଷିଆକୁ ବାସନ୍ଦ କରାଯାଇଛି। ମସ୍କୋ ଲାବରେଟୋରି ଡାଟାବେସ୍ ଟ୍ୟାମ୍ପରିଂ ଅଭିଯୋଗରେ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ତରଫରୁ ଏହି ଦଣ୍ଡ ବିଧାନ କରାଯାଇଛି। ସୋମବାର ଏଠାରେ ୱାଡା କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ରୁଷିଆର ଯେଉଁ ଆଥଲେଟ୍ ଡୋପ୍ ଟେଷ୍ଟରେ ଧରାପଡ଼ି ନ ଥିବେ ଏବଂ ସେମାନଙ୍କ ଡାଟା ଜାଲିଆତି କରାଯାଇ ନ ଥିବ ସେମାନଙ୍କୁ ହୁଏତ ପ୍ରମୁଖ ଇଭେଣ୍ଟଗୁଡ଼ିକରେ ଭାଗ ନେବାଲାଗି ଅନୁମତି ମିଳିପାରେ ବୋଲି ୱାଡା ରୁଲିଂରେ କୁହାଯାଇଛି। କିନ୍ତୁ ବିଶ୍ୱ ଚାମ୍ପିୟନଶିପ୍ ଏପରିକି ଫୁଟ୍‌ବଲ ବିଶ୍ୱକପ୍‌ରେ ରୁଷିଆ ଦଳର ଅଂଶଗ୍ରହଣ ଏହାଦ୍ୱାରା ପ୍ରଭାବିତ ହେବ କି ନା ତାହା ଏବେ ସୁଦ୍ଧା ଅସ୍ପଷ୍ଟ। ରୁଷିଆର ଆଣ୍ଟି ଡୋପିଂ ଏଜେନ୍ସି ୱାଡାର ଏହି ନିଷ୍ପତ୍ତି ବିରୋଧରେ କୋର୍ଟ ଅଫ୍ ଆର୍ବିଟ୍ରେଶନ (କାସ୍)ରେ ୨୧ ଦିନ ମଧ୍ୟରେ ଆବେଦନ କରିପାରିବ।

### ରୋହିତ-କୋହଲିଙ୍କ ମଧ୍ୟରେ ୧ ରନ୍‌ର ବ୍ୟବଧାନ

ଥିରୁଭାନନ୍ତପୁରମ,୯।୧୨: ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ସବୁଠୁ ଅଧିକା ରନ୍ କରିଥିବା ବ୍ୟାଟ୍ସମ୍ୟାନ ହେବା ପାଇଁ ଦୀର୍ଘ ଦିନ ହେଲା ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ମଧ୍ୟରେ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ରବିବାର ଏଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ପୁଣି ରୋହିତଙ୍କୁ ପଛରେ ପକାଇ ଦେଇଛନ୍ତି କୋହଲି। ମ୍ୟାଚ୍ ପୂର୍ବରୁ ରୋହିତ (୨୫୪୭) କୋହଲି (୨୫୪୪)ଙ୍କଠାରୁ ୩ ରନ୍ ଆଗରେ ଥିଲେ। ମ୍ୟାଚ୍‌ରେ ରୋହିତ ୧୫ ଓ କୋହଲି ୧୯ ରନ୍ କରି ଆଉଟ ହେବାରୁ ଉଭୟଙ୍କ ମଧ୍ୟରେ ବ୍ୟବଧାନ ୧ ରନ୍‌କୁ ଖସି ଆସିଛି। କୋହଲି ୨୫୬୩ ରନ୍ ସହ ଶୀର୍ଷରେ ଥିବାବେଳେ ୨୫୬୨ ରନ୍ କରିଥିବା ରୋହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ଭଉଣୀଙ୍କୁ ନେଇ ଡୁ ପ୍ଲେସିଙ୍କ ବିବାଦୀୟ ବୟାନ

ଜୋହାନ୍ସବର୍ଗ, ୯।୧୨: ଦକ୍ଷିଣ ଆଫ୍ରିକାରେ ଚାଲିଥିବା ମଞ୍ଜସି କ୍ରିକେଟ୍ ଲିଗ୍ (ଏମ୍ଏସ୍ଏଲ୍)ର ଚଳିତ ସଂସ୍କରଣ ବିଭିନ୍ନ କାରଣକୁ ନେଇ ବେଶ୍ ଚର୍ଚ୍ଚାରେ ରହିଆସିଛି। ପୂର୍ବରୁ ଭିନ୍ନ ବୋଲିଂ ଶୈଳୀ, ହେଲ୍‌ମେଟ ପିନ୍ଧିକି ବୋଲିଂ କରିବା, ଉଇକେଟ୍ ନେବା ପରେ ଫିଲ୍ଡରେ ଯାଦୁବିଦ୍ୟା ଦେଖାଇ ପୂର୍ବରୁ ଖେଳାଳିମାନେ ଚର୍ଚ୍ଚାରେ ରହିଥିଲେ। ତେବେ ଏହି ଲିଗ୍‌ର ଏକ ମ୍ୟାଚ୍ ଅବସରରେ ଦକ୍ଷିଣ ଆଫ୍ରିକା ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ଫାଫ୍ ଡୁ ପ୍ଲେସି ଦେଇଥିବା ଏକ ବୟାନ ମଧ୍ୟ ଏବେ ଖବରର ଶିରୋନାମାରେ ରହିଛି। ପାର୍ଲ ରକ୍ସ ଓ ନେଲସନ ମଣ୍ଡେଲା ବେ ଜିଆଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଟସ୍ ପଡ଼ିବା ସମୟରେ ସାଥୀ ଖେଳାଳି ତଥା ଦ୍ରୁତ ବୋଲର ହାର୍ଡୁସ ଭିଲଜୋଏନ ନ ଖେଳିବାକୁ ନେଇ ଭାଷ୍ୟକାର ଡୁ ପ୍ଲେସିଙ୍କୁ କାରଣ ପଚାରିଥିଲେ। ପାର୍ଲ ରକ୍ସର ଅଧିନାୟକ ରହିଥିବା ପ୍ଲେସି କହିଥିଲେ, 'ହାର୍ଡୁସ ଭିଜନ ଏହି ମ୍ୟାଚ୍‌ରେ ଖେଳୁ ନାହାନ୍ତି କାରଣ ସେ ମୋ ଭଉଣୀଙ୍କ ସହ ଥିବେ। ଉଭୟ ପରସ୍ପର ଶନିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି'। ୩୫ ବର୍ଷୀୟ ପ୍ଲେସିସଙ୍କ ଏହି ଉତ୍ତର ଶୁଣି ଭାଷ୍ୟକାର ମଧ୍ୟ ଚକିତ ହୋଇଯାଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ମ୍ୟାଚ୍‌ର ପୂର୍ବଦିନ ପ୍ଲେସିଙ୍କ ଭଉଣୀ ରେମି ରିନର୍ସ ଓ ହାର୍ଡୁସଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହୋଇଥିଲା। ୩୦ ବର୍ଷୀୟ ହାର୍ଡୁସ ଦକ୍ଷିଣ ଆଫ୍ରିକା ପକ୍ଷରୁ ଗୋଟିଏ ମାତ୍ର ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।

### ରଣଜୀ ଟ୍ରଫି: ଛତିଶଗଡ଼ ୧୩୪ରେ ଅଲଆଉଟ

# ରାଜେଶଙ୍କୁ ୬ ଉଇକେଟ ସଫଳତା

କଟକ ଅଫିସ,୯।୧୨

ରାୟପୁରସ୍ଥିତ ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ସୋମବାର ଠାରୁ ଓଡ଼ିଶା-ଛତିଶଗଡ଼ ପ୍ରଥମ ରଣଜୀଟ୍ରଫି କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛ। ପେସ୍ ବୋଲିଂ ସୁହାଉଥିବା ଏହି ଗ୍ରାଉଣ୍ଡରେ ପ୍ରଥମ ଦିବସରେ ମୋଟ୍ ୧୩ଟି ଉଇକେଟ ପତନ ଘଟିଛି। ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ୧୩୪ରନରେ ଅଲଆଉଟ ହୋଇଛି। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଘାତକ ବୋଲିଂ କରି ଛତିଶଗଡ଼ର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ତାଙ୍କୁ ୬ଟି ଉଇକେଟ ମିଳିଥିବା ବେଳେ ବସନ୍ତ ମହାନ୍ତି ୩ଟି ଓ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ଉଇକେଟ ପାଇଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୩ ଉଇକେଟ ହରାଇ ୪୮ରନ କରିଛି।

ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ଛତିଶଗଡ଼କୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଦଳୀୟ ସ୍କୋର ୧ ହୋଇଥିବା ବେଳେ ଓପନର ଅବିନାଶ ଧାଲିୱାଲ ଖାତା ଖୋଲିବା ପୂର୍ବରୁ ରାଜେଶଙ୍କ ବଲରେ ସନ୍ଦୀପ ପଟ୍ଟନାୟକଙ୍କ ହାତରେ କ୍ୟାଚ୍ ଆଉଟ ହୋଇଥିଲେ। ପରେ ୨୩ରନରେ ଦ୍ୱିତୀୟ ଓ ୬୧ରନରେ ୬ଷ୍ଠ ଉଇକେଟ ହରାଇ ଛତିଶଗଡ଼ ସଙ୍କଟରେ ପଡ଼ିଥିଲା। ଛତିଶଗଡ଼ର ଦଳୀୟ ସ୍କୋର ୧୦୦ ଟପିବନି ବୋଲି ଆଶଙ୍କା ରହିଥିଲା। ଅନ୍ତିମ ଉଇକେଟ ଭାଗିଦାରୀରେ ଅଜୟ ମଣ୍ଡଳ ଓ ପଙ୍କଜ ରାଓ ୪୨ରନ ଯୋଡ଼ିବା ଫଳରେ ଛତିଶଗଡ଼ ୧୩୪ରନ କରିଥିଲା। ଅଜୟ ଛତିଶଗଡ଼ ପକ୍ଷରୁ ସର୍ବାଧିକ ୪୭ରନ କରିଥିଲେ। ଏହାଛଡ଼ା ଅମନଦୀପ ଖାରେ ୨୦ରନ, ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ବୀରପ୍ରତାପ ସିଂ ୧୪ରନ କରିଛନ୍ତି। ଉକ୍ତ ମ୍ୟାଚ୍‌ରେ ଓଡ଼ିଶାର ପେସ୍ ବୋଲିଂ ଆଟାକ୍ ଉତ୍କୃଷ୍ଟ ଧରଣର ରହିଛି। ୧୦ଟି ଯାକ ଉଇକେଟ ୩ପେସ୍ ବୋଲରଙ୍କ ମଧ୍ୟ ବାଣ୍ଟି ହୋଇଯାଇଥିଲା। ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୨ରନରେ ଓପନର ଅନୁରାଗ ଷଡ଼ଙ୍ଗୀଙ୍କ ଉଇକେଟ ହରାଇଥିଲା। ଅନୁରାଗ ୧୪ରନ କରି ପୁନୀତ ଦତେଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ପରେ ଦେବାଶିଷ ସାମନ୍ତରାୟ ୮ରନରେ ପଙ୍କଜ ରାଓଙ୍କ ଦ୍ୱାରା ଓ ଅଧିନାୟକ ଶୁଭ୍ରାଂଶୁ ୧୬ରନରେ ପୁନୀତଙ୍କ ବଲରେ ଉଇକେଟ କିପର ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଅପରାଜିତ ଥିବା ଦୁଇ ଅଭିଜ୍ଞ ଖେଳାଳି ବିପ୍ଳବ ସାମନ୍ତରାୟ(୪ରନ) ଓ ଗୋବିନ୍ଦ ପୋଦ୍ଦାର(୦)ଙ୍କ ଦ୍ୱାରା ଦ୍ୱିତୀୟ ଦିବସର ଖେଳ ଆରମ୍ଭ ହେବ।



କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଥିବା ରାଜେଶ ମହାନ୍ତି ।

#### ସନ୍ଦୀପ ଆହତ, ମ୍ୟାଚ୍‌ରୁ ବାଦ୍

ଓପନର ସନ୍ଦୀପ ପଟ୍ଟନାୟକଙ୍କ ହାତରେ ଆଘାତ ଲାଗିଛି। ଅନୁରାଗଙ୍କ ସହ ଓପନିଂ କରିବାକୁ ଆସିଥିବା ସନ୍ଦୀପ ୭ଟି ବଲ ଖେଳି କୌଣସି ରନ ସଂଗ୍ରହ କରିବା ପୂର୍ବରୁ ରିଟାୟର୍ଡ ହର୍ଟ ହୋଇ ଫେରିଥିଲେ। ପେସ୍ ବୋଲର ବୀରପ୍ରତାପ ସିଂଙ୍କୁ ସମ୍ମୁଖୀନ କରୁଥିବା ବେଳେ ତାଙ୍କ ଡାହାଣ ହାତରେ ବଲ ବାଜିଥିଲା। ଏଥିରେ ସନ୍ଦୀପଙ୍କ ହାତ ହାଡ଼ ଭାଙ୍ଗିଥିବା ଜଣାପଡ଼ିଛି।

#### ରାଜେଶଙ୍କ ଶ୍ରେଷ୍ଠ ବୋଲିଂ ଫିଗର୍

ଡାହାଣହାତୀ ପେସ୍ ବୋଲର ରାଜେଶ ମହାନ୍ତି ଛତିଶଗଡ଼ ବିପକ୍ଷରେ ଚମତ୍କାର ବୋଲିଂ କରିଛନ୍ତି। ଏଠାରେ ସେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ୫୫/୬ ରାଜେଶଙ୍କ ଶ୍ରେଷ୍ଠ ବୋଲିଂ ଫିଗର୍ ଥିଲା। ଛତିଶଗଡ଼ ବିପକ୍ଷ ପ୍ରଥମ ଇନିଂସରେ ସେ ୪୭ରନରେ ୬ଟି ଉଇକେଟ ଅକ୍ତିଆର କରି କ୍ୟାରିୟରରେ ନୂତନ ରେକର୍ଡ ଯୋଡ଼ିଛନ୍ତି। ଏଥିସହ ୧୦ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ୍‌ରୁ ୪୬ଟି ଉଇକେଟ ଅକ୍ତିଆର କରିସାରିଲେଣି ରାଜେଶ। ତେଣୁ ଏହି ମ୍ୟାଚ୍‌ରେ ରାଜେଶଙ୍କ ପାଇଁ ୫୦ ଉଇକେଟ ପୂରଣ କରିବାର ସୁଯୋଗ ରହିଛି।

### ଜାଫରଙ୍କ ରେକର୍ଡ ୧୫୦ତମ ରଣଜୀ ମ୍ୟାଚ୍



ବିଜୟୱାଡା,୯।୧୨

ଭେଟେରାନ ଓପନର ୱାସିମ ଜାଫର ସୋମବାର ରଣଜୀ କ୍ୟାରିୟରର ୧୫୦ ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଏଠାରେ ଆନ୍ଧ୍ର ପ୍ରଦେଶ ଓ ବିଦର୍ଭ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଜାଫର ଏହି ସମ୍ମାନଜନକ ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ଜାଫରଙ୍କ ପଛକୁ ସର୍ବାଧିକ ରଣଜୀ ମ୍ୟାଚ୍ ଖେଳିଥିବା ଖେଳାଳିଙ୍କ ମଧ୍ୟରେ ଦେବେନ୍ଦ୍ର ବୁଣ୍ଡେଲା (୧୪୫ତମ) ଓ ଅମୋଲ ମଜୁମଦାର (୧୩୬ତମ) ରହିଛନ୍ତି। ଜାଫରଙ୍କ କ୍ୟାରିୟରରେ ୪୦ ଶତକ ସହ ୧୧,୭୭୫ ରନ୍ ରହିଛି। ମୁମ୍ବାଇରେ ଜନ୍ମିତ ବ୍ୟାଟ୍ସମ୍ୟାନ ମୋଟ ୨୫୩ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୧୯,୧୪୭ ରନ୍ କରିଛନ୍ତି। ଦେଶ ପାଇଁ ସେ ୩୧ ଟେଷ୍ଟ ଓ ୨ ଦିନିକିଆ ମଧ୍ୟ ଖେଳିଛନ୍ତି। ଜାଫରଙ୍କ ୧୫୦ତମ ରଣଜୀ ମ୍ୟାଚ୍‌ରେ ଏକ ଭିନ୍ନ ଘଟଣା ଘଟିଥିଲା। ମ୍ୟାଚ୍‌ବେଳେ ଗ୍ରାଉଣ୍ଡକୁ ସାପ ପଶି ଯାଇଥିଲା।



ସାଉଥ୍ ଏସିଆନ୍ ଗେମ୍ସର ମହିଳା ଫୁଟବଲରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଖେଳାଳିମାନେ ଖୁସି ମନାଉଛନ୍ତି ।

## ଭାରତୀୟ ମହିଳା ଫୁଟ୍‌ବଲ ଦଳକୁ ହ୍ୟାଟ୍ରିକ ସ୍ୱର୍ଣ୍ଣ

ପୋଖରା (ନେପାଳ), ୯।୧୨ (ପି.ଟି.)

ଏଠାରେ ଚାଲିଥିବା ସାଉଥ୍ ଏସିଆନ୍ ଗେମ୍ସ (ସାଗ୍)ର ମହିଳା ଫୁଟ୍‌ବଲରେ ଭାରତୀୟ ଦଳ ଚାମ୍ପିୟନ ହୋଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭାରତ ୨-୦ ଗୋଲରେ ଘରୋଇ ନେପାଳକୁ ପରାସ୍ତ କରିଥିଲା। ଏଥିସହ ସାଗ୍‌ରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଲଗାତର ୩ୟ ସ୍ୱର୍ଣ୍ଣ ପଦକ ଜିତି ହ୍ୟାଟ୍ରିକ ସଫଳତା ପାଇଛି। ଭାରତୀୟ ଦଳ ପକ୍ଷରୁ ବାଲା ଦେବୀ ୨ଟି ଯାକ ଗୋଲସ୍କୋର କରି ଦଳକୁ ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୯ ବର୍ଷୀୟା ବାଲା ଦେବୀ ମ୍ୟାଚ୍‌ର ଉଭୟାର୍ଦ୍ଧରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ୧୮ତମ ମିନିଟ୍‌ରେ ପ୍ରଥମ ଓ ୫୪ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ହୋଇଥିଲା। ଏଥିସହ ସେ ପ୍ରତିଯୋଗିତାରେ ମୋଟ୍ ୪ ମ୍ୟାଚ୍ ଖେଳି ୫ ଗୋଲ ଦେବା ସହ ସର୍ବାଧିକ ଗୋଲ ସ୍କୋରର ହୋଇଛନ୍ତି। ସେହିଭଳି ଭାରତୀୟ ଦଳର ଗୋଲକିପର ଆଦିତି ଚୌହାନ ମଧ୍ୟ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଟୁର୍ନାମେଣ୍ଟରେ ସେ ଗୋଟିଏ ବି ଗୋଲବରଣ କରିନାହାନ୍ତି। ଭାରତୀୟ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଜବାମଣି ଟୁଡୁ ସ୍ଥାନ ପାଇଛନ୍ତି।

### ମ୍ୟାଚବେଳେ ଗ୍ରାଉଣ୍ଡରେ ସାପ

ବିଜୟୱାଡା,୯।୧୨

ସୋମବାରଠାରୁ ଚଳିତ ସିଜନର ରଣଜୀ ଟ୍ରଫି ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ହିଁ ଚକିତ କଲାଭଳି ଏକ ଘଟଣା ସାମ୍ନାକୁ ଆସିଛି। ଗ୍ରାଉଣ୍ଡରେ ସାପ ପଶିବା କାରଣରୁ ବିଦର୍ଭ-ଆନ୍ଧ୍ରପ୍ରଦେଶ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଛି। ଏ ଘଟଣା ସମ୍ପର୍କରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତା'ର ଅଫିସିଆଲ ଡୋମେଷ୍ଟିକ ଟୁଇଟ୍‌ର ହ୍ୟାଣ୍ଡେଲରେ ଏକ ଭିଡିଓ ଅପ୍‌ଲୋଡ୍ କରି ସୂଚନା ଦେଇଛି। ବିଦର୍ଭ ଅଧିନାୟକ ଫୈଜ



ଫାଜଲ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଛନ୍ତି। ଫାଜଲଙ୍କ ନେତୃତ୍ୱାଧୀନ ବିଦର୍ଭ ଡିଫେଣ୍ଡିଂ ଚାମ୍ପିୟନ। ଗତ ସଂସ୍କରଣର ଫାଇନାଲରେ ସୌରାଷ୍ଟ୍ରକୁ ହରାଇ ଦେଇଥିଲା।

## ଭୁବନେଶ୍ୱରରେ ୨୦୨୬ ଯୁବ ଅଲିମ୍ପିକ୍ସ ଆୟୋଜନ ସମ୍ଭାବନା

ନୂଆଦିଲ୍ଲୀ, ୯।୧୨ (ପି.ଟି.)

୨୦୨୬ ଯୁବ ଅଲିମ୍ପିକ୍ସ ଆୟୋଜନ ନେଇ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା ସୋମବାର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ତାଙ୍କ ସମର୍ଥନ ଲୋଡ଼ିଛନ୍ତି। 'ଅଲିମ୍ପିକ୍ସ ଆୟୋଜନ ନେଇ ବିଡ୍ ଦାଖଲ ପୂର୍ବରୁ ଦିଲ୍ଲୀ, ମୁମ୍ବାଇ ଓ ଭୁବନେଶ୍ୱର ମଧ୍ୟରୁ ଗୋଟିଏ ସହରକୁ ଚୟନ କରାଯିବ। ଏହାପରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ସ୍ୱୀକୃତି କିମ୍ବା ଅନୁମୋଦନ ଦେବା ପାଇଁ ଭାରତର ବିଡ୍‌କୁ ମୂଲ୍ୟାଙ୍କନ କରିବ' ବୋଲି ଆଇଓସି ସଦସ୍ୟ ଥିବା ବାତ୍ରା କହିଛନ୍ତି। ବିଡିଂ ପ୍ରକ୍ରିୟା ଆସନ୍ତାବର୍ଷ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସେହିଭଳି ଶାହାଙ୍କୁ ସାକ୍ଷାତ୍ କରିବା ଅବସରରେ ବାତ୍ରା ୨୦୨୩ରେ ମୁମ୍ବାଇରେ ଆଇଓସି ସେସନ୍ ଆୟୋଜନ କରିବା ନେଇ ଆଲୋଚନା କରିଥିଲେ। ଆଇଓସିର ସେସନ ଆୟୋଜନ ପାଇଁ ମଧ୍ୟ ବିଡ୍ ଦାଖଲ କରିବାର ପ୍ରକ୍ରିୟା ରହିଛି। ଏହି ସମ୍ମାନଜନକ ଇଭେଣ୍ଟରେ ଅଲିମ୍ପିକ ବଡି ଆଇଓସିର ସମସ୍ତ ସଦସ୍ୟ ଓ ଅଫିସିଆଲ ଉପସ୍ଥିତ ରହିବେ। ସେହିବର୍ଷ ଭାରତ ସ୍ୱାଧୀନତାର ୭୫ ବର୍ଷ ପାଳନ କରିବାକୁ ଯାଉଥିବାରୁ ଏହାକୁ ଅଧିକ ସ୍ମରଣୀୟ କରିବା ପାଇଁ ଏହି ସମ୍ମାନଜନକ ଇଭେଣ୍ଟ ଆୟୋଜନ ନେଇ ବାତ୍ରା ଆଲୋଚନା କରିଥିଲେ। ଏଥିସହ ୨୦୨୩ରେ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଥିବାରୁ ଶାହାଙ୍କ ସହ ଏନେଇ ମଧ୍ୟ ଆଲୋଚନା ହୋଇଥିଲା ବୋଲି ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍)ର ସଭାପତି ଥିବା ବାତ୍ରା କହିଛନ୍ତି। ସାକ୍ଷାତକାର ଅବସରରେ ସରକାରଙ୍କ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ, ଫିଟ୍ ଇଣ୍ଡିଆ ମୁଭମେଣ୍ଟ ଓ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ ଉପରେ ମଧ୍ୟ ଉଭୟ ଶାହା ଓ ବାତ୍ରା ଆଲୋଚନା କରିଥିଲେ।

## ପୃଥ୍ୱୀ ଶ, ରାହାନେଙ୍କ ଅର୍ଦ୍ଧଶତକ

ଭଦୋଦରା, ୯।୧୨ (ପି.ଟି.)- ଟେଷ୍ଟ ସ୍ପେଶାଲିଷ୍ଟ ଅଜିଙ୍କ୍ୟ ରାହାନେ ଏବଂ ଯୁବ ଓପନର ପୃଥ୍ୱୀ ଶ'ଙ୍କ ଅର୍ଦ୍ଧଶତକ ସହାୟତାରେ ମୁମ୍ବାଇ ଏଠାରେ ଚାଲିଥିବା ବରୋଦା ବିପକ୍ଷ ରଣଜୀ ଟ୍ରଫି ଗ୍ରୁପ୍ ବି' ମ୍ୟାଚରେ ୮ ଉଇକେଟ ବିନିମୟରେ ୩୬୨ ରନ କରିଛି। ରାହାନେ ୧୪୫ ବଲ୍‌ରୁ ଧୈର୍ଯ୍ୟପୂର୍ଣ୍ଣ ୭୯ ରନ କରି ବମ୍ବେ ସ୍କୋରକୁ ଆଗକୁ ବଢାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବୋଲର ଶାର୍ଦ୍ଦୁଳ ଠାକୁର (୬୪) ଏବଂ ଶାମ୍ସ ମୁଲାନି (୫୬*)ଙ୍କ ପ୍ରଭାବୀ ବ୍ୟାଟିଂ ଯୋଗୁ ମୁମ୍ବାଇ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଏକ ଭଲ ସ୍କୋର କରିପାରିଛି। ଡୋପିଂ ପାଇଁ ୮ ମାସ ବାସନ୍ଦ ହେବାପରେ ଶ'ଙ୍କର ଏହା ହେଉଛି ପ୍ରଥମ ପ୍ରଥମଶ୍ରେଣୀ ଗେମ୍। ସେ ସୁଯୋଗର ସଦୁପଯୋଗ କରିଛନ୍ତି। ଟେଷ୍ଟ ଦଳରେ ତୃତୀୟ ଓପନ ଦୌଡ଼ରେ ରହିଥିବା ଶ' ୬୨ ବଲ୍‌ରେ ୬୬ ରନ ସଂଗ୍ରହ କରିଥିଲେ। ସେ ୧୧ ଚୌକା ଏବଂ ଗୋଟିଏ ଛକା ଲଗାଇଥିଲେ। ଶ' ଏବଂ ତାଙ୍କ ପାର୍ଟନର ଜୟ ବିସ୍ତା (୧୮) ପ୍ରଥମ ଉଇକେଟରେ ୭୪ ରନ ଯୋଗ କରିଥିଲେ। ମୁମ୍ବାଇ ଏକଦା ୯୫ ରନରେ ଦୁଇଟି ଉଇକେଟ ହରାଇ ଥିବା ବେଳେ ରାହାନେ ବ୍ୟାଟିଂରେ ଯୋଗ ଦେଇଥିଲେ। ବ୍ୟାଟିଂ ଅର୍ଡରରେ ତୃତୀୟ ସ୍ଥାନକୁ ପଦୋନ୍ନତି ପାଇଥିବା ଅଲରାଉଣ୍ଡର ଶୁଭମ ରଞ୍ଜାନେ (୫୯ ବଲ୍‌ରୁ ୩୬ ରନ)ଙ୍କ ସହିତ ୫୭ ରନ ଯୋଗ କରିଥିଲେ।

## ଉଥପ୍ପାଙ୍କ ଶତକ: କେରଳ ୨୭୬/୩

ଥୁମ୍ବା (କେରଳ), ୯।୧୨ (ପି.ଟି.)-ଏଠାରେ ସୋମବାର ଆରମ୍ଭ ହୋଇଥିବା ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ଗ୍ରୁପ୍ ଏ' ମ୍ୟାଚରେ ରବିନ ଉଥପ୍ପା ଧୈର୍ଯ୍ୟପୂର୍ଣ୍ଣ ଶତକ ହାସଲ କରିଥିବାବେଳେ କେରଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୨୭୬ ରନ ସଂଗ୍ରହ କରିଛି। ଗତ କିଛି ସିଜନ ଧରି ଖରାପ ଫର୍ମରେ ଥିବା ଉଥପ୍ପା ୨୨୧ ବଲ୍ ସମ୍ମୁଖୀନ ହୋଇ ୭ ଚୌକା ଓ ୩ ଛକା ସହ ୧୦୨ ରନ କରିଛନ୍ତି। ଦ୍ୱିତୀୟ ଉଇକେଟରେ ଓପନର ପୋନମ ରାହୁଲ (୯୭ରନ)ଙ୍କ ସହିତ ୧୧୮ରନ ଯୋଗ କରି ପାରିଛନ୍ତି। ଦିନର ଫାଇନାଲ ଓଭରରେ ପ୍ରଦୀପ ସାଙ୍ଗୱାନ(୯.୧ ଓଭରରେ ୧୮/୧)ଙ୍କ ଦ୍ୱାରା ଆଉଟ ହେବା ପୂର୍ବରୁ ଉଥପ୍ପା ତାଙ୍କ ୨୨ ତମ ଶତକ ହାସଲ କରିଛନ୍ତି। ସେ ଆହୁରି ମଧ୍ୟ ତୃତୀୟ ଉଇକେଟରେ ଅଧିନାୟକ ସଚିନ ବେବି (୩୬*)ଙ୍କ ସହିତ ୯୦ ରନ ଯୋଗ କରିଛନ୍ତି। ରାହୁଲ ମାତ୍ର ୩ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଏକ ମନ୍ଥର ଟ୍ରାକ୍‌ରେ କେରଳ ଅଧିନାୟକ ବେବିଙ୍କ ନିଷ୍ପତ୍ତି ଠିକ୍ ଥଲା। ଏହାଛଡ଼ା ଦିଲ୍ଲୀ ଟିମ୍ ମ୍ୟାନେଜମେଣ୍ଟର ଟୁର୍ନାମେଣ୍ଟ ପାଇଁ ଏକ ଦୁର୍ବଳ ଦଳ ମନୋନୟନରୁ କେରଳ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନମାନେ ଏଥରୁ ପୂରା ଫାଇଦା ଉଠାଇଥିଲେ। ଦିଲ୍ଲୀ କୋଚ୍ କେ.ପି ଭାସ୍କର ଏହି ମ୍ୟାଚ ପାଇଁ ଦଳରେ ୪ ଜଣ ସ୍ପିନର ସାମିଲ କରିଛନ୍ତି। ହେଲେ ସେମାନେ କେରଳ ବ୍ୟାଟ୍ସମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇବାରେ ବିଫଳ ହୋଇଥିଲେ।

## ୧୨ କାଉଣ୍ଟରରେ ୧୦,୦୫୦ ଟିକେଟ




ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ମ୍ୟାଚକୁ ନେଇ ସୋମବାର ଓସିଏ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

**ବାରବାଟୀ ଦିନିକିଆ**
**ଆଉ ୧୨ଦିନ**

କଟକ ଅଫିସ,୯।୧୨

ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ଆସନ୍ତା ୧୯ ଓ ୨୦ରେ କାଉଣ୍ଟରରେ ଟିକେଟ ବିକ୍ରି ହେବ। କାଉଣ୍ଟରରେ ବିଭିନ୍ନ ଗ୍ୟାଲେରିର ମୋଟ୍ ୧୦,୫୦୦ଟି ଟିକେଟ ଉପଲବ୍ଧ ରହିବ। ଏ ନେଇ ଚଳିତବର୍ଷ ୧୨ଟି କାଉଣ୍ଟର ଖୋଲାଯିବାର ବ୍ୟବସ୍ଥା ହୋଇଛି। ହର୍ସଗେଟ୍ ନିକଟରେ ଖୋଲିବାକୁ ଥିବା ୨ଟି କାଉଣ୍ଟରରେ ସ୍ପେସାଲ ଏନକ୍ଲୋଜର, ନ୍ୟୁ ପ୍ୟାଭିଲିୟନ, କର୍ପୋରେଟ ବକ୍ସ ଓ ଏସି ବକ୍ସ ଟିକେଟ ବିକ୍ରି କରାଯିବା ବେଳେ ଅନ୍ୟ ୧୦ଟି କାଉଣ୍ଟରରେ ବିଭିନ୍ନ ଗ୍ୟାଲେରି ଗୁଡ଼ିକର ଟିକେଟ୍ ବିକ୍ରି କରାଯିବ। ପୂର୍ବରୁ ଅନଲାଇନ ଜରିଆରେ ୮,୧୫୦ଟି ଟିକେଟ ବିକ୍ରି ସରିଛି। ଏଣୁ ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ୍‌ରେ ମୋଟ୍ ୧୮,୨୦୦ଟିକେଟ ସାଧାରଣ ଦର୍ଶକଙ୍କ ନିମନ୍ତେ ବିକ୍ରି ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଉଦ୍ଦିଷ୍ଟ କରିଛ। ମ୍ୟାଚ୍ ଆୟୋଜନ ନେଇ ସୋମବାର ଅପରାହ୍ନରେ ଓସିଏ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଉପସ୍ଥିତ ରହି ମ୍ୟାଚ ଆୟୋଜନ ନେଇ ସମସ୍ତ ସୂଚନା ଦେଇଥିଲେ। ଏହାଛଡ଼ା ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ବିଧାୟକ ଚନ୍ଦ୍ରସାରଥୀ ବେହେରା, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ଓସିଏର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ୧୬ରେ ଅନୁବନ୍ଧିତ ୟୁନିଟ୍‌ଙ୍କୁ ଟିକେଟ୍

୧୬ ଓ ୧୭ ତାରିଖରେ ଓସିଏର ଅନୁବନ୍ଧିତ ୟୁନିଟ୍ ଗୁଡ଼ିକୁ ଟିକେଟ ବିକ୍ରି କରାଯିବ। ଅନୁବନ୍ଧିତ ୟୁନିଟ ସମେତ ବିସିସିଆଇ ପ୍ରାୟୋଜକଙ୍କ ପାଇଁ ମୋଟ୍ ୮,୯୪୬ଟିକେଟ୍ ବିକ୍ରି ପାଇଁ ଉଦ୍ଦିଷ୍ଟ କରାଯାଇଛି। ଅନ୍ୟପକ୍ଷରେ ଗ୍ୟାଲେରି ନଂ-୭ ବାଦ୍ ପଡ଼ିବା ଯୋଗୁଁ ବାରବାଟୀ ଷ୍ଟାଡିୟମରେ ଦର୍ଶକ କ୍ଷମତା ୩୮,୮୬୨କୁ ଖସିଛି।

### ଗଠନ ହେଲା ବିଭିନ୍ନ କମିଟି

ମ୍ୟାଚ୍‌କୁ ସୁଚାରୁରୂପେ ପରିଚାଳନା ନିମନ୍ତେ ଓସିଏ ବିଭିନ୍ନ କମିଟି ଓ ସବ୍‌କମିଟି ଗଠନ କରିଛି। ସାଙ୍ଗଠନିକ କମିଟିରେ ବିଭିନ୍ନ ବିଧାୟକଙ୍କ ସମେତ ଓସିଏର ପଦାଧିକାରୀ ଅଛନ୍ତି। ଏହାଛଡ଼ା ଅଭ୍ୟର୍ଥନା କମିଟି, ପରାମର୍ଶ କମିଟି, ମିଡ଼ିଆ କମିଟି, ପ୍ରେସ ବକ୍ସ ସଂଯୋଜକ କମିଟି, ବିସିସିଆଇ କମିଟି, ବିସିସିଆଇ ବକ୍ସ ସଂଯୋଜକ, ଫ୍ଲଡ ଲାଇଟ୍ ପରିଚାଳନା କମିଟି, ନେଟ୍ ପ୍ରାକ୍ଟିସ ମ୍ୟାନେଜମେଣ୍ଟ, ଟିକେଟ ବଣ୍ଟନ କମିଟି, ଫାଟକ ନିୟନ୍ତ୍ରଣ କମିଟି ଠାରୁ ଆରମ୍ଭ କରି ବିଭିନ୍ନ କମିଟି ଗଠନ କରାଯାଇଛି।

ଫ୍ୟାଶନ୍

# ଶୀତଦିନରେ ବୁଟ୍ସ ଦେବ ଷ୍ଟାଇଲିଶ୍ ଲୁକ୍



**ଶୀତଦିନରେ ନିଜକୁ ଷ୍ଟାଇଲିଶ୍ ଦେଖାଇବାକୁ ହେଲେ ଅନେକ ଉପାୟ ରହିଛି । ଏହି ସିଜିନ୍‌ରେ ନିଜ ଲୁକ୍‌କୁ ଷ୍ଟାଇଲିଶ୍ କରିବାକୁ ହେଲେ ବୁଟ୍ସ ଭଲ ଅପ୍ସନ୍ । ଆପଣ ଦେଖିଥିବେ ଅନ୍‌ଲାଇନ୍ ହେଉ କି ଅଫ୍‌ଲାଇନ୍ ସବୁ ଜାଗାରେ ବୁଟ୍ସ ନଜର ଆସିଥାଏ। ୱିଣ୍ଟରରେ ବୁଟ୍ସକୁ ଆପଣ ଜିନ୍ସ, ଟ୍ରାଉଜର୍ସ, ପ୍ୟାଣ୍ଟ୍ସ, ଲେଗିଙ୍ଗ କିମ୍ବା ଡ୍ରେସ କୌଣସି ବି ଆଉଟ୍‌ଫିଟ୍ ସହିତ ପିନ୍ଧିପାରିବେ। ଏଠାରେ ଆପଣଙ୍କୁ ଡ୍ରେସ୍ ସହିତ ପିନ୍ଧାଯାଉଥିବା ବୁଟ୍ସ ଏବଂ ତାକୁ କେଉଁ ପ୍ରକାରେ ପିନ୍ଧିବେ ତା'ର ଉପାୟ ଆମେ ଦେଉଛୁ ଜାଣନ୍ତୁ ସେ ସମ୍ପର୍କରେ...**

**ବିଭିନ୍ନ ପ୍ରକାର ବୁଟ୍ସ**

ଆଜିକାଲି ମାର୍କେଟ୍‌ରେ ଅନେକ ଡିଜାଇନ୍‌ର ବୁଟ୍ସ ମିଳୁଛି। ଯେମିତି କି ବୁଟିଜ୍, ଆଙ୍କଲ ଲେଙ୍ଗଥ, ମିଡ୍ କଫ ଲେଙ୍ଗଥ, ବୁଟ୍ସ ନୀ ଲେଙ୍ଗଥ ଓ ଓଭର ନି ଲେଙ୍ଗଥ ବୁଟ୍ସକୁ ଥାଇ ହାଇ ବୁଟ୍ସ ବି କୁହାଯାଇଥାଏ। ଏହା ଆଣ୍ଠୁଠୁ ଟିକେ ଉପରକୁ ହୋଇଥାଏ।

**ବୁଟ୍ସକୁ ଡ୍ରେସ ସହିତ ପିନ୍ଧିବାର ଷ୍ଟାଇଲିଶ୍ ଉପାୟ**

ନି ଲେଙ୍ଗଥ ଫ୍ଲୋରାଲ ଡ୍ରେସ ସହିତ ହାଇ ଲେଙ୍ଗ୍ଥ ବୁଟ୍ସକୁ ଆପଣ ଅଫିସ୍ କିମ୍ବା କକ୍‌ଟେଲ୍ ପାର୍ଟିରେ ପିନ୍ଧିପାରିବେ। ଡ୍ରେସ ଓ ବୁଟ୍ସ ସହିତ ବେକରେ ଲଙ୍ଗ ଚେନ୍ ନେକଲେସ୍, ହାତରେ ବ୍ରେସଲେଟ୍ ଓ ଘଣ୍ଟା କ୍ୟାରି କରିପାରିବେ। ଏହି ଲୁକ୍‌କୁ ଆପଣ କଲେଜ୍ କିମ୍ବା ଆଉଟିଂରେ ଟ୍ରାଏ କରିପାରିବେ। ଲାଇଟ୍ କଲରର ଶର୍ଟ ଡ୍ରେସ, ବ୍ରାଉନ୍ ବୁଟ୍ସ ସହିତ ମ୍ୟାଚ୍ କଲାଭଳି ଆସେସରିଜ୍ ସହ ସ୍ଲିଙ୍ଗ ବ୍ୟାଗ୍ ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

**ବୁଟ୍ସ ଚୟନ କରିବା ସମୟରେ..**

ଯଦି ଆପଣ ବୁଟ୍ସକୁ ପ୍ରଥମଥର ଚୟନ କରୁଛନ୍ତି ତେବେ ଅନ୍‌ଲାଇନ୍ କିଣିବାକୁ ଆଭଏଡ୍ କରନ୍ତୁ। ସବୁବେଳେ ଦୋକାନରୁ ବୁଟ୍ସ କିଣନ୍ତୁ। ଯଦି ଆପଣ ବ୍ରାଣ୍ଡ ଓ ସାଇଜ୍‌କୁ ନେଇ ସିଓର ଥାନ୍ତି ତେବେ ଅନ୍‌ଲାଇନ୍‌ରେ ବି ଏହାକୁ କିଣିପାରିବେ। ବୁଟ୍ସ କିଣିବା ସମୟରେ ଏହାକୁ ଦୁଇଟି ପାଦରେ ସଙ୍ଗ ପିନ୍ଧି ଟ୍ରାଏ କରନ୍ତୁ। ଏହାଦ୍ୱାରା ଆପଣଙ୍କୁ ବୁଟ୍‌ର ପରଫେକ୍ଟ ସାଇଜ୍ ମିଳିଯିବ। ବୁଟ୍ସକୁ ଯେତେବେଳେ ଟ୍ରାଏ କରୁଛନ୍ତି ତାକୁ ପିନ୍ଧି କିଛି ବାଟ ଚାଲନ୍ତୁ। କେବେ କେବେ ବୁଟ୍ସକୁ କେବଳ ଟ୍ରାଏ କଲେ ଏହା ଆରାମ ଦାୟକ କି ନୁହେଁ ଜଣା ପଡି ନ ଥାଏ।

ଖାଦ୍ୟରୁଚି

## ଏଗ୍ ପରଟା



**ଆବଶ୍ୟକ ସାମଗ୍ରୀ:** ଅଟା ଦୁଇକପ,ଲୁଣ ଅଳ୍ପ ପରିମାଣର, ତେଲ ଏକ ବଡ ଚାମଚ,ଅଣ୍ଡା ଦୁଇଟି,କଟା ପିଆଜ ଏକ ଚତୁର୍ଥାଂଶ, ଗରମ ମସଲା ଅଧା ଚାମଚ,କଟା ହୋଇଥିବା କଞ୍ଚାଲଙ୍କା ଗୋଟିଏ, ଧନିଆପତ୍ର ଦୁଇ ବଡ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:**ଏକ ପାତ୍ରରେ ଅଟା,ଲୁଣ ଓ ତେଲକୁ ଭଲଭାବେ ମିଶାନ୍ତୁ। ଧୀରେ ଧୀରେ ପାଣି ପକାଇ ଅଟାକୁ ଭଲଭାବେ ଚକଟନ୍ତୁ। ଅଟା ଚକଟା ଭଲଭାବେ ହୋଇଗଲା ପରେ ଗୁଳା ପ୍ରସ୍ତୁତ କରନ୍ତୁ। ଏବେ ଏହାକୁ ପରଟା ଆକାରରେ ବେଲନ୍ତୁ। ତ୍ରିକୋଣୀୟ ଶେପ୍‌ରେ ରୋଲ କରନ୍ତୁ। ଏବେ ପାତ୍ର ନେଇ ଅଣ୍ଡା ଫଟାଇ ରଖନ୍ତୁ। ଏବେ ସେଥିରେ ପିଆଜ, କଞ୍ଚାଲଙ୍କା, ଧନିଆପତ୍ର, ଲୁଣ ଓ ଗରମ ମସଲା ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାକୁ ଅନ୍ୟ ପାଖରେ ରଖନ୍ତୁ। ଏକ ପ୍ୟାନ୍ ନିଅନ୍ତୁ ଏହାକୁ ଭଲଭାବେ ଗରମ କରନ୍ତୁ। କିଛି ସେକେଣ୍ଡ ଲାଗି ତାକୁ ପରଟାରେ ତେଲ ଏକ ଚାମଚ ମଖନ/ଘିଅ ଲଗାନ୍ତୁ। ଯେତେବେଳେ କୋଣ ଟିକେ ମୁଡ୍‌ମୁଡ୍ ହେବାକୁ ଲାଗିବ ଜଲ୍‌ଦି ତାକୁ ଛୁରିରେ କାଟି ସେଥିରେ ଅଣ୍ଡା ପେଷ୍ଟକୁ ପକାଇ ଦିଅନ୍ତୁ। ତାୱାରେ ଅଳ୍ପ ତେଲ ପକାନ୍ତୁ ପରଟା ଗୋଲଡେନ୍ ବ୍ରାଉନ୍ କଲର ହେବା ପର୍ଯ୍ୟନ୍ତ ସେକନ୍ତୁ। ଏବେ ଏହି ଅଣ୍ଡା ପରଟା ପ୍ରସ୍ତୁତ ହୋଇଗଲା।

ସୌନ୍ଦର୍ଯ୍ୟ

# କର୍ମଜୀବୀ ଓ ମେକ୍‌ଅପ

**ୱାର୍କିଂ ୱମେନ ଅର୍ଥାତ୍ କର୍ମଜୀବୀ ମହିଳା ନିଜର ଦୈନନ୍ଦିନ କାମକୁ ନେଇ ଏତେ ବ୍ୟସ୍ତ ଯେ ନିଜ ସୌନ୍ଦର୍ଯ୍ୟକୁ ଚମକଦାର ରଖିବା ପାଇଁ ଆବଶ୍ୟକ ସମୟ ଦେଇପାରି ନ ଥାନ୍ତି। ହେଲେ ଖୁବ୍ ଅଳ୍ପ ସମୟ ମଧ୍ୟରେ ସେମାନେ ନିଜକୁ ବେଶ୍ ସୁନ୍ଦର ଭାବରେ ସଜାଇ ପାରିବେ, ଯାହା ତାଙ୍କୁ ଆକର୍ଷଣୀୟ ଲୁକ୍ ମଧ୍ୟ ଦେବ । ଜାଣନ୍ତୁ ସେ ସମ୍ପର୍କରେ....**





**କାଜଲ:** କାଜଲ ତ ସବୁ ଝିଅଙ୍କ ପର୍ସରେ ଦେଖିବାକୁ ମିଳେ। ଏହାକୁ ଆପଣ ଘରେ ହେଉ କି ଅଫିସ୍ ଯେଉଁଠି ବି ଲଗାଇ ପାରିବେ। ଆପଣଙ୍କ ପାଖରେ ଯଦି କିଛି ମେକ୍‌ଅପ୍ ସାମାନ ନାହିଁ ତେବେ କାଜଲ୍ ଲଗାଇ ସୁନ୍ଦର ଦେଖାଯାଇପାରିବେ। କାଜଲ ଲଗାଇବା ପରେ ଫେସ୍ ପାଉଡର ଦ୍ୱାରା ଟଚ୍‌ଅପ୍ ମଧ୍ୟ କରିପାରିବେ।

**ଫେସ୍ ପାଉଡର:** ଫେସ୍ ପାଉଡର ବେସିକ୍ ତ ନୁହେଁ। କିନ୍ତୁ ଏକ ପରଫେକ୍ଟ ମେକ୍‌ଅପ୍ ଟଚଅପ୍ ପାଇଁ ଏହା ଜରୁରୀ। ଏହାଦ୍ୱାରା ଆପଣ ନିଜ ଫେସ୍‌କୁ ଟଚ୍‌ଅପ୍ ଦେଇପାରିବେ। କିନ୍ତୁ ଫେସ ପାଉଡର କିଣିବା ସମୟରେ ନିଜ ଫେସ ସ୍କିନ୍‌ର ମଧ୍ୟ ଧ୍ୟାନ ଦେବା ଜରୁରୀ।

**ଲିପ୍‌ଷ୍ଟିକ୍:** ଆପଣ ଲଗାଇ ଥିବା ଲିପ୍‌ଷ୍ଟିକ୍ ଦିନ ମଧ୍ୟରେ ଫିକା ପଡିଯାଇପାରେ। ପୁଣି ବହୁତ ମହିଳାଙ୍କ ପାଖରେ ବାରମ୍ବାର ଟଚ୍‌ଅପ୍ କରିବା ଲାଗି ସମୟ ନ ଥାଏ। ଏମିତି ଆମେ ଗୋଟିଏ ଉପାୟ ଦେଉଛୁ ଯାହା ଆପଣଙ୍କ ଲିପ୍‌ଷ୍ଟିକ୍‌କୁ ଲଙ୍ଗ ଲାଷ୍ଟିଙ୍ଗ କରିପାରିବ। ଲଙ୍ଗ ଲାଷ୍ଟିଙ୍ଗ ଲିପ୍‌ଷ୍ଟିଙ୍ଗ ପାଇଁ ପ୍ରଥମେ ଲିପ୍‌ଷ୍ଟିକ୍ ଲଗାଇ ଟିସୁ ପେପରରେ ଓଠକୁ ଦାବନ୍ତୁ। ଏହାପରେ ଅଳ୍ପ ଟିକେ ପାଉଡର ଓଠରେ ଲଗାନ୍ତୁ ଓ ଏହାପରେ ଫାଇନାଲ କୋର୍ଟ ଲିପ୍‌ଷ୍ଟିକ୍ ଓଠରେ ଲଗାନ୍ତୁ।

**କନ୍‌ସିଲର:** କନସିଲର ଲଗାଇବେ ଯଦି ଏହା ଅଧିକ ସମୟ ପର୍ଯ୍ୟନ୍ତ ରହିବ। କନ୍‌ସିଲର ଲଗାଉଥିବା ସମୟରେ ଟ୍ରାଙ୍ଗଲ ଶେପ୍‌ରେ ଲଗାନ୍ତୁ। ପୁଣି ଧୀରେ ଧୀରେ ଟ୍ରାନ୍ସଲୁସେଣ୍ଟ ପାଉଡର ଲଗାନ୍ତୁ। ଏହା ଆପଣଙ୍କ ରୂପଚର୍ଯ୍ୟାରେ ଆହୁରି ଚମକ୍ ଆଣିଥାଏ।

**ଆଇଲାଇନର:** ଆଖିକୁ ସଜାଇବା ଲାଗି ଆଇଲାଇନର ଭଲ ଅପ୍‌ଶନ୍। ଆଜିକାଲି ବଜାରରେ ବିଭିନ୍ନ ରଙ୍ଗର ଆଇଲାଇନର ମିଳୁଛି। ଏଥିମଧ୍ୟରୁ ହ୍ୱାଇଟ୍ କଲର ଅଧିକ ଗ୍ଲାମରସ ଲୁକ୍ ଦେଇଥାଏ। ଏହାକୁ ଆପଣ ୱାଟରପ୍ରୁଫ୍ ଲାଇନ୍‌ରେ ଲଗାନ୍ତୁ। ଅଧିକ ଷ୍ଟାଇଲିଶ୍ ଦେଖାଯିବାକୁ ହେଲେ ଏହା ସହିତ ଆଖିରେ କାଜଲ ବି ଲଗାଇପାରିବେ।

**ଲୋଶନ୍:** ଲୋଶନ୍ ବହୁତ୍ ଛୋଟ ଜିନିଷ, ଯାହାର ଆବଶ୍ୟକତା ଆମକୁ ବାରମ୍ବାର ପଡିଥାଏ। ଯେତେବେଳେ ଆପଣ ହାତ ଓ ମୁହଁକୁ ଧୋଇଥାନ୍ତି ଯାହା ଦ୍ୱାରା ସ୍କିନ୍ ଡ୍ରାଏ ହୋଇଯାଏ। ଏମିତିରେ ଆପଣ ଲୋଶନ୍ ଲଗାଇ ପାରିବେ।

**ମେକ୍‌ଅପ୍ ରିମୁଭର ୱାଇପ୍ସ:** ମେକ୍‌ଅପ୍ ରିମୁଭର ୱାଇପ୍ସ ଏକ ଭଲ ଜରୁରୀ ଜିନିଷ । ଯଦି ପାର୍ଟି ଫଙ୍କସନ୍‌ରେ ମେକ୍‌ଅପ୍ ଭଲ ହୋଇନାହିଁ କିମ୍ବା ମେକ୍‌ଅପ୍ ଯାଡେସ୍ୟାଡେ ହୋଇଯାଇଛି ତାକୁ ସଫା କରିବାକୁ ହେଲେ ଏହି ୱାଇପ୍ସ ସାହାଯ୍ୟରେ ସଫା କରିପାରିବେ।














































See Career Appointment on every Wednesday & Saturday

## ସଂକ୍ଷେପରେ

### ଏମ୍‌ସିଏଲ୍‌ଆର୍ କମାଇଲା ଏସ୍‌ବିଆଇ

ମୁମ୍ବାଇ,୯-୧୨

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡସ ବେସ୍‌ଡ ଲେଣ୍ଡିଂ ରେଟ୍ (ଏମ୍‌ସିଏଲ୍‌ଆର୍) ବା ଋଣ ସୁଧ ୧୦ ବେସସ୍ ପଏଣ୍ଟ ହ୍ରାସ କରିଛି। ସମସ୍ତ ବର୍ଷକିଆ ପ୍ରଡକ୍ଟ ଉପରେ ଏହା କାର୍ଯ୍ୟକାରୀ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ନିମନ୍ତେ ବ୍ୟାଙ୍କ ଅଷ୍ଟମଥର ଲାଗି ଏଭଳି ସୁଧହାର ହ୍ରାସ କରିଛି। ଗ୍ରାହକଙ୍କୁ ସୁବିଧା ଲାଗି ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଫଳରେ ନୂଆ ବର୍ଷକିଆ ଏମ୍‌ସିଏଲ୍‌ଆର୍ ୭.୯୦%କୁ କମିଛି। ଏହା ପୂର୍ବରୁ ୮% ରହିଥିଲା।

### ଦେଶରେ ନିଯୁକ୍ତି ହ୍ରାସ ହୋଇନି: ସନ୍ତୋଷ ଗଙ୍ଗୱାର

ନୂଆଦିଲ୍ଲୀ,୯-୧୨

ଦେଶରେ କୌଣସି ପ୍ରକାରର ନିଯୁକ୍ତି ହ୍ରାସ ହୋଇ ନ ଥିବା କେନ୍ଦ୍ର ସରକାର ସୋମବାର ପୁଣି ଥରେ କହିଛନ୍ତି। ନିଯୁକ୍ତି ହ୍ରାସ ହେବା ନେଇ କୌଣସି ସ୍ପଷ୍ଟ କାରଣ ନ ଥିବା କେନ୍ଦ୍ର ଶ୍ରମ ଏବଂ ନିୟୋଜନ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ଲୋକ ସଭାରେ ସୂଚନା ଦେଇଛନ୍ତି। ବିମୁଦ୍ରୀକରଣ ପରେ ବୃହତ୍ତ ସଂଖ୍ୟାରେ ଲୋକମାନେ ନିଯୁକ୍ତି ହରାଇଥିବା ନେଇ ଏକ ପ୍ରଶ୍ନର ଉତ୍ତର ରଖି ଗଙ୍ଗୱାର ଏହା କହିଛନ୍ତି। ଅଧିକ ସଂଖ୍ୟାରେ ନିଯୁକ୍ତି ସୃଷ୍ଟି ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସେ କହିଛନ୍ତି।

> ଦେଶ ମଧ୍ୟରେ ନିବେଶକୁ ପ୍ରୋତ୍ସାହିତ କରିବା ଲାଗି ସରକାର କର୍ପୋରେଟ ଟିକସ ହ୍ରାସ ଭଳି ପଦକ୍ଷେପ ହାତକୁ ନେଇଛନ୍ତି।
>
> – କେ.ଭି. ସୁବ୍ରମଣ୍ୟନ, ସିଇଏ



> ଦୀର୍ଘମିଆଦୀ ଜଳସେଚନ ପାଣ୍ଠିର ଠିକ୍ ବିନିଯୋଗ ନେଇ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ ପାଇଁ ସରକାର ବର୍ତ୍ତମାନ ବିଚାର କରୁଛନ୍ତି।
>
> –ନିର୍ମଳା ସୀତାରାମନ



■ମାନବ ବିକାଶ ସୂଚକାଙ୍କ

# ୧୨୯ ତମ ସ୍ଥାନକୁ ଉଠିଲା ଭାରତ

ନୂଆଦିଲ୍ଲୀ,୯-୧୨

ୟୁନାଇଟେଡ୍ ନେସନ୍ସ ଡେଭଲପମେଣ୍ଟ ପ୍ରୋଗ୍ରାମ(ୟୁଏନ୍‌ଡିପି) ପକ୍ଷରୁ ସୋମବାର ପ୍ରକାଶିତ ମାନବ ବିକାଶ ସୂଚକାଙ୍କ ରିପୋର୍ଟରେ ଭାରତ ଗୋଟିଏ ସ୍ଥାନ ଉପରକୁ ଉଠି ୧୨୯ତମ ସ୍ଥାନରେ ରହିଛି। ଏହି ତାଲିକାରେ ମୋଟ ୧୮୯ ଦେଶ ରହିଛନ୍ତି। ୨୦୧୮ର ହ୍ୟୁମାନ ଡେଭଲପମେଣ୍ଟ ଇଣ୍ଡେକ୍ସ(ଏଚ୍‌ଡିଆଇ)ରେ ଭାରତର ଭାଲ୍ୟୁ ୦.୬୪୭ ରହିଥିଲା। ଫଳରେ ଭାରତ ୧୩୦ତମ ସ୍ଥାନରେ ରହିଥିଲା। ୨୦୦୫-୦୬ରୁ ୨୦୧୫-୧୬ରେ ଭାରତ ୨୭.୧ କୋଟି ଲୋକଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିଥିବା ୟୁଏନ୍‌ଡିପି ଇଣ୍ଡିଆର ରେସିଡେଣ୍ଟ ରିପ୍ରେଜେଣ୍ଟେଟିଭ୍ ସୋକୋ ନୋଡା କହିଛନ୍ତି। ଭାରତର ବିକାଶମୂଳକ ପଦକ୍ଷେପ ଯଥା -ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏବଂ ଆୟୁଷ୍ମାନ ଭାରତ ଏଦିଗରେ ଏକ ପ୍ରମୁଖ ଯୋଗଦାନ ରଖୁଥିବା ସେ କହିଛନ୍ତି। ଗତ ୩୦ ବର୍ଷ ମଧ୍ୟରେ ଭାରତ ଦାରିଦ୍ର୍ୟ ଦୂରୀକରଣ, ଜୀବନ କାଳ ବୃଦ୍ଧି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ବିଭିନ୍ନ ଯୋଗଦାନ ରଖିଥିବା ସେ ଗୁରୁତ୍ୱାରୋପ କରିଛନ୍ତି। ଏଚ୍‌ଡିଆଇ ରିପୋର୍ଟ ମୁତାବକ ଅନ୍ୟ କୌଣସି ଦେଶ ଭାରତ ଭଳି ମାନବ ବିକାଶ କ୍ଷେତ୍ରରେ ଦ୍ରୁତ ଉନ୍ନତି ହାସଲ କରିନାହିଁ।



■ ଗୋଟିଏ ସ୍ଥାନ ଉନ୍ନତି

■ ପାକିସ୍ତାନ ୩ଟି ସ୍ଥାନ ଉଠିଛି

ଏହା ସତ୍ତ୍ୱେ ମଧ୍ୟ ଭାରତ ତାଲିକାର ବହୁ ନିମ୍ନରେ ରହିଛି। ଶ୍ରୀଲଙ୍କା, ଇରାନ ଏବଂ ଚାଇନା ତୁଳନାରେ ଭାରତ ଏହି ମାନବ ବିକାଶ ବହୁ ପଛୁଆ ରହିଛି। ପାକିସ୍ତାନ ଏହି ତାଲିକାରେ ୩ଟି ସ୍ଥାନ ଉପରକୁ ଉଠିବାକୁ ସକ୍ଷମ ହୋଇଛି। ସେହିଭଳି ବାଂଲାଦେଶ ଏଥିରେ ୨ଟି ସ୍ଥାନ ଉପରକୁ ଉଠିଛି। ବାଂଲାଦେଶ ଏବଂ ପାକିସ୍ତାନର ଏଚ୍‌ଡିଆଇ ଭାଲ୍ୟୁ ଯଥାକ୍ରମେ ୦.୬୦୮ ଏବଂ ୦.୫୬୨ ରହିଛି। ତାଲିକାରେ ବାଂଲାଦେଶର ର୍‌ୟାଙ୍କ ୧୩୪ ରହିଥିବା ବେଳେ ପାକିସ୍ତାନରେ ୧୪୭ତମ ସ୍ଥାନକୁ ଉନ୍ନୀତ ହୋଇଛି। ଦକ୍ଷିଣ ଏସିଆ ଦେଶଗୁଡିକ ମାନବ ବିକାଶ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ୧୯୯୦-୨୦୧୮ ମଧ୍ୟରେ ଏହି ଦେଶଗୁଡିକ ମାନବ ବିକାଶ କ୍ଷେତ୍ରରେ ୪୬% ଅଭିବୃଦ୍ଧି ହାସଲ କରିଛନ୍ତି। ଏହି ସମୟରେ ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳଗୁଡିକର ଅଭିବୃଦ୍ଧି ୪୩% ରହିଛି। ତାଲିକାର ପ୍ରଥମ ୧୦ଟି ସ୍ଥାନରେ ନରୱେ, ସୁଇଜରଲାଣ୍ଡ, ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ, ଜର୍ମାନୀ, ଆଇସଲାଣ୍ଡ, ହଂକଂ, ସ୍ୱିଡେନ, ସିଙ୍ଗାପୁର ଏବଂ ନେଦରଲାଣ୍ଡ ରହିଛନ୍ତି।

# ଗୁଗନାନୀ ହୋଣ୍ଡା ପକ୍ଷରୁ ଫନ୍ ରାଇଡ୍




ନୂଆଦିଲ୍ଲୀ,୯-୧୨

ଗୁଗନାନୀ ହୋଣ୍ଡା ଶୋ'ରୁମ ପକ୍ଷରୁ ଫନ୍ ରାଇଡ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା କାକଟପୁର ନିକଟସ୍ଥ ପୀର ଜାହାନିଆଠାରେ ହୋଣ୍ଡାର ହର୍ନେଟ ୧୬୦ଆର୍ ଏବଂ ଏକ୍ସବ୍ଲେଡ ମଡେଲର ପ୍ରାୟ ୪୦ ଗ୍ରାହକ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହାବାଦ ଗ୍ରାହକମାନଙ୍କୁ ନେଇ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜୋନାଲ ମ୍ୟାନେଜର ଅଜିତ ପଣ୍ଡା ଏବଂ ଏରିଆ ଇନଚାର୍ଜ ରଜନୀଶ ଜୟଶ୍ୱାଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗ୍ରାହକଙ୍କୁ ବ୍ରାଣ୍ଡ ସହ ଯୋଡି ରଖିବା ଲାଗି ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉଛି। ଗ୍ରାହକ ସନ୍ତୁଷ୍ଟିକୁ ଧ୍ୟାନରେ ରଖି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଏମ୍.ପି. ଲୋଧା

# ଭାରତର ସବୁଠୁ ଧନୀ ରିୟଲ ଇଷ୍ଟେଟ ଉଦ୍ୟୋଗୀ

ନୂଆଦିଲ୍ଲୀ,୯-୧୨

ଲୋଧା ଡେଭଲପର୍ସର ଏମ୍.ପି.ଲୋଧା ଏବଂ ପରିବାର ଭାରତର ସବୁଠୁ ଧନୀଶାଳୀ ରିୟଲ ଇଷ୍ଟେଟ ଉଦ୍ୟୋଗୀ ଭାବେ ବିବେଚିତ ହୋଇଛନ୍ତି। ଏହି ଗ୍ରୁପ ନିକଟରେ ମୋଟ ୩୧,୯୬୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଲିକାର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଯଥାକ୍ରମେ ଡିଏଲ୍‌ଏଫ୍‌ର ରାଜୀବ ସିଂ ଏବଂ ଏମ୍ବାସି ଗ୍ରୁପ ପ୍ରତିଷ୍ଠାତା ଜିତେନ୍ଦ୍ର ଭିରୱାନୀ ରହିଛନ୍ତି। ହୁରୁନ ଏବଂ ଗ୍ରୋହେ ଇଣ୍ଡିଆ ପକ୍ଷରୁ ମିଳିତ ଭାବେ ପ୍ରକାଶିତ ଗ୍ରୋହେ ହୁରୁନ ଇଣ୍ଡିଆ ରିୟଲ ଇଷ୍ଟେଟ ରିଚ୍ ଲିଷ୍ଟ ୨୦୧୯ ତାଲିକାରେ ଧନୀ ରିୟଲ ଇଷ୍ଟେଟ ଉଦ୍ୟୋଗୀଙ୍କୁ ସାମିଲ କରାଯାଇଛି। ତାଲିକାର ପ୍ରଥମ ସ୍ଥାନରେ ଥିବା ଲୋଧା ପରିବାରର ସମ୍ପତ୍ତି ୨୦୧୯ରେ ୧୮% ବଢିଛି। ତାଲିକାରେ ସ୍ଥାନିତ ସବୁ ଉଦ୍ୟୋଗୀଙ୍କ ସମ୍ପତ୍ତି ମଧ୍ୟରୁ କେବଳ ୧୨% ଲୋଧା ଗ୍ରୁପ ନିକଟରେ ରହିଛି। ଏହି ତାଲିକାରେ ୯୯ ଉଦ୍ୟୋଗୀଙ୍କୁ ସ୍ଥାନିତ କରାଯାଇଛି। ଦ୍ୱିତୀୟ ସ୍ଥାନରେ ରହିଥିବା ଡିଏଲ୍‌ଏଫ୍‌ର ରାଜୀବ ସିଂଙ୍କ ନିକଟରେ ୨୫,୦୮୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଙ୍କ ସମ୍ପତ୍ତିରେ ୪୨% ବୃଦ୍ଧି ଘଟିଛି। ସେହିଭଳି ତୃତୀୟ ସ୍ଥାନରେ ରହିଥିବା ଏମ୍ବାସୀ ପ୍ରପର୍ଟି ଡେଭଲପର୍ସର ଜିତେନ୍ଦ୍ର ଭିରୱାନୀଙ୍କ ନିକଟରେ ୨୪,୦୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଲିକାର ୪ର୍ଥ ସ୍ଥାନରେ ହିରାନନ୍ଦିନୀ କମ୍ୟୁନିଟିଜର ନିରଞ୍ଜନ ହିରାନନ୍ଦିନୀ ( ୧୭,୦୩୦ କୋଟି ସମ୍ପତ୍ତି), କେ ରାହେଜାର ଚନ୍ଦ୍ରୁ ରାହେଜା(୫ମ ସ୍ଥାନ, ୧୫,୪୮୦ କୋଟି), ଓବରେଇ ରିୟଲିଟିର ବିକାଶ ଓବରେଇ(୬ଷ୍ଠ ସ୍ଥାନ, ୧୩,୯୧୦ କୋଟି), ବାଗମାନେ ଡେଭଲପର୍ସର ରାଜା ବାଗମାନେ(୭ମ, ୯୯୬୦ କୋଟି), ହାଉସ ଅଫ୍ ହିରାନନ୍ଦିନୀର ସୁରେନ୍ଦ୍ର ହୀରାନନ୍ଦିନୀ (୮ମ, ୯୭୨୦ କୋଟି), ରନୱାଲ ଡେପଲପର୍ସର ସୁଭାଷ ରନୱାଲ(୯ମ, ୭,୧୦୦ କୋଟି) ଏବଂ ପିରାମଲ ରିୟଲିଟିର ଅଜୟ ପିରାମଲ ୧୦ସ୍ଥାନରେ ଥିବା ବେଳେ ତାଙ୍କ ପାଖରେ ୬୫୦୦ କୋଟିଟଙ୍କାର ରିୟଲ ଇଷ୍ଟେଟ ସମ୍ପତ୍ତି ରହିଛି।



# ୭୫ ଟଙ୍କା ଛୁଇଁଲା ପେଟ୍ରୋଲ, ଡିଜେଲ ୬୬

ନୂଆଦିଲ୍ଲୀ,୯-୧୨

ସୋମବାର ନୂଆଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୭୫ ଟଙ୍କା ଛୁଇଁଥିବା ବେଳେ ଡିଜେଲ ଦର ୬୬ ଟଙ୍କା ଛୁଇଁଛି। ଗତ ଏକ ବର୍ଷ ମଧ୍ୟରେ ଏହା ସବୁଠାରୁ ସର୍ବୋଚ୍ଚ ସ୍ତର। ଉତ୍ପାଦନ ମୂଲ୍ୟ ବଢିବା ଯୋଗୁ ତୈଳ ବିପଣନ କମ୍ପାନୀଗୁଡିକ ସେମାନଙ୍କ ଉତ୍ପାଦ ମୂଲ୍ୟ ବଢାଇଥିବା ଜଣାପଡିଛି। ସୋମବାର ପେଟ୍ରୋଲ ଦର ୫ ପଇସା ବଢିଥିବା ବେଳେ ଡିଜେଲ ଦର ୧୦ ପଇସା ବଢିଛି। ନଭେମ୍ବର ୯ ପରଠାରୁ ପେଟ୍ରୋଲ ଦରରେ ଏଭଳି ବୃଦ୍ଧି ପରିଲକ୍ଷିତ ହେଉଛି। ଗତ ଗୋଟିଏ ମାସ ମଧ୍ୟରେ ପେଟ୍ରୋଲ ଦର ମୋଟ ୨.୩୦ ଟଙ୍କା ବଢିଛି। ସୌଦି ଆରବର ଆରାମକୋ ତୈଳ ଫିଲ୍ଡ ଉପରେ ଡ୍ରୋନ ଆକ୍ରମଣ ହେବା ପରେ ଇନ୍ଧନ ଦର ହଠାତ ବୃଦ୍ଧି ଘଟିଥିଲା। ଏହାପରେ ଏଥିରେ ସାମାନ୍ୟ ବିରତି ଲାଗି ଥିଲା। ଏହା ୭୪.୬୧ ଟଙ୍କାରୁ ୭୨.୬୦ ଟଙ୍କାକୁ ଖସିଥିଲା। ମାତ୍ର ନଭେମ୍ବର ୯ ପରେ ପୁଣିଥରେ ବୃଦ୍ଧି ହୋଇଥିବା ଦେଖାଯାଇଛି। ଏହି ସମୟ ମଧ୍ୟରେ ଡିଜେଲ ଦର ୬୭ ଟଙ୍କା ଛୁଇଁଥିଲା।

















ଦୈନିକ ଖବରକାଗଜ 'ଧରିତ୍ରୀ'ର ସ୍ୱ-ନକ୍ଷତ୍ର ଉପଲକ୍ଷେ ଧରିତ୍ରୀର ସମ୍ପାଦକ ଓ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।



KAPOCH

ସଂଗ୍ରାମ କେଶରୀ ପାଇକରାୟ
ଅଧ୍ୟକ୍ଷ,
କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ








See Career Appointment on every Wednesday & Saturday

# ‘ପାଠ୍ୟକ୍ରମରେ କ୍ରୀଡ଼ାର ଆବଶ୍ୟକତା ରହିଛି’

‘‘ବର୍ତ୍ତମାନ ଏକାଡେମୀ ପାଠ୍ୟକ୍ରମରେ କ୍ରୀଡ଼ାପାଇଁ ନିର୍ଦ୍ଦିଷ୍ଟ ମାପ ରଖା ଯାଇନାହିଁ। ଶିକ୍ଷା ବିଭାଗ ଏହା ଉପରେ ଦୃଷ୍ଟି ଦେବା ଆବଶ୍ୟକତା ରହିଛି। ଏହା ହେଲେ ରାଜ୍ୟରେ ଖେଳ ପ୍ରତି ଅଧିକ ଫୋକସ ଦିଆଯାଇ ପାରିବ।୨୦୨୮ ଓ ୨୦୩୨ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି କ୍ରୀଡ଼ା ପ୍ରତିଭାଙ୍କୁ ଗ୍ରୁମିଂ କରାଯାଉଛି। ଏହାର ସୁଫଳ ନିଶ୍ଚିତ ଆଗାମୀ ଦିନରେ ମିଳିବ। ଏବେ ଖେଳ ଭିତ୍ତିଭୂମି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନ ରହି ରାଜ୍ୟସାରା ପରିବ୍ୟାପ୍ତ ହୋଇଛି। ଫଳରେ ପ୍ରତି ଅଞ୍ଚଳର ଖେଳାଳି ଏଥିରୁ ଫାଇଦା ପାଇ ପାରିବେ। ପୂର୍ବରୁ ୨୦୧୮ ହକି ବିଶ୍ୱକପ କେବଳ ଭୁବନେଶ୍ୱରରେ ଆୟୋଜନ ହୋଇଥିଲା। ୨୦୨୩ରେ ଏହି ମେଗା ପ୍ରତିଯୋଗିତା ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ଆମ ପାଇଁ ଏକ ଚ୍ୟାଲେଞ୍ଜ୍। ଭୁବନେଶ୍ୱର ଏବେ ଭାରତର କ୍ରୀଡ଼ା ରାଜଧାନୀଭାବେ ବିବେଚିତ ହେଉଛି। ଆଗାମୀ ଦିନରେ ଭୁବନେଶ୍ୱରରେ ଆଇଟି ହବ୍ ପ୍ରତିଷ୍ଠା କରିବାକୁ ମଧ୍ୟ ଆମେ ଚେଷ୍ଟା କରୁଛୁ’’ ବୋଲି ଧରିତ୍ରୀ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ଅବସରରେ ପ୍ରକାଶ କରିଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା। ଏହି ଅବସରରେ କ୍ରୀଡ଼ା ବିଭାଗରେ ପ୍ରଚଳିତ ନୀତି ଏବଂ ଭବିଷ୍ୟତର ଯୋଜନା ସମ୍ପର୍କରେ କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।

–ସାକ୍ଷାତ: ତପନ ସ୍ୱାଇଁ



**■ ରାଜ୍ୟରେ ଏବେ କ୍ରୀଡ଼ାର ଗୁରୁତ୍ୱ ବହୁପରିମାଣରେ ବଢ଼ି ଯାଇଥିବାବେଳେ ଆପଣ କ୍ରୀଡ଼ା ସହିତ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଅଛନ୍ତି। ଦୁଇ ବିଭାଗ ମଧ୍ୟରେ କେମିତି ସମନ୍ୱୟ ରକ୍ଷା କରୁଛନ୍ତି?**

ରାଜ୍ୟପାଇଁ ୨ଟି ଯାକ ବିଭାଗ ଗୁରୁତ୍ୱପୂର୍ଣ୍ଣ। ଭାରତ ସରକାର କହୁଛନ୍ତି ଆମେ ୨୦୨୮ ଓ ୨୦୩୨ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ସଂଖ୍ୟା ବଢ଼ାଇବାକୁ ଚାହୁଁଛୁ। ତେଣୁ ୧୦ରୁ ୧୪ ବର୍ଷ ମଧ୍ୟରେ ଯେଉଁ କ୍ରୀଡ଼ା ପ୍ରତିଭା ଅଛନ୍ତି ଆମେ ତାଙ୍କୁ ଟାର୍ଗେଟ କରୁଛୁ। ଅଲିମ୍ପିକ୍ସକୁ ଲକ୍ଷ୍ୟରେ ରଖି ସେମାନଙ୍କୁ ଟ୍ରେନିଂ ଦିଆଯିବ। ଆଇଟିରେ ମଧ୍ୟ ଇଷ୍ଟର୍ନ ଜୋନରେ ଆମେ ସବୁଠାରୁ ବଡ଼ ଆଇଟି ହବ୍ ହେବାପାଇଁ ଚେଷ୍ଟା କରୁଛୁ। ବାଙ୍ଗାଲୋର, ହାଇଦ୍ରାବାଦ, ପୁଣେ କିମ୍ବା ଗୁରଗାଁଓପରି ଅଞ୍ଚଳରେ ଆଇଟି ହବ୍‌ସବୁ ହୋଇଛି। ସେ ତୁଳନାରେ ଓଡ଼ିଶାରେ ଆଇଟି ହବ୍ ନାହିଁ। ଇକୋ ସିଷ୍ଟମକୁ ଆମେ ବର୍ତ୍ତମାନ ସପୋର୍ଟ ଦେଉଛୁ। ଆଗାମୀ ଦିନରେ ଭୁବନେଶ୍ୱରରେ ମଧ୍ୟ ଆଇଟି ହବ୍ ପ୍ରତିଷ୍ଠା କରିବାକୁ ଆମେ ଚେଷ୍ଟା କରୁଛୁ।

**■ ମନ୍ତ୍ରୀଭାବେ ଦାୟିତ୍ୱ ନେବାବେଳେ କ’ଣ ସବୁ ଲକ୍ଷ୍ୟ ଥିଲା। ବର୍ତ୍ତମାନ ସୁଦ୍ଧା କେତେ ପରିମାଣରେ ପୂରଣ ହୋଇଛି?**

ଦାୟିତ୍ୱ ନେବାର ମୋର ମାତ୍ର ୫-୬ ମାସ ହୋଇଛି। ପୂର୍ବରୁ ମଧ୍ୟ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କ୍ରୀଡ଼ାର ବ୍ୟାପକ ଉନ୍ନତି ହୋଇଛି। ୨୦୧୮ରେ ହକି ବିଶ୍ୱକପ ଆୟୋଜିତ ହୋଇଛି। ମୁଁ ଦାୟିତ୍ୱ ନେବାପରେ ଅଲିମ୍ପିକ୍ସ କ୍ୱାଲିଫାୟର ହକି, ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ହୋଇଛି। ଆଗାମୀ ଦିନରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ହେବାକୁ ଯାଉଛି। ରେସଲିଂ ଚାମ୍ପିୟନଶିପ୍ ମଧ୍ୟ ରହିଛି। ଅନେକ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ ପାଇଁ ଭୁବନେଶ୍ୱର ଏବେ ଭାରତର କ୍ରୀଡ଼ା ରାଜଧାନୀଭାବେ ବିବେଚିତ ହେଉଛି।

**■ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ଉନ୍ନତି ଘଟିଛି। ଏହାର ସୁଫଳ ଆମ ରାଜ୍ୟକୁ କିପରି ମିଳିଛି ବୋଲି ଆପଣ ଭାବୁଛନ୍ତି ?**

ପୂର୍ବରୁ ଅଳ୍ପ କେତୋଟି ଅଞ୍ଚଳରେ ଖେଳାଳିଙ୍କର ନିର୍ଦ୍ଦିଷ୍ଟ ଖେଳପ୍ରତି ଆଗ୍ରହ ଥିଲା, ତାକୁ ଦେଖି ପିଲାଙ୍କୁ ଗ୍ରୁମ୍ କରାଯାଉଥିଲା। ମାତ୍ର ବର୍ତ୍ତମାନ ପ୍ରତି ବ୍ଲକର ମୁଖ୍ୟକାର୍ଯ୍ୟାଳୟରେ ଆମେ ଗୋଟିଏ ଲେଖାଏ ମିନି ଷ୍ଟାଡିୟମ ନିର୍ମାଣ କରିଛୁ। ଅନେକ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଆମେ ୩୧୪ ବ୍ଲକ ଏବଂ ୧୪୯ ଅର୍ବାନ ବଡି(ଏନ୍‌ଏସ୍‌ସି ହେଉ କିମ୍ବା ମ୍ୟୁନିସିପାଲିଟି)ରେ ମିନି ଷ୍ଟାଡିୟମ ପାଇଁ ଟାର୍ଗେଟ ରଖିଛୁ। ଏହା ଫଳରେ ସ୍ଥାନୀୟ ଖେଳାଳି ଆଗାମୀ ଦିନରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅଭ୍ୟାସର ସୁଯୋଗ ପାଇବେ। ଭିତ୍ତିଭୂମି ରାଜ୍ୟବ୍ୟାପୀ ପରିବ୍ୟାପ୍ତ ହେବାରୁ ଯେଉଁ ପିଲାର ଯେଉଁ ଖେଳପ୍ରତି ଆଗ୍ରହ ତାକୁ ସେହି ଖେଳରେ ସୁଯୋଗ ମିଳୁଛି। ଆଗାମୀ ଦିନରେ ଯେଉଁ ପିଲାମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଥିବା କ୍ରୀଡ଼ା ଛାତ୍ରାବାସରେ ରଖାଯାଇ ଗ୍ରୁମିଂ କରାଯିବ।

**■ ୨୦୨୩ ହକି ବିଶ୍ୱକପ ଏଠାରେ ହେବ ବୋଲି ଘୋଷଣା କରାଯାଇଛି। ଓଡ଼ିଶାକୁ ଦ୍ୱିତୀୟ ଥର ପାଇଁ ଏହି ମେଗା ଇଭେଣ୍ଟ ମିଳିବା ପଛର କାରଣ କ’ଣ?**

ଆପଣ ଜାଣିଥିବେ ଯେ ୪-୫ଟି ଦେଶ ଆୟୋଜନ ଦୌଡ଼ରେ ଥିଲେ। ୨ଟି ଦେଶ କଟିଯିବାପରେ ବେଲଜିୟମ, ମାଲେସିଆ ଓ ଭାରତ ଚୂଡ଼ାନ୍ତ ଆୟୋଜନ ଦୌଡ଼ରେ ରହିଥିଲେ। ଭାରତରେ ଯେଉଁ କ୍ରୀଡ଼ା ଭିତ୍ତିଭୂମି ଅଛି ତାହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ। ତେଣୁ ଅନ୍ତର୍ଜାତୀୟ ହକି ଫେଡେରେଶନ ଭାରତକୁ ହିଁ ଚୟନ କଲା। ଦିଲ୍ଲୀ ପରି କେତେକ ଭେନ୍ୟୁ ମଧ୍ୟ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଆଶାୟୀ ଥିଲେ, ମାତ୍ର ୨୦୧୮ ବିଶ୍ୱକପ ଆୟୋଜନରେ ହକି ଇଣ୍ଡିଆ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ଥିଲା। ଏଠାରେ ସେତେବେଳେ କେବଳ ଖେଳ ନୁହେଁ ସ୍ପୋର୍ଟ୍ସ ଟୁରିଜମ୍‌ର ଏକ ଇକୋ ସିଷ୍ଟମ ତିଆରି ହୋଇଥିଲା। ଏହାକୁ ଏବଂ ଭିତ୍ତିଭୂମିକୁ ଲକ୍ଷ୍ୟକରି ଓଡ଼ିଶାକୁ ପୁଣି ଆୟୋଜନ ଅଧିକାର ମିଳିଛି। ବର୍ତ୍ତମାନ ଆମ ଆଗରେ ଏକ ଚ୍ୟାଲେଞ୍ଜ ଅଛି। ପୂର୍ବରୁ କେବଳ ଏହା ଭୁବନେଶ୍ୱରରେ ଆୟୋଜନ ହୋଇଥିଲା, ଏବେ ରାଉରକେଲାରେ ମଧ୍ୟ ଆୟୋଜନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ତେଣୁ ରାଉରକେଲାରେ ଯେଉଁଭଳି ଭିତ୍ତିଭୂମି ଆବଶ୍ୟକ ତାକୁ ଆମେ ୨୦୨୩ ପୂର୍ବରୁ ତିଆରି କରିଦେବାକୁ ଆଶା ରଖିଛୁ।

**■ ରାଜ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଅଛି, ମାତ୍ର ତାହା ଆମ ରାଜ୍ୟର ଖେଳାଳିଙ୍କ ପାଇଁ ଉପଲବ୍ଧ ହେଉନାହିଁ ବୋଲି ଅଭିଯୋଗ ହେଉଛି?**

ଖେଳାଳିମାନଙ୍କଠାରୁ ସେଭଳି କୌଣସି ଅଭିଯୋଗ ଆମ ନିକଟକୁ ଆସିନାହିଁ। ପୂର୍ବରୁ ଧାରଣା ଥିଲା ଯେ, ସୁନ୍ଦରଗଡ଼ ପିଲା କେବଳ ହକି, ପୁରୀ ପିଲା କୁସ୍ତି, ବାଲେଶ୍ୱର ପିଲା ଭଲିବଲ ଖେଳିବେ, ମାତ୍ର ଆମେ ଏହି ଧାରାକୁ ଭାଙ୍ଗି ଦେଇଛୁ। ସୁନ୍ଦରଗଡ଼ରେ ହକି ପ୍ରତି ଅଧିକ ଆଗ୍ରହ ଥିବାରୁ ସେହି ଜିଲାର ୧୭ଟି ଯାକ ବ୍ଲକ ହେଡ୍‌କ୍ୱାର୍ଟରରେ ଆମେ ଆଷ୍ଟ୍ରୋଟର୍ଫ ଷ୍ଟାଡିୟମ ନିର୍ମାଣ କରୁଛୁ। ତା ମାନେ ନୁହେଁ ଯେ ଜୟପୁରର ଜଣେ ପିଲା ହକି ଖେଳିବାରୁ ବଞ୍ଚିତ ହେବେ। ସବୁ ପିଲା ଯେପରି ନିଜ ପସନ୍ଦର ଖେଳ ଖେଳିପାରିବ ତା’ ଉପରେ ଗୁରୁତ୍ୱ ଦେଉଛୁ।

**■ ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାର କ’ଣ ସବୁ ଯୋଜନା ହାତକୁ ନେଉଛନ୍ତି?**

ଏବେ ଆମର ଯେଉଁ ପ୍ରତିଭା ସନ୍ଧାନ ପ୍ରକ୍ରିୟା ଚାଲିଛି ତାହା ଗ୍ରାମାଞ୍ଚଳରୁ ହିଁ ହେଉଛି। ସେଠାରୁ ପିଲା ବଛାହୋଇ ବ୍ଲକସ୍ତରକୁ ଆସିବେ। ବ୍ଲକସ୍ତରରୁ ଜିଲାସ୍ତରକୁ ଏବଂ ସେଠାରେ ଭଲ ପ୍ରଦର୍ଶନ କଲେ ରାଜ୍ୟସ୍ତରକୁ ଆସିବେ। ତାକୁ ଛାଡ଼ି ଖେଲୋ ଇଣ୍ଡିଆ ପ୍ରୋଗ୍ରାମରେ ସ୍କୁଲ କଲେଜରେ ମଧ୍ୟ ପ୍ରତିଭା ଠାବ କରାଯାଉଛି।

**■ ବିଦ୍ୟାଳୟ ସ୍ତରରେ କ୍ରୀଡ଼ାକୁ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ କି ?**

ବିଦ୍ୟାଳୟସ୍ତରୀୟ କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ବର୍ତ୍ତମାନ ଏକାଡେମୀ ପାଠ୍ୟକ୍ରମରେ କ୍ରୀଡ଼ାପାଇଁ ନିର୍ଦ୍ଦିଷ୍ଟ ମାପ ରଖାଯାଇନାହିଁ। ତେଣୁ ଆମେ ଚାହୁଁଛୁ ଉଚ୍ଚ ଶିକ୍ଷା ବିଭାଗ ହେଉ କିମ୍ବା ଗଣଶିକ୍ଷା ବିଭାଗ ପକ୍ଷରୁ ଯଦି ପାଠ୍ୟକ୍ରମରେ ଏହାକୁ ରଖାଯିବ ଏବଂ ସେଥିପାଇଁ କ୍ରେଡିଟ୍ କିମ୍ବା ମାର୍କ ରହିବ ତେବେ ଏଥିପ୍ରତି ଅଧିକ ଫୋକସ ଦିଆଯାଇପାରିବ। ପିଲାମାନେ ଏଥିପ୍ରତି ଅଧିକ ଧ୍ୟାନ ମଧ୍ୟ ଦେଇପାରିବେ।

**■ କ୍ରିକେଟ, ଫୁଟବଲ ଓ ହକିକୁ ଛାଡ଼ିଦେଲେ ଅନ୍ୟ ଖେଳଗୁଡ଼ିକ ରାଜ୍ୟର ସବୁ ଅଞ୍ଚଳରେ ଲୋକପ୍ରିୟ ହୋଇ ପାରିନାହିଁ। ସେଥିପାଇଁ କିଛି ଯୋଜନା ଅଛି କି ?**

ପାରମ୍ପରିକ ଖେଳକୁ ଆମେ ଗୁରୁତ୍ୱ ଦେଇ ଆସୁଛୁ। ଭଲିବଲ, କବାଡ଼ି ହେଉ କିମ୍ବା ଖୋ ଖୋ ଆଜି ମଧ୍ୟ ତା’ର ଅନେକ ଗୁରୁତ୍ୱ ରହିଛି। ମାତ୍ର କମର୍ସିଆଲ ଦୃଷ୍ଟିକୋଣରୁ ଆପଣ ଯେମିତି ଆଶା କରୁଛନ୍ତି ଆମେ ଆଗାମୀ ଦିନରେ ଯେପରି ପ୍ରୋ କବାଡ଼ି ଲିଗ୍ ବାହାରେ ହେଉଛି ଓଡ଼ିଶାରେ ଯେପରି ତାହା ହୋଇପାରିବ ତା’ ଉପରେ ଧ୍ୟାନ ଦେବୁ।

**■ ଆମ କ୍ରୀଡ଼ା ନୀତିରେ କିଛି ପରିବର୍ତ୍ତନ ଆବଶ୍ୟକ କି?**

ଖେଳ ନୀତିରେ ଯେଉଁ ପରିବର୍ତ୍ତନ ଆବଶ୍ୟକ ଅଛି ତାହା ବର୍ତ୍ତମାନ ଡ୍ରାଫ୍ଟିଂ ଷ୍ଟେଜ୍‌ରେ ଅଛି। ଖେଳପ୍ରତି ଉତ୍ସାହୀ ବ୍ୟକ୍ତି, ବିଶେଷଜ୍ଞ କିମ୍ବା ଅତୀତରେ ଅଲିମ୍ପିକ୍ସ ଆଦିରେ ପ୍ରତିନିଧିତ୍ୱ କରିଥିବା ବିଭିନ୍ନ ଖେଳାଳିଙ୍କଠାରୁ ପରାମର୍ଶ ନେଉଛୁ। ଭାରତୀୟ କ୍ରୀଡ଼ା ନୀତିର ଯେଉଁ ନୀତି ନିୟମ ଅଛି ତାକୁ ମଧ୍ୟ ଆମେ ଅନୁସରଣ କରୁଛୁ। ଯେପରି କୌଣସି ପଏଣ୍ଟ ଛାଡ଼ି ନ ଯିବ ତାକୁ ଧ୍ୟାନରେ ରଖି ଆମେ କ୍ରୀଡ଼ାନୀତି ପ୍ରସ୍ତୁତ କରୁଛୁ।

**■ କଳିଙ୍ଗ ଷ୍ଟାଡିୟମ ପୂର୍ବରୁ ସାଧାରଣ ଲୋକଙ୍କ ପାଇଁ ଉନ୍ମୁକ୍ତ ଥିଲା। ମାତ୍ର ତାହା ଏବେ ବନ୍ଦ କରି ଦିଆଯାଇଛି। କାରଣ କ’ଣ?**

କେବଳ ନିରାପତ୍ତା ସମସ୍ୟା ଯୋଗୁ ଏପରି ପଦକ୍ଷେପ ନିଆଯାଇଛି। ଆମେ ଯେହେତୁ ଅନ୍ତର୍ଜାତୀୟ ମ୍ୟାଚମାନ ଆୟୋଜନ କରୁଛୁ ବିଭିନ୍ନ ଦୃଷ୍ଟିକୋଣରୁ ସୁରକ୍ଷାକୁ ଧ୍ୟାନ ଦେବାକୁ ହେଉଛି। ବାହାରଲୋକ ଷ୍ଟାଡିୟମରେ ପଶିଲେ ଯଦି କୌଣସି ଦୁର୍ଘଟଣା ଘଟେ ତେବେ ସେଥିପାଇଁ ମଧ୍ୟ ଆମେ ଉତ୍ତରଦାୟୀ ରହିବୁ। ତେଣୁ ବିକଳ୍ପ କୌଣସି ସ୍ଥାନରେ ଯେପରି ଲୋକମାନେ ମର୍ନିଂଓ୍ୱାର୍କ କିମ୍ବା ଯୋଗ କରିପାରିବେ ତା’ ଉପରେ ଆମେ ଧ୍ୟାନଦେବାକୁ ପ୍ରତିଶ୍ରୁତି ଦେଇଛୁ।

**■ ହାତଗଣତି କେତେଜଣ ଖେଳାଳି କୋଚ୍‌ଙ୍କ ସୁପାରିସକ୍ରମେ ଷ୍ଟାଡିୟମରେ ପ୍ରବେଶ ଅନୁମତି ପାଉଛନ୍ତି। ମାତ୍ର ଅନେକ ସ୍ଥାନୀୟ ଖେଳାଳି ଏହି ସୁଯୋଗ ପାଇପାରୁ ନାହାନ୍ତି?**

ଯଦି କାହା ପାଖରେ କ୍ରୀଡ଼ା ପ୍ରତିଭା ଅଛି ଆଉ ସେ ଅଭ୍ୟାସ କରିବାକୁ ଚାହୁଁଛି ସେ ନିର୍ଦ୍ଦିଷ୍ଟ କାଟେଗୋରିପାଇଁ ଆବେଦନ କଲେ ଆମେ ତାଙ୍କୁ ଆଇ-କାର୍ଡ ଦେଉଛୁ ଏବଂ ଅନୁମତି ଦିଆଯାଉଛି। ସେହି ନିୟମ ଏବେ ବି ପ୍ରଯୁଜ୍ୟ।

**■ ଦେଖାଯାଉଛି ବହୁ କ୍ରୀଡ଼ା ଛାତ୍ରାବାସରେ ଏବେ କୋଚ୍ ନାହାନ୍ତି। ମାତ୍ର ସେଠାରେ ପିଲା ଗ୍ରହଣ କରାଯାଉଛି। ଯେଉଁଠି କ୍ରୀଡ଼ାର ପ୍ରାଥମିକ ଶିକ୍ଷା ଦୁର୍ବଳ ସେଠାରେ ହାଇପରଫରମାନ୍ସ ସେଣ୍ଟର କିମ୍ବା ହଷ୍ଟେଲ କିପରି ସହାୟକ ହୋଇପାରିବ ବୋଲି କହିପାରିବା?**

ହାଇପରଫରମାନ୍ସ ସେଣ୍ଟର କେବଳ ଭୁବନେଶ୍ୱରରେ ଅଛି। ଆପଣ ଯେଉଁ କଥା କହିଲେ ତାହା ଆଂଶିକ ସତ୍ୟ। କେତେକ ସ୍ଥାନରେ କୋଚ୍‌ମାନେ ଯେହେତୁ ସ୍ପୋର୍ଟ୍ସ ଅଫିସରଭାବେ ଅଛନ୍ତି ତାଙ୍କୁ ପିଲାମାନଙ୍କୁ ଗ୍ରୁମିଂ ପାଇଁ ସମୟ ମିଳୁନି। ଯେଉଁ ସ୍ଥାନରେ ଭ୍ୟାକେନ୍ସି ଅଛି ବହୁତ ଶୀଘ୍ର ନିଯୁକ୍ତି ଦେବୁ। ଫଳରେ ଯେଉଁ ଡିସିପ୍ଲିନରେ ଯେଉଁ ପିଲା ଅଛନ୍ତି ତାଙ୍କୁ ଗ୍ରୁମିଂ କରିବା ପାଇଁ ସେହି ଡିସିପ୍ଲିନର କୋଚ୍ ରହିବେ। ଆଉ କିଛି ଅସୁବିଧା ହେବନାହିଁ।

**■ ଏବେ ରାଜ୍ୟ ଖେଳାଳିମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିପାରୁ ନାହାନ୍ତି। ଏଥିପାଇଁ କ’ଣ ପଦକ୍ଷେପ ନିଆଯାଉଛି?**

ଏହା ଏକ ଲଙ୍ଗ ଜର୍ନି। ଯଦି କିଛି ବର୍ଷ ପାଇଁ କ୍ରୀଡ଼ା ଭିତ୍ତିଭୂମିରେ କିଛି ଅଭାବ ହୋଇଛି କିମ୍ବା ଗ୍ରୁମିଂରେ କିଛି ଅସୁବିଧା ହୋଇଛି ତା’ର ଫଳାଫଳ ମିଳିବାକୁ ୮-୧୦ ବର୍ଷ ଲାଗିଯିବ। ୨୦୨୮ ଓ ୨୦୩୨କୁ ଆମେ ଟାର୍ଗେଟ କରୁଛୁ। ଦୂତୀ ଚାନ୍ଦ, ପୂର୍ଣ୍ଣିମା ହେମ୍ବ୍ରମଙ୍କ ପରି ଆଥଲେଟ ଓଡ଼ିଶାକୁ ଗର୍ବିତ କରିଛନ୍ତି। ତାଙ୍କ ପରବର୍ତ୍ତୀ ପିଢ଼ିର ପିଲାଙ୍କୁ ଆମେ ଗ୍ରୁମିଂ କରୁଛୁ। ଯେପରି ଅଧିକ ସଂଖ୍ୟାରେ ଖେଳାଳି ସର୍ବଭାରତୀୟ ସ୍ତରରେ ଏବଂ ବିଶ୍ୱସ୍ତରରେ ଭଲ ପ୍ରଦର୍ଶନ କରିବେ ତା’ ଉପରେ ଧ୍ୟାନ ଦେଉଛୁ। ସେଥିପାଇଁ ହାଇପରଫରମାନ୍ସ ସେଣ୍ଟରମାନ ପ୍ରତିଷ୍ଠା ହୋଇଛି।

**■ ଓଡ଼ିଶାର କିଛି କ୍ଲବ କିମ୍ବା ଅନୁଷ୍ଠାନ ଯେପରି କି ଯାଜପୁରର ଖଣ୍ଡିତର ହେଉ କିମ୍ବା ଭୁବନେଶ୍ୱରର ୟୁନିଟ-୬, ବ୍ରହ୍ମପୁରର ହନୁମାନ କ୍ଲବ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି କରୁଛନ୍ତି। ମାତ୍ର ସେମାନଙ୍କୁ ସରକାର ସ୍ୱୀକୃତି ଦେଉ ନ ଥିବା ଅଭିଯୋଗ ହେଉଛି।**

ରାଜ୍ୟ ସରକାର ସ୍ୱୀକୃତି ଦେବାରେ କିଛି ଅସୁବିଧା ନାହିଁ। ନିର୍ଦ୍ଦିଷ୍ଟ ନିୟମ ଗାଇଡ୍‌ଲାଇନ ଅନୁସାରେ ସବୁ କାର୍ଯ୍ୟ କରାଯାଉଛି। ତା’ ଭିତରେ ଯଦି କିଛି ଆସୁଛି ତେବେ ରାଜ୍ୟ ସରକାର ନିଶ୍ଚିତ ସ୍ୱୀକୃତି ଦେବେ, ଏଥିରେ ଦ୍ୱିମତ ନାହିଁ।

**■ ପାରମ୍ପରିକ କ୍ରୀଡ଼ାର ପୁନରୁଦ୍ଧାର ଦିଗରେ କ’ଣ ପଦକ୍ଷେପ ନିଆଯାଉଛି?**

ଏବେ ଯାଦବ ମହାସଂଘ ପକ୍ଷରୁ ଲଉଡ଼ି ଖେଳ ପାଇଁ ଆବେଦନ ଆସିଥିଲା। ଆଉଏକ ମହାସଂଘ ପକ୍ଷରୁ ତାଙ୍କ ପାରମ୍ପରିକ କ୍ରୀଡ଼ା ପାଇଁ ମଧ୍ୟ ଆବେଦନ ଆସିଛି। ମୁଁ ସବୁକିଛିକୁ ଦୃଷ୍ଟିରେ ରଖିଛି। କୁମାରପୂର୍ଣ୍ଣିମା ସମୟରେ ହେଉଥିବା ପୁଚିଖେଳ ପାଇଁ ମଧ୍ୟ ଆବେଦନ ଆସିଛି। ତାକୁ କିପରି ଆମ କ୍ରୀଡ଼ା ବିଭାଗରେ ସାମିଲ କରାଯାଇପାରିବ ତାକୁ ଅନୁଧ୍ୟାନ କରାଯାଉଛି।

**■ କ୍ରୀଡ଼ା ମନ୍ତ୍ରୀ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ଆପଣଙ୍କର ଅଭିଜ୍ଞତା କିପରି ରହିଛି ?**

ମୁଁ ସମ୍ପୂର୍ଣ୍ଣ ଭାବେ ଏକାଡେମୀ ଫିଲ୍ଡରେ ଏବଂ ଇଞ୍ଜିନିୟରିଂ ବ୍ୟାକ୍‌ଗ୍ରାଉଣ୍ଡରେ ଥିଲି। କ୍ରୀଡ଼ା ବିଭାଗ ଉପରେ ମୋର ସେମିତି କିଛି ଧ୍ୟାନ ନ ଥିଲା। ଦାୟିତ୍ୱ ନେବାପରେ ମୁଁ ଧୀରେଧୀରେ ଶିଖୁଛି। ପୂର୍ବରୁ ଯେଉଁମାନେ ଏହି ବିଭାଗର ମନ୍ତ୍ରୀ ଥିଲେ, କିମ୍ବା ଯେଉଁମାନଙ୍କର ଅଭିଜ୍ଞତା ରହିଛି ସେମାନଙ୍କୁ ପଚାରୁଛି ଏବଂ ତାଙ୍କଠାରୁ ଶିଖୁଛି।

**■ ରାଜ୍ୟରେ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ କ’ଣ ଭବିଷ୍ୟତ ଯୋଜନା ରହିଛି ?**

ଯେଉଁ କ୍ରୀଡ଼ାବିତ୍‌ମାନେ ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ କିମ୍ବା ବିଶ୍ୱସ୍ତରରେ ପ୍ରତିଷ୍ଠିତ କରାଇଛନ୍ତି ସେମାନଙ୍କୁ ଚାକିରି ଦିଆଯାଉଛି। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ କି ବିଶ୍ୱସ୍ତରରେ କିମ୍ବା ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଖେଳାଳିଙ୍କୁ ସିଧାସଳଖ ନିଯୁକ୍ତି ଦିଆଯାଉଛି।

# ସାଇନାଙ୍କୁ ଦ୍ୱିତୀୟ ଡବ୍ଲ୍ୟୁଆଇଏମ୍ ନର୍ମ

ଭୁବନେଶ୍ୱର, ୯।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଚେସ୍ ଭବିଷ୍ୟତ ଭାବେ ବିବେଚିତ ହେଉଥିବା ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା ନିଜ ଲକ୍ଷ୍ୟ ପଥରେ ଆଉ ଏକପାଦ ଆଗକୁ ବଢ଼ିଛନ୍ତି। ସର୍ବିୟାର





ପାରାସିନଠାରେ ସୋମବାର ଶେଷ ହୋଇଥିବା ଓର୍ବିସ-୩ ଟୁର୍ନାମେଣ୍ଟରେ କ୍ୟାରିୟରର ଦ୍ୱିତୀୟ ଡବ୍ଲ୍ୟୁଆଇଏମ୍ (ମହିଳା ଅନ୍ତର୍ଜାତୀୟ ମାଷ୍ଟର) ନର୍ମ ହାସଲ କରିଛନ୍ତି ଏହି ଚେସ୍ ପ୍ରତିଭା। ପ୍ରତିଯୋଗିତାର ୮ମ ରାଉଣ୍ଡରେ କୋରିଆ ଖେଳାଳି କିମ୍ ଜିନ୍ ଶୁଙ୍କ ସହ ମ୍ୟାଚ ଡ୍ର ରଖି ସାଇନା ଏହି ସଫଳତା ପାଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ନର୍ମ ପାଇଁ ସାଇନାଙ୍କୁ ୪.୫ ପଏଣ୍ଟ ହାସଲ ଆବଶ୍ୟକ ହେଉଥିଲା। ଟୁର୍ନାମେଣ୍ଟ ସରିବାର ଗୋଟିଏ ରାଉଣ୍ଡ ପୂର୍ବରୁ ସେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଇଥିଲେ। ସମ୍ପ୍ରତି ୨୦୭୪ ରେଟିଂ ପଏଣ୍ଟରେ ଥିବା ସାଇନା ଉଚ୍ଚ ରେଟିଂପ୍ରାପ୍ତ ଖେଳାଳିଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଟୁର୍ନାମେଣ୍ଟର ଆଭରେଜ ରେଟିଂ ପଏଣ୍ଟ ଥିଲା ୨୨୫୬। ସେ ମୋଟ ୩ ବିଜୟ, ୨ ପରାଜୟ ଓ ୪ ଡ୍ର ସହ ୫ ପଏଣ୍ଟ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ଫଳରେ ଏଥିରୁ ତାଙ୍କୁ ମୂଲ୍ୟବାନ ୧୦୨ ଏଲୋ ରେଟିଂ ପଏଣ୍ଟର ଫାଇଦା ମିଳିଛି। ଏହା ପୂର୍ବରୁ ମଧ୍ୟ ସେ ସର୍ବିୟାର ନୋଭିସାଡଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୭୬ ପଏଣ୍ଟର ଫାଇଦା ପାଇଥିଲେ। କେନ୍ଦୁଝର ଜିଲା ହାଟଡିହି ବ୍ଲକସ୍ଥିତ ସୁଲଣ ଗ୍ରାମର ବବିତା ଓ ଗଣେଶ୍ୱର ଜେନାଙ୍କ ସୁକନ୍ୟା ହେଉଛନ୍ତି ସାଇନା। ସମ୍ପ୍ରତି କିଟ୍ ଅନ୍ତର୍ଜାତୀୟ ସ୍କୁଲର ଏକାଦଶ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ ଏହି ଚେସ୍ ପ୍ରତିଭା ଗତ ଜୁନ୍ ମାସରେ ଗୋଆ ଅନ୍ତର୍ଜାତୀୟ ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ କରିଥିଲେ। ସେ ଗତ ସିବିଏସଇ ଦଶମ ପରୀକ୍ଷାରେ କୃତୀତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବାବେଳେ କ୍ୟାରିୟରରେ ୧୭ଟି ଅନ୍ତର୍ଜାତୀୟ ପଦକ ହାସଲ କରି ସାରିଛନ୍ତି।

# ରାଜ୍ୟସ୍ତରୀୟ ନିମାପଡ଼ା ଫୁଟ୍‌ବଲ ଉଦ୍‌ଘାଟିତ

ନିମାପଡ଼ା, ୯।୧୨ (ଡିଏନ୍‌ଏ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସୋମବାର ୬ଷ୍ଠ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ନିମାପଡ଼ା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଉଦ୍‌ଘାଟନୀ ମୁକାବିଲାରେ କଟକ ସାଇ ହଷ୍ଟେଲ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

**ସେମିରେ କଟକ ସାଇ ହଷ୍ଟେଲ**



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

ଢେଙ୍କାନାଳର ପପୁଲାର ଫୁଟ୍‌ବଲ କ୍ଲବ ଓ କଟକ ସାଇ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ଅମୀମାଂସିତ ଭାବେ ସମାପ୍ତ ହୋଇଥିଲା। ଶେଷରେ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ପପୁଲାର ଫୁଟ୍‌ବଲ କ୍ଲବକୁ ୪-୩ ଗୋଲରେ ପରାସ୍ତ କରି କଟକ ସାଇ ହଷ୍ଟେଲ ବିଜୟୀ ହୋଇଛି। ବିଜୟୀ ଦଳର ଗୋଲରକ୍ଷକ ଆଲୋକ ଏକ୍କାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଜୟ ବେହେରା, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ଦୋଳଗୋବିନ୍ଦ ସେଠୀ ଓ ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ସୋମବାର ମ୍ୟାଚ୍‌କୁ ଜାତୀୟସ୍ତରର ରେଫରି ବିଷ୍ଣୁପ୍ରିୟା ଦାଶ, ନିର୍ମଳ ମିଶ୍ର, ସରୋଜ ମହାରଣା, ଜ୍ୟୋତିରଞ୍ଜନ ଦାସ ପରିଚାଳନା କରିଥିଲେ। ସୁଦୀପ ଦାସ ମ୍ୟାଚ୍ କମିଶନ ରହିଥିଲେ। ମଙ୍ଗଳବାର ଭୁବନେଶ୍ୱରର ସଂଗ୍ରାମ ଫୁଟ୍‌ବଲ କ୍ଲବ ଓ ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ପାକିସ୍ତାନରେ ପହଞ୍ଚିଲା ଶ୍ରୀଲଙ୍କା ଦଳ

ରାଓ୍ୱଲପିଣ୍ଡି (ପାକିସ୍ତାନ), ୯।୧୨

ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଶ୍ରୀଲଙ୍କା କ୍ରିକେଟ୍ ଦଳ ସୋମବାର ପାକିସ୍ତାନରେ ପହଞ୍ଚିଛି। ୨୦୦୯ରେ ଲାହୋରରେ ଶ୍ରୀଲଙ୍କା ଖେଳାଳିଙ୍କ ବସ୍ ଉପରକୁ ଆତଙ୍କବାଦୀମାନେ ଗୁଳି କରିବାର ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଶ୍ରୀଲଙ୍କା ପ୍ରଥମଥର ଲାଗି ପାକିସ୍ତାନ ଗସ୍ତ କରିଛି। ‘ଶ୍ରୀଲଙ୍କା ଦଳର ଆଗମନ ଏକ ଐତିହାସିକ ଅବସର। ବୁଧବାରଠାରୁ ୨ ମ୍ୟାଚ୍‌ବିଶିଷ୍ଟ ସିରିଜ ଆମେ ଆୟୋଜନ କରିବାକୁ ଯାଉଥିବାରୁ ଉତ୍ସାହିତ ରହିଛୁ’ ବୋଲି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମୁଖ୍ୟ କାର୍ଯ୍ୟନିର୍ବାହୀ ଓ୍ୱାସିମ ଖାଁ କହିଛନ୍ତି। ପିସିବି ପକ୍ଷରୁ ମଧ୍ୟ ଏହି ଅବସରରେ ଏହାର ଅଫିସିଆଲ ଟୁଇଟର୍ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରାଯାଇଛି, ଯେଉଁଥିରେ ଶ୍ରୀଲଙ୍କା ଖେଳାଳିମାନେ ଇସଲାମବାଦ୍‌ରେ ପହଞ୍ଚିବା ପରେ ପାକିସ୍ତାନ ଆର୍ମି ସିକ୍ୟୁରିଟି ଫୋର୍ସ ଦ୍ୱାରା ସେମାନଙ୍କୁ ଏସ୍କର୍ଟ କରି ନିଆଯାଉଛି। ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବୁଧବାରଠାରୁ ରାଓ୍ୱଲପିଣ୍ଡିଠାରେ ଆରମ୍ଭ ହେବ। ଏହାପରେ ଡିସେମ୍ବର ୧୯ରୁ କରାଚୀରେ ଅନ୍ତିମ ତଥା ୨ୟ ଟେଷ୍ଟ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏଥିସହ ଲାହୋର ଆକ୍ରମଣ ଘଟଣାର ୧୦ ବର୍ଷ ପରେ ପାକିସ୍ତାନ ମାଟିକୁ ଟେଷ୍ଟ କ୍ରିକେଟ୍ ଫେରିଛି। ଏହି ଆକ୍ରମଣରେ ୮ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ଏହାପରଠାରୁ କୌଣସି ବିଦେଶୀ ଦଳ ପାକିସ୍ତାନରେ ଖେଳିବାକୁ ରାଜି ହୋଇ ନ ଥିଲେ। ଫଳରେ ୟୁଏଇକୁ ପାକିସ୍ତାନ ଏହାର ଘରୋଇ ଭେନ୍ୟୁ ଭାବେ ବ୍ୟବହାର କରି ଦ୍ୱିପାକ୍ଷିକ ସିରିଜ ଖେଳି ଆସୁଥିଲା।

# ବିବାହ ପରେ ସ୍କୁଟିରେ ଗଲେ ଗୋଥାମ୍

ବାଙ୍ଗାଲୋର, ୯।୧୨

ଚଳିତ ବିବାହ ସିଜନରେ ଜଣେ ପରେ ଜଣେ କ୍ରିକେଟର ବିବାହ କରୁଛନ୍ତି। ନିକଟରେ ମନୀଷ ପାଣ୍ଡେ ଟଲିଉଡ ଅଭିନେତ୍ରୀଙ୍କୁ ବିବାହ କରିଥିଲେ। ଏବେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ତାଙ୍କ ସାଥୀ ଖେଳାଳି କ୍ରିଷ୍ଣାପା ଗୋଥାମ। ତାଙ୍କ ବିବାହ ଖବରରେ ରହିବାର କାରଣ ତାଙ୍କ ବିଦାୟୀ ସ୍କୁଟିରେ ହୋଇଛି। ତାଙ୍କ ସ୍ତ୍ରୀ ଅର୍ଚ୍ଚନା ଗଗଲ୍ସ ପିନ୍ଧି ସ୍କୁଟି ଚଳାଉଥିବାବେଳେ ଗୌଥାମ ପଛରେ ବସି ଫଟୋ ପାଇଁ ପୋଜ ଦେଉଥିଲେ। ଦୁହେଁ ଦୀର୍ଘ ଦିନ ହେଲା ରିଲେଶନଶିପରେ ଥିଲେ। ଉଭୟଙ୍କ ପରିବାର ମଧ୍ୟ ଏ ସମ୍ପର୍କରେ ଜାଣି ଥିଲେ। ପରିବାର ସଦସ୍ୟ, ସମ୍ପର୍କୀୟ, ବନ୍ଧୁଙ୍କ ଉପସ୍ଥିତିରେ ପାରମ୍ପରିକ ଦକ୍ଷିଣ ଭାରତୀୟ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଯାଇଛି। ଏ ନେଇ ଉଭୟ ନିଜ ନିଜ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଉଲ୍ଲେଖଥାଉ କି, ଗୌତମ କର୍ନାଟକ ଦଳ ପାଇଁ ରଣଜୀ କ୍ରିକେଟ ଖେଳନ୍ତି। ଏହି ଅଲରାଉଣ୍ଡରଙ୍କୁ ଗତବର୍ଷ ୬.୨ କୋଟି ଟଙ୍କାରେ କିଣିଥିଲା ରାଜସ୍ଥାନ ରୟାଲ୍ସ।

### ଦାଦନ ଯିବା କାଳ ହେଲା

# କେରଳରେ ଆଖି ବୁଜିଲେ ଯୁବତୀ

**ଲାଞ୍ଜିଗଡ଼,୯।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଘୋଡାପୋଖେର ଗାଁର ରଇବାରୁ ଜାଲ ନାମକ ଜଣେ ଯୁବକଙ୍କ ଗତ କିଛିଦିନ ତଳେ କେରଳରେ ମୃତ୍ୟୁ ଘଟିଥିଲା । ଏବେ ଜଣେ ଯୁବତୀଙ୍କ ମଧ୍ୟ କେରଳରେ ମୃତ୍ୟୁ ଘଟିଥିବା ଖବର ମିଳିଛି । ମୃତା ଯୁବତୀ ହେଲେ କାନକୁଟ୍ରୁ ପଞ୍ଚାୟତ ବଛକା ଗାଁର ନଫିସା ହରିଜନ (୨୫)। ପରିବାର ଲୋକଙ୍କ କହିବା ଅନୁସାରେ ନଫିସା ବିଜେପୁର ଗାଁର କାର୍ତ୍ତିକ ନାଏକଙ୍କୁ ଭଲ ପାଇ ବିବାହ କରିଥିଲେ। କିଛିଦିନ ସେମାନେ ଖୁସିରେ ଜୀବନ ଯାପନ କରିଥିଲେ । ଗାଁରେ କୌଣସି କାମଧନ୍ଦା ନ ମିଳିବାରୁ ବାଧ୍ୟହୋଇ ଏହି ଦମ୍ପତି କେରଳକୁ ଯାଇଥିଲେ । ସେଠାରେ ତ୍ରିଶୁର ଜିଲାରେ ଥିବା ଏକ କାରଖାନାରେ କାର୍ତ୍ତିକ କାମ କରୁଥିବା ବେଳେ ନଫିସା ଘରେ ରହୁଥିଲେ। ରବିବାର ନଫିସାଙ୍କୁ ଜ୍ୱର ହୋଇଥିଲା। ସ୍ୱାମୀ ଔଷଧ ଆଣି ଦେବା ପରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା । ଶେଷରେ ତାଙ୍କୁ ଗୁରୁତର ଅବସ୍ଥାରେ ତ୍ରିଶୁରର ଆତାନି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ନଫିସାଙ୍କ ମୃତ୍ୟୁ ଘଟିଥିଲା।

ଏହି ଦୁଃଖଦ ଖବର ପାଇବା ପରେ ନଫିସାଙ୍କ ପରିବାର ଲୋକେ ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ସାକ୍ଷାତ କରି ମୃତଦେହ ଗାଁକୁ ଆଣିବା ପାଇଁ ଗୁହାରି କରିଥିଲେ। ଲାଞ୍ଜିଗଡ ବିଡିଓ ମିଶ୍ର ଏ ନେଇ ଜିଲା ଶ୍ରମ ଅଧିକାରୀଙ୍କୁ ଫୋନ ଯୋଗେ ମୃତଦେହ ଆଣିବା ପାଇଁ ଜଣାଇଥିଲେ । ହେଲେ ଅତିରିକ୍ତ ଶ୍ରମ ଅଧିକାରୀ ପ୍ରଦୀପ କୁମାର ମହାନ୍ତି ତାଙ୍କ ଫଣ୍ଡରେ କୌଣସି ଟଙ୍କା ନ ଥିବା କହିଥିଲେ। କିନ୍ତୁ ମୃତଦେହ ଆଣିବା ପାଇଁ କିଛି ଆର୍ଥିକ ସାହାଯ୍ୟ କରିଥିବା ଜଣାପଡିଛି। ପରେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଇଂ.ଫକୀର ମୋହନ ମାଝି ଜିଲାପାଳଙ୍କୁ ଅନୁରୋଧ କରିବାରୁ ମୃତଦେହ ଆଣିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ମୁଁ ଏ ବାବଦରେ ଶ୍ରମ ଅଧିକାରୀଙ୍କ ସହିତ କଥା ହେବି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି ।


ନଫିସା ହରିଜନଙ୍କ ଫାଇଲ ଫଟୋ ।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## 'ଅକଳରେ ଅର୍ଥନୀତି'

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଉଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି– ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ସମ୍ବଲପୁର:** ନରୋତ୍ତମ ଜେନା (୯୪୩୮୦୯୮୩୫୫), ମନୋଜ ମହାନ୍ତି (୭୦୦୮୫୦୬୮୧୦)
ଦୂରଭାଷ: ୦୬୬୪–୨୫୮୦୧୦୧/୨୫୪୯୩୦୨


### ସୁନାବେଡା ଅଭୟାରଣ୍ୟରେ ଦୁର୍ଘଟଣା

# ଗଛରେ ପିଟିହୋଇ ହାଇୱା ଚୁରମାର, ୨ ମୃତ

**ନୂଆପଡା ଅଫିସ,୯।୧୨**

ସୋମବାର ଅପରାହ୍ନ ୧ଟାରେ ନୂଆପଡ଼ା ଜିଲା ସୁନାବେଡା ଅଭୟାରଣ୍ୟ ଅନ୍ତର୍ଗତ କେରମେଲି ଗାଁ ନିକଟରେ ଏକ ହାଇୱା ଟ୍ରକ୍ (ନଂ. ସିଜି୦୪ଜେଡି–୭୩୪୦) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ଡ୍ରାଇଭରଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସ୍ଥାନୀୟ ଭଇଁଷମୁଣ୍ଡି ଗାଁର ରେଖରାମ ରାଉତ (୨୩) ଏବଂ ପଡୋଶୀ ଛତିଶଗଡ ରାଜ୍ୟ ରାୟପୁରର ଅରୁଣ ସାହୁ (୨୫)। ପୂର୍ବାହ୍ନରେ ଉକ୍ତ ଗାଡି ବାଲି ବୋଝେଇ କରି କେରମେଲିକୁ ଯାଇଥିଲା। ସେଠାରୁ ଫେରିବା ବେଳେ କେରମେଲି ବସ୍ତି ମୁଣ୍ଡରେ ଏକ ଖାଲ ରାସ୍ତାରେ ଭାରସାମ୍ୟ ହରାଇ ତଳକୁ ଖସିଯାଇ ଏକ ଗଛରେ ପିଟି ହୋଇ ଚୁରମାର ହୋଇଯାଇଥିଲା । ଫଳରେ ଉପରୋକ୍ତ ୨ ଯୁବକ ଗୁରୁତର ହୋଇଥିଲେ । ଖବର ପାଇ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଉଭୟଙ୍କ ମୃତ୍ୟୁ ଘଟି ସାରିଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ସୂଚନାଯୋଗ୍ୟ, ଏହି ଗାଡି ରାୟପୁରର ଜଣେ ମାଲିକଙ୍କର । ହଳଦୀ ଗାଁର ଜଣେ ବ୍ୟକ୍ତି ଗାଡ଼ିକୁ ଲିଜ୍‌ରେ ନେଇ କାମରେ ଲଗାଇଥିଲେ ।


ଗଛରେ ପିଟିହୋଇ ଚୁର ମାର ହୋଇଥିବା ହାଇୱାଗାଡି।

# ମାଈହାତୀ ମୃତଦେହ ଠାବ

**ଉଦଳା,୯।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଉଦଳା ବନ ବିଭାଗ ଅଧୀନ ଶିମିଳିପାଳ ଅଭୟାରଣ୍ୟର ପର୍ଯ୍ୟଟନସ୍ଥଳୀ ଦେଇ ପ୍ରବାହିତ ଦେଓ ନଦୀ କୂଳରେ ସୋମବାର ଗୋଟିଏ ମାଈ ହାତୀର ମୃତଦେହ ଠାବ ହୋଇଛି। ବନ ବିଭାଗ କର୍ମଚାରୀ ଏବଂ ଶିମିଳିପାଳ ଏସଟିଆର୍ ଅଧିକାରୀମାନେ ପହଞ୍ଚି ହାତୀ ମୃତ୍ୟୁ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଏନେଇ ଉଦଳା ରେଞ୍ଜ ଅଧିକାରୀ ଅଜୟ କୁମାର ଦାସଙ୍କୁ ପଚାରିବାରୁ ସେ ଏସମ୍ପର୍କରେ ଜାଣି ନାହାଁନ୍ତି ବୋଲି କହିଛନ୍ତି। ତେବେ ବନ ବିଭାଗ କର୍ମଚାରୀମାନେ ମୃତହାତୀକୁ ଜଗି ରହିଥିବା ଖବର ମିଳିଛି। ବନ୍ୟ ପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗର ଜଣେ କର୍ମଚାରୀ କହିଛନ୍ତି।

# ଗୋପପୁରରେ ଉଡ଼ିଲା ଶୁଭଧ୍ୱଜା

**ବରଗଡ଼ ଅଫିସ,୯।୧୨**

ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଗୋପପୁର ଯାତ୍ରା ଏକ ଅଭିନ୍ନ ଅଙ୍ଗ। ଧନୁଯାତ୍ରା ପାଇଁ ଗତ ୧ତାରିଖରେ ବରଗଡ଼ (ମଥୁରାନଗରୀ) ହାଟପଦା ସଞ୍ଚାର ମଣ୍ଡଳୀରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଥିବାବେଳେ ଗୋପପୁର ଯାତ୍ରା ପାଇଁ ସୋମବାର ଅମ୍ବାପାଲି(ଗୋପପୁର) ନିକଟ ଜୀରାନଦୀ(ଯମୁନା)କୂଳ ବୃନ୍ଦାବନ ପଡ଼ିଆ କଦମ୍ବ ବୃକ୍ଷ ଉପରେ ଶୁଭଧ୍ୱଜା ଲଗାଯାଇଛି। ଶୁଭଧ୍ୱଜା ଉଡ଼ିବା ପରେ ଅମ୍ବାପାଲିରେ ଗୋପପୁର ଯାତ୍ରାକୁ ନେଇ ଉତ୍ସାହ, ଉଦ୍ଦୀପନା ପରିଲକ୍ଷିତ ହୋଇଛି। ଅମ୍ବାପାଲିସ୍ଥିତ ସମଲେଶ୍ୱରୀ ମନ୍ଦିରରେ ବିଧିମତେ ରାଜ ପୁରୋହିତ ଭଗବାନ ବିର୍ତ୍ତିଆ ପୂଜାର୍ଚ୍ଚନା କରିଥିଲେ । ଏହା ସହିତ ସେଠାରେ ଶ୍ରୀକୃଷ୍ଣ, ବଳରାମ ଓ ରାଧା କଳାକାରଙ୍କୁ ବରଣ କରାଯାଇଥିଲା । ଏହାପରେ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ଅମ୍ବାପାଲିବାସୀ ଜୀରା ନଦୀକୂଳ ବୃନ୍ଦାବନ ପଡ଼ିଆକୁ ଆସିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା ଏବଂ କଦମ୍ବ ବୃକ୍ଷରେ ଶୁଭଧ୍ୱଜା ଲଗାଯାଇଥିଲା। ପୂଜାରେ ଗୋପପୁର ଯାତ୍ରା କମିଟି ଆବାହକ ତଥା ବରଗଡ଼ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଗୋପପୁର ଯାତ୍ରା କମିଟିର ସହ ଆବାହକ ତଥା ବରଗଡ଼ ତହସିଲଦାର ସବ୍ୟସାଚୀ ପଣ୍ଡା, କୃଷ୍ଣଚନ୍ଦ୍ର ମହାପାତ୍ର, ନାରାୟଣ ଭୋଇ ପ୍ରମୁଖଙ୍କ ସମେତ ବିଭିନ୍ନ ଚରିତ୍ରର କଳାକାରମାନେ ଉପସ୍ଥିତ ଥିଲେ ।


ଗୋପପୁର ଯାତ୍ରା ପାଇଁ ଶୁଭଧ୍ୱଜା ସ୍ଥାପନ ପୂଜାର୍ଚ୍ଚନା କରାଯାଉଛି ।

### କୋଲ ଇଣ୍ଡିଆ ଅଧ୍ୟକ୍ଷଙ୍କ ସମୀକ୍ଷା ବୈଠକ

# ପ୍ରତିଦିନ ୨ ମିଲିୟନ ଟନ କୋଇଲା ଉତ୍ପାଦନ ଲକ୍ଷ୍ୟ

**ସମ୍ବଲପୁର,୯।୧୨(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ଜାଗୃତୀବିହାରସ୍ଥିତ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଲ ଇଣ୍ଡିଆ ଲିମିଟେଡ ଅଧ୍ୟକ୍ଷ ପିକେ ଝା, କେନ୍ଦ୍ର କୋଇଲା ମନ୍ତ୍ରାଳୟ ଯୁଗ୍ମ ସଚିବ ଭିକେ ତିୱାରୀ ଉପସ୍ଥିତ ରହିଥିଲେ। ଏମ୍‌ସିଏଲର ବରିଷ୍ଠ ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଏମ୍‌ସିଏଲ କୋଇଲା ଉତ୍ପାଦନରେ ଭଲ ପ୍ରଦର୍ଶନ କରୁଛି । ଆଗକୁ ମଧ ତାଳଚେର ଓ ଅନ୍ୟାନ୍ୟ ଖଣିଗୁଡିକରେ କୋଇଲା ଉତ୍ତୋଳନ ବୃଦ୍ଧି କରାଯିବା ଦିଗରେ ପଦକ୍ଷେପ ନିଆଯିବ। ପ୍ରତିଦିନ ୨ ମିଲିୟନ ଟନ କୋଇଲା ଉତ୍ପାଦନ ଲକ୍ଷ୍ୟ ରଖିବାକୁ ହେବ । ଏଥିପାଇଁ ଦିନ ରାତି କାମ କରି ମାର୍ଚ୍ଚ ୩୧ ସୁଦ୍ଧା ଲକ୍ଷ୍ୟଧାର୍ଯ୍ୟ ପୂରଣ ହେବ ବୋଲି ଏହି ବୈଠକରେ ମତ ପ୍ରକାଶ ପାଇଥିଲା । ଏମ୍‌ସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା କହିଲେ, କିଛି ମାସ ହେଲା କୋଇଲା ଉତ୍ତୋଳନ ହ୍ରାସ ପାଇଛି । ନଭେମ୍ବର ୧୫ ତାରିଖ ତାଳଚେରରେ ଶ୍ରମିକ ଦୁର୍ଘଟଣା, ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ହୋଇଥିବାରୁ ବିଶେଷ ଭାବେ ବାଧାପ୍ରାପ୍ତ ହୋଇଛି । ହେଲେ ଆଗକୁ ଏ ଦିଗରେ ଗୁରୁତ୍ୱ ଦିଆଯିବ । କୋଇଲା ଉତ୍ପାଦନ କରି ଯୋଗାଣ କରିବା ଏମ୍‌ସିଏଲର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ ।



ଏମ୍‌ସିଏଲ୍ ଜାଗୃତୀ ବିହାରସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକ ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଉପକାର କରି କୌଣସି ଆଶା ରଖିବା ନିଜର ସତ୍‌କର୍ମ ଉପରେ ଆଞ୍ଚ ଆଣିବା ଛଡ଼ା ଅନ୍ୟ କିଛି ନୁହେଁ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତଙ୍କୁ ବିଧାୟକ ଆଣିଲେ ଡାକ୍ତରଖାନା

ପାଇକମାଲ, ୯।୧୨ (ଡି.ଏନ.ଏ) ପାଇକମାଲ-ଝାରବନ୍ଧ ରାସ୍ତା ଚୁହାପାଲି ନିକଟରେ ସୋମବାର ଅପରାହ୍ନ ସାଢେ ୧ଟାରେ ଏକ ବାଇକ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇ ପଡିଥିଲେ। ଏହି ସମୟରେ ପଦ୍ମପୁର ବିଧାୟକ ବିଜୟରଞ୍ଜନ ସିଂ ବରିହା ଝାରବନ୍ଧରୁ ଏକ କାର୍ଯ୍ୟକ୍ରମ ସାରି ଆସୁଥିବା ବେଳେ ଆହତମାନଙ୍କୁ ଦେଖି ସଙ୍ଗେ ସଙ୍ଗେ ପାଇକମାଲ ଚିକିତ୍ସାଳୟକୁ ନେଇଥିଲେ । ଆହତ ଦୁଇଜଣ ହେଲେ ଝାରବନ୍ଧ ଥାନା ତୁରଲା ଗ୍ରାମର ଗୋପୀନାଥ ଦାଉ (୨୧) ଓ ଶ୍ୟାମ କୁମାର ମଲିକ (୨୦) । ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପଦ୍ମପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିଧାୟକ ବରିହାଙ୍କ ସହ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ ଉପସ୍ଥିତ ଥିଲେ ।

## ■ ଆବାସ ଯୋଜନାରୁ ବଁଚିତ୍ ବୁରୁଧ୍ ଦମ୍ପତି

# ବଛ୍‌ରେ ହେଲା ପରହର ଘରେ ମୁଡ଼୍ ଗୁଁଜିଛନ୍

**ଅତାବିରା, ୯।୧୨ (ଡି.ଏନ.ଏ.)**

ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ବାସହୀନ ପରିବାରକେ ଆବାସ ଯୋଜନାରେ ଘର ଯୁଗେଇ ଦେଉଛନ୍। ହେଲେ ଦାଇତିଅରେ ଥିବାର ଅଧିକାରୀ, କରମଚାରୀମାନକର ଖାମଖିଆଲି ମନଭାବ ଲାଗି ହକ୍‌ଦାର ହିତାଧିକାରୀ ଯୋଜନାରୁ ବଁଚିତ୍ ହେଉଥିବାର ଅଭିଯୋଗ ହେଉଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ। ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟଲି ପଁଚେତ୍ ସାଲନା ଗାଁରେ।

ସୂଚନା ଅନ୍‌ସାରେ ସାଲନା ଗାଁର ବୁରୁଧ୍ ଏ. ରୁଦ୍ରାୟା (୬୬)କଁର ପରିବାର କହେଲେ ମାଏକିନା ୱାଇ. ଈଶ୍ୱରୀ (୬୦) ଆର ନାତେନ୍ ବି. ଶ୍ରୁତି। ପରିବାରଟା ନିହାତି ଗରିବ୍, ଦୁଖ୍‌ସୁଖ କରି ଏ.ରୁଦ୍ରାୟା ନିଜର ୨ ଝିଁକେ ବିହାବୁରା କରିଛନ୍। ସେ ଗାଈ ପଟ୍‌ଦୁ ରଖିଛନ୍, କ୍ଷୀର ବିକି ପରିବାରର ତେଲନୁନ ଖରଚ୍ ତୁଲଉଛନ୍। ଇଆଡ଼େ ବଛରେ ତଲେ ବରଷାରେ ତାକର ଘରଟା ଭାଂଗି ଯାଇଛେ। ଏନ୍‌ତାଥି ବୁଢ଼ାବୁଢ଼ି ବଛରେ ହେଲା ପରହର ଘରେ ଆଶ୍ରେ ନେଇଛନ୍। ସରକାରୀ ଯୋଜନାରେ



ନିଜର ଭଂଗା ଘର ଆଗେ ବୁରୁଧ୍ ଦମ୍ପତିଙ୍କର ସଂଗେ ନାତେନ ଶ୍ରୁତି।

ଘରଖଁଡ଼େ ପାଏବାର ଲାଗି ଏ.ରୁଦ୍ରାୟା ପଁଚେତ୍‌ନୁ ଜିଲା ପରଶାସନ ତକ୍ ଗୁହାରି କରି ନିରାଶ ହେଇଥିବାର ସେ କହିଛନ୍। ସେନ୍‌ତା ଯେନ୍‌ମାନକର ଘରଦୁଆର ଅଛେ, ଭଲରେ ଚଲୁଛନ୍ ସେମାନକୁ ସରକାରୀ ଯୋଜନାରେ ଘର ମିଳୁଛେ। ହେଲେ ଆମର ଲେଖେଁ ଗରିବ୍‌ଦୁଖି ଘର ଅଭାବୁ ଖରା, ବରଷା, ଶୀତ୍ କାକରରେ ଭିଜୁଥିଲେ ବି ଗୁହାରି କଲେ କେହି ନାଇଁ ଶୁନବାର ବଲି ସେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଭେଡ଼େନ ବିଡିଓ ମୁରଲୀଧର ନାୟକଙ୍କୁ ପଚରାଲାରୁ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଛନ୍।

## ରାଧାମାଧବ ଆଶ୍ରମରେ ନାମ ସଂକୀର୍ତ୍ତନ

**ଅମ୍ବାଭୋନା, ୯।୧୨ (ଡି.ଏନ.ଏ)**

ବରଗଡ ଜିଲା ଅମ୍ବାଭୋନା ଚୈତନ୍ୟ ବିହାର ସ୍ଥିତ ରାଧାମାଧବ ଆଶ୍ରମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଯୋଗୁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ପଡୋଶୀ ଛତିଶଗଡ ରାଜ୍ୟ ଏବଂ ଓଡିଶାର ବିଭିନ୍ନ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଏହି ଅବସରରେ ରାଧାମାଧବ ଆଶ୍ରମରେ ରାଧାକୃଷ୍ଣ ମନ୍ଦିର ଦିଅଁଙ୍କୁ ଆଜି ଛପନ ଭୋଗ ବ୍ୟଞ୍ଜନ ଲାଗିଥିଲା । ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଓ ମହିଳା ଯୋଗ ଦେଇଥିଲେ । ମଠ ମହାଧିଶ ନରସିଂହ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁଶୀଲ ଦାଶ ପୂଜାର୍ଚ୍ଚନା କରି ଦେବତାଙ୍କୁ ବ୍ୟଞ୍ଜନ କରାଇଥିଲେ। ଅମ୍ବାଭୋନା ଥାନାଧିକାରୀ ଆଲୋକ କୁମାର ବେହେରା ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ଦକ୍ଷତା ପରାମର୍ଶ ଶିବିର

**ପାଇକମାଲ,୯।୧୨(ଡି.ଏନ.ଏ)**

ପାଇକମାଲ ବ୍ଲକ ନୃସିଂହନାଥ ଧର୍ମଶାଳା ପରିସରରେ ଓରମାସ, ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ ବିଭାଗ ଏବଂ ବରଗଡ଼ ଜିଲା ପ୍ରସାଶନର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଦକ୍ଷତା ପରାମର୍ଶ ଶିବିର ସୋମବାର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଶିବିରକୁ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ବିଡିଓ ସଦାଶିବ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଓରମାସ ଜିଲା ଉପ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜଗୋପାଳ ଦାସ ସଭାପତିତ୍ୱ କରିଥିଲେ । ଶିବିରରେ ପାଇକମାଲ ବ୍ଲକର ବିଭିନ୍ନ ଗ୍ରାମରୁ ୬୮୦ ବେକାର ଯୁବତୀ ଯୁବକ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୨୮୦ ଜଣ ବିଭିନ୍ନ ସଂସ୍ଥା ସହିତ ଅନୁବନ୍ଧିତ ହୋଇଥିଲେ। ଏଥିରେ ୧୧ଟି ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦାନ କରିଥିଲେ। ଓଡିଶା ଜିବିକା ମିଶନର ମୁରଲୀ ଗଡତିଆ ଓ ବିଏଲସି ରୋହିଣୀ ବନ୍ଧୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ।



ଶିବିରରେ ମଞ୍ଚାସୀନ ଅତିଥି।

## ସହୋଦୟ ଆନ୍ତଃସ୍କୁଲ କ୍ରିକେଟ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ



ବରଗଡ଼ ବିକାଶ ଷ୍ଟାଡ଼ିୟମରେ ଚାଲିଥିବା ସହୋଦୟ ଆନ୍ତଃସ୍କୁଲ କ୍ରିକେଟ ଚାମ୍ପିୟନଶିପ୍ ପ୍ରତିଯୋଗିତା ।

ବରଗଡ଼ ଅଫିସ୍,୯।୧୨

ବରଗଡ଼ର ବିକାଶ ଷ୍ଟାଡ଼ିୟମରେ ପଶ୍ଚିମଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଆନୁକୂଲ୍ୟରେ ଏବଂ ବିକାଶ ଆବାସିକ ସ୍କୁଲ ଆୟୋଜନରେ ଆନ୍ତଃ ସ୍କୁଲ କ୍ରିକେଟ ଚାମ୍ପିୟନଶିପ-୨୦୧୯ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ କରନ ସାହୁ, ସିମେଣ୍ଟ ନଗର ଇଂଲିଶ ମିଡ଼ିୟମ ସ୍କୁଲର ଅଧ୍ୟକ୍ଷ ସନାତନ ମହାପାତ୍ର, ବିକାଶ ଆବାସିକ ସ୍କୁଲର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ମନୋରଞ୍ଜନ ପତି ପ୍ରମୁଖ ଉଦଘାଟନ କରିଥିଲେ ।

ପୁଲ-ଏ ଉଦଘାଟନୀ ମ୍ୟାଚରେ ବରଗଡ଼ର ସିମେଣ୍ଟନଗର ଇଂଲିଶ ମିଡ଼ିୟମ ସ୍କୁଲକୁ ହରାଇ ବିଦ୍ୟାସାଗର ଏକାଡ଼େମୀ ବିଜୟୀ ହୋଇଥିଲା । ଉକ୍ତ ମ୍ୟାଚରେ ବିଦ୍ୟାସାଗର ଏକାଡ଼େମୀ ଟସ୍ ଜିଣି ସିମେଣ୍ଟନଗର ଇଂଲିଶ ମିଡ଼ିୟମ ସ୍କୁଲକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ସିମେଣ୍ଟନଗର ଇଂଲିଶ ମିଡ଼ିୟମ ସ୍କୁଲ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ୍ ହରାଇ ୧୨୦ରନ୍ ସଂଗ୍ରହ କରିଥିଲା । ଜବାବରେ ବିଦ୍ୟାସାଗର ଏକାଡ଼େମୀ ୧୪.୨ ଓଭରରେ ୬ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ସେହିପରି ପଦ୍ମପୁର ପବ୍ଲିକ ସ୍କୁଲ ଏବଂ ବଲାଙ୍ଗୀରର ଆଇଡ଼ିଏମ ସ୍କୁଲ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା । ଏଥିରେ ପଦ୍ମପୁର ପବ୍ଲିକ ସ୍କୁଲ ବିଜୟୀ ହୋଇଥିଲା । ପଦ୍ମପୁର ପବ୍ଲିକ ସ୍କୁଲ ନିର୍ଦ୍ଧାରିତ ୧୫ଓଭରରେ ୧ଉଇକେଟ୍ ହରାଇ ୧୯୨ରନ୍ ସଂଗ୍ରହ କରିଥିଲା । ତେବେ ବଲାଙ୍ଗୀରର ଆଇଡ଼ିଏମ ପବ୍ଲିକ ସ୍କୁଲ ୧୦.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୪୮ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ବିକାଶ ଶିକ୍ଷାନୁଷ୍ଠାନର ଅଧ୍ୟାପକ ରାଜ ନାରାୟଣ ବିଶ୍ୱାଳ, କ୍ରୀଡ଼ା ଶିକ୍ଷକ ପିତାମ୍ବର ପ୍ରଧାନ, ସୁଶାନ୍ତ ସ୍ୱାଇଁ, ବିଜୟ ସରକାର, ଅଶୋକ ସିଂ ପ୍ରମୁଖ ମ୍ୟାଚ ପରିଚାଳନା କରୁଛନ୍ତି ।

ଆସନ୍ତ ୧୨ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚାମ୍ପିୟନଶିପରେ ସମୁଦାୟ ୧୫ଟି ସ୍କୁଲ ଭାଗ ନେଇଛନ୍ତି । ସମସ୍ତ ଦଳକୁ ୨ଟି ଗ୍ରୁପରେ ଭାଗ କରାଯାଇଛି। ଗ୍ରୁପ-ଏର ସମସ୍ତ ମ୍ୟାଚ ବିକାଶ ଆବାସିକ ସ୍କୁଲରେ ଏବଂ ଗ୍ରୁପ୍-ବିର ମ୍ୟାଚ ଗୁଡ଼ିକ ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦି କନସେପ୍ଟ ସ୍କୁଲରେ ଚାଲିଛି । ବରଗଡ଼ ବିକାଶ ଆବାସିକ ସ୍କୁଲରେ ଫାଇନାଲ ମ୍ୟାଚ ହେବ । ମଙ୍ଗଳବାର ବରଗଡ଼ରେ ବିକାଶ ଆବାସିକ ସ୍କୁଲ ଓ ପଦ୍ମପୁର ପବ୍ଲିକ ସ୍କୁଲ ମଧ୍ୟରେ ପ୍ରଥମ, ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ ଓ ବରପାଲିର ଲିଟିଲ ଏଞ୍ଜେଲ ସ୍କୁଲ ମଧ୍ୟରେ ଦ୍ୱିତୀୟ ଏବଂ ବରଗଡ଼ର ରୋଟାରୀ ପବ୍ଲିକ ସ୍କୁଲ ଓ ପଦ୍ମପୁରର ଜେନିଥ୍ ପବ୍ଲିକ ସ୍କୁଲ ମଧ୍ୟରେ ତୃତୀୟ ମ୍ୟାଚ ଅନୁଷ୍ଠିତ ହେବ ।

## କାୟାକଳ୍ପ ଟିମ୍ ଭେଡ଼େନ ହସ୍‌ପିଟାଲ ପରିଦର୍ଶନ କଲେ

**ଭେଡ଼େନ, ୯।୧୨(ଡ଼ି.ଏନ.ଏ)**

ରାଜ୍ୟ ସରକାରଙ୍କ କାୟାକଳ୍ପ ଟିମ୍ ସୋମବାର ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ଟିମ୍‌ରେ ସ୍ୱାସ୍ଥ୍ୟ ବିଭାଗର (ନ୍ୟୁଟ୍ରିସନ) ଯୁଗ୍ମ ସଚିବ ଡ଼. ପୂର୍ଣ୍ଣିମା ଉଦଗାତା, ରାଜ୍ୟ ଏନସିଡ଼ି କୋର୍ଡ଼ିନେଟର ଡ଼. ଜ୍ୟୋସ୍ନା ପଟ୍ଟନାୟକ, ରାଜ୍ୟ ଟେକ୍‌ନିକାଲ ଅଧିକାରୀ ଡ଼. ଆଶାଲତା ପତି ପ୍ରମୁଖ ସାମିଲ ହୋଇଥିଲେ। ଏହି ଟିମ୍ ଡ଼ାକ୍ତରଖାନାର ପରିବେଶ, ବର୍ଜ୍ୟବସ୍ତୁ ପରିଚାଳନା, ସୁରକ୍ଷିତ ପ୍ରସୂତି ବିଭାଗ, ପୁଷ୍ଟି ସାଧନ କେନ୍ଦ୍ର ପରିଦର୍ଶନ କରିବା ସହ ଡ଼ାକ୍ତର ମାନଙ୍କୁ ବାହାର ଔଷଧ ନ ଲେଖିବାକୁ ତାଗିଦ କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ସୁଶାନ୍ତ କର, ଡ଼ିପିଏମ ଶଙ୍କର ଆଚାର୍ଯ୍ୟ, ଦୀପାଞ୍ଜଳି ପ୍ରଧାନ, ଅଶୋକ ସାହୁଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।



କାୟାକଳ୍ପ ଟିମ୍ ଭେଡ଼େନ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

## ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ଝାରବନ୍ଧ, ୯।୧୨ (ଡି.ଏନ.ଏ)**

ଝାରବନ୍ଧ ପଞ୍ଚାୟତ ସମିତି କଲେଜ ପରିସରରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ସୋମବାର ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ଏହାକୁ ଉଦ୍‌ଘାଟନ କରିଥିଲେ। ଝାରବନ୍ଧ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ପାଇକମାଲ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ହୃଷିକେଶ ବରିହା, ଉଭୟ କଲେଜ ଅଧକ୍ଷ ଶ୍ୟାମସୁନ୍ଦର ବେହେରା ଓ ସାନନ୍ଦ କୁମାର ସାହୁ ଉପସ୍ଥିତ ଥିଲେ ।

## ■ ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ

# ସେମିରେ ରାଉରକେଲା, ବରଗଡ଼, ସୁନ୍ଦରଗଡ଼

**ସୋହେଲା,୯।୧୨(ଡି.ଏନ.ଏ)**

ଓଡିଶା ଫୁଟବଲ ଆସୋସିଏଶନ ପକ୍ଷରୁ ସୋହେଲା ମିନି ଷ୍ଟାଡିୟମରେ ଚାଲିଥିବା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାରେ ସୋମବାର ସମ୍ବଲପୁର ଓ ରାଉରକେଲା ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଟାଇବ୍ରେକରରେ ରାଉରକେଲା ଦଳ ସମ୍ବଲପୁରକୁ ହରାଇ ଗ୍ରୁପ ଚାମ୍ପିୟନ ହେବା ସହିତ ପ୍ରତିଯୋଗିତାର ସେମିଫାଇନାଲକୁ ପ୍ରବେଶ କରିଛି । ପ୍ରଥମାର୍ଦ୍ଧ ଖେଳର ୧୦ତମ ମିନିଟରେ ସମ୍ବଲପୁର ଦଳକୁ ଏକ ପେନାଲ୍‌ଟି ମିଳିଥିଲା । କିନ୍ତୁ ସମ୍ବଲପୁର ଦଳ ଏହାର ସଦ୍ ବିନିଯୋଗ କରିପାରି ନ ଥିଲା । ଏହାପରେ ଉଭୟ ଦଳ ଗୋଲ୍ ଦେବାର ଅନେକ ସୁଯୋଗ ପାଇଥିଲେ କିନ୍ତୁ ଗୋଲ କରିପାରି ନ ଥିଲେ । ଦ୍ୱିତୀୟାର୍ଦ୍ଧ ଖେଳର ୮୦ତମ ମିନିଟରେ ସମ୍ବଲପୁର ଦଳର ସୁନୀଲ ମୁଣ୍ଡାଙ୍କୁ ରେଫରୀ ବିପଦଜନକ ଖେଳ ପାଇଁ ନାଲି କାର୍ଡ ପ୍ରଦର୍ଶନ କରିଥିଲେ । ଫଳରେ ଅବଶିଷ୍ଟ ସମୟ ସମ୍ବଲପୁର ଦଳ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ଗୋଲ ଶୂନ୍ୟ ରହିବାରୁ ଟାଇବ୍ରେକରରେ ସମ୍ବଲପୁରକୁ ରାଉରକେଲା ୪-୨ ଗୋଲରେ ହରାଇ ବିଜୟୀ ହୋଇଥିଲା । ଆଜିର ମ୍ୟାଚ୍‌ରେ ଶ୍ରମ, ଇଏସଆଇ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଥଲେଟିକ ଆସୋସିଏଶନ ସଭାପତି ବାବୁଲୁ ଦେବତା, ବଲବୀର ସିଂ ଠାକୁର, ଟଙ୍କଧର ଝାଙ୍କର, ଡା. ଶିଶିର କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଅଶ୍ୱିନୀ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରେଫରୀ ସୁରେଶ କୁମାର ଦାସ ମ୍ୟାଚ୍ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ବିପୁଳ ବିଦ୍ୟାଧର ଓ ପ୍ରଶାନ୍ତ ବେହେରା ସହାୟତା କରିଥିଲେ । ଚତୁର୍ଥ ରେଫରୀ ଶୁଭମ ପାତ୍ର ଏବଂ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ଦାୟିତ୍ୱରେ ରହିଥିଲେ ।



ଅତିଥିଙ୍କ ଗହଣରେ ଭେଡ଼େନ ଜୋନ ବିଜେତା ସୁନ୍ଦରଗଡ଼ ଦଳ ।

**ବରପାଲି, (ଡି.ଏନ.ଏ):** ବରପାଲି ବ୍ଲକ କଦଳୀପାଲିରେ ସପ୍ତାହ ବ୍ୟାପୀ ଚାଲିଥିବା ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ କଦଳୀପାଲି ଜୋନର ଫାଇନାଲ ଖେଳ ସୋମବାର ଅନୁଷ୍ଠିତ ହୋଇଛି । ଏହି ଖେଳ ଭୁବନେଶ୍ୱର ଓ ବରଗଡ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡ ଦଳ ୫-୦ ଗୋଲରେ ବିଜୟୀ ହୋଇ ପ୍ରତିଯୋଗିତାର ସେମିଫାଇନାଲକୁ ପ୍ରବେଶ କରିଛି। ଖେଳକୁ ରମଣୀ ମାଝୀ, ବିଭୂତି ଭୂଷଣ ବେହେରା ଓ ଦେବାଶିଷ ବାଗ ପରିଚାଳନା କରିଥିବା ବେଳେ ନିରଞ୍ଜନ ମହାକୁର, ସୁଜିତ କୁମାର ପାତ୍ର, ଜିତେନ୍ଦ୍ର ବିଦ୍ୟାଧର ସହଯୋଗ କରିଥିଲେ। ରବି ମହାପାତ୍ର ପର୍ଯ୍ୟବେକ୍ଷକ, ଶିକ୍ଷକ ଅଶୋକ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ । ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଓ ଦେବବ୍ରତ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ ।

**ଭେଡ଼େନ,(ଡ଼ି.ଏନ.ଏ):** ଭେଡ଼େନ ସ୍ଥିତ ରଣଜିତା ଷ୍ଟାଡ଼ିୟମରେ ଚାଲିଥିବା ସାହାଣୀ କପ ଫୁଟବଲ ପ୍ରତିଯୋଗିତାର ସୁନ୍ଦରଗଡ଼ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ସୋମବାର ଖେଳାଯାଇଥିବା ମ୍ୟାଚରେ ସୁନ୍ଦରଗଡ଼ ଦଳ ଦେବଗଡ଼ ଦଳକୁ ୨-୦ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ସୁନ୍ଦରଗଡ଼ ଦଳର ବିର୍ସା ଓରାମ ଏବଂ କିଶୋର ଖାଡ଼ିଆ ଗୋଲ ସ୍କୋର କରିଥିଲେ। ରେଫରୀ ପଞ୍ଚାନନ ପାତ୍ର, ଦିଲୀପ କୁମାର ରାଉତ ଏବଂ ଉତ୍କଳମଣି ବେହେରା ଖେଳ ପରିଚାଳନା କରିଥିଲେ। ସଫିକୁଲ ଖାଁ ଚତୁର୍ଥ ରେଫରି ଓ ସଞ୍ଜୟ କୁମାର ଜେନା ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ଉତ୍ସବରେ ଭେଡ଼େନ ବିଡ଼ିଓ ମୁରଲୀଧର ନାୟକ, ଥାନା ଅଧିକାରୀ ହେମନ୍ତ କୁମାର ରାଓ, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତ ମିଶ୍ର, ବରଗଡ଼ ଜିଲା ଆଥଲେଟିକ ଆସୋସିଏଶନ ସମ୍ପାଦକ କିଶୋର ମିଶ୍ର, ପୂର୍ବତନ ସମ୍ପାଦକ ଅରୁଣ ମହାନ୍ତି, ସଦସ୍ୟ ଦିଲୀପ ସାୱଡ଼ିଆ, ଭେଡ଼େନ ବିଦ୍ୟୁତ ବିଭାଗ ଏସଡ଼ିଓ ବାଞ୍ଛାନିଧି ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଅଧ୍ୟାପକ ସନ୍ତୋଷ କୁମାର ନାୟାର ସଭା ସଂଯୋଜନା କରିଥିଲେ।



ବରପାଲିରେ ଉଭୟ ଦଳ ଖେଳାଳିଙ୍କ ସହ ଅତିଥି ।



ସୋହେଲାରେ ଅତିଥିମାନଙ୍କ ଗହଣରେ ଖେଳାଳି ।



ଗୋଟିଏ ମାଆ ଲକ୍ଷେ ଧର୍ମ ଉପଦେଷ୍ଟାଙ୍କ ସଙ୍ଗେ ସମାନ। -ସକ୍ରେଟିସ୍



## ସଂକ୍ଷେପରେ

### ଆଜିଠୁ ବୌଦ୍ଧ ଆଧ୍ୟାତ୍ମିକ ଧନୁଯାତ୍ରା

ବୌଦ୍ଧ,୯।୧୨(ସ୍ୱ.ପ୍ର)
ବୌଦ୍ଧ ସହରରେ ପ୍ରସିଦ୍ଧ ଆଧ୍ୟାତ୍ମିକ ଧନୁଯାତ୍ରା ଓ କଂସବଧ ନାଟ୍ୟୋତ୍ସବ ମଙ୍ଗଳବାର ଠାରୁ ଆରମ୍ଭ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମଦନମୋହନ ନାଟ୍ୟ କଳା ପରିଷଦ ସଭାପତି ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ଆରମ୍ଭ ହେଉଥିବା ଏହି ନାଟ୍ୟୋତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏହି ଯାତ୍ରା ଧନୁ ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ । ସମଗ୍ର ବୌଦ୍ଧ ସହର ମଥୁରା ନଗରୀ ପାଲଟିବ । ଏବର୍ଷ ମଧ ଭୈରବୀ ପଡିଆରେ ନାଟ୍ୟ ଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ସରିଛି । ଧନୁଯାତ୍ରାରେ ପ୍ରଥମ ଦିନ ନାଟକ ଧର୍ମ ସଂସ୍ଥାପନାର୍ଥାୟ, ଦ୍ୱିତୀୟ ରଜନୀରେ ସମ୍ଭବାମୀ ଯୁଗେଯୁଗେ, ତୃତୀୟ ରଜନୀରେ ନାଟକ ମଥୁରାର କଳାଚାନ୍ଦ ଗୋପରେ ବଢୁଛି, ଚତୁର୍ଥ ରଜନୀରେ ବଂଶି ବିଳପିଲା ଜମୁନା ତଟେ, ପଞ୍ଚମ ରଜନୀରେ ରାସକୁଞ୍ଜେ ରସରାଜ, ଷଷ୍ଠ ରଜନୀରେ ରାଇ ମାନ ଭଞ୍ଜନ, ସପ୍ତମ ରଜନୀରେ ଧନୁଭଗ୍ନ ଓ କଂସ ବଧ ପରିବେଷଣ ହେବ । ୧୭ ତାରିଖ ସନ୍ଧ୍ୟାରେ ଶ୍ରୀକୃଷ୍ଣ ଓ ବଳରାମଙ୍କ ନଗର ପରିକ୍ରମା କରାଯିବ ବୋଲି କଳା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

### ଜନଶୁଣାଣିରେ ୭୮ ଅଭିଯୋଗ ପଞ୍ଜୀକୃତ

ଝାରବନ୍ଧ, ୯।୧୨ (ଡି.ଏନ.ଏ)
ଝାରବନ୍ଧ ବ୍ଲକ ସଭା ଗୃହରେ ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଯୋଗଦାନ କରି ଅଭିଯୋଗ ଗ୍ରହଣ କରିଥିଲେ। ସାମାନ୍ୟ ସମସ୍ୟାକୁ ତୁରନ୍ତ ସମାଧାନ କରିବା ସହିତ ଅନ୍ୟ ଅଭିଯୋଗମାନଙ୍କୁ ସମାଧାନ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗରେ ୪୮ଟି ବ୍ୟକ୍ତିଗତ ଓ ୩୦ଟି ସାମୂହିକ ଏହିପରି ମୋଟ ୭୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୋଲିସ ଅଧୀକ୍ଷକ ପଦ୍ମିନୀ ସାହୁ, ଉପଜିଲାପାଳ ତନ୍ମୟ କୁମାର ଦରୱାନ, ବିଡିଓ ରୁନୁ ଲାକ୍ରା, ଅତିରିକ୍ତ ତହସିଲଦାର ପର୍ଶୁରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଝାରବନ୍ଧ ବ୍ଲକ ମାନବ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲ ସହଯୋଗ କରିଥିଲେ। ଏହି ଜନଶୁଣାଣିରେ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

### ବନସୁରକ୍ଷା ସମିତିର ନୂତନ କର୍ମକର୍ତ୍ତା

ପାଇକମାଲ,୯।୧୨(ଡି.ଏନ.ଏ)
ପାଇକମାଲ ବ୍ଲକ ଜର୍ଜଗଡ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ନିର୍ବାଚନ ବଡ ସତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ ନୃସିଂହନାଥ ରେଞ୍ଜର ମହେଶ ଦାନୀ ମୁଖ୍ୟଅତିଥି, ଫରେଷ୍ଟର ଚକାନନ ବରିହା, ବିଭୂତି ମୁଣ୍ଡ, ଗୋପାଳ ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ନୂତନ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଚୟନ କରାଯାଇଥିଲା। ପ୍ରଦୀପ ପ୍ରଧାନ ସଭାପତି, ଚକାନନ ବରିହା ସମ୍ପାଦକ ଏବ ୧୭ ଜଣଙ୍କୁ କମିଟିର ସଭ୍ୟ ଭାବେ ମନୋନିତ କରାଯାଇଥିଲା। ଏହି ବନ ସୁରକ୍ଷା ସମିତିକୁ ନୃସିଂହନାଥରେ ନିର୍ମିତ ହୋଇଥିବା ଇକୋ ଟୁରିଜମକୁ ହସ୍ତାନ୍ତର କରାଯିବ ବୋଲି ରେଞ୍ଜର ଦାନୀ ପ୍ରକାଶ କରିଥିଲେ ।

## ତୋରା ପ୍ୟାକ୍ସ ଧାନ କିଣାବିକା ଜାଲିଆତି

# କାର୍ଯ୍ୟକାରୀ ହେଉନି ଯୁଗ୍ମ ସଚିବଙ୍କ ନିର୍ଦ୍ଦେଶ

- ଡାଟା ଏଣ୍ଟ୍ରି ଅପରେଟରଙ୍କୁ ହଟାଇ ବିଭାଗ ଚୁପ୍
- ସିଏସଓଙ୍କୁ ଲେଖିଲେ ପରିଚାଳନା ନିର୍ଦ୍ଦେଶକ
- ଜାଲିଆତିରେ ଏକାଧିକ କର୍ମଚାରୀଙ୍କ ସମ୍ପୃକ୍ତି
- ଥାନାରେ ଏତଲା ଦେବା ପାଇଁ ନିର୍ଦ୍ଦେଶ

ବରଗଡ଼ ଅଫିସ୍,୯।୧୨

ବରଗଡ଼ ଜିଲା ତୋରା ପ୍ରାଥମିକ ସମବାୟ ସମିତି(ପ୍ୟାକ୍ସ)ରେ ଗତ ରବିରତ୍ତୁରେ ହୋଇଥିବା ଧାନ କିଣାବିକା ଜାଲିଆତି ଘଟଣାରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ ଏପର୍ଯ୍ୟନ୍ତ ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। କେବଳ କାର୍ଯ୍ୟରତ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ସମିତିରୁ ହଟାଇ ଦିଆଯାଇ ଥିବାବେଳେ ତଦନ୍ତ ରିପୋର୍ଟ ଫାଇଲ ଭିତରେ ସୀମିତ ରହିଯାଇଛି । ଅନ୍ୟପଟେ ଗତ ମାସରୁ ଉକ୍ତ ଧାନ କିଣାବିକା ଜାଲିଆତିରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯୁଗ୍ମ ସଚିବ ବିଜୟ କୁମାର ପୃଷ୍ଟି ରାଜ୍ୟ ସମବାୟ ନିବନ୍ଧକ(ରେଜିଷ୍ଟ୍ରାର)ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ସେଥିପ୍ରତି ହାତ ବାନ୍ଧି ବସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଅପରପକ୍ଷେ ସୋମବାର ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ ଦାଶ ତାଙ୍କ ପତ୍ରସଂଖ୍ୟା:- ୧୮୨୮୯ ତା:- ୯/୧୨/୨୦୧୯ରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯୁଗ୍ମ ସଚିବଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବରଗଡ଼ ଜିଲା ଯୋଗାଣ ଅଧିକାରୀ (ଭାରପ୍ରାପ୍ତ) ଡି. ସି ଭେସ୍ରାଙ୍କୁ ଚିଠି କରିଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ, ଗତ ରବିରତ୍ତୁରେ ତୋରା ପ୍ୟାକ୍ସରେ ନଈନାଳ, ରେଳପଥ, ଜଳାଶୟ, ରାସ୍ତାଘାଟ ଭଳି ସରକାରୀ ଜମିକୁ କେତେକ ଚାଷୀଙ୍କ ଚାଷଜମି ଭାବେ ଉଲ୍ଲେଖ କରି ପରିଚୟ ପତ୍ର ପ୍ରସ୍ତୁତ କରି ଧାନ କିଣାବିକା ହୋଇଥିବା ପଦାକୁ ଆସିଥିଲା । ଗତ ଅଗଷ୍ଟ ମାସରୁ ସେହି ଜାଲିଆତି ନେଇ ଧରିତ୍ରୀରେ ତଥ୍ୟଭିତ୍ତିକ ଖବର ପ୍ରକାଶିତ ହୋଇ ଆସିଥିଲା । ଏହି ଘଟଣାକୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଗୁରୁତ୍ୱର ସହିତ ନେଇଥିଲେ ଏବଂ ଯୁଗ୍ମ କମିଟି ଗଠନ କରି ଘଟଣାର ତଦନ୍ତ କରାଇଥିଲେ । ତଦନ୍ତରେ ତୋରା ପ୍ୟାକ୍ସ କଳାପାଣି ଧାନ କ୍ରୟକେନ୍ଦ୍ର ଅଧୀନ ୧୭ଜଣ ଚାଷୀଙ୍କ ନାମରେ ସେଭଳି ଜାଲିଆତି ହୋଇଥିବା ଏବଂ ସେମାନଙ୍କ ମଧ୍ୟରୁ ୧୫ଜଣ ଚାଷୀଙ୍କ ନାମରେ ୫୨୩୧ କୁଇଣ୍ଟାଲ ଧାନ ବିକ୍ରି ହେବା ସହିତ ସେହି ବିକ୍ରିଧାନ ବାବଦକୁ ପ୍ରାପ୍ୟରାଶି ପଇଠ ହୋଇ ସାରିଥିବା ଜଣାପଡ଼ିଥିଲା ।

ତେବେ ଜିଲାପାଳ ରାଜ୍ୟ ସରକାରଙ୍କ ନିକଟକୁ ସେହି ତଦନ୍ତ ରିପୋର୍ଟ ପଠାଇବା ପରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯୁଗ୍ମ ସଚିବ ତାଙ୍କ ପତ୍ରସଂଖ୍ୟା:-୧୭୩୧୪ ତା:-୮/୧୧/୨୦୧୯କ୍ରମେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ସମବାୟ ନିବନ୍ଧକ (ରେଜିଷ୍ଟ୍ରାର)ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ତାଙ୍କ ସେହି ପତ୍ରରେ ତୋରା ପ୍ୟାକ୍ସର ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ହଟାଇ ତାଙ୍କ ବିରୋଧରେ ଏତଲା ଦେବା, ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନେବା, ସହକାରୀ ସମବାୟ ନିବନ୍ଧକ (ଏଆରସିଏସ) ଓ ଅତିରିକ୍ତ ସମବାୟ ନିବନ୍ଧକ(ଡିଆରସିଏସ)ଙ୍କୁ କାରଣ ଦର୍ଶାଅ ନୋଟିସ୍ କରିବା ଆଦି ଉପରେ ଉଲ୍ଲେଖ କରିଥିଲେ । ହେଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯୁଗ୍ମ ସଚିବଙ୍କ ସେହି ଚିଠି ତଥା ନିର୍ଦ୍ଦେଶକୁ ମାସେ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କେବଳ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ହଟାଇବା ବ୍ୟତୀତ ଅନ୍ୟ କିଛି ଠୋସ୍ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଅନ୍ୟପଟେ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ନିର୍ଦ୍ଦେଶ ପରେ ନିର୍ଦ୍ଦେଶ ଆସିବାରେ ଲାଗିଛି ଏବଂ ସମୟ ଗଡ଼ି ଚାଲିଛି ।

## ସଙ୍ଗୀତ, ବାଦ୍ୟ ସାଧକଙ୍କ ପରଲୋକ

ପଦ୍ମପୁର, ୯।୧୨ (ଡି.ଏନ.ଏ)

ପଦ୍ମପୁର ସହରର ଜଣାଶୁଣା ଶିକ୍ଷାବିତ, ସଙ୍ଗୀତ, ବାଦ୍ୟ ସାଧକ ଫକୀର ମୋହନ ନାୟକଙ୍କ ରବିବାର ପରଲୋକ ହୋଇଛି । ସେ ୧୯୪୯ରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ପ୍ରଥମେ କୃଷି ଓ ଖାଦ୍ୟ ବିଭାଗ ଅଧୀନରେ କୃଷି ଓଭରସିୟର ଭାବେ ସେ ନିଯୁକ୍ତି ପାଇଥିଲେ। ପରେ କୌଣସି କାରଣବଶତଃ ଚାକିରୀ ଛାଡି ପଦ୍ମପୁର ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟରେ କିରାଣୀ ଭାବେ କାମ କଲେ। ପରେ ବିଜେପୁର, ଲଖମରା, ଜିଲା ଶିକ୍ଷା ନିରୀକ୍ଷକ କାର୍ଯ୍ୟାଳୟରେ କିରାଣୀ ଥିଲେ । ସେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ କିରାଣୀ ଥାଇ ଅବସର ଗ୍ରହଣ କରିଥିଲେ । ଚାକିରୀ ଜୀବନରେ ଥିଲେ ସୁଦ୍ଧା ହାରମୋନିୟମ ବଜାଇ ଗୀତର ତାଳ ଦେବା ତାଙ୍କର ନିଶା ଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ଜିଲାସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରତିଯୋଗିତା

ବରଗଡ଼ ଅଫିସ୍,୯।୧୨

ବରଗଡ଼ ଶିକ୍ଷାଜିଲାସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରତିଯୋଗିତା ରବିବାର ରାଣାପ୍ରତାପ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ଭୁକ୍ତା ଜନତା ହାଇସ୍କୁଲର ଛାତ୍ରୀ ଅଙ୍କିତ ନାଏକ ପ୍ରଥମ, ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ପ୍ରବୀଣ କୁମାର ସାହୁ ଦ୍ୱିତୀୟ ଏବଂ ଅନ୍ୱେଷ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଆସନ୍ତା ୧୩ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ସେମାନେ ମନୋନିତ ହୋଇଛନ୍ତି । ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଶିବଶଙ୍କର ଦାଶ, ଭାର୍ଗବ ନାଏକ, ବିରେନ୍ଦ୍ର କୁମାର ଦାଶ, ପରିତୋଷ ପାଢ଼ୀ, ପ୍ରବୋଧ କୁମାର ଦାଶ, ଚନ୍ଦ୍ରକାନ୍ତ ସାହୁ, ଡଃ ଡୋଲାମଣି ଶତପଥୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଥିବାବେଳେ ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡିଗ୍ରୀ କଲେଜରେ ଡ୍ରାଇଭିଂ ଲାଇସେନ୍ସ ଶିବିର

ବରଗଡ଼ ଅଫିସ୍,୯।୧୨

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତାସ୍ଥିତ ମହାତ୍ମାଗାନ୍ଧୀ ଡିଗ୍ରୀ କଲେଜରେ ସୋମବାର ଲର୍ନିଂ ଲାଇସେନ୍ସ (ଏଲଏଲ) ଶିବିର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଆଞ୍ଚଳିକ ପରିବହନ ବିଭାଗର ଅନୁମତି କ୍ରମେ ତଥା ବିଜୁ ଛାତ୍ର ଜନତା ପକ୍ଷରୁ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଡ୍ରାଇଭିଙ୍ଗ ଲାଇସେନ୍ସ ଅନଲାଇନ୍ ଆବେଦନ କାର୍ଯ୍ୟ ଛାତ୍ରଙ୍କ ଦ୍ୱାରା ସମ୍ପାଦନ ହୋଇଥିବାବେଳେ କଲେଜର ବହୁ ଛାତ୍ରୀଛାତ୍ର ସେଥିପାଇଁ ଆବେଦନ କରିଥିଲେ । ହିମାଂଶୁ ଶେଖର ଭୁଏ, ଘନଶ୍ୟାମ ମେହେର, ପିଣ୍ଟୁ ଶତପଥୀ, ଦେବେନ୍ଦ୍ର ସାହୁ, ଅମୂଲ୍ୟ ଡନସନା, ଦିନନାଥ ନାୟକ, ଟଙ୍କଧର ନାଏକ, ଅଜୁ ପଟେଲ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ବିଜୁ ଛାତ୍ର ଜନତାର ସଭାପତି କରନ ସିକନ୍ଦର ଉପସ୍ଥିତ ଥିଲେ ।

## ୨୪ରୁ ତିଳେଶ୍ୱର ଫୁଟବଲ ଟୁର୍ନାମେଣ୍ଟ

ପୁରୁଣାକଟକ,୯।୧୨(ଡି.ଏନ.ଏ)

ଆସନ୍ତା ୨୪ ତାରିଖରୁ ବୌଦ୍ଧ ଜିଲା ପୁରୁଣାକଟକରେ ତିଳେଶ୍ୱର ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବ । ଏଥିପାଇଁ ସୋମବାର ବଜାର ଆସୋସିଏସନ ସଭାପତି ଅର୍ଜୁନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଜିଲା ତିଳେଶ୍ୱର ବଜାର ଆସୋସିଏଶନ ଓ ଫ୍ରେଣ୍ଡସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ତିଳେଶ୍ୱର କପ୍-୨୦୧୯ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ବେ ବୋଲି ବୈଠକରେ ସ୍ଥିର କରାଯାଇଛି । ଏଥିରେ ଶ୍ୟାମସୁନ୍ଦର ମେହେର, ସନତ କୁମାର ବିଶି, ଉପସଭାପତି ବିଜ୍ଞାନ କର୍ଣ୍ଣ, ସମ୍ପାଦକ ସଞ୍ଜୟ ବେହେରା, ସହ ସମ୍ପାଦକ ନାରାୟଣ ମହାନ୍ତି, କୋଷାଧକ୍ଷ ଶୁଭ୍ରଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା ଜବରଦଖଲ ଅଭିଯୋଗ

ବରଗଡ଼ ଅଫିସ୍,୯।୧୨

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ନୂଆପାଲି ଗ୍ରାମର ରାସ୍ତାକୁ କିଛି ଲୋକ ଜବରଦଖଲ କରିଥିବାରୁ ତାହା ଦିନକୁ ଦିନ ସଙ୍କୁଚିତ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଗ୍ରାମର ସମୋଦ ବାରିକ ସୋମବାର ଜିଲାପାଳ ଅଫିସ ଆସିଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ସେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ସ୍ମାରକପତ୍ରରେ ସନ୍ତୋଷ ସୁନା, ଧରଣୀ ଜାଲଙ୍କ ସମେତ ବହୁ ଗ୍ରାମବାସୀଙ୍କ ସ୍ୱାକ୍ଷର ରହିଛି ।

## ତମାଖୁ ସଚେତନତା କର୍ମଶାଳା

ବୌଦ୍ଧ,୯।୧୨(ସ୍ୱ.ପ୍ର)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ସହାୟତାରେ ତମାଖୁ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ପ୍ରବୀର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ତମାଖୁ ସେବନଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ତମାଖୁ ପରାମର୍ଶଦାତା ଆଲୋକ କୁମାର ମିଶ୍ର, ଅଧ୍ୟାପକ ପ୍ରତାପ କୁମାର ରଥ ଯୋଗଦେଇ ତମାଖୁ ସେବନର କୁପ୍ରଭାବ ଓ ନିଶା ସେବନ ବିରୋଧରେ ରହିଥିବା ବିଭିନ୍ନ ଆଇନ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଜୟନ୍ତୀ ନାୟକ ଓ ଅଧ୍ୟାପକ ଲକ୍ଷ୍ମଣ ମେହେର ସହଯୋଗ କରିଥିଲେ। ମହାବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।



ତମାଖୁ ସଚେତନତା କର୍ମଶାଳାରେ ମଞ୍ଚାସୀନ ଅତିଥି ।

## ଜମିପଟ୍ଟା ଦାବିରେ ଜିଲାପାଳଙ୍କୁ ଫେରାଦ


ହିତାଧିକାରୀମାନେ ଜମିପଟ୍ଟା ଦାବିରେ ଅତିରିକ୍ତ ଜିଲାପାଳଙ୍କୁ ଭେଟୁଛନ୍ତି ।

ବରଗଡ଼ ଅଫିସ୍,୯।୧୨

ବରଗଡ଼ ଜିଲା ବରଡ଼ୋଲ ପଞ୍ଚାୟତ ପିପିଲିପାଲି ଗ୍ରାମର ଭୂମିହୀନ ପରିବାର ଲୋକେ ଜମିପଟ୍ଟା ଦାବିରେ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ଭେଟି ଜମିପଟ୍ଟା ଯୋଗାଇ ଦେବା ପାଇଁ ସେମାନେ ନିବେଦନ କରିଥିଲେ। ଜମିପଟ୍ଟା ନେଇ ଦୀର୍ଘଦିନରୁ ସେମାନେ ଆବେଦନ କରିଥିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଅଭିଯୋଗ କରିଥିଲେ । ମୀନାରାଣୀ ତରାଇଙ୍କ ସମେତ ପଡ଼ାର ଅନେକ ମହିଳା ଏବଂ ସାମାଜିକ କର୍ମୀ ଭବାନୀ ପ୍ରସାଦ ସାହୁ, ପବିତ୍ର ଦେହେରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଳାନ୍ୟାସକୁ ପୂରିଲାଣି ତିନିବର୍ଷ

# ସମ୍ପୂର୍ଣ୍ଣ ହୋଇପାରୁନି ରାସ୍ତାକାମ

ବୌଦ୍ଧ,୯।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରୁ ମଧୁସୁଦନପୁର ପର୍ଯ୍ୟନ୍ତ ୩ କିମି ରାସ୍ତା କାମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୦୧୬ ନଭେମ୍ବର ୯ ତାରିଖରେ ଶିଳାନ୍ୟାସ କରାଯାଇଥିଲା। କିନ୍ତୁ ଶିଳାନ୍ୟାସର ତିନିବର୍ଷ ପରେ ମଧ୍ୟ ରାସ୍ତା କାମ ସରିପାରୁନାହିଁ। ଏହି ରାସ୍ତାରେ ଜାତୀୟ ରାଜପଥରୁ ତିଳେଶ୍ୱରକୁ ମାତ୍ର ୪ କିଲୋମିଟର ବାଟ ପଡିବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ପ୍ରାୟ ୧୨ କିଲୋମିଟର ରାସ୍ତା କମିଯିବ । କିନ୍ତୁ ଗ୍ରାମ ନିର୍ମାଣ ବିଭାଜନ ଅଧୀନରେ ନିର୍ମାଣାଧୀନ ଏହି ରାସ୍ତା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସର ତିନିବର୍ଷ ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ରାସ୍ତାରେ କିଛି ମେଟାଲ ପକାଇ ଦିଆଯାଇଥିବାବେଳେ ବର୍ତ୍ତମାନ ଏହି ମେଟାଲ ରାସ୍ତାରୁ ଉଠିଗଲାଣି। ଫଳରେ ଲୋକମାନେ ଯିବା ଆସିବା ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଲି ସେତିକି ନୁହେଁ, ଏହି ରାସ୍ତାରେ ତିଳେଶ୍ୱର ଯିବା ବେଳେ ଭାଲୁଗାଡିଆ ନାଳ ପଡୁଛି। ଏହି ନାଳ ଉପରେ ନିର୍ମାଣାଧୀନ ଏକ ପୋଲ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ତୁରନ୍ତ ମଧୁସୁଦନପୁର ରାସ୍ତା ଓ ଭାଲୁଗାଡିଆ ନାଳ ଉପରେ ନିର୍ମାଣାଧୀନ ପୋଲ କାର୍ଯ୍ୟ ସମାପନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।


ମଧୁସୂଦନପୁର ରାସ୍ତାରୁ ମେଟାଲ ଉଠିଗଲାଣି ।

## କ୍ରିକେଟ: ମର୍ଯ୍ୟାଦାପୁର ଚାମ୍ପିୟନ

ବୌଦ୍ଧ,୯।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ବିରାମଚନ୍ଦ୍ରପୁରର ମା' ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୧୭ତମ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ବୌଦ୍ଧ ଡିଷ୍ଟିଲାରୀ ପାୱାର ପ୍ଲାଣ୍ଟର ଡିଜିଏମ ଗୋଲକ ବିହାରୀ ବରଡା ମୁଖ୍ୟଅତିଥି, ଡିଷ୍ଟିଲାରୀ ଷ୍ଟୋର ଇନଚାର୍ଜ ଜନ୍ମେଜୟ ନାଏକ, ଗ୍ରାମ୍ୟ ସଭାପତି ଜୟ କିଶୋର ମିଶ୍ର, ଆୟୋଜକ କମିଟି ସଭାପତି ସୁବ୍ରତ କୁମାର ମିଶ୍ର, ସମ୍ପାଦକ ସ୍ୱପ୍ନେଶ୍ୱର ମିଶ୍ର, ଜୟାନନ୍ଦ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଫାଇନାଲ ଖେଳ ବଙ୍କାପଡା ଓ ମର୍ଯ୍ୟାଦାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବଙ୍କାପଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯୦ ରନ ସଂଗ୍ରହ କରିଥିବାବେଳେ ମର୍ଯ୍ୟାଦାପୁର ଦଳ ୯୧ ରନ କରି ବିଜୟୀ ହୋଇଥିଲା। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ସେହିପରି ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଶାଶ୍ୱତ, ମ୍ୟାନ ଅଫ ଦି ସିରିଜ ବିଷ୍ଣୁ ଦାସ, ବେଷ୍ଟ କ୍ୟାଚର ଶ୍ରୀକାନ୍ତ, ବେଷ୍ଟ ବୋଲର ଭାବେ ମିଲୁ ପ୍ରଧାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି କଳାହାଣ୍ଡି କପ୍‌ରେ ଅଂଶଗ୍ରହଣ କରି ଭଲ ପ୍ରଦର୍ଶନ କରିଥିବା ସ୍ୱପ୍ନେଶ୍ୱର ମିଶ୍ର ଓ ତନ୍ମୟ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଇନାଲ ଖେଳକୁ ତନ୍ମୟ ମିଶ୍ର, ସମୀର ପୃଷ୍ଟି ଓ ଭରତ ବେହେରା ପରିଚାଳନା କରିଥିବାବେଳେ ମିଳନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଅଭିଯୋଗ ଶୁଣାଣି ଶିବିର

ଟିଟିଲାଗଡ, ୯।୧୨ (ଡି.ଏନ.ଏ.): ଟିଟିଲାଗଡ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପଜିଲାପାଳ ସୁଧାକର ନାୟକଙ୍କ ସମେତ ୫ଟି ବ୍ଲକର ବିଡିଓ, ତହସିଲଦାର, ସିଡିପିଓ, ଜିଲାସ୍ତରୀୟ ଅଧିକାରୀ ଏପିଡି ଜଳଛାୟା, ଏଇଇ ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ପରିମଳ, ମେଗାଲିଫ୍ଟ, ୱେସ୍କୋ, ଡିଇଓ, ଡିପିସି, ଜିଲାକୃଷି ଅଧିକାରୀ, ଏଆରସିଏସ, ଅବକାରୀ ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୫୮ଟି ସାମୂହିକ ସମସ୍ୟା ସମ୍ମିଳିତ ଥିଲା । ଅତିରିକ୍ତ ଜିଲାପାଳ ସେଠୀ ସମସ୍ତ ଅଭିଯୋଗ ପତ୍ରକୁ ସମୀକ୍ଷା କରି ଏହାର ଉପଯୁକ୍ତ ଓ ଶୀଘ୍ର ସମାଧାନ ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ସହାୟତା ବାବଦକୁ ଟିଟିଲାଗଡ ବ୍ଲକ ମିନାପାଲି ଗ୍ରାମର ହେତୁ ମାଝୀଙ୍କ ଚାରଭଟା ଗ୍ରାମର କସ୍ତୁରୀ ସାହୁ ତଥା ମୁରିବାହାଲ ବ୍ଲକର ଦେଦୁରୀ ଗ୍ରାମର ଦେବରାଜ ବାଗଙ୍କୁ ପ୍ରତ୍ୟେକ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଉପଜିଲାପାଳ କାର୍ଯ୍ୟାଳୟ କର୍ମଚାରୀ, ସହକାରୀ ଜିଲାପାଳ ପୂର୍ଣ୍ଣାନନ୍ଦ ପଟେଲ ଏବଂ ଦେବାଶିଷ ସାମଲ ତଥା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ସୁବର୍ଣ୍ଣପୁର ଜିଲାରେ ନାହିଁ ଶୀତଳ ଭଣ୍ଡାର

## ପରିବା ଚାଷୀ ବେହାଲ, ବ୍ୟବସାୟୀ ମାଲାମାଲ

ସୋନପୁର,୯।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଏକ କୃଷି ପ୍ରଧାନ ଜିଲା । ଏହି ଜିଲାର ୮୦ ପ୍ରତିଶତ ଜନସାଧାରଣ କୃଷି ଉପରେ ନିର୍ଭରଶୀଳ। ଜିଲାରେ ଧାନ ଉତ୍ପାଦନ କ୍ଷେତ୍ରରେ ଦୁଇ ମହିଳା ଚାଷୀଙ୍କୁ କୃଷି କର୍ମଣ ପୁରସ୍କାର ମିଳିଛି। ତେବେ ଧାନ ଚାଷରେ ଅଧିକ ଜଳର ଆବଶ୍ୟକତା ହେଉଛି । ବିକ୍ରି କ୍ଷେତ୍ରରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଜିଲାର ଚାଷୀ ପନିପରିବା, ଆମ୍ବ, ପିଜୁଳି, ତରଭୁଜ ଭଳି ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। କିନ୍ତୁ ଆବଶ୍ୟକ ବଜାର ଓ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ପନିପରିବା, ପିଆଜ, ଆଳୁ ଓ ଫଳ ଚାଷୀ ଖୁବ୍ କମ୍ ଦରରେ ବ୍ୟବସାୟୀମାନଙ୍କୁ ତାହା ବିକ୍ରି କରିବାକୁ ବାଧ ହେଉଛନ୍ତି। ବର୍ତ୍ତମାନ ବଜାରରେ ପନିପରିବା ଦର ଆକାଶଛୁଆଁ ହୋଇଥିବା ବେଳେ ଏହାର ପ୍ରକୃତ ମୂଲ୍ୟ ଚାଷୀ ପାଉନି। ଚାଷୀ ଆହୁରି ଗରିବ ହେଉଛି। ସବୁ ଲାଭ ଯାଉଛି ବ୍ୟବସାୟୀଙ୍କ ପାଖକୁ। ଖରିଫ ଋତୁରେ ଏହି ଜିଲାରେ ୫୦୦୦ହେକ୍ଟର ଓ ରବିରେ ୯୦୦୦ହେକ୍ଟର ଚାଷ ଜମିରେ ପନିପରିବା ଚାଷ ହୋଇଥାଏ। ନଦୀ ନାଳ ପରିପୂର୍ଣ୍ଣ ଏହି ଜିଲାରେ ଉଦ୍ୟାନ କୃଷି ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ମାତ୍ର ଜିଲାରେ ଆଦୌ ଶୀତଳଭଣ୍ଡାର ନଥିବାରୁ ଚାଷୀମାନେ ନିଜର ପନିପରିବା ସଂରକ୍ଷିତ କରି ରଖି ପାରୁନାହାନ୍ତି। ଗତ କିଛି ବର୍ଷ ହେଲା ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଜିଲାର ତରଭା ବ୍ଲକରେ ପ୍ରଥମ ଶୀତଳ ଭଣ୍ଡାର ସ୍ଥାପନ ହେବ ବୋଲି ବିଭିନ୍ନ ସଭା ସମିତିରେ କହି ଆସୁଥିଲେ। କିନ୍ତୁ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଏହା ପ୍ରତିଷ୍ଠା ହୋଇ ପାରୁନି। ଜିଲାରେ କେବେ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବ ତାହା ଏକ ଅସମାହୀତ ପ୍ରଶ୍ନ ହୋଇ ରହିଛି। ଏଭଳି ସ୍ଥିତିରେ ଚାଷୀ ଘରର ପୁଅ ଚାଷ କାର୍ଯ୍ୟ ପ୍ରତି ବିମୁଖ ହେଉଛି।

ଜିଲାରେ ସୋନପୁର, ବିନିକା, ତରଭା, ଉଲୁଣ୍ଡା ଓ ବୀରମହାରାଜପୁରରେ ପର୍ଯ୍ୟାପ୍ତ ପରିମାଣରେ ପୋଟଳ, ଟୋମାଟୋ, ବାଇଗଣ, ଝୁଡଙ୍ଗ, ଭେଣ୍ଡି, କାକୁଡି, କଲରା, ପିଆଜ, ରସୁଣ, ଆଳୁ, ଲଙ୍କା ଭଳି ପନିପରିବା ଚାଷ ହେଉଛି । ଚାଷ ପାଇଁ ଆବଶ୍ୟକ ଉର୍ବର ଚାଷ ଜମି ଓ ଜଳ ଉତ୍ସ ରହିଛି। ତେବେ ଚାଷ ପାଇଁ ସରକାରଙ୍କ ପକ୍ଷରୁ ଯେତିକି ପ୍ରୋତ୍ସାହନ ମିଳିବା କଥା ତାହା ମିଳୁ ନଥିବା ଚାଷୀ ଅଭିଯୋଗ କରୁଛନ୍ତି। ୨୦୧୪-୧୫ରେ ଆଳୁ ମିଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପିଆଜ ଚାଷକୁ ମଧ୍ୟ ପ୍ରୋତ୍ସାହନ ମିଳିଥିଲା । କିନ୍ତୁ ଶୀତଳ ଭଣ୍ଡାର ନ ଥିବାରୁ ଉତ୍ପାଦିତ ପିଆଜ ଓ ଆଳୁ ପଚି ନଷ୍ଟ ହେଲା। ଚାଷୀ କମ୍ ଦରରେ ବିକ୍ରି କରିବାକୁ ବାଧ ହେଲେ। ପିଆଜ ଚାଷ ଏକ ଲାଭଜନକ ଫସଲ। ସ୍ଥାନୀୟ ଜଳବାୟୁ ପିଆଜ ଚାଷ ପାଇଁ ସର୍ବୋତ୍କୃଷ୍ଟ। ଚାଷୀ କିନ୍ତୁ ଏହାର ଫାଇଦା ଉଠାଇ ପାରୁ ନାହାନ୍ତି। ରାଜ୍ୟର ପ୍ରତି ବ୍ଲକରେ ସରକାରୀ-ଘରୋଇ ସହଭାଗିତା(ପିପିପି) ଦ୍ୱାରା ଶୀତଳ ଭଣ୍ଡାର ସ୍ଥାପନ କରାଯିବ ବୋଲି ବିଜେଡି ନିଜ ଇସ୍ତାହାରରେ ପ୍ରତିଶୃତି ପାଳନ କରିବା ନେଇ ଉଲ୍ଲେଖ କରିଥିଲା। ହେଲେ ସବୁ ବ୍ଲକ ତ ଦୂରର କଥା ସୁବର୍ଣ୍ଣପୁର ଜିଲାରେ ଗୋଟିଏ ବି ଶୀତଳ ଭଣ୍ଡାର ପ୍ରତିଷ୍ଠା ହୋଇପାରିନି। ଜିଲାର ଡୁଙ୍ଗୁରିପାଲି ଆରଏମସି ପକ୍ଷରୁ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଉଦ୍ୟାନ ବିଭାଗ ପକ୍ଷରୁ ଏଥିପାଇଁ ସ୍ୱୀକୃତି ମିଳିଥିଲା। ତରଭାର ଗୋରାମହୁଲରେ ୫ଏକର ଜମି ଅଧିଗ୍ରହଣ ହେଲା। ଆରଏମସି ପକ୍ଷରୁ ଡିପିଆର ପ୍ରସ୍ତୁତ ହୋଇ ସରକାରଙ୍କୁ ପଠାଗଲା । ମାତ୍ର ସରକାର ଏଥିପ୍ରତି ଆଦୌ ଆଗ୍ରହ ଦେଖାଉ ନାହାନ୍ତି। ଏଭଳି ସ୍ଥିତିରେ ଗତ ନଭେମ୍ବର ୨୭ ତାରିଖରେ ଜିଲାପାଳ ମୋନିଷା ବାନାର୍ଜୀ ରାଜ୍ୟ କୃଷି ଓ ବିପଣନ ପରିଷଦର ନିର୍ଦ୍ଦେଶକଙ୍କୁ ପୁଣି ଏକ ଚିଠି ଲେଖି ଶୀତଳ ଭଣ୍ଡାର ପ୍ରତିଷ୍ଠା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି।




ଜନ ଶୁଣାଣିରେ ଜିଲାପାଳ ମୋନୀଷା ବାନାର୍ଜୀ ଓ ଏସ୍‌ପି ଦେବୀପ୍ରସାଦ ଦାସ।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ବିନିକା,୯।୧୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ପଞ୍ଚାୟତ ସମିତି ରାଜୀବ ଗାନ୍ଧୀକେନ୍ଦ୍ରଠାରେ ସୋମବାର ଜିଲାପାଳ ମୋନୀଷା ବାନାର୍ଜୀ ଓ ଏସ୍‌ପି ଦେବୀପ୍ରସାଦ ଦାଶଙ୍କ ଦ୍ୱାରା ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିନିକା ବ୍ଲକ ଓ ଏନ୍‌ଏସିର ଶତାଧିକ ଜନ ସାଧାରଣ ଉପସ୍ଥିତ ରହି ସେମାନଙ୍କ ସମସ୍ୟା ଉତ୍ଥାପିତ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ବିନିକା ଅଞ୍ଚଳରେ ଚାଲିଥିବା ଘୁଡୁଘୁଡୁ ପଚି ଓ ଜୁଆ ବିଷୟରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଏସ୍‌ପି ବିନିକା ଥାନାଧିକାରୀ କୁଶ ପାଣିଗ୍ରାହୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ୧୦୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୯୨ଟି ବ୍ୟକ୍ତିଗତ, ୬ଟି ଗୋଷ୍ଠୀଗତ, ସିଏମ୍‌ଆର୍‌ଏଫ୍ ସହାୟତାରେ ଗୋଟିଏ, ରେଡକ୍ରସ ସମ୍ପର୍କିତ ଗୋଟିଏ ଅଭିଯୋଗ ଥିଲା। ଶିବିରରେ ଭାରପ୍ରାପ୍ତ ସିଡିଏମ୍‌ଓ ଦୈତ୍ୟନାରାୟଣ ପାଢୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ, ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ ।




ଭେଟଘାଟରେ ଉପସ୍ଥିତ ନବୋଦୟ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ।

### ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ରସଂଘର ନୂତନ କର୍ମକର୍ତ୍ତା

# ମନୋଜ ସଭାପତି, ନିର୍ମଳ ସାଧାରଣ ସମ୍ପାଦକ

ବେଲପଡା, ୯।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ଜବାହର ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ଭେଟଘାଟ ଉତ୍ସବ ନବୋଦୟ ବିଦ୍ୟାଳୟ ଏମପି ହଲରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଆଲୁମିନା ସଂଘ ସଭାପତି ଅଶ୍ୱିନୀ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ଓ. ମଣିକଣ୍ଠନମ ଓ ସମ୍ମାନିତ ଅତିଥି ଉପାଧ୍ୟକ୍ଷା ମିଲାନୀ ମିତ୍ର, ଗ୍ରନ୍ଥପାଳ ପ୍ରଦୋଶ କୁମାର ଦାଶ ଯୋଗ ଦେଇଥିଲେ। ବିଦ୍ୟାଳରର ବିଭିନ୍ନ ବିକାଶରେ ପୁରାତନ ଛାତ୍ରସଂଘ ଆଗେଇ ଆସିବା ନେଇ ଆଲୋଚନା ହୋଇଥିଲା। ପରେ ଛାତ୍ର ସଂସଦର କର୍ମକର୍ତ୍ତା ଚୟନ ହୋଇଥିଲା। ନିର୍ବାଚନ ଅଫିସରଭାବେ ନବୋଦୟ ବିଦ୍ୟାଳୟର ଗ୍ରନ୍ଥପାଳ ପ୍ରଦୋଶ କୁମାର ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ନିର୍ବାଚନରେ ୮୦ଜଣ ପୁରାତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସଭାପତି ଭାବେ ମନୋଜ କୁମାର ପଟେଲ, ଉପ ସଭାପତି ବେଦପ୍ରକାଶ ସାହୁ, ସାଧାରଣ ସମ୍ପାଦକ ନିର୍ମଳ କୁମାର ନେପି, ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଗନ୍ଧର୍ବ ମାଝୀଙ୍କୁ ଚୟନ କରାଯାଇଥିଲା। ମଧୁସୂଦନ ସେଠୀ, ପ୍ରତ୍ୟୁଷ ବାଗ, ପ୍ରଶାନ୍ତ କୁମାର ନାଗ, ଶାନ୍ତନୁ କୁମାର ସାହୁଙ୍କୁ ନୂତନ ଆଲୁମିନା କମିଟିଭାବେ ଘୋଷଣା କରାଯାଇଥିଲା । ପରେ ବିଭିନ୍ନ କ୍ଷେତ୍ରରେ ବିଦ୍ୟାଳୟକୁ ସୁନାମ ଆଣିଥିବା ୧୦ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା।

# ସାମାଜିକ ସହାୟତା ବଣ୍ଟନ ଶିବିର

ବିନିକା,୯।୧୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଗୁଲୁଣ୍ଡାରେ ସୋମବାର ସାମାଜିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିର୍ମଳ ଛାୟାରେ ବାସ କରୁଥିବା ୧୫ ଆରୋଗ୍ୟ କୁଷ୍ଠରୋଗୀ ଅନ୍ତେବାସୀଙ୍କୁ ସହାୟ ଯୋଜନାରେ ସାମାଜିକ ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ମୋନିଷା ବାନାର୍ଜୀ ଯୋଗଦାନ କରିଥିଲେ । ଶିବିରରେ ସଭାପତିତ୍ୱ କରିଥିଲେ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ । ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ଭଣ୍ଡାର ସରପଞ୍ଚ ଲକ୍ଷ୍ମଣ ସାହୁ, ସମିତି ସଭ୍ୟ ଭୀମସେନ ସାହୁ ପ୍ରମୁଖ ଯୋଗଦେଇଥିଲେ । ଶିବିର ପରିଚାଳନା କରିଥିଲେ ବିନିକା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅଶ୍ୱିନୀ ପାଣ୍ଡେ ।

### କାଠ ଚୋର ସକ୍ରିୟ

# ଅର୍ଜୁନପୁର ଜଙ୍ଗଲରୁ ଚୋରି ହେଉଛି ଶାଗୁଆନ ଗଛ

ସୋନପୁର,୯।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଅର୍ଜୁନପୁର ସଂରକ୍ଷିତ ଜଙ୍ଗଲ ଏବେ କାଠ ଚୋରଙ୍କ ଭୂସ୍ୱର୍ଗ ପାଲଟିଛି। ସୁରକ୍ଷାର ଅଭାବ କାଠ ଚୋରଙ୍କୁ ସୁହାଉଛି। କରତରେ ଚୋରମାନେ ଜଙ୍ଗଲରୁ ମୂଲ୍ୟବାନ ଶାଗୁଆନ ଗଛ କାଟି ନେଉଛନ୍ତି। ଜିଲା ସଦର ମହକୁମାଠାରୁ ଅଳ୍ପ ଦୂରରେ ଥିବା ଏହି ଜଙ୍ଗଲର ସୁରକ୍ଷା ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରିବେଶବିତ୍ ଶ୍ୟାମା ପ୍ରସାଦ ମିଶ୍ର ଜଙ୍ଗଲର ଗଛ କଟା ସମ୍ପର୍କିତ ଏକ ଭିଡିଓ ସୋସିଆଲ ମିଡିଆରେ ସେଆର କରିବା ପରେ ତାହା ଭାଇରାଲ ହୋଇଛି। କଳାପଥର ଛକ ପରେ ଦକ୍ଷିଣ ପାର୍ଶ୍ୱରେ ଥିବା ଏକ ବନ୍ଧ ନିକଟରେ ୩ରୁ ୪ ଦିନ ପୂର୍ବରୁ ଶାଗୁଆନ ଗଛଗୁଡିକ କଟା ଯାଇଥିବା ଜଣାପଡିଛି। ଏପରିକି କଟା ହୋଇଥିବା ଏକ ଶାଗୁଆନ ଗଣ୍ଡିକୁ ଚୋର ମାନେ ନେଇ ପାରି ନାହାନ୍ତି। ସୁବର୍ଣ୍ଣପୁର ରାଜ୍ୟର ଏକ ଉତ୍ତପ୍ତ ଜିଲାଭାବେ ପରିଗଣିତ ହେଉଛି । ଜିଲାରେ ଆୟତନ ଦୃଷ୍ଟିରୁ କମ ଜଙ୍ଗଲ ଥିବା ବେଳେ ଜଙ୍ଗଲ କ୍ଷୟ ଚିନ୍ତାର କାରଣ ପାଲଟିଛି। ତେବେ ବନ ସୁରକ୍ଷା ସମିତି ଓ ବନ କର୍ମଚାରୀ ଜଙ୍ଗଲର ସୁରକ୍ଷା ଦାୟିତ୍ୱରେ ଥିବା ବେଳେ କିଭଳି ଗଛ କଟା ଯାଉଥିବା ସମ୍ପର୍କରେ ଜାଣି ପାରୁ ନାହାନ୍ତି ତାହା ପରିବେଶବିତ୍‌ଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି ।

# ଝିଅଙ୍କୁ ସହାୟତା ପାଇଁ ସୋସିଆଲ ମିଡିଆରେ ମିଥ୍ୟା ପ୍ରଚାର

## ଅସୁବିଧାରେ ପଡିଲେ ପୋଲିସକୁ ଫୋନ କର: ଏସ୍‌ଡିପିଓ

ଅମରପାଲି, ୯।୧୨ (ଡି.ଏନ.ଏ.)

ଘରକୁ ଫେରୁଥିବା ଝିଅମାନେ ଏକୁଟିଆ ଥିଲେ ମୋତେ ଫୋନ କର, ମୁଁ ତୁମକୁ ତୁମ ଭାଇ ହିସାବରେ ନିରାପଦରେ ତୁମ ଘରେ ଛାଡି ଦେବି। ଏପରି କିଛି ତଥ୍ୟ ଥିବା ପୋଷ୍ଟ ସୋସିଆଲ ମିଡିଆରେ ଘୁରି ବୁଲୁଛି । ସତରେ କଣ ସ୍ଥାନୀୟ ପୋଲିସ କିମ୍ବା ପ୍ରଶାସନ ଝିଅଙ୍କୁ ସହାୟତା କରିବା ପାଇଁ ଏପରି କିଛି ବ୍ୟବସ୍ଥା କରିବାକୁ ଅନୁମତି ପ୍ରଦାନ କରିଛନ୍ତି, ଉକ୍ତ ପୋଷ୍ଟକୁ ଦେଖିଲା ପରେ ଲୋକେ ଏହି ଆଲୋଚନା କରୁଛନ୍ତି । ମାତ୍ର ପୋଲିସ ଉକ୍ତ ଘଟଣାକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିବା ସହିତ କେହିବି ଉକ୍ତ ନମ୍ବରରେ ଫୋନ କରି ସାହାଯ୍ୟ ନମାଗିବାକୁ ପରାମର୍ଶ ଦେଇଛି। ଆଜିକୁ ପ୍ରାୟ ୩-୪ ଦିନ ହେଲା ସୋସିଆଲ ମିଡିଆରେ ଏମିତି କିଛି ପୋଷ୍ଟ ଘୁରି ବୁଲୁଛି। ତେଲେଙ୍ଗାନାରେ ମହିଳା ଡାକ୍ତରଙ୍କୁ ବଳତ୍କାର ପରେ ବିଭତ୍ସ ହତ୍ୟାପରେ ସାରା ଦେଶରେ ଝିଅମାନେ ଭୟ ଆଶଙ୍କାରେ ଅଛନ୍ତି । ସେମାନେ ସ୍କୁଲ, କଲେଜ ତଥା କର୍ମକ୍ଷେତ୍ରରୁ ଫେରୁଥିବା ବେଳେ ଏକୁଟିଆ ଯାଉଥିବାର ସୁଯୋଗ ନେଇ ଅନେକ ସ୍ଥାନରେ ସେମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଦେଖାଯାଉଛି । ପୋଲିସ ପକ୍ଷରୁ ଯେତେସବୁ ପ୍ରଚେଷ୍ଟା କରାଗଲେ ମଧ୍ୟ କୌଣସି ନା କୌଣସି ସ୍ଥାନରେ ପ୍ରତ୍ୟହ ଏଭଳି ଘଟଣା ଦେଖିବାକୁ ମିଳୁଛି । ତେଣୁ ସାମ୍ପ୍ରତିକ ସମୟରେ ରାତ୍ରିରେ ଏକୁଟିଆ ଯାଉଥିବା ଝିଅଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି ହେଲାଣି । ଏହିକ୍ରମରେ ପଞ୍ଜାବ ପୋଲିସ ଏନେଇ ଟୋଲ ଫ୍ରି ନମ୍ବର ଜାରି କରି ଝିଅଙ୍କୁ ରାତ୍ରିରେ ଘରେ ସୁରକ୍ଷିତ ଭାବରେ ପହଞ୍ଚାଇବା ପାଇଁ ଘୋଷଣା କରିଛନ୍ତି। ଓଡିଶାରେ ଏପରି କୌଣସି ଘୋଷଣା ହୋଇନାହିଁ। ମାତ୍ର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଫେସବୁକରେ ଏପରି ପୋଷ୍ଟ ଲୋକଙ୍କୁ ସନ୍ଦେହରେ ପକାଇ ଦେଇଛି । ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଉକ୍ତ ପୋଷ୍ଟରେ ପୋଷ୍ଟ କରିଥିବା ବ୍ୟକ୍ତି ନିଜ ନାମ ଓ ସେ ବୀରମହାରାଜପୁରରେ ରହୁଥିବା ପ୍ରକାଶ କରିଛି । ସେଥିରେ ଗୋଟିଏ ଫୋନ ନମ୍ବର ମଧ୍ୟ ଦିଆଯାଇଛି। ଆଉ ଲେଖାଯାଇଛି ଯଦି କୌଣସି ଝିଅ କୌଣସି ସମୟରେ ଘରକୁ ଫେରିଲା ବେଳେ ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ଦିଆଯାଇଥିବା ନମ୍ବରରେ ତାଙ୍କୁ ନିଜର ଭାଇ ଭାବି ଫୋନ କରିବେ। ଫୋନ କଲାପରେ ଝିଅଟିକୁ ନିରାପଦରେ ଘରେ ପହଞ୍ଚାଇ ଦିଆଯିବ। ଏହା ତାର କର୍ତ୍ତବ୍ୟ। ଯଦି ପ୍ରତ୍ୟେକ ନିଜ ଅଞ୍ଚଳରେ ଏପରି କରନ୍ତି ତେବେ କୌଣସି ଝିଅ ଆଉ ସମସ୍ୟାର ସମ୍ମୁଖୀନ ହେବେ ନାହିଁ । ନିଜକୁ ବଦଳାଅ ଦେଶ ବଦଳିବ । ନୋ ରେପ୍... ଜୟ ହିନ୍ଦ୍ ବୋଲି ଉକ୍ତ ପୋଷ୍ଟରେ ସୂଚନା ଦିଆଯାଇଛି । ଏ ଘଟଣା ବିଷୟରେ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ ଯେ, ଏଭଳିଆ ପ୍ରଚାରରେ ଝିଅମାନେ ବିଶ୍ୱାସ ନକରି ପୋଲିସକୁ ସୂଚନା ଦିଅନ୍ତୁ । ଆଉ ଯେଉଁମାନେ ଏଭଳି ମିଥ୍ୟା ପ୍ରଚାର କରୁଛନ୍ତି ସେମାନଙ୍କୁ ପୋଲିସ ଖୋଜି ଆବଶ୍ୟକ ପଦକ୍ଷେପ ନେଉ। ଏନେଇ ବୀରମହାରାଜପୁର ଏସ୍‌ଡିପିଓ ଧିରୋଜ ଚୌପଦାର କହନ୍ତି ଏହା ସମ୍ପୂର୍ଣ୍ଣ ମିଥ୍ୟା ପ୍ରଚାର। କେହିବି ସମସ୍ୟାରେ ପଡିଲେ ଉକ୍ତ ନମ୍ବରକୁ ଫୋନ କରନ୍ତୁ ନାହିଁ। ଯଦି କିଏ ଅସୁବିଧାରେ ପଡୁଛି ତେବେ ତୁରନ୍ତ ପୋଲିସକୁ ସାହାଯ୍ୟ ପାଇଁ ଫୋନ କରିବାକୁ କହିଛନ୍ତି ।




ସୋସିଆଲ ମିଡିଆରେ ଘୁରି ବୁଲୁଥିବା ମିଥ୍ୟା ପ୍ରଚାର।



ରାଧାକୃଷ୍ଣଙ୍କ ନିକଟରେ ୫୬ ପ୍ରକାର ସ୍ୱାଦିଷ୍ଟ ଭୋଗ ଅର୍ପଣ କରାଯାଉଛି ।

# ବ୍ୟଞ୍ଜନ ଦ୍ୱାଦଶୀରେ ଲାଗି ହେଲା ୫୬ ପ୍ରକାର ଭୋଗ

ସୋନପୁର,୯।୧୨(ନି.ପ୍ର.)

ସୋନପୁର ସହରର ଘୋଡାଘାଟ ପଡା ଶ୍ରୀ ଶ୍ରୀ ରାଧାମାଧବ ଭଗବତ ମନ୍ଦିରରେ ସୋମବାର ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ବ୍ୟଞ୍ଜନ ଦ୍ୱାଦଶୀରେ ରାଧାକୃଷ୍ଣଙ୍କ ନିକଟରେ ୫୬ପ୍ରକାର ସ୍ୱାଦିଷ୍ଟ ଭୋଗ ଲାଗି ହୋଇଥିଲା। ସମସ୍ତଙ୍କ ମଙ୍ଗଳ କାମନା ପାଇଁ ପ୍ରତିବର୍ଷ ଭଳି ବିଧି ଅନୁଯାୟୀ ପୂଜା ହୋଇଥିଲା। ସ୍ଥାନୀୟ ଜନସାଧାରଣ ଓ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ହୋଇଥିଲା। ପଣ୍ଡିତ ସୁରେଶ ତ୍ରିପାଠୀ, ବ୍ୟାସଦେବ ଶତପଥୀ ଓ ଆନନ୍ଦ ପୂଜାହାରୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ ।

### ଏସ୍‌ଏଚ୍‌ଜି ସାମଗ୍ରୀ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

# 'ସ୍ୱାବଲମ୍ବନର ନୂଆ ଇତିହାସ ରଚିବେ ମହିଳା'

ବଲାଙ୍ଗୀର ଅଫିସ, ୯।୧୨

ବଲାଙ୍ଗୀର ଜିଲା ପରିଷଦ କାର୍ଯ୍ୟାଳୟ ନିକଟରେ ବହୁ ପ୍ରତୀକ୍ଷିତ ଜିଲାସ୍ତରୀୟ ସ୍ୱୟଂ ସହାୟକ ଦଳ ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କେନ୍ଦ୍ର ବା ଏସ୍‌ଏଚ୍‌ଜି ଆଉଟ ଲେଟ୍ ସୋମବାର ଉଦ୍‌ଘାଟିତ ହୋଇଛି। ଏହି ସମାରୋହରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରି ଆଗକୁ ମହିଳାମାନେ ସ୍ୱାବଲମ୍ବନର ନୂଆ ଇତିହାସ ରଚିବେ ବୋଲି କହିଥିଲେ । ଏଥିରେ ସହରାଞ୍ଚଳ ଉନ୍ନୟନ ସଂସ୍ଥା ପିଡି ଯୁଗଳେଶ୍ୱରୀ ଦାଶ, ଓରମାସ୍ ଯୁଗ୍ମ ନିର୍ବାହୀ ଅଧିକାରୀ କମଲେନ୍ଦୁ ପଲ, ଡିଡିଏମ୍ ନାବାର୍ଡ, ଜିଲା ଶିଳ୍ପ କେନ୍ଦ୍ର ଅଧିକାରୀ, ମିଶନ ଶକ୍ତି ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ରାମେଶ୍ୱର ନଗରର ଶିବଶକ୍ତି, ମଲମୁଣ୍ଡାର କଟେଜ ପ୍ରଡ୍ୟୁସର ଗ୍ରୁପ୍, ପୁଇଁତଲାର କୁରଲ ଚକ୍ର, ଲାଖପାଲିର ମହାଲକ୍ଷ୍ମୀ, ବ୍ରାହ୍ମଣୀଡୁଙ୍ଗରୀର ମା' ସରସ୍ୱତୀ, ଲୋଇସିଂହାର କୋଶଳ ଟେରାକୋଟା ହାଣ୍ଡିକ୍ରାଫ୍ଟ ମାର୍କେଟିଂ, ଇନ୍ଦ୍ରାନଗର ଘଣ୍ଟାସୁନୀ କ୍ଲବପଡାର ସିଡିଡିସାଇ, ବରଗାଁର ନାରୀଶକ୍ତି, ସଇଁତଲାର ମାଁ ସମଲେଇ ପ୍ରଡୁସର ଗ୍ରୁପ, ସର୍ଗିପାଲିର ବିଶ୍ୱ ମା' ଗାୟତ୍ରୀ, କନ୍ଧକେଲର ଚିଲ୍ଲିକା ପ୍ରଡ୍ୟୁସର ଗ୍ରୁପ୍, ବଡବନ୍ଧର ତ୍ରିବେଣୀ ପ୍ରଡୁସର ଗୃପ, ଦେଓଗାଁର ମାର୍କେଟିଙ୍ଗ୍ ବମ୍ୱୋ ପ୍ରଡୁସ ଗୃପ୍ ଓ କରମସନୀ ପ୍ରଡ୍ୟୁସର ଗ୍ରୁପ ଏସ୍‌ଏଚ୍‌ଜି ଯୋଗଦାନ କରିଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବଲାଙ୍ଗୀର ମାଧ୍ୟମରେ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ବଲାଙ୍ଗୀର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସହଯୋଗିତାରେ ଏହି କୋଠାଘର ତିଆରି କରାଯାଇଛି । ଟେଣ୍ଡର ମାଧ୍ୟମରେ ଗ୍ରାମ୍ୟ ଏସ୍‌ଏଚ୍‌ଜିରୁ ପ୍ରଡ୍ୟୁସର ଗୃପ୍ ମଲମୁଣ୍ଡା ଓ ସହରାଞ୍ଚଳରୁ ଶିବଶକ୍ତି ଏସ୍‌ଏଚ୍‌ଜି, ରାମେଶ୍ୱର ନଗରର କେନ୍ଦ୍ରଟି ହସ୍ତାନ୍ତରଣ କରାଯାଇଛି । ଉକ୍ତ କେନ୍ଦ୍ରରେ ବଲାଙ୍ଗୀର ଜିଲାର ବିଭିନ୍ନ ଏସ୍‌ଏଚ୍‌ଜିମାନଙ୍କର ସାମଗ୍ରୀ ହେଣ୍ଡିକ୍ରାଫ୍ଟ, ହ୍ୟାଣ୍ଡଲୋମ୍, ବମ୍ୱୋକ୍ରାଫ୍ଟ, ଟେରାକୋଟା, ମସଲା, ଡାଲି, ବଡି, ଆଚାର, ତଥା ଅନ୍ୟାନ୍ୟ ସାମଗ୍ରୀ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ । ଏସ୍‌ଏଚ୍‌ଜିମାନେ ନିଜଦ୍ରବ୍ୟକୁ ବିକ୍ରୟ କରି ନିଜର ଜୀବନ ଜୀବିକାକୁ ସୁଦୃଢ଼ କରିପାରିବେ ଏବଂ ସିଧାସଳଖ ଗ୍ରାହକମାନଙ୍କ ସହିତ କଥା ହୋଇ ସାମଗ୍ରୀ ବିକ୍ରୟ କରିବାର ସୁଯୋଗ ପାଇପାରିବେ ବୋଲି ପିଡି ଡ ସ୍ୱାଇଁ ସୂଚନା ଦେଇଛନ୍ତି । ଉଦ୍‌ଘାଟନୀ ଉତ୍ସବ ଦିନରେ ଏସ୍‌ଏଚ୍‌ଜିମାନେ ଆଶାନୁରୂପ ବିକ୍ରୟ କରିଥିବାରୁ ଖୁସି ପ୍ରକାଶ କରିଥିଲେ। ଗ୍ରାହକମାନେ ମଧ୍ୟ ବିଭିନ୍ନ ସାମଗ୍ରୀ ସୁଲଭ ମୂଲ୍ୟରେ ଏଠାରେ ପାଇପାରିବେ ବୋଲି ସନ୍ତୋଷ ପ୍ରକାଶ କରିଛନ୍ତି।



ଜିଲାସ୍ତରୀୟ ସ୍ୱୟଂ ସହାୟକ ଦଳ ସାମଗ୍ରୀ ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଡିଆରଡିଏ ପିଡି ଡ ମହେଶ୍ୱର ମହାନ୍ତି ଓ ଅନ୍ୟ ଅଧିକାରୀ ।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ



### ଚନାବେଡ଼ାରେ ଲକ୍ଷ୍ମୀପୂଜା

**ଖଡିଆଲ,୯।୧୨(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବ୍ଲକ ଚନାବେଡା ଗ୍ରାମରେ ମାଣବସା ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପଠାରେ କଳସ ସ୍ଥାପନ କରିଥିଲେ । ଏହି ପୂଜା ଚଳିତବର୍ଷ ୫ଦିନ ଧରି ଚାଲିବାକୁ ସ୍ଥିର କରାଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜରେ କର୍ତ୍ତା ଭାବେ ଗୌରହରି ବେହେରା ଓ ଦେବକୀ ବେହେରା କାର୍ଯ୍ୟ ତୁଲାଉଛନ୍ତି । ପୂଜାରେ କମିଟି ସଭାପତି ନିଶାକାନ୍ତ ବେହେରା, ଉପସଭାପତି ଗୌରହରି ବେହେର, ସମ୍ପାଦକ ଦୁର୍ବାଦଳ ଷଡଙ୍ଗୀ, ସହସମ୍ପାଦକ ବେଣୁଧର କୈବର୍ତ୍ତ, କୋଷାଧକ୍ଷ ଗିରିଧାରୀ ବେହେରା, ପୂଜକ କୃପାସିନ୍ଧୁ ଷଡଙ୍ଗୀ ଓ ରୁଦ୍ରମାଧବ ଷଡଙ୍ଗୀ ପ୍ରମୁଖ ନେତୃତ୍ୱ ନେଇଛନ୍ତି ।

### ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଲେ ଖବରଦାତା

**କୋକସରା,୯।୧୨(ଡି.ଏନ.ଏ.) :** ଜଣେ ଖବରଦାତା ମାନବିକତା ଦେଖାଇ ଦୁର୍ଘଟଣାରେ ଗୁରୁତର ଆହତ ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରି ନିଜେ ଡାକ୍ତରଖାନା ଆଣି ଭର୍ତ୍ତି କରିଛନ୍ତି । ସୂଚନା ଅନୁସାରେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ଗ୍ରାମର ବିଷ୍ଣୁ ପ୍ରସାଦ ଅଗ୍ରୱାଲ (୩୨) କୌଣସି କାମରେ ଧର୍ମଗଡରୁ କୋକସରା ଦେଇ ପାପଡାହାଣ୍ଡି ଫେରୁଥିଲେ। ତରାପୁର ଡହଗାଁ ରାସ୍ତା ମଝିରେ ଭାରସାମ୍ୟ ହରାଇ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇଥିଲେ। ସେହି ରାସ୍ତାଦେଇ ଅନେକ ଲୋକ ଯାତାୟାତ କରୁଥିଲେ ମଧ ଗୁରୁତର ବ୍ୟକ୍ତଙ୍କୁ ଉଦ୍ଧାର କରିବାକୁ କେହି ଆସି ନ ଥିଲେ। ଏହି ସମୟରେ ଧର୍ମଗଡରୁ କାଉଡୋଳା ଫେରୁଥିବା ଜଣେ ଖବରଦାତା ବସନ୍ତ କୁମାର ସରାବୁ ଦୁର୍ଘଟଣାରେ ଗୁରୁତର ହୋଇ ଅଚେତ ପଡିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲେନ୍ସ ଫୋନ କରି ତାଙ୍କ ଦୁଇଜଣ ସାଥିଙ୍କ ସହ ମିଶି କୋକସରା ଡାକ୍ତରଖାନାରେ ଆଣି ଭର୍ତ୍ତି କରିଥିଲେ। ପରେ ଗୁରୁତର ବ୍ୟକ୍ତଙ୍କ ସମ୍ପର୍କୀୟମାନେ ପହଞ୍ଚିଥିଲେ। ଖବରଦାତାଙ୍କ ଏହି ମାନବିକତା କାର୍ଯ୍ୟ ପାଇଁ ସମ୍ପର୍କୀୟମାନେ କୃତଜ୍ଞତା ଜଣାଇଥିଲେ।

## ମିଲର୍ସ ମର୍ଜିରେ ଚାଲିଛି ମଣ୍ଡି

# ମଣ୍ଡିରେ ପଡ଼ିରହିଛନ୍ତି ୨୧୨ ଚାଷୀ

**ନୂଆପଡା ଅଫିସ, ୯।୧୨**

ସରକାର ଚାଷ ଏବଂ ଚାଷୀଙ୍କ ସ୍ୱାର୍ଥ୍ୟ ରକ୍ଷା ସକାଶେ ନାନା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତୃଣମୂଳସ୍ତରେ କାର୍ଯ୍ୟକାରୀ କରୁଥିବା ଅଧିକାରୀଙ୍କ ହମବଡା ନୀତି ଯୋଗୁ ତାହାରୂପାୟନ ହୋଇପାରୁ ନ ଥିବାବେଳେ କେବଳ କାଗଜ କଲମରେ ରହିଯାଉଛି । ଧାନକିଣା କାର୍ଯ୍ୟରେ ଯୋଗାଣ ବିଭାଗ, ସମବାୟ ବିଭାଗକୁ ନିୟୋଜିତ କରାଯାଇଥିଲେ ହେଁ ମିଲର୍ସ ମର୍ଜିରେ ମଣ୍ଡି ଚାଲିଥିବା ଚର୍ଚ୍ଚାର ବିଷୟ ହୋଇଛି । ଧାନର ମାନ ଏଫଏକ୍ୟୁ ଏବଂ ନନଏଫଏକ୍ୟୁ ଅଧିକାରୀ କିମ୍ବା ଚାଷୀ ନେତାଙ୍କ ଦ୍ୱାରା ନୁହେଁ ବରଂ ମିଲର୍ସଙ୍କ ଦ୍ୱାରା ନିର୍ଦ୍ଧାରିତ ହେଉଥିବା ଅଭିଯୋଗ ହେଉଛି। କଟନି ଛଟନି ନ ହେଲେ ମିଲର୍ସ ଧାନ ଉଠାଉ ନ ଥିବାବେଳେ ମିଲର୍ସ ନ ଆସିଲେ ମଣ୍ଡି ବନ୍ଦ ହୋଇପଡୁଛି। ଏଭଳି ପରିସ୍ଥିତିରେ ଜିଲାରେ ୮ଗୋଟି ମଣ୍ଡିରେ ମୋଟ ୨୧ହଜାର ୪୧୨ କୁଇଣ୍ଟାଲ ଅର୍ଥାତ ୪୫ ହଜାର ବସ୍ତା ଧାନ ପଡିରହିଛି । ଜିଲା ବ୍ୟାପି ମୋଟ ୨୧୨ଜଣ ଚାଷୀ ବାଧ୍ୟ ହୋଇ ମଣ୍ଡିରେ ଥଣ୍ଡା କାକରରେ ରାତିରେ ଉଜାଗର ରହି କଷ୍ଟୋପାର୍ଜିତ ଧାନକୁ ଜଗି ରହୁଛନ୍ତି ।

ଖବର ନେବାରେ ଜିଲାର ଖରିଆରରୋଡ ମଣ୍ଡିରେ ୧୫ଜଣ ଚାଷୀଙ୍କ ୧୨୭୫ କୁଇଣ୍ଟାଲ ଧାନ ପଡିରହିଥିବାବେଳେ ଡୁମେରପାଣି ମଣ୍ଡିରେ ୫ଜଣ ଚାଷୀଙ୍କ ୩୮୯ କୁଇଣ୍ଟାଲ, ସାରାବଙ୍ଗ ମଣ୍ଡିରେ ୭୫ଜଣ ଚାଷୀଙ୍କ ୭୭୦୫ କୁଇଣ୍ଟାଲ, ମୋହରାଡିହି ମଣ୍ଡିରେ ୧୫ଜଣ ଚାଷୀଙ୍କ ୧୮୫୦ କୁଇଣ୍ଟାଲ ଧାନ ପଡିରହିଛ। ସେହିପରି ଭେଲା ମଣ୍ଡିରେ ୨୬ଜଣ ଚାଷୀଙ୍କ ୨୬୦୫ କୁଇଣ୍ଟାଲ, ସିନାପାଲି ମଣ୍ଡିରେ ୨୨ଜଣ ଚାଷୀଙ୍କ ୨୫୭୨ କୁଇଣ୍ଟାଲ, ନିଲଜୀ ମଣ୍ଡିରେ ୧୯ଜଣ ଚାଷୀଙ୍କ ୨୨୪୨ କୁଇଣ୍ଟାଲ, ଭୋଜପୁର ମଣ୍ଡିରେ ୫ଜଣ ଚାଷୀଙ୍କ ୨୭୪ କୁଇଣ୍ଟାଲ, କୁରୁମପୁରୀ ମଣ୍ଡିରେ ୨୧୨ଜଣ ଚାଷୀଙ୍କ ୨୫ଶହ କୁଇଣ୍ଟାଲ ଧାନ ପଡିରହିଛି । ମଣ୍ଡିଗୁଡିକରେ ଧାନ ପଡିରହୁଥିବା କାରଣ ଖୋଜିବାରେ ଚାଷୀମାନେ ଏହା ଯୋଗାଣ ବିଭାଗ ଏବଂ ମିଲର୍ସଙ୍କ ମଧୁଚନ୍ଦ୍ରିକା ଯୋଗୁ ଏଭଳି ହେଉଥିବା କହିଛନ୍ତି । ସରକାର ଧାନକିଣୁଥିବା କେବଳ କାଗଜ କଲମରେ କହୁଛନ୍ତି । ଏହା ମିଲର୍ସଙ୍କ ମର୍ଜିରେ ଚାଲିଛି । ପ୍ରତି କୁଇଣ୍ଟାଲ ପିଛା ୪/୫କିଗ୍ରା କଟନି କରିବାକୁ ମିଲର୍ସମାନେ ମୂଳଚାଲ କରୁଛନ୍ତି । ଯେଉଁଚାଷୀମାନେ ଏଥିରେ ରାଜି ନ ହେଲେ ତାଙ୍କର ଧାନଉଠୁନାହିଁ । ବିଭିନ୍ନ ବାହାନା କରି ମିଲର୍ସମାନେ ଆସୁନାହାନ୍ତି। ଚାଷୀମାନେ ମଣ୍ଡିରେ ରାତି ଦିନ ଜଗି ହତାଶ ହେବା ପରେ ଖୋଲା ବଜାରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ଅଭାବି ବିକ୍ରି ପାଇଁ ପ୍ରଶାସନ କ୍ଷେତ୍ର ପ୍ରସ୍ତୁତ କରୁଛି। ନେତାମାନେ ଜଳକା ହୋଇ ଦେଖୁଛନ୍ତି । ଏହାକୁ ନେଇ ଚାଷୀମାନେ ବାରମ୍ବାର ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଗଲେ ସମବାୟ ବିଭାଗକୁ ପଠାଉଛନ୍ତି । ସମବାୟ ବିଭାଗକୁ ଗଲେ ଯୋଗାଣ ବିଭାଗକୁ ଅଙ୍ଗୁଳୀ ନିର୍ଦ୍ଦେଶ ହେଉଛି । ଚାଷୀ ସିଧାସଳଖ ଜିଲାପାଳଙ୍କୁ ଫୋନ କଲେ ଦିନେ ଦ୍ୱିଦିନ ମିଲର୍ସ ଗାଡି ପଠାଇଦେଉଛନ୍ତି । ପରେ ଅବସ୍ଥା ଯଥାପୂର୍ବଂ ତଥା ପର ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହା ଉପରେ ଜିଲାପାଳ ଖୋଦ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହେଉଛ। ସୂଚନାଯୋଗ୍ୟ ଯେ, ଗତ ରବି ଋତୁରେ ଏଭଳି ସ୍ଥିତି ହୋଇଥିଲା। ଚାଷୀ ମଣ୍ଡିରେ ଧାନ ରଖି ଶୋଇଲେ । ଜିଲାର ଟାର୍ଗେଟ ସରିଗଲା। ଶେଷରେ ୨୦/୩୦ ହଜାର କୁଇଣ୍ଟାଲ ଧାନ ପଡିରହିଲା। ଏଭଳି ସ୍ଥିତିର ପୁନରାବୃତି ନ ହେଉ ଏଥିପାଇଁ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି। ଏହା ଉପରେ ଉପନିବନ୍ଧକ ସମବାୟ ସମିତି ସମୂହ ଭିକାରୀ ଚରଣ ସେଠଙ୍କୁ ପଚାରିବାରୁ ଚାଷୀଙ୍କୁ ଅନଲାଇନରେ ଟୋକନ ଆସୁଛି । ସବୁଟୋକନଧାରୀ ଏକାସାଙ୍ଗରେ ମଣ୍ଡିକୁ ଧାନ ବୋହି ଆଣୁଥିବାରୁ ଏଭଳି ସ୍ଥିତି ହେଉଥିବା କହିଛନ୍ତି ।

**ପଡ଼ିରହିଛି ୪୫ ହଜାର ବସ୍ତା ଧାନ**



କୁରୁମପୁରୀ ମଣ୍ଡିରେ ଚାଷୀ ଧାନକୁ ଜଗି ରହିଛନ୍ତି ।

# ଅଭିଭାବକ, ଶିକ୍ଷକ ସମ୍ମିଳନୀ ବୈଠକ

**ବୋଡେନ, ୯।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ପଲସଦା ସେବାଶ୍ରମ ପରିସରରେ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଲସଦା ସେବାଶ୍ରମ ଶିକ୍ଷୟିତ୍ରୀ ଝରାମଣି ପାନଙ୍କ ନେତୃତ୍ୱରେ ସଭା ହୋଇଥିଲା। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ଉପସ୍ଥିତି ରହିବା ନିମନ୍ତେ ପ୍ରଣୟନ କରାଯାଇଥିବା ନିରାପତା ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା, ଶିକ୍ଷା ସମ୍ପର୍କ ବିଷୟଗୁଡିକ ଉପରେ ଶିକ୍ଷକ ଓ ଅଭିଭାବଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଏତତ୍ ବ୍ୟତିତ ଛାତ୍ରୀଛାତ୍ରଙ୍କ ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ସଫଳ ରୁପାୟନ ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମିନିକେତନ ନାଏକ, ସମ୍ମାନିତ ଅତିଥି ସନ୍ତୋଷିନୀ ମଲିକ, ଶିକ୍ଷୟିତ୍ରୀ ରୋଜି ଭୋ, ଶିକ୍ଷକ କିର୍ତ୍ତିରାମ ପୋଢ, ଚେରୁ ତାଣ୍ଡି ଓ ଅଭିଭାବକ ଜଟ ଧରୁଆ, ହରିସିଂ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସଭାରେ ବିଦ୍ୟାଳୟର ରତ୍ନାବତୀ ପୋଢ, ମାୟାଧର ସାଗର, ଜଗବନ୍ଧୁ ମାଝି, ଉମେଶ ବେହେରା, ସୁରେଶ ନାଏକ, ଜୋଗିନ୍ଦ୍ର ବେହେରା, ଫୁଲମତି ବେଓ୍ୱା, ବୈଜନ୍ତି ମାଝି, ଚଞ୍ଚଳା ରାଉତ, କନକ ମାଝି ଓ ଅଭିଭାବକଅଭିଭାବିକା, ସେବାଶ୍ରମ ଛାତ୍ରୀଛାତ୍ର ଏବଂ ପଲସଦା ଗ୍ରାମବାସୀ ଉପସ୍ଥିତ ଥିଲେ।



ପଲସଦା ସେବାଶ୍ରମରେ ଅନୁଷ୍ଠିତ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ବୈଠକ।

# ନିସାହା ତୁଳସାଙ୍କୁ ସାହାଯ୍ କଲା ଓଁଶ୍ରୀ ଯୁବକ ସଂଘ

**ମୋହନଗିରି,୯।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ୨ ନମ୍ବର ୱାର୍ଡର ତୁଳସା ନନ୍ଦ(୪୮)। ଆଏଜ୍‌କେ ୧୮ ଦିନ୍ ହେଲା ଘରର ପିଁଢ଼ାରୁ ପଡ଼ି ତାକର ଡେବରି ଗୋଡ଼ ଭାଂଗି ଯାଇଛେ। ଇଆଡ଼େ ତାକର ଆପ୍‌ନେ ସୀତାରାମ ନନ୍ଦ ବଛରେ ହେଲା ରାଜକୋଟରେ ଦାଦନ ଖଟୁଛନ୍। ଏନ୍‌ତାଥି ତୁଳସାକଁର ଚିକିଛା ଲାଗି ଟଁକା ପଏସାର ନିହାତି ଦରକାର ଅଛେ। ଟଁକା ପଏସା ଅଭାବୁ ସେ ଗାଁ ବଇଦନେ ଜଡିବୁଟି ଚିକିଛା କରେଇ ନିରାଶ ହେଇଛନ୍। ୧୮ ଦିନ୍ ହେଲା ସେ ଘରେ ନିସାହା ହେଇ ପଡ଼ିଥିବାର ଜାନି ଗାଁର ଓଁଶ୍ରୀ ପୂଜା କମିଟିର ଯୁବକମାନେ ସାହାଯ୍‌ର ହାତ୍ ବଢ଼େଇଛନ୍। ସେମାନେ ନିଜର ନିଜର ଭିତରେ ଟଁକା ଠୁଲେଇ ତୁଳସାକଁର ପୁଓ ରିଙ୍କୁ ନନ୍ଦକୁଁ ଦେଇ ୧୦୮ ଆମ୍ବୁଲାନ୍ସରେ ଚିକିଛା ଲାଗି ଭବାନୀପାଟଣାକେ ପଠେଇଛନ୍। ଯୁବକ ସଂଘର ଇ ମହତ୍ କାଯ୍‌କେ ଅଂଚଳବାସୀ ବଡ଼ଭାରି ପରଶଁସା କରିଛନ୍।



ଯୁବକ ସଂଘ ତରଫୁ ନିସାହା ତୁଳସାକୁଁ ସାହାଯ୍ ଟଁକା ଦିଆଯାଉଛେ।

## ୧୫ ତମ ମାଣବସା ଲକ୍ଷ୍ମୀପୂଜା ନିମନ୍ତେ କଳସ ଯାତ୍ରା

**କୋମନା,୯।୧୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନାସ୍ଥିତ ବ୍ଲକ ଛକରେ ଆୟୋଜିତ ୧୫ତମ ମାଣବସା ଲକ୍ଷ୍ମୀ ପୂଜା ପାଇଁ କୋମନା ସହର ଚଳଚଞ୍ଚଳ ହୋଇ ଉଠିଛି। ଏଥିପାଇଁ ସ୍ଥାନୀୟ ସୁନ୍ଦରୀ ନଦୀରୁ ସନ୍ଧ୍ୟାରେ ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଏକ ଶୋଭାଯାତ୍ରାରେ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଚଳିତବର୍ଷ ମା' ଲକ୍ଷ୍ମୀଙ୍କ ପୂଜା ପାଇଁ କମିଟି ପକ୍ଷରୁ ମଣ୍ଡପରେ ବିଭିନ୍ନ ସାଜସଜ୍ଜା କରିଥିବା ଦେଖିବାକୁ ମିଳିଛି। ମଣ୍ଡପରେ ଡିଜିଟାଲ ଲାଇଟ ଓ ତୋରଣ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ମଣ୍ଡପ ନିକଟରେ ସକାଳରୁ ପୁରାଣ ପାଠ ଚାଲିଛି। ସନ୍ଧ୍ୟାରେ ଦର୍ଶକଙ୍କ ମନୋରଞ୍ଜନ ସକାଶେ ପାଇକପଡାର ରାଧାକୃଷ୍ଣ ମଣ୍ଡଳୀ ପକ୍ଷରୁ ଭଜନ ସନ୍ଧ୍ୟା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଚଳିତବର୍ଷ ପୂଜାରେ କର୍ତ୍ତା ଭାବେ ଅଜୟ କୁମାର ପାଣିଗ୍ରାହୀ ଓ ସଂଯୁକ୍ତା ପାଣିଗ୍ରାହୀ ଦାୟିତ୍ୱ ତୁଲାଉଥିବା ବେଳେ ଧବଳେଶ୍ୱର ପାଣିଗ୍ରାହୀ ଓ ରାଜକିଶୋର ପୁରୋହିତ ପ୍ରମୁଖ ପୂଜାର୍ଚ୍ଚନା କରୁଛନ୍ତି। ସଭାପତି ଭାବେ ଅନୁକୁଳ ପାଣିଗ୍ରାହୀ, ଉପ ସଭାପତି ଭୁପିନ ନିଆଁଲ, ସାଧାରଣ ସମ୍ପାଦକ ରାଜେଶ ହୋତା, ସହସମ୍ପାଦକ ରାଜ କୁମାର ଗୁରୁ ଓ କୋଷାଧ୍ୟକ୍ଷ ଭାବେ ଦେବରାଜ ସାହୁ ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି ।

# ବିଦ୍ୟାଳୟ ପରିଚାଳନା କମିଟି ତାଲିମ

**ନୂଆପଡା ଅଫିସ, ୯।୧୨**

ସ୍ଥାନୀୟ ନ୍ୟାଶନାଲ ଉଚ୍ଚବିଦ୍ୟାଳୟରେ ସଦର ଆନଚଳିକ ସାଧନକେନ୍ଦ୍ର ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନଙ୍କ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଧନକେନ୍ଦ୍ର ସଂଯୋଜକ ଜିତେନ୍ଦ୍ର ଖମାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନ୍ୟାଶନାଲ ହାଇସ୍କୁଲ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁଞ୍ଜ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ସାଧନ କର୍ମୀ ଚିନ୍ମୟୀ ମିଶ୍ର ପରିଚାଳନା କମିଟି ସଦସ୍ୟାସଦସ୍ୟ, ମୀନା ମନଚର ଛାତ୍ରୀଛାତ୍ର, କ୍ୟାବିନେଟର ସଦସ୍ୟାସଦସ୍ୟମାନଙ୍କୁ ବିଦ୍ୟାଳୟ ଓ ଅଧିକାର, ଦାୟୀତ୍ୱ, ବିଦ୍ୟାଳୟ ଉନ୍ନୟନ ଯୋଜନା ପ୍ରସ୍ତୁତି, ଶିଶୁ ସୁରକ୍ଷା ଓ ଅଧିକାର, ବିଦ୍ୟାଳୟ ଭିତିଭୂମି, ଶିକ୍ଷଣ, ସହପାଠ୍ୟ କାର୍ଯ୍ୟକ୍ରମ, ଗୋଷ୍ଠୀ ଓ ଅଭିଭାବକମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ କିଶୋର କୁମାର ପରିଡା ବିଦ୍ୟାଳୟ ସାମୂହିକ ବିକାଶ ସକାଶେ କମିଟି ସଦସ୍ୟମାନଙ୍କ ସହଯୋଗର ଆବଶ୍ୟକତା ରହିଥିବା କହିଥିଲେ। ଏଥିରେ ବ୍ଲକର ୧୫ଟି ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟାସଦସ୍ୟମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।




ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀରେ ମଞ୍ଚାସୀନ ଅତିଥି ।

## ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ଧର୍ମଗଡ଼ ରାଇଜିଂ ଷ୍ଟାର ବିଜୟୀ

**ଭବାନୀପାଟଣା,୯।୧୨ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ମର୍ନିଂ ପ୍ରାକ୍ଟିସ କ୍ଲବ ପକ୍ଷରୁ ଚତୁର୍ଥ ଅଲ୍ ଓଡିଆ ଫୁଟବଲ ଟୁର୍ନାମେଣ୍ଟ ଗତ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭିକ ଖେଳ ବଲାଙ୍ଗୀର ଜରାସିଙ୍ଗା ଓ ଧର୍ମଗଡ ରାଇଜିଂଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ ରାଇଜିଂ ଷ୍ଟାର ୧-୦ ଗୋଲରେ ବିଜୟୀ ହୋଇଥିଲେ। ମନୋଜ ବିଶ୍ୱାଳ, ପି.ଭି ରାଓ, ଟୁକୁନା ସିଂ ଓ ଉପେନ୍ଦ୍ର ଶବର ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମର୍ନିଂ ପ୍ରାକ୍ଟିସ କ୍ଲବ ସଭାପତି ସନ୍ତୋଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ସମ୍ମାନିତ ଅତିଥି କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏଶନ ସଭାପତି ପ୍ରଦୀପ କୁମାର ଦାସ, ଅଶୋକ ନାଏକ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ ଉପସଭାପତି ବସନ୍ତ ଶବର ସଭା ପରିଚାଳନା କରିଥିବା ବେଳେ ସୀମାଞ୍ଚଳ ବିହାରୀ ଧନ୍ୟବାଦ ଦେଇଥିଲେ।

## ଦୁର୍ଗମ ଅଞ୍ଚଳରେ ପହଞ୍ଚିଲେ ସ୍ୱାସ୍ଥ୍ୟକର୍ମୀ

# ମ୍ୟାଲେରିଆ ନିରାକରଣ ପାଇଁ 'ଦମନ' କାର୍ଯ୍ୟକ୍ରମ

**ସିନାପାଲି, ୯।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏମଟିଏସ୍ ଦିବ୍ୟରଞ୍ଜନ ନାଏକଙ୍କ ନେତୃତ୍ୱରେ ମାଓବାଦୀପ୍ରବଣ ଦୁର୍ଗମ ଇଲାକାରେ ମ୍ୟାଲେରିଆ ନିରାକରଣ ନିମନ୍ତେ ବିଭାଗୀୟ 'ଦମନ' କାର୍ଯ୍ୟକ୍ରମ କରାଯାଉଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାଓବାଦୀପ୍ରବଣ କନ୍ଦେନଝରିଆଠାରେ ପହଞ୍ଚି 'ଦମନ' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କନ୍ଦେନଝରିଆରେ ପହଞ୍ଚିବା ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରାୟ ୭ କି.ମି. ଘଞ୍ଚ ଜଙ୍ଗଲ ପାହାଡ ଚଢି ଚାଲି ଯିବାକୁ ପଡିଥିଲା। ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ସିନାପାଲି ବ୍ଲକ ସଦର ମହକୁମାରୁ ପ୍ରାୟ ୫୫ କି.ମି. ଦୂର ମାଓବାଦୀପ୍ରବଣ ଘାଟମାଲ ପଞ୍ଚାୟତର ଦୁର୍ଗମ କନ୍ଦେନଝରିଆ ଗାଁରେ ମୌଳିକ ସୁବିଧା ସାତପସନ ପାଲଟିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଏଭଳି ଉଦ୍ୟମ ପ୍ରଶଂସନୀୟ। କନ୍ଦେନଝରିଆ ଦୁର୍ଗମ ଅପହଞ୍ଚ ତଥା ପାହାଡ ପରିବେଷ୍ଟିତ ଗାଁ ହୋଇଥିବା ବେଳେ ରାସ୍ତା ବି ନାହିଁ । ପାହାଡ ପର୍ବତ ପଥର ଡେଇଁ ବହୁ ଦୂର ପାହାଡ ଚଢିବାକୁ ପଡେ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମାଓବାଦୀପ୍ରବଣ ନଙ୍ଗଲବୋଡ ଓ ଘାଟମାଲ ପଞ୍ଚାୟତର ଧାଙ୍ଗରୀଟାଲ, ପଣ୍ଡରିପାଣି, ବେଲପାଟିପଡା, ଟଙ୍କାମାଲ, ସିନ୍ଦୁରସିଲ, ଚିତାରମା, ଜାମବାହାଲି, ନଙ୍ଗଲଘାଟ, କରାଡୁଙ୍ଗରୀ, ଡଙ୍ଗରଗାଁ ଏବଂ ଗୋର୍ଲା ପଞ୍ଚାୟତର ଅର୍ମେଲା, ମାଦଲପଖାନ ଆଦି ଗାଁଗୁଡିକରେ ଦମନ କାର୍ଯ୍ୟକ୍ରମରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ କରାଯାଉଛି। ପ୍ରଥମ ଦିନରେ କନ୍ଦେନଝରିଆଠାରେ ୩୧ ଜଣ ଲୋକଙ୍କ ରକ୍ତ ନମୁନା ପରୀକ୍ଷା କରିବା ସହିତ ସ୍ଥାନୀୟ ଗର୍ଭବତୀ, ପ୍ରସୂତୀ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଏମଟିଏସ୍ ଦିବ୍ୟରଞ୍ଜନ ନାଏକଙ୍କ ନେତୃତ୍ୱରେ ଆଇସିଡିଏସ୍ ସୁପରଭାଇଜର୍ ହୀରା ମାଝି, ବିଡିଏମ୍ ଓମପ୍ରକାଶ ସା, ସ୍ୱାସ୍ଥ୍ୟକର୍ମୀ ଜ୍ୟୋସ୍ନା ବନ୍ଦିଛୋର, ନମିତା ପୁରୋହିତ, ଆଶିଷ ସୁପକାର, ପୀତାମ୍ବର ମାଝି, ପଦ୍ମିନୀ ବାଗ ପ୍ରମୁଖଙ୍କ ସମେତ ସ୍ଥାନୀୟ ଆଶା ଓ ଅଙ୍ଗନୱାଡି କର୍ମୀ ସାମିଲ ଥିଲେ।



ଦୁର୍ଗମ ତଥା ଅପହଞ୍ଚ କନ୍ଦେନଝରିଆ ଗାଁରେ ଲୋକଙ୍କୁ ସଚେତନ କରାଯାଉଛି।

## ବିଦ୍ୟୁତ୍ ସବଷ୍ଟେଶନରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦାବି

# ଆଶାୟୀ ପ୍ରାର୍ଥୀଙ୍କ ଗଣଧାରଣା

**ସିନାପାଲି, ୯।୧୨ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଚଲନା ଓ ଟିମନପୁରଠାରେ ନବନିର୍ମିତ ବିଦ୍ୟୁତ୍ ସବଷ୍ଟେଶନରେ ସ୍ଥାନୀୟ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦାବି କରି ସୋମବାର ଆଶାୟୀ ପ୍ରାର୍ଥୀମାନେ ସିନାପାଲିସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦେଇଛନ୍ତି। ସକାଳ ପ୍ରାୟ ୮ଟାରୁ ଧାରଣା ଆରମ୍ଭ ହୋଇଥିବା ବେଳେ ସମାଧାନ ନ ହେବା ଯାଏ ଏହା ଚାଲୁ ରହିବ ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ସୋମବାର ସିନାପାଲିଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଥିବା ବେଳେ ଆନ୍ଦୋଳନକାରୀମାନେ ଆସି ଜିଲାପାଳଙ୍କୁ ମଧ ସାକ୍ଷାତ କରିବା ସହିତ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ଜଣାପଡିଛି।

ସୂଚନାଯୋଗ୍ୟ ଯେ, ସିନାପାଲି ବ୍ଲକ୍‌ସ୍ଥିତ ଚଲାନ ଓ ଟିମନପୁରଠାରେ ୱେସ୍କୋ ପକ୍ଷରୁ ୨ଟି ବିଦ୍ୟୁତ୍ ସବଷ୍ଟେଶନ ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି। ଏଠାରେ ଆବଶ୍ୟକ ପଡୁଥିବା ୪ଜଣ ଜୁନିୟର ଟେକ୍ନିସିଆନ ଓ ୩ଜଣ ହେଲପରଙ୍କ ସମେତ ମୋଟ ୭ଜଣ କର୍ମଚାରୀ ନିଯୁକ୍ତ ହେଲେ ଏଗୁଡିକ କାର୍ଯ୍ୟକ୍ଷମ ହୋଇପାରିବ। କିନ୍ତୁ ପଦବୀ ପୂରଣ ପାଇଁ ଏକ ଘରୋଇ ସଂସ୍ଥା ଜିଲା ବାହାରୁ ପ୍ରାର୍ଥୀ ଚୟନ କରି ନିଯୁକ୍ତି ଦେବା ପାଇଁ ମସୁଧା କରୁଥିବା ସ୍ଥାନୀୟ ଆଶାୟୀ ଯୋଗ୍ୟ ପ୍ରାର୍ଥୀମାନେ ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ ସିନାପାଲି ଅଞ୍ଚଳରେ ଅନେକ ତାଲିମପ୍ରାପ୍ତ ଯୋଗ୍ୟ ପ୍ରାର୍ଥୀ ଥିବା ବେଳେ ସେମାନଙ୍କୁ ଅଣଦେଖା କରାଯାଉଛି । ପ୍ରିୟାପ୍ରୀତି ତୋଷଣ ନ୍ୟାୟରେ ଅନ୍ୟ ଜିଲାର ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଯାଉଛି । ଧାରଣାକାରୀମାନଙ୍କ ସହିତ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର ଯୋଗଦେଇ ସେମାନଙ୍କ ସହ ଧାରଣାରେ ବସିଛନ୍ତି । ଗୁଣସାଗର ସା, ହୃଷିକେଶ ପଟେଲ, ଶେଖର ମେହେର, ଧନସିଂ ମାଝି, ଗଗନ ବିହାରୀ ନାଏକ, ଅଶୋକ ନିଆଲ, ଶେଷଦେବ ସା, କୁନୁ ଜଗତ ପ୍ରମୁଖଙ୍କ ସମେତ ପ୍ରାୟ ୫୦ ଜଣ ଆଶାୟୀ ପ୍ରାର୍ଥୀ ଧାରଣାରେ ବସିଛନ୍ତି ।



ସିନାପାଲି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଯୁବକମାନେ ଧାରଣାରେ ବସିଛନ୍ତି ।



ଧନ ଅର୍ଜନ କରିବାର ପିପାସା ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



## ସଂକ୍ଷେପରେ

### ମହିଳା ହିଂସା ବିରୋଧୀ ସଚେତନତା ସଭା

**ରିଷିଡା,୯।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା ଜଗନ୍ନାଥ ଡିଗ୍ରୀ କଲେଜ ପରିସରରେ ମହିଳା ହିଂସା ବିରୋଧି ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଗଦାଧର ପଧାନଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରିଷିଡା ସରପଞ୍ଚ ସରସ୍ୱତୀ ମାଝି, ଅଲିଭା ମହା ସଂଘର ଉପସଭାନେତ୍ରୀ ପୁଷ୍ପାଞ୍ଜଳି ରଣା, ଅଧାପକ ହିରୋଜ ଚାନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ।

### ବିପିୟୁଟି ଛାତ୍ର ସଂସଦ ସଭାପତିଙ୍କୁ ସମ୍ବର୍ଦ୍ଧନା

**ରିଷିଡା,୯।୧୨(ଡି.ଏନ.ଏ.):** ବିଜୁ ପଟ୍ଟନାୟକ ୟୁନିର୍ଭସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି) ଭୁବନେଶ୍ୱର ଛାତ୍ର ସଂସଦର ସଭାପତି ଭାବେ ମନୋନୀତ ହୋଇଥିବା ଅଜୟ କୁମାରଙ୍କୁ ନିଜ ଗାଁ ରିଷିଡାରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ରିଷିଡା ବାପୁଜୀ ହାଇସ୍କୁଲ ଛକରେ ସମ୍ବର୍ଦ୍ଧନା ଦିଆଯାଇ ଗାନ୍ଧୀନଗରପଡାସ୍ଥିତ ବାସ ଭବନକୁ ପାଛୋଟି ନିଆଯାଇଥିଲା। ଏଥିରେ ଶହ ଶହ ନାରୀନର ଯୋଗଦେଇଥିଲେ । ରିଷିଡା ସାମାଜିକ କର୍ମୀ ସତ୍ୟନାରାୟଣ କୁମାର ଓ ମଞ୍ଜୁଲତା କୁମାର, ପୁତ୍ର ଅଜୟଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

### ମାର୍ଚ୍ଚ ୫ରେ ରାମମନ୍ଦିର ପ୍ରତିଷ୍ଠା ମହୋତ୍ସବ

**ରିଷିଡା,୯।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡାଠାରେ ନବନିର୍ମିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆସନ୍ତା ମାର୍ଚ୍ଚ ୫ ତାରିଖରେ ଆରମ୍ଭ ହେବ । ସେଥିପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ୫ରେ କଳସ ଯାତ୍ରା, ୬ରେ ଯଜ୍ଞାରମ୍ଭ, ୭ରେ ଯଜ୍ଞକର୍ମ, ପୁଷ୍ପସ୍ନାନ, ୮ରେ ରତ୍ନ ସିଂହାସନ ପ୍ରତିଷ୍ଠା, ୯ରେ ଯଜ୍ଞ ପୂର୍ଣ୍ଣାହୂତି ହେବ । ୭ ତାରିଖରୁ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଭାପତି ଡ. କୃଷ୍ଣଚନ୍ଦ୍ର ଶାସମଲ, ଉପସଭାପତି ଅନ୍ତଯର୍ୟ୍ୟାମୀ ସାହୁ, ସମ୍ପାଦକ ପ୍ରେମାନନ୍ଦ ପାତ୍ର ଜଣାଇଛନ୍ତି ।

### ଆତ୍ମସୁରକ୍ଷା ତାଲିମ ଶିବିର

**ପଲମ,୯।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ପଞ୍ଚାୟତସ୍ଥିତ ମସ୍କୁଟି ଭୁତେଶ୍ୱର କଲେଜରେ ଯୁକ୍ତ ୩ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଶୁଭ୍ରାନ୍ତ ପଦାନଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଦୁର୍ଲ୍ଲଭ ମାହାର ଯୋଗଦାନ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହସମ୍ପାଦକ ସରୋଜ କୁମାର ରାଉତ, ମହାବିଦ୍ୟାଳୟ ଅଧାପିକା ବଜୟଲକ୍ଷ୍ମୀ ପଧାନ ଯୋଗଦାନ କରିଥିଲେ। ମାଷ୍ଟର ଟ୍ରେନର ଭାବେ କୁଶୁର୍ଲା ଅମର ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀ ରୀନା ପୁଟେଲ ତାଲିମ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମରେ ଅଧାପକ ଟୁନା ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଦେବେନ୍ଦ୍ର ସାହୁ, ଗୁଣସାଗର ସାହୁ, ଦନସନ ନାଏକ, ସଲିମ ନାଏକ, ପାର୍ଥବ ପୋଡ, ଧ୍ରୁବଚରଣ ଧଙ୍ଗଡାମାଝି ପ୍ରମୁଖ ସହଯୋଗ କରିଥିଲେ।

---

### କଡ଼ାକଡ଼ି ଭାବେ ଚାଲିଛି ନୂତନ ମୋଟରଯାନ ଆଇନ

# ଲୋକଙ୍କୁ ଘାରୁଛି ଜରିମାନା ଭୟ

**ଭବାନୀପାଟଣା,୯।୧୨ (ଡି.ଏନ.ଏ.)**

ଡିସେମ୍ବର ପହିଲାରୁ ନୂଆ ମୋଟରଯାନ ଆଇନ କଡାକଡି ଭାବେ ଲାଗୁ ହୋଇଛି । ଏହି ଆଇନ ଲାଗୁ ପରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯାଇଛି । ବର୍ତ୍ତମାନ ଗାଡି କାଗଜପତ୍ର ବ୍ୟତୀତ ହେଲମେଟ ନ ପିନ୍ଧିବା, ତିନି ଜଣ ବସିବା, ସିଟ୍ ବେଲ୍ଟ ନ ପିନ୍ଧିବା, ଦ୍ରୁତ ଗାଡି ଚାଳନା ଓ ମଦ ପିଇ କିମ୍ବା ଫୋନରେ ଗପି ଗାଡି ଚଳାଇବା ଉପରେ କଡା ନଜର ରହିଛି । ଏହି ଗାଡିମଟର ଯାଞ୍ଚରୁ ବର୍ତ୍ତିବା ପାଇଁ ହେଉ କିମ୍ବା ଜରିମାନା ଦେବା ଭୟରେ ହେଉ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଛି। ପୂର୍ବାପେକ୍ଷା ହେଲମେଟଧାରୀଙ୍କ ସଂଖ୍ୟା ବଢିଛି । ମଦ୍ୟପାନ କରି ଗାଡି ଚାଳନା ବି କିଛିକାଂଶରେ କମିଛି । ଏହାସତ୍ତ୍ୱେ ନିଜ ସୁରକ୍ଷା ପ୍ରତି ଲୋକଙ୍କ ଅବହେଳା କମିନି । କେତେକ ଲୋକେ ହେଲମେଟ ସାଥିରେ ଆଣୁଥିଲେ ମଧ୍ୟ ତାକୁ ନ ପିନ୍ଧି ଗାଡିରେ ଟାଙ୍ଗୁଥିବା ଦେଖାଯାଉଛି । ବେପରୱା ଗାଡିଚାଳନା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିଥାଏ । ଏଥିରେ ବାହୁ ଲୋକ ଜୀବନ ହରାଉଥିବା ବେଳେ ଅନେକ ଶାରୀରିକ ଭାବେ ପଙ୍ଗୁ ହୋଇପଡିଥିବା ଦେଖାଦେଉଛି। ସରକାର ଏହାକୁ କମାଇବା ପାଇଁ ନୂଆ ମଟରଯାନ ଆଇନ କରି ଲୋକଙ୍କୁ ସଚେତନ କରିବା ସହ ଦଣ୍ଡବିଧାନ କରୁଛନ୍ତି। ଏଥିସହ ନୂଆ ମୋଟରଯାନ ନିୟମ ଉପରେ ଲୋକଙ୍କୁ ସଚେତନ କରାଯାଉଛି। ଲୋକେ ଭୟରେ ହେଉ ବା ସତର୍କତା ମୂଳକ ପାଇଁ ହେଉ ପୂର୍ବ ଅପେକ୍ଷା ସଚେତନ ହେଉଥିବା ଲକ୍ଷ୍ୟ କରାଯାଉଛି । କଳାହାଣ୍ଡିରେ ମଧ୍ୟ ବ୍ୟାପକ ସଚେତନା ବୃଦ୍ଧି ପାଇଛି । ଏଥିସହ ସହର ବାହାରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କଡାକଡି କରାଯାଇଛି ବୋଲି ଆରଟିଓ ଦିନବନ୍ଧୁ ଶୁଣ୍ଢି କହିଛନ୍ତି । ଅନ୍ୟପକ୍ଷରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଉଥିଲେ ମଧ୍ୟ ଜରିମାନା ଦେବା ଭୟ ଲୋକଙ୍କୁ ଘାରୁଛି । ପ୍ରାୟ ୫୦ ପ୍ରତିଶତ ଲୋକ ହେଲମେଟ ବ୍ୟବହାର କରୁଛନ୍ତି । କିନ୍ତୁ ବିଡମ୍ବନାର ବିଷୟ ଅନେକ ଲୋକ ଯାଞ୍ଚରୁ ବର୍ତ୍ତିବା ପାଇଁ ଘରୁ ହେଲମେଟ ସାଥିରେ ଆଣୁଛନ୍ତି। ହେଲେ ସେମାନେ ପିନ୍ଧୁ ନାହାନ୍ତି । ତାକୁ ଗାଡି ହ୍ୟାଣ୍ଡଲରେ ଝୁଲାଇ ରଖୁଛନ୍ତି। ପୁଣି କୌଣସି ସ୍ଥାନରେ ଗାଡି ଯାଞ୍ଚ ହେଉଥିବା ଦେଖିଲେ ପିନ୍ଧୁଛନ୍ତି । ଫଳରେ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ ହୋଇଥିଲେ ବି ତାଙ୍କଠାରେ ଅବହେଳା ମନୋଭାବ ଯାଇନି । ଯାହାକି କୌଣସି ମୁହୂର୍ତ୍ତରେ ଦୁର୍ଘଟଣାର କାରଣ ସାଜିପାରେ । ଏଥିସହ ଗାଡି ଯାଞ୍ଚ ହେଉଥିବା ଦେଖି ସିଟ୍ ବେଲ୍ଟ ବାନ୍ଧିବା ବ୍ଲୁଟୁଥ୍ ଏବଂ ଇୟର କଡରେ ମାଧମରେ ଫୋନରେ ଗଡିବା, ତିନି ଜଣ ବସିଥିଲେ ବାଟରୁ ଓହ୍ଲାଇ ପଡିବା ଆଦି ଅବହେଳା ଏବେ ବି ଲୋକଙ୍କଠାରେ ଦେଖିବାକୁ ମିଳୁଛି । ଏସବୁ ଅବହେଳା ଦୂର ନ ହେବା ଯାଏ ନୂଆ ମୋଟର ଯାନ ନିୟମ କେବଳ କଡାକଡି କାର୍ଯ୍ୟକାରୀ ହେବ, ହେଲେ ଦୁର୍ଘଟଣା କମିବା ଆଶା କ୍ଷୀଣ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

**ଲୋକଙ୍କ ମୁହଁରୁ ....**



“ଲୋକ ଯାଞ୍ଚରୁ ବର୍ତ୍ତିବାକୁ ହେଲମେଟ ଆଣୁଛନ୍ତି। ଯେଉଁଠି ଧରପଗଡ ହେଉଥିବା ଦେଖୁଛନ୍ତି। ନ ହେଲେ ସବୁବେଳେ ଗାଡିରେ ଝୁଲୁଛି। ତେଣୁ ଅନେକ ଲୋକଙ୍କ ଗାଡି ହେଲମେଟ ପିନ୍ଧୁଥିବା ଦେଖାଯାଉଛି। ଏଥିପାଇଁ ଲୋକେ ସଚେତନ ହୁଅନ୍ତୁ।

-ଭରତ ଭୋଇ



“ଲୋକେ ସଚେତନ ହୋଇ ହେଲମେଟ୍ ପିନ୍ଧି ଗାଡିଚଳାଉଥିବା ଦେଖାଯାଉଛି। ମୁଁ ବି କିଛି ଦିନ ହେଲା ହେଲମେଟ ପିନ୍ଧି ଗାଡି ଚଳାଇବା ଆରମ୍ଭ କରିଛି। ଏଥିପ୍ରତି ବାଇକ ଚାଳକମାନଙ୍କୁ ଆହୁରି ସଚେତନତା କରାଯିବା ଆବଶ୍ୟକ।

-ଅନୁକୁଲ ସାହାଣି

---



ଜୁନାଗଡରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଜୁନାଗଡ,୯।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୧୦୭ଜଣ ଅଭିଯୋଗକାରୀ ଜିଲାପାଳଙ୍କ ସମ୍ମୁଖରେ ଅଭିଯୋଗ କରିଥିଲେ। ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲି ତାଙ୍କ ଅଭିଯୋଗକୁ ଶୁଣି ଉକ୍ତ ବିଭାଗର ଅଧିକାରୀଙ୍କୁ ଏହାର ସମାଧାନ କରିବାକୁ କହିଥିଲେ। ଏହି ଶିବିରରେ ଜିଲାପାଳଙ୍କ ସମେତ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ବି.ଗଙ୍ଗାଧର, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବନଲତା ଦେବୀ, ଜିଲା ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି.ଅଶୋକ କୁମାର, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ଜୁନାଗଡ ବ୍ଲକ ଅଧକ୍ଷା ନୂର୍ଯ୍ୟ ମାଝି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜୁନାଗଡ ବିଡିଓ ଦୁଲାରାମ ମାରଣ୍ଡି, ତହସିଲଦାର ଉପେନ୍ଦ୍ର ଲୁହା ପରିଚାଳନା କରିଥିଲେ। ଏହି ଶିବିରରେ ଜିଲାର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ଅନେକ ଲୋକ ଏହି କାର୍ଯ୍ୟକ୍ରମ ବିଷୟରେ ଜାଣିପାରି ନ ଥିଲେ। ଏପରି କି ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗଣମାଧମ ପ୍ରତିନିଧିଙ୍କୁ ମଧ୍ୟ ସୂଚନା ଦିଆଯାଇ ନ ଥିଲା। ଯାହାକୁ ନେଇ ଗଣମାଧମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

---

## ଆଜିଠାରୁ ବୋରଭଟ୍ଟାରେ ରାବଣ ଦରବାର ମହୋତ୍ସବ

**ଭବାନୀପାଟଣା, ୯।୧୨ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ବୋରଭଟ୍ଟାଠାରେ ଲକ୍ଷ୍ମୀ ପୂଜା ଉପଲକ୍ଷେ ଆସନ୍ତା ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ‘ରାବଣ ଦରବାର’ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ରାବଣ ଦରବାର ମହୋତ୍ସବ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ରବିବାର ଏ ନେଇ କମିଟି ପକ୍ଷରୁ ସଭାପତି ସତ୍ୟନାରାୟଣ ଗହିରଙ୍କ ଅଧ୍ୟକ୍ଷତାରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାବଣ ଦରବାର ପଡିଆରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ବୋର୍ଡା ଫାଣ୍ଡି ଅଧିକାରୀ ଜୟଦେବ ତାରିଣୀ ପ୍ରକାଶ କରିଛନ୍ତି। ରାବଣ ଦରବାର ମହୋତ୍ସବ ସୁପରିଚାଳନା ପାଇଁ ବିଭିନ୍ନ ସବ୍‌କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ପାଦକ ତାଣ୍ଡବ ବାଗ, ଉପଦେଷ୍ଟା କମିଟି ବାବୁଲି ବାଗ, ବସନ୍ତ ମାଝି, ଲିଙ୍ଗରାଜ ଗହିର, ଜୟରାମ ଗହିର, ଦିବ୍ୟ କୁମାରୀ କାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି ବିଭାଗ ତାଲିମ ଶିବିର ଉଦ୍‌ଯାପିତ

**କେସିଙ୍ଗା, ୯।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକସ୍ଥିତ କୃଷକ ତାଲିମ ଭବନ ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଗତ ୬ ତାରିଖଠାରୁ ଚାଲିଥିବା ୩ ଦିନିଆ ଉନ୍ନତ ଜଳ ପରିଚାଳନା ଓ କୃଷିରେ ବନ୍ଧତିଗତ ଦୃଷ୍ଟିକୋଣ ସମ୍ବନ୍ଧୀୟ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିରରେ କୃଷି ବିଭାଗର ୩୦ଜଣ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ୩ ଦିନ ଭିତରେ ଚାଷ ପାଇଁ ଉପଲବ୍ଧ ଜଳକୁ କିପରି ସୁପରିଚାଳନା କରିବା, ଜଳ ସଂରକ୍ଷଣ, ମୃତ୍ତିକା ସଂରକ୍ଷଣ, କୃଷିର ବିକାଶରେ ପ୍ରାକୃତିକ ସମ୍ପଦ ଭୂମିକା, ଜଳଚକ୍ର, ମୃତ୍ତିକା ଗଠନ ଆଦି ବିଷୟରେ ପ୍ରଶିକ୍ଷଣ ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର ଓ ସରୋଜିନୀ ମିଶ୍ର ୩ ଦିନ ଧରି ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ କେସିଙ୍ଗା ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ର ସଂଯୋଜନା କରିଥିଲେ ।



ପ୍ରଶିକ୍ଷଣ ଅଧିକାରୀ ଓ ପ୍ରଶିକ୍ଷାର୍ଥୀମାନେ ।

## ବାଇକ୍ ଡିକି ଭାଙ୍ଗି ୯ ଭରି ସୁନା ଲୁଟ, ଥାନାରେ ଅଭିଯୋଗ

**ଜୁନାଗଡ,୯।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଘୋଲିଜିବା ଛକ ନିକଟରେ ଗତ ଶନିବାର ଅରବିନ୍ଦ ସରାଫ ନାମକ ଜଣେ ସୁନାକାରିଗରଙ୍କ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତ ୯ ଭରି ସୁନା ଲୁଟି ନେଇଛନ୍ତି। ଏ ନେଇ ଅରବିନ୍ଦ ଉକ୍ତ ଦିନ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜୁନାଗଡ ବ୍ଲକ ନକଟିଗୁଡା ଗ୍ରାମର ଅରବିନ୍ଦ ଘୋଲିଜିବା ଛକଠାରେ ଏକ ସୁନାକାରିଗର ଦୋକାନ କରିଛନ୍ତି। ଗତ ଶନିବାର ଅରବିନ୍ଦ ଲୋକଙ୍କ ଗହଣା ତିଆରି କରିବା ପାଇଁ ଥିବା ୯ ତୋଳା ସୁନାକୁ ଧରି ବାଇକ୍‌ରେ ଘୋଲିଜିବା ଛକକୁ ଯାଇଥିଲେ। ସୁନା ସବୁ ବାଇକ ଡିକିରେ ରଖିଥିଲେ। ସେଠାରେ ଦୋକାନ ଖୋଲିବା ପାଇଁ ଯାଉଥିବା ବେଳେ ଦୋକାନ ସଟର ଲକରରେ କେହି ଫେବିକଲ ଦେଇ ରନ୍ଧ କରି ଦେଇଥିବା ଦେଖିବାକୁ ପାଇଥିଲେ। ସେ ଗାଡିଟିକୁ ସେଠାରେ ରଖି ସଟର ଲକରରେ ରଖିଥିବା ଫେବିକଲକୁ ଛଡାଇବା ପାଇଁ ଚେଷ୍ଟା କରିଥିଲେ। ଲକରରୁ ଫେବିକଲ ବାହାରିଯିବା ପରେ ସେ ଗାଡିର ସୁନାକୁ କାଢିବାକୁ ଯାଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ଗାଡି ଡିକି ଭାଙ୍ଗି ସବୁ ସୁନା ନେଇ ଚମ୍ପଟ ମାରଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା (ନଂ. ୩୦୮/୧୯) ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

---



ଫ୍ରେଣ୍ଡ୍‌ସ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳିମାନେ ।

### ସପ୍ତମ ଫ୍ରେଣ୍ଡସ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିବସ

## ସେର୍‌ସା, ଅଶୋକ ଏକାଦଶ ବିଜୟୀ

**ଭବାନୀପାଟଣା,୯।୧୨ (ଡି.ଏନ.ଏ.)**

ଭବାନୀପାଟଣା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ସ୍ୱାମୀ ବିବେକାନନ୍ଦ ଫ୍ରେଣ୍ଡସ ଆସୋସିଏଶନ ପକ୍ଷରୁ ସପ୍ତମ ପ୍ରିମିୟର ଲିଗ୍ ଗତ ରବିବାର ଉଦଘାଟିତ ହୋଇଯାଇଛି। ସୋମବାର ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ ଜୁନାଗଡର ସେର୍‌ସା ବନାମ ଜିସିସି ଭବାନୀପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିସିସି ଦଳ ଟସ୍ ଜିଣି ପ୍ରଥମେ ଫିଲଣ୍ଡିଂ କରିବା ନିଷ୍ପତ୍ତି ନେଇଥିଲା। ସେର୍‌ସା ଜୁନାଗଡ ୧୫ ଓଭରରେ ୯ ଉଇକେଟ୍ ହରାଇ ୨୨୦ ରନ୍ କରିଥିଲା। ଜବାବରେ ଜିସିସି ୮ ଉଇକେଟ୍ ବିନିମୟରେ ୧୬୨ ରନ୍ କରିଥିଲେ। ଫଳରେ ସେର୍‌ସା ଜୁନାଗଡ ୬୮ ରନ୍‌ରେ ବିଜୟ ହାସଲ କରିଥିଲେ। ଖେଳରେ ଭୁଜବଳ ବାଗଙ୍କୁ ମେନ୍‌ଅଫ୍ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାବେ ରମେଶ ସାହୁ ଓ ଧିରେନ ଗୋପାଲ, ସ୍କୋରର୍ ଭାବେ ବିକ୍ରମ କିଶୋର ସାହୁ ଓ ସିପୁନ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରଥମ ଖେଳରେ ନର୍ଲା ଅନ୍ୟତମ ଯୁବନେତା ସମୀର ଚାନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ମ୍ୟାଚ୍ ଭବାନୀପାଟଣାର ଅଶୋକ ଏକାଦଶ ବନାମ ଏସିସି ଭବାନୀପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣାର ଅଶୋକ ଏକାଦଶ ଟସ୍‌ଜିଣି ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ୍ ହରାଇ ୧୩୪ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳ ଏସିସି ଭବାନୀପାଟଣା ୧୫ ଓଭର ୪ ଉଇକେଟ୍ ହରାଇ ୧୨୭ ରନ୍ କରିଥିଲେ । ଫଳରେ ଅଶୋକ ଏକାଦଶ ଦଳ ୭ ରନ୍‌ରେ ମ୍ୟାଚ୍ ଜିତିଯାଇଥିଲା। ଏହି ମ୍ୟାଚ୍‌ରେ ଅମ୍ପାୟାର ଭାବେ ତେଜେଶ୍ୱର ଆଚାରୀ ଓ ହେମନ୍ତ ନାଏକ ଖେଳ ପରିଚାଳନା କରିଥିଲା ବେଳେ ସ୍କୋରର ଆଶିଷ ଓ ଶିପୁନ୍ ପ୍ରଧାନ ଧାରା ବିବରଣୀର ଦାୟିତ୍ୱ ସମ୍ପାଦନ କରିଥିଲେ।

ଖେଳରେ ମୁକେଶ ରାଉତ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଖେଳରେ ଅତିଥି ଭାବେ ରବି ନାରାୟଣ ପରିଡା, ଅବଦୁଲ ଅଜିଜ ଖାନ, ଶରତଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରବିବାର ପ୍ରଥମ ମ୍ୟାଚ ଭବାନୀପାଟଣା ରାଜା ଇଲେଭେନ ଓ କେସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେସିଙ୍ଗା ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ୍ ବିନିମୟରେ ୧୩୧ ରନ୍ କରିଥିଲା। ଏହାର ଜବାବରେ ରାଜା ଇଲେଭେନ ଦଳ ୧୦.୪ ଓଭରରେ ୩ ଉଇକେଟ ବିନିମୟରେ ୧୩୪ ରନ୍ କରି ବିଜୟୀ ହୋଇଥିଲେ। ରାଜା ଇଲେଭେନର ପ୍ରେମାନନ୍ଦ ଚନ୍ଦନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଖେଳ ଭବାନୀପାଟଣା ଫ୍ରେଣ୍ଡସ କ୍ଲବ ଓ ସରଧାପୁର ସୁପରକିଙ୍ଗ ମଧ୍ୟରେ ହୋଇଥିଲା। ସୁପରକିଙ୍ଗ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୪ ଉଇକେଟ ବିନିମୟରେ ୨୨୦ ରନ୍ କରିଥିଲା। ଜବାବରେ ଫ୍ରେଣ୍ଡସ କ୍ଲବ ଦଳ ୧୫ ଓଭରରେ ୮ ଉଇକେଟ ହରାଇ ୧୬୦ ରନ୍ କରିବାରେ ସକ୍ଷମ ହୋଇଥିଲା। ଫଳରେ ସୁପରକିଙ୍ଗ ଦଳ ୬୦ ରନରେ ବିଜୟୀ ହୋଇଥିଲା। କିଷନ ମାଝି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

---

### ଗାଁଗଁଲିରେ ବଢୁଛେ ବେକାରି ସମସିଆ

# ରାଏଜ୍ ବାହାରକେ ଛୁଟୁଛେ ଦାଦନ ସୁଅ

**ଭବାନୀପାଟଣା, ୯।୧୨ (ଡି.ଏନ୍.ଏ.)**

- ଗାଁ ଗାଁରେ ମାତିଛନ୍ ଦାଦନ ସରଦାର
- ଝନ୍ ପିଛା ୫, ୨ ଝନ୍‌କେ ୧୦ ହଜାର ବଏନା
- ସମସିଆର ସମାଧାନ କରବାରେ ପରଶାନ ବିଫଲ

ଆଏଜକାଲି ଯୁଗେ କଲ୍‌କାରଖାନାର ବହୁତ୍ ଗୁରୁତ୍ ରହିଛେ। ଅନେକ ଜାଗାରେ କଲ୍ କାରଖାନାରେ ଥାନୀଅ ଲୋକ୍ କାମ୍ କରି ନିଜର କୁଟୁମ ପୁଷୁଛନ୍। ହେଲେ କଲାହାଣ୍ଡି ଜିଲାରେ ଇତାର ଉଲଟିଆ ଦେଖିବାକେ ମିଲୁଛେ। କଲାହାଣ୍ଡି ଜିଲାରେ ଥିବାର ଅନେକ କଲ୍‌କାରଖାନାରେ ବଡ଼ଭାଗି ବାହାରିଆ ଲୋକ୍ କାମ୍ କରୁଥିଲାବେଲେ ଥାନୀଅ ଲୋକ କାମ୍‌ଧଁଦା ଅଭାବୁ ବେକାରି ରହୁଛନ୍। ଏନ୍‌ତାଥି ଜିଲାର ଅନେକ ଶ୍ରମିକ ଶ୍ରେଣୀର ଲୋକ୍ କାମ୍‌ଧଁଦା ଅଭାବୁ ପେଟପାଟନାର ଲାଗି ବୁରୁଧ୍ ମା’ବାପ୍, ଛୁଆପିଲାକୁ ଛାଡ଼ି ରାଏଜ୍ ବାହାରକେ ଦାଦନ ଖଟି ଯାଉଛନ୍। ସେଠାନେ ନାନା ପରକାର ଅତିଆଚାରର ଶିକାର ହେଉଛନ୍। କେତେ ଅଦରବା ହେଇ ଗାଁକେ ଫିରୁଥିଲାବେଲେ ଆରକେତେ ଶ୍ରମିକ୍‌କର ଶବ ଫିରୁଛେ। ଇଆଡ଼େ ଧାନ୍ ଅମଲ ସରି ସରି ଆଏଲାବେଲେ ଦାଦନ ସରଦାରମାନେ ଗାଁ ଗାଁ ବୁଲି ଶ୍ରମିକମାନକୁ ବଏନା ଦେଇ ଇଟା ଗଢ଼ବାର ଲାଗି ଆନ୍ଧ୍ରପ୍ରଦେଶ ଚାଲାନ କରୁଥିବାର ଅଭିଯୋଗ ହେଉଛେ। ଦଲାଲମାନେ ଶ୍ରମିକ ପିଛା ୫ ହଜାର ଆର ପରିବାରର ଦୁଇଝନ୍ ଗଲେ ୧୦ରୁ ୧୫ ହଜାର ଟଁକା ବଏନା ଦେଉଥିବାର ଜନାଯାଇଛେ। ଶ୍ରମିକ ଚାଲାନ ଉପରେ ସରକାର କଡ଼ା ପଦକ୍ଷେପ ନେଉଥିଲେ ବି କଲାହାଣ୍ଡି ଜିଲାରେ ସମସିଆଟା ଦିନୁଦିନ୍‌କେ ବଢ଼ତେଲ ଯାଉଛେ। ଦିନାକେତେ ହେଲା ଅଂଚଲରୁ ବେଆଇନ ଭାବେ ବାହାର ରାଏଜ୍‌କେ ଶହ ଶହ ଶ୍ରମିକ ଚାଲାନ ହେଉଥିଲେ ବି ପୁଲିସ ଆର ଶ୍ରମ ବିଭାଗ ପାସେ ଇତାର ଖବର ନାଁଇଁ। ଇଆଡ଼େ ଘରର କମାନିଆଁ ଲୋକ୍ ଦାଦନ ଯାଇ କେତେବେଲେ ଅଦରବା ହେଇ ଫିରୁଛେ ତ ଆରକେତେବେଲେ କାହାର ଶବ ଫିରୁଛେ। ଏନ୍‌ତାଥି ପରିବାର ଲୋକ୍ କମାନିଆଁ ଲୋକ୍‌କେ ହରେଇ ଦୁରଦିନରେ ଗତି କରୁଛନ୍। ସରକାରୀ ହିସାବେ ନାଁ ଦରଜ୍ ହେଇଥିବାର ଶ୍ରମିକମାନେ ବାହାର ରାଏଜ୍‌କେ କାମ୍‌କରି ଯିବାର ନିୟମ ରହିଥିଲାବେଲେ ସରଦାରମାନେ ବେଆଇନ୍ ଭାବେ ଅଂଚଲରୁ ଶ୍ରମିକ ଚାଲାନ କରୁଛନ୍। ଇଥିରଲାଗି ଅନେକ ସମିଆରେ ଦାଦନ ଶ୍ରମିକ ମରିହଜି ଗଲେ ତାକର ପରିବାର ସରକାରୀ ସାହାଯ୍ ନାଇଁ ପାଏବାର। ଇଆଡ଼େ ଅଂଚଲରେ କାମ୍‌ଧଁଦା ଅଭାବୁ ଫିବଛର ଜିଲାର ଅନେକ ଗାଁଗଁଡ଼ାରୁ ହଜାର ହଜାର ଶ୍ରମିକ ଦଲାଲ ଜରିଆରେ ବାହାର ରାଏଜ୍‌କେ ଦାଦନ ଖଟିଯାଉଛନ୍। ହେଲେ ଦାଦନ ଚାଲାନ ଉପରେ ଲଗାମ୍ କସବାରେ ପରଶାସନ ଫେଲମାରିଛେ। ରାଏଜ୍ ସରକାର ଦାଦନ ସମସିଆ ଉପରେ ଲଗାମ୍ କସବାକେ ହେଲେ ପହେଲା ଜିଲାରେ କାଯ୍ କରୁଥିବାର କଲ୍‌କାରଖାନାରେ ଥାନୀଅ ଲୁକ୍‌କୁ ରୁଜଗାର ଦେବାକେ ପଡ଼ବା ବଲି ବୁଧିଜୀବୀ ମହଲରେ ଦାବି ହେଉଛେ। ଇ ବାବ୍‌ଦେ ଡିଏଲ୍‌ଓ ମହେଶ୍ୱର ନାୟକଙ୍କୁ ପଚରାଲାରୁ ମୋର ପାସେକେ ଏନ୍‌ତା କିଛି ଅଭିଯୋଗ ନାଇଁ ଆସି ହେଲେ ଘଟନାର ଉପରେ ନଜର ରଖାଯିବା ବଲି ସେ କହିଛନ୍।

---

## ରାଜ୍ୟସ୍ତରୀୟ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ବୈଠକ

**ଭବାନୀପାଟଣା, ୯।୧୨ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପଠାରେ ରବିବାର ଓଡିଶା ସରକାରୀ ହାଇସ୍କୁଲ ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୧୩ ବ୍ୟାଚ୍‌ର ନିୟମିତ ପ୍ରକ୍ରିୟାକୁ ସରଳ ଭାବରେ ସମ୍ପାଦନା କରିବା ପାଇଁ ଆଲୋଚନା କରାଯାଇଥିଲା। ଏହାସହ ୨୦୧୩ ବ୍ୟାଚ୍ ପାଇଁ ଏକ କମିଟି ଗଠନ କରାଯାଇଥିଲା। ସେହିପରି ଜିଆଇଏସ୍, ୧୫ଟି ସିଏଲ୍ ଛୁଟି, ଏସ୍‌ଏସ୍‌ଟିଇଟି, ଉଚ୍ଛେଦ, ହିନ୍ଦୀ, ସଂସ୍କୃତ ଓ କ୍ରୀଡା ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହିତ ରାଜ୍ୟ ସଂଘ ଆଗାମୀ ଦିନରେ କାର୍ଯ୍ୟପନ୍ଥା ସ୍ଥିରିକୃତ ହୋଇଥିଲା। ବୈଠକରେ ଅତିଥି ଭାବେ ରାଜ୍ୟ ସଂଘ ସଭାପତି ଶୁଭ୍ରଜିତ ପ୍ରତିହାରୀ, କାର୍ଯ୍ୟକାରୀ ସଭାପତି ଦେବାଶିଷ ନାଏକ, ଉପସଭାପତି ସୋମ୍ୟ ରଞ୍ଜନ ପ୍ରଧାନ, ସୋମ୍ୟ ରଞ୍ଜନ ମଲ୍ଲିକ, ବିଶ୍ୱଜିତ ବିଶ୍ୱାଳ, କୋଷାଧକ୍ଷ କହ୍ନେଇ କିଷାନ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡି ଜିଲା ସଂଘ ସଭାପତି ଅଜୟ କୁମାର ସାହୁ ସଭାପରିଚାଳନା କରିଥିଲେ। ଜିଲା ସମ୍ପାଦକ ଅକ୍ଷୟ କୁମାର ସତନାମୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଠକରେ ଓଡିଶାର ପ୍ରାୟ ୨୭ଟି ଜିଲାର ପ୍ରତିନିଧି ଯୋଗଦେଇ ସମସ୍ତ ବିଷୟ ଆଲୋଚନା କରିବା ସହ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ରୁକ୍ଷଦେବ ମାଝି, ସୁବାଷ ଚନ୍ଦ୍ର ତାଣ୍ଡି ସହଯୋଗ କରିଥିଲେ। ସଂଘର ସକ୍ରିୟ ହିମାଂଶୁ ଶେଖର ପଣ୍ଡା ଧନ୍ୟବାଦ ଦେଇଥିଲେ।



ଭବାନୀପାଟଣାରେ ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘର ବୈଠକରେ ଯୋଗଦେଇଥିବା ଶିକ୍ଷକମାନେ ।



ଉପକାର କରି କୌଣସି ଆଶା ରଖିବା ନିଜର ସତ୍‌କର୍ମ ଉପରେ ଆଞ୍ଚ ଆଣିବା ଛଡ଼ା ଅନ୍ୟ କିଛି ନୁହେଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଚିଟ୍‌ଫଣ୍ଡଠାରୁ ଦୂରେଇ ରହିବାକୁ ସଚେତନତା

**ଖପ୍ରାଖୋଲ, ୯।୧୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ ବୁଢ଼ିବାହାଲ ପ୍ରହରି ମଣ୍ଡପଠାରେ ପ୍ରତିଭୁତି ଓ ବିନିମୟ ବୋର୍ଡ ଭାରତ ସରକାର ତରଫରୁ ବିତ୍ତୀୟ ଶିକ୍ଷା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜଳଛାୟା ପ୍ରକଳ୍ପ ସଭାପତି ଶୋଭାକର ଖର୍ସେଲ ଅଧ୍ୟକ୍ଷତା କରିଥିଲେ। ବିଶ୍ୱଜିତ ନନ୍ଦ, ଜଳଛାୟା ମିଶନ କର୍ମଚାରୀ ଶେଷଦେବ ମେହେର କର୍ମଶାଳାରେ ଯୋଗଦେଇ ଆର୍ଥିକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଚିଟଫଣ୍ଡଠାରୁ ଦୂରେଇ ରହି ସରକାରୀ ବ୍ୟାଙ୍କ ଓ ଡାକ ଘରେ ସଞ୍ଚୟ ଖାତା ଖୋଲି ଟଙ୍କା ଜମା କରିବାକୁ ବୁଝାଇଥିଲେ । ଏହି ଅବସରରେ ଚତୁର୍ଭୁଜ ସାହୁ, ସୌଦା ପୁଟେଲ, ବାସୁଦେବ ପାଣ୍ଡେ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ ।



### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୯।୧୨:** ବଲାଙ୍ଗୀର ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତ ଅନ୍ତର୍ଗତ ବୁରୋଭାଡି ଗ୍ରାମ ନିବାସୀ ମାଲା ପଧାନ (୯୫)ଙ୍କ ପରଲୋକ ଘଟିଛି । ସେ ଜଣେ ଧର୍ମପ୍ରାଣା ମହିଳା ଭାବେେ ପରିଚିତ ଥିଲେ । ମୃତ୍ୟୁ ସମୟରେ ଚାରିପୁଅ ସାଧୁ, ରାଧେ, କୃଷ୍ଣ, ନରୋତ୍ତମ, ଝିଅ ଗୋଲାପୀ, କୁନ୍ତୀ, ଚାରି ବୋହୂ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବହୁ ଗ୍ରାମବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି ଓ ବଡପୁଅ ସାଧୁ ମୁଖାଗ୍ନି ଦେଇଛନ୍ତି ।

---

କଲେଜ ରାସ୍ତା ଅନୁଦାନ ପରିବର୍ତ୍ତନ ପ୍ରସଙ୍ଗ

# ଛାତ୍ରଙ୍କ ବିକ୍ଷୋଭ, ଦାବିପତ୍ର ପ୍ରଦାନ

**ଲୋଇସିଂହା, ୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ମୁଖ୍ୟରାସ୍ତା କଂକ୍ରିଟକରଣ ପାଇଁ ପଶ୍ଚିମ ଓଡିଆ ବିକାଶ ପରିଷଦ ପାଣ୍ଠିରୁ ୫ ଲକ୍ଷ ବ୍ୟୟବରାଦ ହୋଇଛି। ଉକ୍ତ ଅନୁଦାନ ଅନ୍ୟତ୍ର ପରିବର୍ତ୍ତନ ପାଇଁ ବିଧାୟକ ମୁକେଶ ମହାଲିଙ୍ଗ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କୁ ଗତ ୬ ନଭେମ୍ବରେ ଚିଠି ମାଧ୍ୟମରେ ଜଣାଇଛନ୍ତି। ଉକ୍ତ ଚିଠି ଲୋକଲୋଚନକୁ ଆସିଲା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପାଇଛି । ସୋମବାର ଲୋଇସିଂହା କଲେଜ ଛାତ୍ର ସଂସଦ ସଭାପତି ଅଜିତ ବେହେରାଙ୍କ ନେତୃତ୍ୱରେ ବହୁସଂଖ୍ୟକ ଛାତ୍ର ବ୍ଲକ କାର୍ଯ୍ୟାଳକୁ ଯାଇ ପ୍ରତିବାଦ କରିଥିଲେ। ବିଧାୟକଙ୍କ ସୁପାରିଶ ପତ୍ରକୁ ଖାରଜ କରି ପୂର୍ବ ଅନୁମୋଦିତ ଅନୁଦାନରେ କାର୍ଯ୍ୟ ସମାପନ କରିବାକୁ ଲୋଇସିଂହା ମହାବିଦ୍ୟାଳୟ ଛାତ୍ର ସଂଦଦ ପକ୍ଷରୁ ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଜରିଆରେ



ଛାତ୍ରମାନେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ସହ ଆଲୋଚନା କରୁଛନ୍ତି।

ବିକାଶ ପରିଷଦ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଗ୍ରହଣ ଅବଦସରରେ ବିଡିଓ ଖାଡିଆ କହିଛନ୍ତି ଯେ, ଅନୁମୋଦିତ ଟଙ୍କା ସ୍ଥାନାନ୍ତର ପୂର୍ବରୁ ଫିଜିବିଲିଟି ରିପୋର୍ଟ ପାଇଁ ଆମ ପାଖକୁ ଚିଠି ଆସିବ। ବ୍ଲକ ତରଫରୁ କ୍ଲିୟରାନ୍ସ ଦେଲାପରେ ତାହା ସମ୍ଭବ ବୋଲି କହିଥିଲେ । ପ୍ରକାଶ ଯେ, ପଶ୍ଚିମ ଓଡିଶା ବିକାଶ ପରିଷଦ ୫୨୭୭/ ତା ୨୯।୯।୨୦୧୯ରିଖ ଅନୁଯାୟୀ ଜାତୀୟ ରାଜପଥ ୨୬ରୁ ଲୋଇସିଂହା କଲେଜ ରାସ୍ତା ସମେତ କେତେକ ପ୍ରକଳ୍ପ ପାଇଁ ଅନୁଦାନ ଯୋଗାଇଛନ୍ତି। ହେଲେ ଭାଲିଆମୁଣ୍ଡା ଗ୍ରାମ୍ୟ ରାସ୍ତା ଉନ୍ନତୀକରଣ, ବୁର୍ଡା ମାଉସୀ ମା'ମନ୍ଦିର ଓ ହୀରାପୁର କଲ୍ୟାଣ ମଣ୍ଡପର ଆବଶ୍ୟକତା ଥିବାରୁ ଉକ୍ତ ଅନୁମାଦିତ ଅନୁଦାନ ପରିବର୍ତ୍ତନ କରିବାକୁ ବିଧାୟକ ପତ୍ର ମାଧ୍ୟମରେ ବିକାଶ ପରିଷଦ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଉକ୍ତ ପତ୍ର ଲୋକଲୋଚନାକୁ ଆସିବା ପରେ ଗତ ଶୁକ୍ରବାର କେତେକ ସଚେତନ ଯୁବକ ବିଡିଓଙ୍କୁ ସାକ୍ଷାତ କରି ଘଟଣାର ସତ୍ୟାସତ୍ୟ ଜାଣିବାକୁ ଚାହିଁଥିଲେ। ବିଜେଡି ନେତା ତଥା ପୂର୍ବତନ ଜିଲାପରିଷଦ ସଭ୍ୟ ଅଶୋକ କୁମାର ବେହେରା, କୁନା ଭୋଇ, ଶେଷ ପାଢ଼ି, ଟିକେଲାଲ ସରାଫ, କଂଗ୍ରେସ ନେତା ଅରବିନ୍ଦ ସାହୁ, ଲାଲମନ ନାଗ ପ୍ରମୁଖ ଛାତ୍ରଙ୍କ ପ୍ରତିବାଦକୁ ସମର୍ଥନ କରିଛନ୍ତି। ଦାବିପତ୍ର ପ୍ରଦାନ ପରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

### ଯୋଗ ପ୍ରଶିକ୍ଷଣ ଶିବିର

**ଟିକ୍ରାପଡା, ୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ପଞ୍ଚାୟତ ଦେଓଗାଁ ଗୁରୁକୁଳ ସପ୍ତର୍ଷି ସେବାଶ୍ରମ ଦୟାନନ୍ଦ ବିହାର ପରିସରରେ ତିନିଦିନ ଧରି ଅନୁଷ୍ଠିତ ଯୋଗ ପ୍ରଶିକ୍ଷଣ ଶିବିର ସମ୍ପନ୍ନ ହୋଇଛି। ଜାତୀୟସ୍ତରରେ ଖ୍ୟାତିପ୍ରାପ୍ତ ଯୋଗ ପ୍ରଶିକ୍ଷକ ଯୋଗାଚାର୍ଯ୍ୟ ଡ. ହରିଭାଇ ଆର୍ଯ୍ୟନ୍ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।ସେବାଶ୍ରମ ସଂସ୍ଥାପକ ପଣ୍ଡିତ ସହଦେବ ଶାସ୍ତ୍ରୀ ଏଥିରେ ଅଧକ୍ଷତା କରିଥିଲେ। ଉଦ୍‌ଯାପନୀ ସଭାରେ ଆଇନଜୀବୀ ଗୌରଚନ୍ଦ୍ର ରାଜପଲିଆ ସଭା ସଂଯୋଜନା କରିଥିଲେ । ସଭା ପ୍ରାରମ୍ଭରେ ସେବାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଯୋଗାସନ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେବାଶ୍ରମ ଦ୍ୱାରା ଅଞ୍ଚଳରେ ଯୋଗର ପ୍ରଚାର ପ୍ରସାର ନେଇ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ପ୍ରଶଂସନୀୟ ବୋଲି ହରିଭାଇ ପ୍ରକାଶ କରିଥିଲେ। ଆଖପାଖ ଗ୍ରାମରୁ ଶତାଧିକ ବ୍ୟକ୍ତି ଶିବିରରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।

## ହରିଶଙ୍କରରେ ବିଜେଡି କର୍ମୀ ସମ୍ମିଳନୀ

**ଖପ୍ରାଖୋଲ, ୯।୧୨ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ରଜାବଙ୍ଗଳାଠାରେ ବିଜୁ ଜନତା ଦଳର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସତ୍ୟନାରାୟଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗଦେଇଥିଲେ। ସଂଗଠନକୁ ମଜଭୁତ୍ କରିବା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ପଞ୍ଚୁଦେବ ସାହୁ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ମେହେର, ପବିତ୍ର ପଟେଲ, ନରେନ୍ଦ୍ର ଭୋଇ, ମୋହନ ସୁନା, ପିଣ୍ଟୁ ପାଣିଗ୍ରାହୀ, ଶୋଭନମୟ ମିଶ୍ର, ପ୍ରଦୀପ ବାଗ, ରମେଶ ପଧାନ, ଗୋପାଲ ପଧାନ, ଦିଲୀପ କୁମାର ମେହେର, ଗୁଲୁ ପଧାନ ପ୍ରମୁଖ ଶତାଧିକ ସକ୍ରିୟ କର୍ମୀ ଯୋଗଦେଇଥିଲେ ।



କର୍ମୀ ସମ୍ମିଳନୀରେ ଯୋଗ ଦେଇଥିବା ବିଜେଡି କର୍ମୀ ।

### ୫୬ ସେଟ୍ ଶ୍ରୀମଦ ଭାଗବତ, କୁଣ୍ଡଳୀ ପ୍ରଦାନ

**ବେଲପଡା, ୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ବେଲପଡା ଶାଖା ତରଫରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ସଂକୀର୍ତ୍ତନ, ସତ୍‌ସଙ୍ଗ ମଣ୍ଡଳୀ ଓ ମନ୍ଦିରକୁ ଭାଗବତ ସେଟ(ପୁସ୍ତିକା) ଓ ବ୍ୟକ୍ତିବିଶେଷଙ୍କୁ କୁଣ୍ଡଳି ପ୍ରଦାନ କରାଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଲପଡା ବିଡିଓ ଭିକ୍ଟର ସୋରେଙ୍ଗ, ଏବିଡିଓ ରାମବିଳାସ ମଙ୍ଗରାଜ, ବ୍ଲକ ଅଧ୍ୟକ୍ଷା ବୈଜୟନ୍ତୀ ପାଣିଗ୍ରାହୀ, ଉପାଧ୍ୟକ୍ଷ ରୁକ୍ମଣି ସୁନା ଯୋଗଦେଇଥିଲେ । ପଣ୍ଡିତ କୈଳାସ ପାଢୀ, ପଣ୍ଡିତ ଲକ୍ଷ୍ମୀକାନ୍ତ ମିଶ୍ର, ପଣ୍ଡିତ ଶ୍ୟାମ ସୁନ୍ଦର ପଣ୍ଡା ବ୍ଲକର ବିଭିନ୍ନ ଧାର୍ମିକ ଅନୁଷ୍ଠାନକୁ ୫୬ଟି ଶ୍ରୀମଦ୍ ଭାଗବତ ସେଟ ପ୍ରଦାନ କରିଥିଲେ। ଅନୁଷ୍ଠାନ ଦ୍ୱାରା ପୂର୍ବରୁ ଚିହ୍ନଟ କରାଯାଇଥିବା ବ୍ଲକ ଅଞ୍ଚଳର ଶ୍ରେଷ୍ଠ ସଂକୀର୍ତ୍ତନ ବାୟକ, ଗାୟକ, ପାଲା ଗାୟକ, ବାୟକ, ଭାଗବତ ଗାୟକଙ୍କୁ ସେବା ବିକାଶ ସମ୍ପାଦକ ତଥା ପାଲା ଗାୟକ ରଣରାଜ ବୁଡେକ ୬୦ଟି କୁଣ୍ଡଳି ପ୍ରଦାନ କରିଥିଲେ। ସଂଗଠନର ବେଲପଡା ଶାଖା ସଭାପତି ନରେନ୍ଦ୍ର ମେହେର, ସମ୍ପାଦକ ହଜାରୀ ମେହେର, ଜବାହରଲାଲା ସାହୁ, ଚିକେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଭବ୍ୟ ସ୍ୱାଗତ



ସୁନାମୁଦିରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ୱାଗତ କରାଯାଉଛି।

**ଖପ୍ରାଖୋଲ, ୯।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସୁନାମୁଦି ଉପସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇଙ୍କୁ ସୋମବାର ନିଜ କର୍ମସ୍ଥଳୀ ସୁନାମୁଦି ଗାଁରେ ଭବ୍ୟ ସ୍ୱାଗତ ଦିଆଯାଇଛି। ଏହି ଅବସରରେ ଗାଁରେ ଏକ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ଚୂଡାମଣି ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମିତି ସଭ୍ୟା ଜୟନ୍ତୀ ଭୋଇ, ସିଆରସିସି ଡମ୍ବରୁଧର ନାଗ, ରଞ୍ଜନ ପଟ୍ଟନାୟକ, ଅଭୟ ତ୍ରିପାଠୀ, ସବିତା ଭୋଇ, ରଙ୍କମଣି ଯୋଶୀ, ପରମାନନ୍ଦ ସୁନା, ଜଗତସିଂ ହଂସ, ସଦାନନ୍ଦ ବେହେରା ପ୍ରମୁଖ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସଫଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ସଫଳତା ପାଇଁ ମମତା ସିଡିଏମଓ ଡା. ଦୈତାରୀ ସାହୁ, ସମସ୍ତ ମେଡିକାଲ ଅଫିସରଙ୍କ ସମେତ ନିଜ ଉପକେନ୍ଦ୍ର ଅଧିନର ଆଶା, ଅଙ୍ଗନଓାଡି କର୍ମୀ ଓ ଜନସାଧାରଣଙ୍କୁ ଶ୍ରେୟ ଦେଇଛନ୍ତି। ନିଜ ସ୍ୱାମୀ ନୀଳକାନ୍ତ ମାଝୀ ତାଙ୍କୁ କର୍ତ୍ତବ୍ୟ ସମ୍ପାଦନରେ ସହଯୋଗ କରିଥିବାରୁ ତାଙ୍କୁ ମଧ କୃତଜ୍ଞତା ଜଣାଇଛନ୍ତି। ଅପରାହ୍ନରେ ପାଟଣାଗଡ ବିଧାୟକ ସରୋଜ ମେହେର ସୁନାମୁଦି ଗାଁରେ ପହଞ୍ଚି ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶ ଯେ, ଗତ ୧୦ ବର୍ଷ ଧରି ମହିଳା ସ୍ୱାସ୍ଥ୍ୟ କର୍ମୀ ଭୋଇ ସୁନାମଦି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ କାର୍ଯ୍ୟ କରି ଆସୁଛନ୍ତି। ୬୩୦ରୁ ଅଧିକ ମହିଳାଙ୍କୁ ସୁରକ୍ଷିତ ପ୍ରସବ ନିଜ ଉପକେନ୍ଦ୍ରରେ କରାଇ ପାରିଛନ୍ତି। ସେହିପରି ୧୫ ଶହରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଠିକ୍ ସମୟରେ ପ୍ରତିଶେଧକ ଟୀକା ଦେବାରେ ସଫଳ ହୋଇ ଶିଶୁ ଓ ମାତୃ ମୃତ୍ୟୁହାର ରୋକିବାରେ ସାରା ରାଜ୍ୟରେ କୃତିତ୍ୱ ଲାଭ କରିପାରିଛନ୍ତି। ଏଥିପାଇଁ ତାଙ୍କୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଫ୍ଲୋରେନ୍ସ ନାଇଟିଙ୍ଗଲ ପୁରସ୍କାର ପାଇଁ ବଛାଯାଇଛି । ଗତ ୫ ତାରିଖ ଓଡିଶାରୁ ଜଣେ ମାତ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ହିସାବରେ ମମତା ଭୋଇଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଫ୍ଲୋରେନ୍ସ ନାଇଟଙ୍ଗଲ ପୁରସ୍କାରରେ ସମ୍ବର୍ଦ୍ଧିତ କରିଥିଲେ ।

## କରଣ ସମାଜର ବାର୍ଷିକ ଅଧିବେଶନ ପ୍ରସ୍ତୁତି

**ବଲାଙ୍ଗୀର ଅଫିସ, ୯।୧୨**

ବଲାଙ୍ଗୀର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ଆନୁକୂଲ୍ୟରେ କରଣ ସମାଜର ବାର୍ଷିକ ଅଧିବେଶନ ଓ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅମଲା ଭବନଠାରେ ଅନୁଷ୍ଠିତ ହୋଇଛି । ସମିତି ସଭାପତି ଅସୀମ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ ଆଲୋଚନା ହୋଇଥିଲା । ଆକାମୀ ୧୫ତାରିଖ ବଲାଙ୍ଗୀର ଟାଉନ ହଲଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟଅତିଥିଭାବେ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବକିଶୋର ଦାସ, ମୁଖ୍ୟବକ୍ତା ଲୋକ ପ୍ରଶାସନ ସଂସ୍ଥା ନୂଆଦିଲ୍ଲୀର ବରିଷ୍ଠ ଅଧାପକ ସୁଜିତ କୁମାର ପୃଷେଠ୍ ଏବଂ ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ କାୟସ୍ଥ ମହାସଭା କାର୍ଯ୍ୟକାରୀ ସଦସ୍ୟ ବିକ୍ରମାନନ୍ଦ ବହିଦାର ଯୋଗଦାନ କରିବାକୁ ସ୍ୱୀକୃତି ଦେଇଥିବା ସଭାପତି ପଟ୍ଟନାୟକ ସୂଚନା ଦେଇଛନ୍ତି । ଉକ୍ତ ଦିବସର ପୂର୍ବାହ୍ନରେ ଚିତ୍ରଗୁପ୍ତଙ୍କ ମନ୍ଦିରରୁ ଜ୍ୟୋତି ସଂଗ୍ରହ କରାଯାଇ ଏକ ବାଇକ ରାଲି ସହର ପରିକ୍ରମା କରିବ ଓ ଟାଉନ ହଲଠାରେ ଜ୍ୟୋତି ପ୍ରତିଷ୍ଠା କରାଯିବ । ବାର୍ଷିକ ଅଧିବେଶନ ପାଇଁ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ କରାଯାଇ ଅପରାହ୍ଣରେ ବାର୍ଷିକ ଉତ୍ସବ ପାଳନ କରାଯିବ । ସମାଜର ଛାତ୍ରୀଛାତ୍ର ଓ ମହିଳାମାନଙ୍କ ମଧ୍ୟରେ ଅନ୍ୟାନ୍ୟ ପ୍ରତିଯୋଗିତାକୁ ଯୁବ ସଙ୍ଗଠନ ଓ ମହିଳା ଶାଖା ଦ୍ୱାରା ପରିଚାଳନା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏତଦ୍ ବ୍ୟତୀତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି । ବୈଠକରେ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର, ନନ୍ଦକୁମାର ବହିଦାର, ସୁନୀଲ ପଟ୍ଟନାୟକ, ରାଜାରାମ ପଟ୍ଟନାୟକ, ରବି ନାରାୟଣ ମହାନ୍ତି, ଶ୍ରୀରାମ ପଟ୍ଟନାୟକ, କୋଦଣ୍ଡଧର ମହାନ୍ତି, ଉପସଭାପତି ଗୌରଚନ୍ଦ୍ର ପୃଷେଠ, ଅଶ୍ୱିନୀ ପଟ୍ଟନାୟକ, ମୀନାକ୍ଷୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଜୟରାମ ପଟ୍ଟନାୟକ, ସୁଷମାରାଣୀ ଚୌଧୁରୀ, ମହିଳା ସଙ୍ଗଠନର କାଞ୍ଚନମଣି ଦାନୀପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସାଧାରଣ ସମ୍ପାଦକ ପ୍ରଦୀପ କୁମାର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ ।

## ଲୋଇସିଂହା କଲେଜ ଶିକ୍ଷା ବିଭାଗ ଆଲୋଚନାଚକ୍ର

**ଲୋଇସିଂହା, ୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ଦ ଆର୍ଟ ଅଫ୍ ଟିଚିଂ ଶୀର୍ଷକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି । ପଦାର୍ଥ ବିଜ୍ଞାନ ଅଧ୍ୟାପକ ଲଳିତ କୁମାର ତ୍ରିପାଠୀ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ବିଭାଗ ମୁଖ୍ୟ ଅଧ୍ୟାପିକା





ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକ।

ଶାନ୍ତିପ୍ରିୟା ହୋତା ସଭାରେ ଅଧ୍ୟକ୍ଷତା କରିଥିଲେ । ଯୁକ୍ତତିନି ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରିୟଙ୍କ ପୁଟେଲ ସ୍ୱାଗତ ଅଭିଭାଷଣ ରଖିଥିଲେ। ଛାତ୍ରୀ ପୂର୍ଣ୍ଣିମା ସାହୁ ପ୍ରବନ୍ଧ ଉପସ୍ଥାପନା କରିଥିଲେ । ଅଧ୍ୟାପିକା ଶାନ୍ତିପ୍ରିୟା ହୋତା ଓ ଗୀତାଞ୍ଜଳି ପଣ୍ଡା ଆଲୋଚନାର ଶୀର୍ଷକ ପ୍ରବନ୍ଧ ଉପରେ ମତ ରଖିଥିଲେ । ଛାତ୍ରୀ ରୀନା ଭୋଇ ଧନ୍ୟବାଦ ।ର୍ପଣ କରିଥିଲେ ।

## ଚନ୍ଦନଭାଟି ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ

**ବଲାଙ୍ଗୀର ଅଫିସ, ୯।୧୨**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟିରେ ନବନିର୍ମିତ ଜଗନ୍ନାଥ ମନ୍ଦିରର ରନ୍ତମୁଦ ସମ୍ପନ୍ନ ହୋଇଛି। ସୋମବାର ମନ୍ଦିର ପରିସରରେ ଅନୁଷ୍ଠିତ ରତ୍ନମୁଦ ଉତ୍ସବରେ ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ । ମୁଖ୍ୟ ପୂଜକ ଓ ସହସ୍ରାଧିକ ଗ୍ରାମବାସୀ ରତ୍ନମୁଦ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକାରର ମୂଲ୍ୟବାନ ରତ୍ନ ଓ ଧାତୁ ଭରା ଟୋକେଇ ବିଧାୟକ ମିଶ୍ରଙ୍କୁ ହସ୍ତାନ୍ତର କରିବା ଉତ୍ସବ ଆରମ୍ଭ ହୋଇଥିଲା। ଉତ୍ସବରେ ସହସ୍ରାଧିକ ଗ୍ରାମବାସୀ ସାମିଲ ହୋଇଥିଲେ । ମନ୍ଦିର ନିର୍ମାଣରେ ଲୋକେ ଯେଭଳି ଉତ୍ସବ ଓ ଏକତା ଦେଖାଇଛନ୍ତି ସେଭଳି ଭାବେ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ମଧ ଏକତ୍ରିତ ହୋଇ କାମ କରିବାକୁ ବିଧାୟକ ମିଶ୍ର ପରାମର୍ଶ ଦେଇଥିଲେ। ପରେ ସ୍ଥାନୀୟ ମେହେରପଡାଠାରେ ଆୟୋଜିତ ଲକ୍ଷ୍ମୀପୂଜା ମଣ୍ଡପକୁ ଯାଇ ଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ମେହେର, ରାମଚନ୍ଦ୍ର ପ୍ରଧାନ, କପିଳେଶ୍ୱର ପାଣିଗ୍ରାହୀ, ପ୍ରଭୁଦତ୍ତ ପ୍ରଧାନ, ଗୁନା ପାଣିଗ୍ରାହୀ, ଶ୍ରବଣ ଖମାରୀ, ଦେବ ପ୍ରଧାନ, ଅମ୍ବରେଶ ପ୍ରଧାନ ସହଯୋଗ କରିଥିଲେ ।



ଜଗନ୍ନାଥ ମନ୍ଦିର ରତ୍ନମୁଦ ଉତ୍ସବ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମିଶ୍ର ଯୋଗ ଦେଇଛନ୍ତି ।

ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ବୈଠକ

## ବରିଷ୍ଠ ନାଗରିକଙ୍କ ପାଖରେ ପହଞ୍ଚୁନି ସରକାରୀ ଯୋଜନା

**ବଲାଙ୍ଗୀର ଅଫିସ, ୯।୧୨**

ବଲାଙ୍ଗୀର ସହର ଉପକଣ୍ଠ ଖୁଜେନପାଲି ମହାଦେବ ମନ୍ଦିର ପ୍ରାଙ୍ଗଣରେ ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପଶ୍ଚିମ ଓଡିଶାର ୧୩ ଗୋଟି ଜିଲାର ଶତାଧିକ ସଦସ୍ୟ ଯୋଗଦାନ କରିଥିଲେ । ସଂଘ ଜିଲା ସଭାପତି ଘାସିରାମ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ସଂଘ ସମ୍ପାଦକ ବସନ୍ତ କୁମାର ଆଚାର୍ଯ୍ୟ ସମସ୍ତଙ୍କୁ ସ୍ୱାଗତ କରି ବଲାଙ୍ଗୀର ସଂଘର ବିବରଣୀ ଉପସ୍ଥାପନ କରିଥିଲେ। ସୁବାସ ଚନ୍ଦ୍ର ପଣ୍ଡା ସଭା ସଂଯୋଜନା କରିଥିଲେ । ମହାସଂଘ ସଭାପତି ଟହଲୁ ସାହୁ, ସମ୍ପାଦକ ପ୍ରହ୍ଲାଦ ମହାପାତ୍ର, ସାଙ୍ଗଠନିକ ସମ୍ପାଦକ ଅମୂଲ୍ୟ ପତି, ହେଲ୍ପ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ମଞ୍ଚାସୀନ ହୋଇ





ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ବୈଠକରେ ମଞ୍ଚାସୀନ ଅତିଥି, କାର୍ଯ୍ୟକର୍ତ୍ତା ।

ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବରିଷ୍ଠ ନାଗରିକମାନେ ନିଜ ଭିତରେ ସମନ୍ୱୟ ରକ୍ଷା କରି ସଂଘକୁ ଦୃଢ଼ କରିବା ଉପରେ ମତପ୍ରକାଶ ପାଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କ ପାଇଁ ଅନେକଗୁଡିଏ ଯୋଜନା କରୁଥିଲେ ମଧ ଆଞ୍ଚଳିକ ସ୍ତରରେ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହାର ଲାଭ ପାଇବାରୁ ବଞ୍ଚିତ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ବରିଷ୍ଠ ନାଗରିକମାନଙ୍କୁ ଯେଭଳିଭାବେ ଅବହେଳା ଓ ତିରସ୍କାର କରାଯାଉଛି ଏହା ଚିନ୍ତାର ବିଷୟ ବୋଲି ଆଲୋଚନା ହୋଇଥିଲା। ଏଭଳି କ୍ଷେତ୍ରରେ କେବଳ କଡା ଆଇନ ପ୍ରଣୟନ ସମସ୍ୟା ସମାଧାନ ପାଇଁ ଯଥେଷ୍ଟ ନୁହେଁ ବୋଲି ମତପ୍ରକାଶ ପାଇଥିଲା । ନିଜ ପରିବାର ସଦସ୍ୟଙ୍କ ଦ୍ୱାରା ଅନେକ କ୍ଷେତ୍ରରେ ଅସମ୍ମାନିତ ଓ ଅବହେଳାର ଶୀକାର ହେଉଥିଲେ ମଧ ବହୁ ବରିଷ୍ଠ ସଦସ୍ୟ ଏହାକୁ ସହିଯିବା ଛଡା ଆଉ କୌଣସି ପ୍ରକାଶ ପ୍ରତିକ୍ରିୟା ପ୍ରକାଶ କରିବାକୁ ଚାହାନ୍ତି ନାହିଁ ବୋଲି କେତେକ ସଦସ୍ୟ ମତବ୍ୟକ୍ତ କରିଥିଲେ । ଏଭଳି କ୍ଷେତ୍ରରେ ସାମାଜିକ ସ୍ତରରେ ସଂସ୍କାରର ଆବଶ୍ୟକତା ରହିଛି ବୋଲି ଆଲୋଚନା ହୋଇଥିଲା। ସରକାର ଯେଉଁ ସବୁ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି ତାହା ବରଷ୍ଠ ନାଗରିକଙ୍କୁ ମିଳୁଛି କି ନାହିଁ ସେ ଉପରେ ଧାନ ଦିଆଯିବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା । ଜିଲା ସଂଘର ମୁଖ୍ୟ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର ନିଜର ବକ୍ତବ୍ୟରେ ବଲାଙ୍ଗୀର ସଂଘ ପଞ୍ଜୀକରଣ ହୋଇଥିବା ଏବଂ ସଂଘ ପାଇଁ ଏକ ନିଜସ୍ୱ ଗୃହ ଯୋଗାଇବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସୂଚନା ଦେଇଥିଲେ। ସଂଘ ପ୍ରତି ଅବଦାନ ପାଇଁ ସଭ୍ୟ ଶିବଶଙ୍କର ଖୁଆସ ଓ ବୃନ୍ଦାବନ ବରାଲଙ୍କୁ ଅତିଥି ଭାରତୀ ଚକ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଶଶୀଭୂଷଣ ପୁରୋହିତ, ରବୀନ୍ଦ୍ର କୁମାର ପାଣିଗ୍ରାହୀ, ଯୁଧିଷ୍ଠିର ମିଶ୍ର, ପର୍ଶୁରାମ ନାୟକ, ଯଥା ବିଶ୍ୱାଳ ଓ ପ୍ରତାପ ଚନ୍ଦ୍ର ରଥ ବିଶେଷ ସହଯୋଗ କରିଥିଲେ। ବୈଠକ ସ୍ଥଳରେ ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କୁ ନିହାରିକା ତ୍ରିପାଠୀ ଓ ସୋନିଆ ବେଜ ଚନ୍ଦନ ଲଗାଇଥିଲେ ।